


‘ରାମାୟଣ’ ସୁଟିଂ ସେଟ୍‌ରୁ ଆସିଲା ଯଶ୍‌ଙ୍କ ଫଟୋ

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-335 ◆BHUBANESWAR ◆TUESDAY ◆3 JUNE 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୨ ◆ସଂଖ୍ୟା-୩୩୫ ◆ଭୁବନେଶ୍ୱର ◆ମଙ୍ଗଳବାର ◆୩ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

# ଶେଷ ଜ୍ୟେଷ୍ଠରେ ସୂର୍ଯ୍ୟ କୋପ

## ତାତି, ଗୁଳୁଗୁଳିରେ ଅସ୍ତବ୍ୟସ୍ତ ସାରା ଓଡ଼ିଶା



- ୩୯.୮ ଡିଗ୍ରୀ ସହ ବାଲେଶ୍ୱର ସବୁଠୁ ଉତ୍ତପ୍ତ
- ୩୯.୬ରେ ଟକ୍‌ଟକ୍ ଫୁଟିଲା ରାଜଧାନୀ
- ୪ ଦିନରେ ୨ ଡିଗ୍ରୀ ବଢ଼ିପାରେ ତାପମାତ୍ରା


■ **ଭୁବନେଶ୍ୱର, ୨।୬ (ସମିସ):** ମାତ୍ର କେଇ ଦିନର ଆଶ୍ୱସ୍ତି ପରେ ପୁଣି ରାଜ୍ୟକୁ ଫେରିଛି ତାତି। ମେଘମୁକ୍ତ ଆକାଶ, ପଶ୍ଚିମା ଉତ୍ତପ୍ତ ବାୟୁ ପ୍ରବାହ ରାଜ୍ୟରେ ତାପମାତ୍ରା ବୃଦ୍ଧି କରାଇବାକୁ ସକ୍ଷମ ହୋଇଛି । ଅନ୍ୟପକ୍ଷରେ ପୃଥିବୀ ଉପରେ ସିଧା ସୂର୍ଯ୍ୟକିରଣ ପଡ଼ିବା ସହ ଏହା ତାପମାତ୍ରା ବୃଦ୍ଧି କରାଉଛି। ତାପମାତ୍ରା ବୃଦ୍ଧି ସାଙ୍ଗକୁ ରାଜ୍ୟରେ ବର୍ତ୍ତମାନ ଆର୍ଦ୍ରତା ପରିମାଣ ଅଧିକ ରହୁଥିବାରୁ ଗୁଳୁଗୁଳି ପାଇଁ ଏହା ସହାୟକ ହେଉଛି।

ଏହି କ୍ରମରେ ସୋମବାର ରାଜ୍ୟର ଏକାଧିକ ସ୍ଥାନରେ ଭୀଷଣ ଗୁଳୁଗୁଳି ସ୍ଥିତି ସୃଷ୍ଟି ହୋଇଛି । ରାଜ୍ୟର ପ୍ରମୁଖ ସହରରେ ତାପମାତ୍ରା ୩୯ ଡିଗ୍ରୀ ଅତିକ୍ରମ କରିବା ସହ ଆର୍ଦ୍ରତା ପରିମାଣ ୫୦ ପ୍ରତିଶତ ଉପରେ ରେକର୍ଡ ହୋଇଛି। ଫଳସ୍ୱରୂପ ରାଜ୍ୟବାସୀ ତାତି ଗୁଳୁଗୁଳିରେ ଅସ୍ତବ୍ୟସ୍ତ ହୋଇଛନ୍ତି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ୩୯.୮ ଡିଗ୍ରୀ ସହ ବାଲେଶ୍ୱରରେ ରାଜ୍ୟର ସବୁଠୁ ଅଧିକ ତାପମାତ୍ରା ରେକର୍ଡ ହୋଇଛି। ୩୯.୬ ଡିଗ୍ରୀ ସହ ଭୁବନେଶ୍ୱର ରାଜ୍ୟର ଦ୍ୱିତୀୟ ଉତ୍ତପ୍ତ ସହରରେ ପରିଣତ ହୋଇଛି । ଆଜି ଦିନ ସାଢେ ୧୧ ସୁଦ୍ଧା ଭୁବନେଶ୍ୱରରେ ୩୭.୪ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ବାଲେଶ୍ୱରରେ ତାପମାତ୍ରା ୩୮.୪ ଡିଗ୍ରୀ ପହଞ୍ଚିଥିଲା । ଏହା ସାଙ୍ଗକୁ ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ଆର୍ଦ୍ରତା ପରିମାଣ ଯୋଗୁଁ ଲୋକଙ୍କୁ ୫୦ ଡିଗ୍ରୀ ଭଳି ତାପମାତ୍ରା ଅନୁଭବ ହୋଇଛି। ଅନ୍ୟପକ୍ଷରେ ଝାରସୁଗୁଡାରେ ୩୯.୨, ସମ୍ବଲପୁରରେ ୩୯.୧, ହୀରାକୁଦ ୩୯.୧, ଚାନ୍ଦବାଲି ୩୮.୪, ରାଉରକେଲା ୩୭.୭, ପାରାଦ୍ୱୀପ ୩୭.୫ ଓ ପୁରୀରେ ତାପମାତ୍ରା ୩୭ ଡିଗ୍ରୀ ରେକର୍ଡ ହୋଇଛି।

ଆସନ୍ତା ୫ ଦିନ ଯାଏଁ ରାଜ୍ୟର ଦିନ ତାପମାତ୍ରା ୨ରୁ ୪ ଡିଗ୍ରୀ ତାପମାତ୍ରା ବଢ଼ିବାକୁ ଥିବା ବେଳେ ପ୍ରାୟ ୧୦ ତାରିଖ ପର୍ଯ୍ୟନ୍ତ ଏଭଳି ସ୍ଥିତି ଜାରି ରହିବ। ତେଣୁ ଆସନ୍ତା ୮ ଦିନ ପର୍ଯ୍ୟନ୍ତ ଏଭଳି ତାତି ଓ ଗୁଳୁଗୁଳି ଜାରି ରହିବାର ଆଶଙ୍କା ରହିଛି। ପ୍ରବଳ ଗରମ ଓ ଗୁଳୁଗୁଳି ହେବାର ସମ୍ଭାବନାକୁ ଆଖିରେ ରଖି ପାଣିପାଗ କେନ୍ଦ୍ର ଉପକୂଳବର୍ତ୍ତୀ ଜିଲ୍ଲା ଯେପରିକି ପୁରୀ, ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର, କେନ୍ଦ୍ରାପଡା, ଗଞ୍ଜାମ ଓ ଗଜପତି ସାଙ୍ଗକୁ କଟକ ଓ ଖୋର୍ଦ୍ଧା ଆଦି ଜିଲ୍ଲାକୁ ସତର୍କ ରହିବା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ଏହିସବୁ ଜିଲ୍ଲାର ଅନେକ ସ୍ଥାନରେ ଦିନର ସର୍ବାଧିକ ତାପମାତ୍ରା ୪୧ଡିଗ୍ରୀ ପର୍ଯ୍ୟନ୍ତ ଛୁଇଁପାରେ ବୋଲି ଆକଳନ କରାଯାଉଛି।

### ମାଡ଼ିଚାଲିଛି କରୋନା

# ୨୪ ଘଣ୍ଟାରେ ୬ ମୃତ



ସଂକ୍ରମିତ ସଂଖ୍ୟା ୩୯୭୬

କେରଳରେ ସର୍ବାଧିକ ୧୪୩୫

■ **ନୂଆଦିଲ୍ଲୀ, ୨।୬ (ଏଜେନ୍ସି):** ଦେଶରେ କରୋନା ମାମଲା ଦ୍ରୁତଗତିରେ ବଢ଼ିବାରେ ଲାଗିଛି । ଗତ ୨୪ ଘଣ୍ଟା ମଧ୍ୟରେ ୨୦୩ ନୂଆ ରୋଗୀ ଚିହ୍ନଟ ହୋଇଥିବା ବେଳେ ୪ ଜଣ ସଂକ୍ରମିତ ପ୍ରାଣ ହରାଇଛନ୍ତି । ଏଥିସହିତ ମୃତ୍ୟୁସଂଖ୍ୟା ୩୪ରେ ପହଞ୍ଚିଛି। ଆଜି ଅହମଦାବାଦର ୧୮ ବର୍ଷୀୟ ଗର୍ଭବତୀ ଏବଂ ୪୭ ବର୍ଷୀୟ ମହିଳା କରୋନାରେ ପ୍ରାଣ ହରାଇଛନ୍ତି। ଏହା ପୂର୍ବରୁ ରବିବାର ଦିଲ୍ଲୀର ୨୨ ବର୍ଷୀୟ ଯୁବତୀ ▶ପୃଷ୍ଠା-୭

### ଜେଇଇ ଆଡଭାନ୍ସଡ ପରୀକ୍ଷାଫଳ ପ୍ରକାଶିତ

# ଦେଶରେ ରଜିତ, ଓଡ଼ିଶାରେ ହଂସ ଟପ୍ପର



ରଜିତ ଗୁପ୍ତା



ହଂସ ଦାରୁକା

■ **ଭୁବନେଶ୍ୱର, ୨।୬ (ସମିସ):** ଜେଇଇ ଆଡଭାନ୍ସଡ୍ ପରୀକ୍ଷାଫଳ ଆଜି ପ୍ରକାଶ ପାଇଛି। ଆଇଆଇଟି କାନପୁର ପକ୍ଷରୁ ପରିଚାଳିତ ଏହି ପରୀକ୍ଷାରେ ରାଜସ୍ଥାନ କୋଟାର ରଜିତ ଗୁପ୍ତା ଟପ୍ପର ହୋଇଛନ୍ତି । ସମୁଦାୟ ୩୬୦ରୁ ୩୩୨ ମାର୍କ ରଖି ସେ ଦେଶରେ ପ୍ରଥମ ସ୍ଥାନରେ ରହିଥିବା ବେଳେ ସେହି କୋଟାର ଛାତ୍ର ସକ୍ଷମ ଜିନ୍ଦଲ୍ ମଧ ୩୩୨ ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ଅଛନ୍ତି । ଛାତ୍ରୀମାନଙ୍କ ମଧ୍ୟରେ ପଶ୍ଚିମବଙ୍ଗର ଦେବଦତ୍ତ ମାଝୀ ପ୍ରଥମ ସ୍ଥାନରେ ଥିବା ବେଳେ ସର୍ବଭାରତୀୟ ସ୍ତରରେ ୧୬ତମ ସ୍ଥାନରେ ରହିଛନ୍ତି। ▶ପୃଷ୍ଠା-୭

### ରିପୋର୍ଟ କାର୍ଡ ରାଜନୀତି

# ଶାସକ-ବିରୋଧୀ ମୁହାଁମୁହିଁ

> ବର୍ଷେ ମଧ୍ୟରେ ନିର୍ବାଚନ ପ୍ରତିଶ୍ରୁତି ପୂରଣ କରିଛୁ: ବିଜେପି
>
> ସାର୍ବଜନୀନ କରାଯାଉ ମନ୍ତ୍ରୀମାନଙ୍କ ରିପୋର୍ଟ କାର୍ଡ: ବିଜେଡି

■ **ଭୁବନେଶ୍ୱର,୨।୬(ସମିସ):** ଆସନ୍ତା ୧୨ ତାରିଖରେ ରାଜ୍ୟରେ ବିଜେପି ସରକାର ନିଜର ପ୍ରଥମ ବର୍ଷ ପୂରଣ କରୁଛି। ବର୍ଷେ ପୂର୍ତ୍ତି ପୂର୍ବରୁ ରାଜ୍ୟ ସରକାରଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନିଜ ନିଜର ରିପୋର୍ଟ କାର୍ଡ ଦେଇଛନ୍ତି। ବିଭାଗର ସଫଳତା ଓ ବିଫଳତାକୁ ମାପଦଣ୍ଡ କରି ମୁଖ୍ୟମନ୍ତ୍ରୀ ତାଙ୍କ ସରକାରର ମନ୍ତ୍ରୀଙ୍କ ଦକ୍ଷତା ମାପିବେ। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଅଧିକାଂଶ ମନ୍ତ୍ରୀଙ୍କ ରିପୋର୍ଟ କାଡର୍‌କୁ ନେଇ ମୁଖ୍ୟମନ୍ତ୍ରୀ ଅସୁଖୀ। ଏହି ମନ୍ତ୍ରୀମାନେ ତାଙ୍କ ବିଭାଗର କାର୍ଯ୍ୟର ସୂଚାରୀ ସମ୍ପାଦନ କରିବାରେ ବ୍ୟର୍ଥ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଉପଲବ୍ଧି କରୁଥିବା କୁହାଯାଉଛି। ଆଗାମୀ ଦିନରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସମୟରେ ସମ୍ପୃକ୍ତ ମନ୍ତ୍ରୀମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି ବୋଲି ଏହି ସୂତ୍ରରୁ ଜଣାପଡ଼ିଛି।

ସମ୍ପ୍ରତି ମୁଖ୍ୟମନ୍ତ୍ରୀଙ୍କୁ ବାଦ ଦେଲେ କ୍ୟାବିନେଟରେ ମୋଟ ମନ୍ତ୍ରୀ ସଂଖ୍ୟା ୧୬ ଓ ଏମାନଙ୍କ ମଧ୍ୟରେ ଦୁଇଜଣ ଉପମୁଖ୍ୟମନ୍ତ୍ରୀ। ଜଣେ ଦୁଇଜଣ ମନ୍ତ୍ରୀଙ୍କୁ ଛାଡ଼ିଦେଲେ ଅଧିକାଂଶ ଏକାଧିକ ବିଭାଗ ଦାୟିତ୍ୱରେ ରହିଛନ୍ତି। ବିଭାଗ ସଂଖ୍ୟା ଅନୁସାରେ ସେମାନଙ୍କୁ ଅନୁରୂପ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦିଆଯାଇଛି। ଜଣେଜଣେ ▶ପୃଷ୍ଠା-୭

# ଏମ୍‌କେସିଜିରେ ପୁଣି ରାଗିଂ

## ୨ ହାଉସ୍ ସର୍ଜନଙ୍କୁ ୨୫ହଜାର ଲେଖାଏଁ ଜରିମାନା



> ମୁଣ୍ଡପୋତି ଚାଲିବା ସହ ସିନିୟରଙ୍କୁ ସମ୍ମାନ ଦେବାକୁ ବାଧ କରାଯାଉଥିଲା

■ **ବ୍ରହ୍ମପୁର, ୨।୬ (ସମିସ):** ଏମ୍‌କେସିଜିରେ ପୁଣି ଜଣେ ଡାକ୍ତରୀ ଛାତ୍ର ରାଗିଂର ଶିକାର ହୋଇଛନ୍ତି। ୪ର୍ଥ ବର୍ଷର ଜଣେ ଏମ୍‌ବିବିଏସ୍ ଛାତ୍ରଙ୍କୁ ୨ଜଣ ହାଉସ୍ ସର୍ଜନ ରାଗିଂ କରିଛନ୍ତି। ଏହି ଘଟଣା ପଦାକୁ ଆସିବା ପରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏମକେସିଜି ଆଣ୍ଟି ରାଗିଂ କମିଟି ପକ୍ଷରୁ ଉକ୍ତ ୨ ହାଉସ୍ ସର୍ଜନଙ୍କୁ ୨୫ ହଜାର ଟଙ୍କା ଲେଖାଏଁ ଜରିମାନା କରାଯାଇଛି।

ସୂଚନାଯୋଗ୍ୟ, ଦିଲ୍ଲୀସ୍ଥିତ ଆଣ୍ଟି ରାଗିଂ କମିଟିରେ ଗତ ୧୨ ତାରିଖରେ ଏମବିବିଏସ୍ ୪ର୍ଥ ବର୍ଷର ଜଣେ ଡାକ୍ତରୀ ଛାତ୍ର ରାଗିଂ ନେଇ ଅଭିଯୋଗ କରିଥିଲେ। ଅଭିଯୋଗରେ ଦର୍ଶାଇଥିଲେ ଯେ ୨ଜଣ ହାଉସ୍ ସର୍ଜନ ତାଙ୍କୁ ରାଗିଂ କରୁଛନ୍ତି। ରାସ୍ତାରେ ଯିବା ବେଳେ ମୁଣ୍ଡପୋତି ଚାଲିବା ଓ ସିନିୟରଙ୍କୁ ଠିକ୍ ଭାବେ ସମ୍ମାନ ଦେବାକୁ ସେମାନେ ତାଙ୍କ ଉପରେ ବାରମ୍ବାର ଚାପ ପକାଉଥିଲେ। ବାରମ୍ବାର ତାଙ୍କୁ ଏଭଳି ପରିସ୍ଥିତିର ସମ୍ମୁଖୀନ ହେବାକୁ ▶ପୃଷ୍ଠା-୭

### ପୁଣି ମୁଣ୍ଡ ନେଲା ସନ୍ଦେହ

# ବାପା ସହ ମିଶି ସ୍ୱାମୀଙ୍କୁ ମାରିଲା ଝିଅ !

■ **କବିସୂର୍ଯ୍ୟନଗର, ୨।୬(ସମିସ):** ପରକୀୟା ପ୍ରୀତିକୁ ନେଇ ସନ୍ଦେହ ଆଜି ପୁଣି ଜଣଙ୍କ ମୁଣ୍ଡ ନେଇଛି। ବାପା ସହ ମିଶି ସ୍ୱାମୀକୁ ହତ୍ୟା କରିଛି ଝିଅ। ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ସୋମବାର ଏହି ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ, କାଳିଆ ସେଠୀ। ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ଗୋବିନ୍ଦପୁର ଗ୍ରାମର କାଳିଆ ୧୩ ବର୍ଷ ତଳେ ପୋଲସରା ଥାନା ଡିମ୍ବିରିଆ ଗ୍ରାମର ମୋଚିରାମ ସେଠୀଙ୍କ ଝିଅ ପୂଜା ସେଠୀକୁ ଭଲ ପାଇ ବିବାହ କରିଥିଲେ। କିଛି ଦିନ ଭଲରେ ଚଳିବା ପରେ ଉଭୟଙ୍କ ମଧ୍ୟରେ ଆରମ୍ଭ ହୋଇଥିଲା ଅଶାନ୍ତି। ସ୍ୱାମୀ କାମ କରିବାକୁ ଯିବା ପରେ ସ୍ତ୍ରୀ ଅନ୍ୟ କାହା ସହ ଫୋନ୍‌ରେ କଥା ହେଉଥିବା ଜାଣି କାଳିଆ ବାରଣ କରିଥିଲେ। ସେହିଦିନରୁ ଝଗଡ଼ା ଆରମ୍ଭ ହୋଇଥିଲା। ଏମିତିକି, ଝଗଡ଼ା ବାଲିଛାଇ ଫାଣ୍ଡିରେ ପହଞ୍ଚି ଦୁଇ ଦୁଇଥର ସମାଧାନ ବି ହୋଇଥିବା କାଳିଆଙ୍କ ବାପା କହିଛନ୍ତି। ସେହିପରି ଏହାକୁ ନେଇ ପୂଜାଙ୍କୁ ବେଳେବେଳେ କାଳିଆ ମାରପିଟ୍ କରି ଆସୁଥିଲା। ଗତ ଫେବୃଆରୀରେ ପୂଜା ବାପଘରକୁ ଯାଇ ଆଉ ଫେରିନଥିଲା। ▶ପୃଷ୍ଠା-୭




# କିଶୋରୀଙ୍କ ‘ଖୁସି’ରେ ତାଲା



> ୬ଟଙ୍କାରେ ସରକାର ଯୋଗାଉଥିଲେ ସାନିଟାରୀ ନାପକିନ୍
>
> ବିଦ୍ୟାଳୟରେ ଛାତ୍ରୀଙ୍କୁ ମାଗଣାରେ ମିଳୁଥିଲା
>
> ବର୍ଷେ ହେଲା ବନ୍ଦ ହୋଇ ଯାଇଛି ‘ଖୁସି’ ଯୋଜନା

■ **ଭୁବନେଶ୍ୱର,୨।୬(ସମିସ):** ସ୍କୁଲ ଛାତ୍ରୀ ଓ କିଶୋରୀଙ୍କୁ ବିନାମୂଲ୍ୟରେ ସାନିଟାରୀ ନାପକିନ୍ ଯୋଗାଇ ଦେବା ନିମନ୍ତେ ରାଜ୍ୟ ସରକାର ଆରମ୍ଭ କରିଥିଲେ ‘ଖୁସି’ ଯୋଜନା। ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୮ ଫେବ୍ରୁଆରୀ ୨୬ ତାରିଖରେ ଏହି ଯୋଜନାର ଶୁଭାରମ୍ଭ କରିଥିଲେ। ମାତ୍ର ରାଜ୍ୟରେ ସରକାର ବଦଳିବା ପରେ ବନ୍ଦ ହୋଇ ଯାଇଛି ଏହି ମହତ୍ତ୍ୱାକାଂକ୍ଷୀ କାର୍ଯ୍ୟକ୍ରମ। ଫଳରେ ସାରା ରାଜ୍ୟରେ କିଶୋରୀ ବାଳିକାଙ୍କ ସହ ଛାତ୍ରୀମାନଙ୍କ ପାଖରେ ପହଞ୍ଚିନି ସାନୀଟାରୀ ନାପକିନ୍।

ମାସିକ ଋତୁସ୍ରାବ ସମୟରେ ଗ୍ରାମାଞ୍ଚଳରେ ସ୍କୁଲ ଛାତ୍ରୀମାନଙ୍କ ପରିଚ୍ଛନ୍ନତା ବଜାୟ ରଖିବା ଓ ସେମାନଙ୍କୁ ସୁସ୍ଥ ରଖିବା ନିମନ୍ତେ ତତକାଳୀନ ରାଜ୍ୟ ସରକାର ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ବାଳିକାଙ୍କୁ ଋତୁସ୍ରାବ ସଂକ୍ରମଣରୁ ସୁରକ୍ଷା ଦେବା ଲାଗି ‘ଖୁସି’ ଯୋଜନା ଆରମ୍ଭ ହୋଇଥିଲା। ଏହି ଯୋଜନାରେ ୬ରୁ୧୨ ଶ୍ରେଣୀ ବାଳିକାଙ୍କୁ ମାସିକ ୧୮ଟି ନାପକିନ୍ ମାଗଣା ଯୋଗାଇ ଦିଆଯାଉଥିଲା। ସେହିପରି ଗ୍ରାମାଞ୍ଚଳର ମହିଳା ଓ କିଶୋରୀମାନଙ୍କୁ ସ୍ୱଳ୍ପ ମୂଲ୍ୟରେ ଏହାକୁ ଯୋଗାଇ ଦିଆଯାଉଥିଲା। ପଞ୍ଚାୟତରେ ଏମଏମ୍‌ଏ ଓ ଆଶା କର୍ମୀମାନେ ଏହାକୁ ବଣ୍ଟନ କରୁଥିଲେ। ବଜାରରେ ସାନିଟାରୀ ନାପକିନ ପ୍ୟାକେଟ୍‌ର ମୂଲ୍ୟ ଅନ୍ୟୂନ ୪୦ ଟଙ୍କା ରହିଥିବାବେଳେ ମାତ୍ର ୬ ଟଙ୍କାରେ ଏହା ଗ୍ରାମାଞ୍ଚଳର କିଶୋରୀମାନଙ୍କ ପାଇଁ ଉପଲବ୍ଧ ହେଉଥିଲା। ୨ରୁ ୩ ମାସ ଲାଗି ପ୍ରତି ଛାତ୍ରୀଙ୍କୁ ୩ଟି ସାନିଟାରୀ ପ୍ୟାକେଟ (୫୪ଟି ନାପକିନ) ପ୍ରଦାନ କରାଯାଉଥିଲା। ରାଜ୍ୟର ୨୯୫୫୭ ବିଦ୍ୟାଳୟରେ ୧୬ଲକ୍ଷ ୮୯ହଜାର ୩୬୬ ଜଣଙ୍କୁ ଚିହ୍ନଟ କରାଯାଇ ୨୦୨୦-୨୧ ଆର୍ଥିକ ବର୍ଷରେ ୩୬ କୋଟି ୪୯ ଲକ୍ଷ ୩ ▶ପୃଷ୍ଠା-୭

## ବାଂଲାଦେଶ ନୋଟ୍‌ରୁ ହଟିଲା ମୁଜିବୁରଙ୍କ ଫଟୋ

ଢ଼ାକା,୨।୬(ଏଜେନ୍ସି): ଏକ ଉଲ୍ଲେଖନୀୟ ଘଟଣାକ୍ରମେ ବାଂଲାଦେଶ କେନ୍ଦ୍ରୀୟ ବ୍ୟାଙ୍କ୍ ରବିବାର ନୂଆ ୧୦୦୦, ୫୦ ଓ ୨୦ ଟଙ୍କା ନୋଟ୍ ଜାରି କରିଛି। ଏହି ନୋଟ୍‌ଗୁଡିକରୁ ବାଂଲାଦେଶ ପ୍ରତିଷ୍ଠାତା ତଥା ପୂର୍ବତନ ରାଷ୍ଟ୍ରପତି ଶେଖ ମୁଜିବୁର ରହମାନଙ୍କ ଚିତ୍ରକୁ ହଟାଇ ଦିଆଯାଇଛି। ପୁଣି ୫୦୦, ୨୦୦, ୧୦୦ ଓ ୧୦ ଟଙ୍କିଆ ନୋଟ୍ ଖୁବଶୀଘ୍ର ଜାରି କରାଯିବ ବୋଲି ବାଂଲାଦେଶ କେନ୍ଦ୍ରୀୟ ବ୍ୟାଙ୍କ ପ୍ରବକ୍ତା ଆରିଫ୍ ହୁସେନ ଖାନ୍ କହିଛନ୍ତି। ତେବେ ପୁରୁଣା ନୋଟ ପୂର୍ବପରି ପ୍ରଚଳିତ ରହିବ ବୋଲି କୁହାଯାଇଛି। ନୂଆ ନୋଟ୍‌ରେ ହିନ୍ଦୁ ଓ ବୌଦ୍ଧ ମନ୍ଦିରର ଚିତ୍ର ଦେଖିବାକୁ ମିଳିବ।

## ବେକେରୀ ଭିତରେ ବୀଭତ୍ସ ହତ୍ୟା

ବେଙ୍ଗାଲୁରୁ,୨।୬(ଏଜେନ୍ସି): କର୍ଣ୍ଣାଟକର କୋପ୍ପାଲ ଜିଲାରେ ଦିନ ଦ୍ୱିପହରେ ଏକ ବୀଭତ୍ସ ହତ୍ୟା ଘଟିଛି। ଏକ ବେକେରୀ (ପାଉଁରୁଟି କାରଖାନା) ଭିତରେ ପସି ୭ଜଣ ଲୋକ ଧାରୁଆ ଅସ୍ତ୍ରରେ ଜଣେ ବ୍ୟକ୍ତିଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ଗତ ଶନିବାର ଏହି ଅଭାବନୀୟ ଘଟଣା ଘଟିଥିଲା ବୋଲି ଜିଲ୍ଲା ପ୍ରଶାସନର ଜଣେ ଅଧିକାରୀ କହିଛନ୍ତି। ସିସିଟିଭି କ୍ୟାମେରାରେ ଏହି ଘଟଣାର ସମ୍ପୂର୍ଣ୍ଣ ଦୃଶ୍ୟ ରେକର୍ଡ ହୋଇଛି। ମୃତ ବ୍ୟକ୍ତି ଜଣକ ହେଉଛନ୍ତି ଚେନ୍ନାପ୍ପା ନରିନାଲ। ଆକ୍ରମଣରୁ ରକ୍ଷା ପାଇବା ପାଇଁ ସେ ବେକେରୀ ଭିତରେ ପସି ଯାଇଥିଲେ ମଧ୍ୟ ଦୁର୍ବୃତ୍ତମାନେ ତାଙ୍କୁ ଛାଡ଼ି ନଥିଲେ। ବେକେରୀ ଭିତରେ ସେ ଜୀବନ ବଞ୍ଚାଇବାକୁ ଦୌଡ଼ିବାରେ ଲାଗିଥିଲେ ମଧ୍ୟ ତାଙ୍କୁ ଗୋଡାଇ ଗୋଡାଇ ହତ୍ୟା କରାଯାଇଥିଲା। ସମ୍ପତ୍ତି ବିବାଦ କାରଣରୁ ଏହା ଘଟିଛି ବୋଲି କୁହାଯାଇଛି। ପୁଲିସ ଏହି ଘଟଣାର ତଦନ୍ତ କରି ସମ୍ପୃକ୍ତ ୭ଜଣ ବ୍ୟକ୍ତିଙ୍କୁ ଗିରଫ କରିଛି।

## କମଲ ହାସନ ହାଇକୋର୍ଟଙ୍କ ଦ୍ୱାରସ୍ଥ

ଚେନ୍ନଇ,୨।୬(ଏଜେନ୍ସି): ବର୍ଷିଆନ ତାମିଲ ଅଭିନେତା କମଲ ହାସନ ଏବେ କର୍ଣ୍ଣାଟକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। କର୍ଣ୍ଣାଟକରେ ତାଙ୍କ ସିନେମା 'ଠଗ୍ ଅଫ୍ ଲାଇଫ୍'ର ମୁକ୍ତିଲାଭ ପାଇଁ ସେ ନିବେଦନ କରିଛନ୍ତି। କନ୍ନଡ ଭାଷା ଉପରେ ବିବାଦୀୟ ମନ୍ତବ୍ୟ ଦେଇ ସେ ବିବାଦ ସୃଷ୍ଟି କରିଥିଲେ। କନ୍ନଡ଼ ଭାଷା ତାମିଲରୁ ସୃଷ୍ଟି ବୋଲି ସେ କହିଥିଲେ। ଏହାକୁ ବିରୋଧ କରି କର୍ଣ୍ଣାଟକର ଲୋକେ ତାଙ୍କ ଫିଲ୍ମକୁ ରାଜ୍ୟରେ ମୁକ୍ତିଲାଭ କରାଇ ନଦେବା ପାଇଁ ବିକ୍ଷୋଭ ଓ ଆନ୍ଦୋଳନ କରିଥିଲେ। କର୍ଣ୍ଣାଟକ ଫିଲ୍ମ ଚାମ୍ବର ଅଫ୍ କମର୍ସ (କେଏଫ୍‌ସିସି) ରାଜ୍ୟରେ 'ଠଗ୍ ଅଫ୍ ଲାଇଫ୍'ର ମୁକ୍ତିଲାଭକୁ ନିଷିଦ୍ଧ କରିଛି। ଫଳରେ ସିନେମାକୁ ରିଲିଜ୍ କରାଇବାକୁ ସେ ନ୍ୟାୟଳୟରେ ପହଞ୍ଚିଛନ୍ତି। ଏହି ସିନେମା ଜୁନ୍ ୫ ତାରିଖରେ ମୁକ୍ତିଲାଭ କରିବାର କାର୍ଯ୍ୟକ୍ରମ ରହିଥିଲା।

ମଝି ଆକାଶରେ ଶାଗୁଣା ମାଡ଼

## ବିମାନର ଜରୁରୀ ଅବତରଣ

ନୂଆଦିଲ୍ଲୀ,୨।୬(ଏଜେନ୍ସି): ୪,୦୦୦ ଫିଟ୍ ଉଚ୍ଚ ମଝିଆକାଶରେ ଶାଗୁଣା ମାଡ ହେବାରୁ ଏକ ଇଣ୍ଡିଗୋ ବିମାନ ଅଳ୍ପକେ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଛି। ୧୭୫ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏହି ବିମାନ ସୁରକ୍ଷିତ ଭାବେ ରାଞ୍ଚିରେ ଜରୁରୀ ଅବତରଣ କରିଛି। କାହାର କୌଣସି କ୍ଷତି ଘଟିନାହିଁ ବୋଲି ଜଣେ ଅଧିକାରୀ କହିଛନ୍ତି। ଏହି ବିମାନ ପାଟନାରୁ ରାଞ୍ଚି ଯାଉଥିଲା। ଶାଗୁଣା ମାଡ଼ ହେବାରୁ ପାଇଲଟ୍‌ଙ୍କୁ ବିମାନକୁ ଅବତରଣ କରିବାକୁ ପଡିଥିଲା ବୋଲି ବିର୍ସାମୁଣ୍ଡା ବିମାନ ବନ୍ଦର ନିର୍ଦ୍ଦେଶକ ଆରଆର ମୌର୍ଯ୍ୟ କହିଛନ୍ତି।

## ୨୦୨୬ ସୁଦ୍ଧା ଭାରତକୁ ମିଳିବ ସବୁ ଏସ୍-୪୦୦ ସିଷ୍ଟମ

ମସ୍କୋ, ୨।୬ (ଏଜେନ୍ସି): 'ଅପରେସନ ସିନ୍ଦୂର'ରେ ଦମ୍ ଦେଖାଇ ଥିବା ଏସ୍-୪୦୦ ସୁଦର୍ଶନ ଚକ୍ରର ବାକି ୟୁନିଟ ଗୁଡିକୁ ରୁଷିଆ ୨୦୨୬ ସୁଦ୍ଧା ପ୍ରଦାନ କରିବ। ରୁଷିଆର ଭାରତୀୟ ମିଶନର ଉପମୁଖ୍ୟ ରୋମାନ ବାବୁସ୍କିନ ସୋମବାର ଏହି ସୂଚନା ଦେଇଛନ୍ତି। ପାକିସ୍ତାନ ସହ ସଂଘର୍ଷରେ ଏହି ସିଷ୍ଟମ ଅତ୍ୟନ୍ତ ପ୍ରଭାବୀ ପ୍ରଦର୍ଶନ କରିଥିଲା ବୋଲି ସେ କହିଛନ୍ତି। ଏହା ସହିତ ଏୟାର ଡିଫେନ୍ସ ଏବଂ ଆଣ୍ଟି-ଡ୍ରୋନ ସିଷ୍ଟମରେ ଭାରତ ସହ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି କରାଯିବ ବୋଲି ସେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ ଯେ ଭାରତ ଏସ-୪୦୦ର ୫ଟି ସ୍କ୍ୱାଡ୍ରନ ଆଣିବା ପାଇଁ ୨୦୧୮ରେ ରୁଷ୍ ସହ ଚୁକ୍ତି କରିଥିଲା। ଏଥିରୁ ତିନୋଟି ମିଳି ସାରିଥିବାବେଳେ ଆଉ ୨ଟି ୨୦୨୬ ସୁଦ୍ଧା ରୁଷ୍ ପ୍ରଦାନ କରିବ।

● ଏଲ୍‌ଜିଙ୍କୁ ଭେଟିଲେ ମେହବୁବା

## ଘାଟିକୁ ଫେରନ୍ତୁ କଶ୍ମୀର ପଣ୍ଡିତ

ଶ୍ରୀନଗର, ୨।୬ (ଏଜେନ୍ସି): ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି)ର ମୁଖ୍ୟ ମେହବୁବା ମୁଫତି ସୋମବାର ପ୍ରଥମ ଥର ପାଇଁ ଉପ-ରାଜ୍ୟପାଳ ମନୋଜ ସିହ୍ନାଙ୍କୁ ଭେଟିଛନ୍ତି। ଏହି ସମୟରେ ସେ ଘାଟୀକୁ କଶ୍ମୀର ପଣ୍ଡିତଙ୍କ ସପକ୍ଷରେ ମତ ଦେଇଛନ୍ତି। ପଣ୍ଡିତଙ୍କ 'ପ୍ରତ୍ୟାବର୍ତ୍ତନ ଏବଂ ପୁନର୍ବାସ' ଉପରେ ଧ୍ୟାନ ଦେବାକୁ ସେ ଉପରାଜ୍ୟପାଳ ମନୋଜ ସିହ୍ନାଙ୍କୁ ଅନୁରୋଧ କରିଛନ୍ତି। କାଶ୍ମୀର ପଣ୍ଡିତଙ୍କ ପ୍ରତ୍ୟାବର୍ତ୍ତନ ବିନା ଯେକୌଣସି ରାଜନୈତିକ ପ୍ରକ୍ରିୟା 'ଅସମ୍ପୂର୍ଣ୍ଣ' ରହିବ ବୋଲି ସେ ଉଲ୍ଲେଖ କରିଛନ୍ତି। ଘାଟୀରୁ ଫେରି ଯାଇଥିବା କଶ୍ମୀର ପଣ୍ଡିତ ଭାଇ ଭଉଣୀଙ୍କୁ ଫେରାଇ ଆଣି ସମସ୍ତ ସୁବିଧା ଯୋଗାଇ ଦେବା ଆମର ନୈତିକ ଏବଂ ସାମାଜିକ ଦାୟିତ୍ୱ। ସେ ଏ ସମ୍ବନ୍ଧରେ ଉପ-ରାଜ୍ୟପାଳଙ୍କୁ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରିଛନ୍ତି।

## ମିଳିଲା ସ୍ୱାମୀଙ୍କ ଶବ; ପତ୍ନୀ ନିଖୋଜ

ଶିଲଂ,୨।୬(ଏଜେନ୍ସି): ହନିମୁନ୍ ପାଇଁ ମେଘାଳୟ ଯାଇଥିବା ନବ ଦମ୍ପତି ନିଖୋଜ ହେବାର ୧୧ ଦିନ ପରେ ସ୍ୱାମୀଙ୍କ ଶବ ମିଳିଛି। କିନ୍ତୁ ପତ୍ନୀଙ୍କୁ ଖୋଜା ଚାଲିଛି। ମଧ୍ୟପ୍ରଦେଶର ଇନ୍ଦୋରରୁ ରାଜା ରଘୁବଂଶୀ ଓ ପତ୍ନୀ ସୋନମ ମେ ୨୩ ତାରିଖରେ ଚେରାପୁଞ୍ଜିରେ ନିଖୋଜ ହୋଇଥିଲେ। ଏହି ଦମ୍ପତି ଇଷ୍ଟ ଖାସି ହିଲ୍ସ ଜିଲ୍ଲାକୁ ହନିମୁନ ପାଇଁ ଯାଇଥିଲେ। ଏହି ସର୍ଚ୍ଚ ଅପରେସନରେ ୬ଟି ଭିନ୍ନ ଦଳ ନିୟୋଜିତ ହୋଇଛନ୍ତି। ଡ୍ରୋନ ସହାୟତାରେ ପୁଲିସ ଶବ ଚିହ୍ନଟ କରିଛି। ହାତର ଟାଟୁରୁ ଶବ ଚିହ୍ନଟ କରାଯାଇଛି। ଏହି ଘଟଣାର ଯାଞ୍ଚ ପାଇଁ ଏସ୍‌ଆଇଟି ଟିମ୍ ଗଠନ କରାଯାଇଛି। ଖୁବ୍‌ଶୀଘ୍ର ପତ୍ନୀଙ୍କ ଶବ ମିଳିବ ବୋଲି ଆଶା କରାଯାଉଛି।

# ଆମେରିକାରେ ରହୁଥିବା ଜିନ୍‌ପିଙ୍ଗ୍‌ଙ୍କ ଝିଅ ମିଙ୍ଗ୍‌ଜେଙ୍କୁ ନେଇ ଚର୍ଚ୍ଚା

ୱାଶିଂଟନ, ୨।୬ (ଏଜେନ୍ସି): ଆମେରିକାରେ ରହୁଥିବା ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ୍‌ଙ୍କ ଏକମାତ୍ର ଝିଅ ସି ମିଙ୍ଗ୍‌ଜେଙ୍କୁ ନେଇ ଏବେ ସାରାବିଶ୍ୱରେ ଚର୍ଚ୍ଚା ଚାଲିଛି। ସେ ଆମେରିକାର ମାସାଚୁସେଟ୍ସରେ କଡ଼ା ନିରାପତ୍ତା ତଥା ସୁରକ୍ଷା ବଳୟରେ ରହୁଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଚୀନ୍ ଛାତ୍ରୀଛାତ୍ରଙ୍କୁ ଲକ୍ଷ୍ୟ ରଖି ନୂଆ ଭିସା ନୀତି ଜାରି କରିଛନ୍ତି। ଫଳରେ ମିଙ୍ଗ୍‌ଜେଙ୍କୁ ଆମେରିକାର ଡିପୋର୍ଟ ଅର୍ଥାତ ବାହାର କରିବାକୁ ନେଇ ଚର୍ଚ୍ଚା ହେଉଛି। ଏଭଳି ସ୍ଥିତିରେ ସେ ଆମେରିକା ଛାଡ଼ି ଚୀନ୍‌କୁ ପ୍ରତ୍ୟାବର୍ତ୍ତନ କରିବେ କି ବୋଲି ପ୍ରଶ୍ନ ଉଠୁଛି। କିନ୍ତୁ ସେ ନିଜର ପାଠପଢ଼ା ଜାରି ରଖିବାକୁ ପୁଣି ହାବାର୍ଡ ବିଶ୍ୱବିଦ୍ୟାଳୟ ଫେରିପାରନ୍ତି ବୋଲି ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେବେ ମିଙ୍ଗଜେ ମାସାଚୁସେଟ୍ସରେ ରହୁଛନ୍ତି ବୋଲି ଟ୍ରମ୍ପର ଜଣେ ସହଯୋଗୀ ତଥା ରାଜନୈତିକ ବିଶ୍ଳେଷକ ଲଉରା ଲୁମେର କହିଛନ୍ତି। ଫଳରେ ମିଙ୍ଗ୍‌ଜେଙ୍କୁ ନେଇ ଚର୍ଚ୍ଚା ଜୋର ଧରିଛି। ଅବଶ୍ୟ ଏ ନେଇ ସ୍ପଷ୍ଟ ଭାବେ କିଛି କୁହାଯାଇନାହିଁ ଓ ତାଙ୍କୁ ନେଇ ରହସ୍ୟ ଲାଗି ରହିଛି।

ଚୀନ୍‌ର ଫୁଜିଆନ ରାଜ୍ୟର ଫୁଝୋରେ ୧୯୯୨ ଜୁନ୍ ୨୫ରେ ଜନ୍ମିତ ଜିନ୍‌ପିଙ୍ଗ୍‌ଙ୍କ ଝିଅ ମିଙ୍ଗଜେ କୌଣସ ଗୁପ୍ତ ରହସ୍ୟଠାରୁ ବି କମ୍ ନୁହଁନ୍ତି। ସେ ସବୁବେଳେ ଲାଇମ୍‌ଲାଇଟ୍‌ରୁ ଦୂରେଇ ରହିଥାନ୍ତି। ତାଙ୍କୁ ସର୍ବସାଧାରଣରେ ପ୍ରାୟ ଦେଖିବାକୁ ମିଳି ନଥାଏ। ୨୦୧୦ରୁ ୨୦୧୪ ପର୍ଯ୍ୟନ୍ତ ସେ ହାଭାର୍ଡ ବିଶ୍ୱବିଦ୍ୟାଳୟରେ ପଢ଼ା ଜାରି ରଖିଥିଲେ। ମନସ୍ତତ୍ତ୍ୱରେ ଡିଗ୍ରୀ ହାସଲ କରିଥିବା ମିଙ୍ଗଜେ ସବୁବେଳେ ନିଜର ପରିଚୟ ଗୁପ୍ତ ରଖିଥାନ୍ତି। ପୂର୍ବରୁ ସେ ଚୀନର ଜୋଜିୟଙ୍ଗ୍ ବିଶ୍ୱବିଦ୍ୟାଳୟ ଓ ହାଙ୍ଗଝୁ ଫରେନ ଲାଙ୍ଗୁଏଜ୍ ସ୍କୁଲ୍‌ରେ ଫ୍ରେଞ୍ଚ୍ ଭାଷ ପଢିଥିଲେ। ୨୦୧୪ ପରେ ସେ ଚୀନ ପ୍ରତ୍ୟାବର୍ତ୍ତନ କରିଥିଲେ। କିନ୍ତୁ ସେ ୨୦୧୯ରେ ଗ୍ରାଜୁଏସନ କରିବାକୁ ପୁଣି ହାଭାର୍ଡ ଫେରିଥିଲେ ବୋଲି ଏକ ରିପୋର୍ଟରୁ ଜଣାଯାଇଛି। ତେବେ ସେ ଏବେ କେଉଁଠି ରହୁଛନ୍ତି, ତାଙ୍କ କ୍ୟାରିଅର ଓ ବ୍ୟକ୍ତିଗତ ଜୀବନ ବିଷୟରେ କାହା ପାଖରେ କିଛି ଠୋସ ପ୍ରମାଣ କି ଖବର ନାହିଁ। ସେ ଚୀନ୍ ସରକାରଙ୍କ କଡ଼ା ସୁରକ୍ଷାରେ ମାସାଚୁସେଟ୍ସରେ ରହିଛନ୍ତି ବୋଲି ଅନୁମାନ କରାଯାଉଛି।



ୟୁକ୍ରେନ ଆକ୍ରମଣରେ ଦୋହଲିଯାଇଛି ରୁଷ୍

# ୧୮ ମାସର ଯୋଜନା ପରେ ୧୧୭ ଡ୍ରୋନ୍ ଆକ୍ରମଣ




ମାନିଲା ରୁଷ୍; ୫ଟି ଏୟାରବେସ୍‌ରେ ହୋଇଛି ଆକ୍ରମଣ

କିଭ୍, ୨।୬ (ଏଜେନ୍ସି): ୟୁକ୍ରେନ-ରୁଷ୍ ମଧ୍ୟରେ ଯୁଦ୍ଧ ଦିନକୁଦିନ ଭୟଙ୍କର ହେବାରେ ଲାଗିଛି। ଦୁଇ ଦେଶର ସେନା ମଧ୍ୟରେ ସବୁଠାରୁ ବଡ଼ ଡ୍ରୋନ ସଂଘର୍ଷ ଜାରି ରହିଛି। ଏହି କ୍ରମରେ ୟୁକ୍ରେନ ରବିବାର କରିଥିବା ଜୋରଦାର ଆକ୍ରମଣରେ ରୁଷ୍ ସ୍ତବ୍ଧ ହୋଇଯାଇଛି। ତଦ୍‌ଜନିତ କ୍ଷୟକ୍ଷତି ବି ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ପାଇଁ ବଡ଼ ଝଟ୍‌କା ସାବ୍ୟସ୍ତ ହୋଇଛି। ଫାଷ୍ଟ ପର୍ସନ ଭ୍ୟୁ (ଏଫପିଭି) ଡ୍ରୋନ ଦ୍ୱାରା ମୁର୍ମନସ୍କ, ଇର୍କୁଟସ୍କ, ଇଭାନୋଭୋ, ରେଜାନ ଏବଂ ଅମୁର କ୍ଷେତ୍ରରେ ଥିବା ୫ଟି ଏୟାରବେସ୍ ଉପରେ ଭୟଙ୍କର ଆକ୍ରମଣ ହୋଇଥିବା ରୁଷ୍ ମାନିଛି। କିନ୍ତୁ କେତେ ବିମାନ କ୍ଷତିଗ୍ରସ୍ତ ହୋଇଛି ତାହାର ସୂଚନା ଦେଇନାହିଁ। ପୂର୍ବରୁ ୪୦ଟି ଯୁଦ୍ଧ ବିମାନ ଧ୍ୱଂସ ହୋଇଯାଇଥିବା ୟୁକ୍ରେନ ପକ୍ଷରୁ ଦାବି କରାଯାଇଥିଲା। ଏବେ ରୁଷ୍ ଏହାକୁ ଆତଙ୍କବାଦୀ ଆକ୍ରମଣ କହିଛି। ପ୍ରଥମ ଥର ସେନାଘାଟୀ ନିକଟ ଦେଇ କିଛି ଡ୍ରୋନ ଯାଇଥିବା ସ୍ୱୀକାର କରିଛି। ଏହା ମଧ୍ୟରେ ୟୁକ୍ରେନର ଏଭଳି ଚକିତ କଳାଭଳି ଆକ୍ରମଣକୁ ନେଇ ସବୁଠି ଚର୍ଚ୍ଚା ହେଉଛି। କେଉଁ ଭଳି ଏହାକୁ ସଫଳ କରାଗଲା ତାହା ଜାଣିବା ପାଇଁ ଉତ୍ସୁକତା ପ୍ରକାଶ ପାଇଛି। ୟୁକ୍ରେନ ରାଷ୍ଟ୍ରପତି ଭୋଲ୍‌ଡାମିର ଜେଲେଁସ୍କି ନିଜେ ଏହାର ଗୁମର ଖୋଲିଛନ୍ତି।

ଜେଲେଁସ୍କି ଏହାକୁ ସବୁଠାରୁ ସଠିକ୍ ଆକ୍ରମଣ କହିଛନ୍ତି। ଏଥିପାଇଁ ୧୮ ମାସ ହେଲା ଯୋଜନା କରାଯାଉଥିଲା। ୧୧୭ ଡ୍ରୋନରେ ଶତ୍ରୁର ଠିକଣାକୁ ନିଶାଣ କରି ଏହି ଆକ୍ରମଣ କରାଯାଇଥିଲା ବୋଲି ସୂଚନା ଦେଇଛନ୍ତି। ଏଥିରେ ରୁଷ୍‌ର ବିପୁଳ କ୍ଷୟକ୍ଷତି ହୋଇଛି। ଏହା ସବୁଠାରୁ ବିରଳ ଅଭିଯାନ ଥିଲା। ରୁଷ୍ ଉପରେ ଚାପ ପକାଇବା ଅତ୍ୟନ୍ତ ଜରୁରୀ ହୋଇ ପଡ଼ିଥିଲା। ଏହା ମାଧ୍ୟମରେ ତାହା କରି ଦେଖାଇ ଦିଆଯାଇଛି।

କଟକଣା, ସେନା ଏବଂ କୂଟନୀତି ମାଧ୍ୟମରେ ସବୁ ପ୍ରକାରର ଚାପ ପକାଯାଇ ଏହି ଅଭିଯାନକୁ ସମ୍ପୂର୍ଣ୍ଣ ସଫଳ କରାଯାଇଛି। ରିପୋର୍ଟ ଅନୁଯାୟୀ ଏହି ଅଭିଯାନର ନାମ 'ସ୍ପାଇଡର୍‌ସ ୱେବ' ରଖା ଯାଇଥିଲା। ୟୁକ୍ରେନ ସହରରେ ବୋମା ମାଡ଼ କରିବା ପାଇଁ ସିକ୍ୟୁରିଟି ସର୍ଭିସ (ଏସ୍‌ବିୟୁ) ୪୧ଟି ଡ୍ରୋନ ବ୍ୟବହାର କରିଥିଲା। ଏ ସବୁକୁ ଟ୍ରକ୍‌ରେ ଲୁଚାଇ ରୁଷ୍ ନିଆଯାଇଥିଲା। ଏହି ଡ୍ରୋନ୍ ହିଁ ରୁଷ୍‌ର ଟିୟୁ-୯୫, ଟିୟୁ-୨୨, ଏ-୫୦ ଭଳି ରାଡାର ଡିଟେକ୍ସନ ଏବଂ କମାଣ୍ଡ ଏୟାରକ୍ରାଫ୍ଟକୁ ଧ୍ୱଂସ କରିଦେଇଥିଲା। ଜେଲେଁସ୍କି କହିଛନ୍ତି ଯେ ରୁଷିଆର ଗୁଇନ୍ଦା ଏବଂ ସୁରକ୍ଷା ଏଜେନ୍ସି ଏଫଏସ୍‌ବିର ମୁଖ୍ୟାଳୟ ନିକଟରେ ଥିବା ଏକ ଅଫିସରେ ଯୋଜନାକୁ କାର୍ଯ୍ୟକାରୀ କରାଯାଇଥିଲା। ୧୧୭ଟି ଡ୍ରୋନ ମଧ୍ୟରୁ ୩୪ ପ୍ରତିଶତ ସିଧାସଳଖ ଆକ୍ରମଣ କରାଯାଇଥିବା ସେନାଘାଟୀରେ ଓହ୍ଲାଇ ବୋମା ମାଡ଼ କରିଥିଲା। ରୁଷିଆର ବିଭିନ୍ନ କ୍ଷେତ୍ରରେ ରହିଥିବା ୟୁକ୍ରେନ ନାଗରିକ ଏହି ଅଭିଯାନରେ ସହାୟତା କରିଥିଲେ। ତାଙ୍କୁ ପ୍ରଥମେ ରୁଷ୍ ଅଞ୍ଚଳରୁ ବାହାର କରାଯାଇଥିଲା। ରୁଷ୍ ପୁଣି ବଡ଼ଧରଣର ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଥିବାର ଗୁଇନ୍ଦା ସୂଚନା ମିଳିବା ପରେ ଏହି ପଦକ୍ଷେପ ନିଆଯାଇଥିଲା।

## ଶାନ୍ତି ଆଲୋଚନା ଘଣ୍ଟାଏରେ ଶେଷ

ଇସ୍ତାନବୁଲ୍,୨।୬(ଏଜେନ୍ସି): ତୁର୍କୀର ଇସ୍ତାନବୁଲ୍‌ଠାରେ ସୋମାବାର ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ହୋଇଥିବା ଦ୍ୱିତୀୟ ପର୍ଯ୍ୟାୟର ଶାନ୍ତି ଆଲୋଚନା ମାତ୍ର ଏକ ଘଣ୍ଟା ମଧ୍ୟରେ ଶେଷ ହୋଇଛି। ପୂର୍ବରୁ ଦୁଇ ଦେଶର ଏକ ୧୬ ଜଣିଆ ପ୍ରତିନିଧି ମଣ୍ଡଳୀ ଏଠାରେ ଶାନ୍ତି ଆଲୋଚନା ପାଇଁ




ଏକାଠି ହୋଇଥିଲେ ମଧ୍ୟ ଦୁଇ ଘଣ୍ଟାରେ ଏହି ଆଲୋଚନା ଶେଷ ହୋଇଥିଲା। ରୁଷ୍ ଉପରେ ୟୁକ୍ରେନର ଡ୍ରୋନ ମାଡ ହେବାର ମାତ୍ର କେତେ ଘଣ୍ଟା ପରେ ହିଁ ଏହି ଆଲୋଚାନା ହୋଇଥିଲା। ଏ ନେଇ ପ୍ରଶ୍ନ ହେବାରୁ ରୁଷ ଅଧିକାରୀ ମାନେ କାଲି ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ ବୋଲି କହିଛନ୍ତି।

# ଆଧାର ଜାଲିଆତି କରି କନଷ୍ଟେବଲ ପରୀକ୍ଷା

ଭୋପାଳ, ୨।୬ (ଏଜେନ୍ସି): ଜାଲିଆତି ଏମିତି ଯାହା ଚଳଚ୍ଚିତ୍ରକୁ ବଳି ଯାଇଛି। ବଲିଉଡର ମୁନ୍ନା ଭାଇ ଫିଲ୍ମକୁ ବି ମାତ୍ ଦେଇ ଦେଇଛି। ପୁଣି ଏହି ଜାଲିଆତି ଚୋର ଧରୁଥିବା ପୁଲିସ ଚାକିରି ପାଇଁ ଚୋରିଛପି କରାଯାଇଛି। ଏହା ପଛରେ ଏକ ବଡ଼ ନେଟୱର୍କ କାମ କରୁଛି। ପୁଲିସ ଚାକିରି କରିବାକୁ ଚାହୁଁଥିବା ପିଲାଙ୍କଠାରୁ ଟଙ୍କା ନେଇ ତାଙ୍କ ସ୍ଥାନରେ ଅନ୍ୟମାନଙ୍କୁ ପରୀକ୍ଷାରେ ବସାଯାଇଛି। କେବଳ ଜଣଙ୍କ ପାଇଁ ନୁହେଁ, ଅନେକଙ୍କ ପାଇଁ ଏପରି କରାଯାଇଛି। ଏଥିପାଇଁ ଆଧାର କାର୍ଡ ଏବଂ ଅନ୍ୟ ପ୍ରମାଣପତ୍ର ଜାଲିଆତି କରାଯାଇଛି। ଏହା ମାଧ୍ୟମରେ ଅସଲି ଆଶାୟୀଙ୍କ ପାଇଁ ନକଲି ବ୍ୟକ୍ତି ସବୁ ପରୀକ୍ଷା ଦେଇଛନ୍ତି। ସବୁ ପର୍ଯ୍ୟାୟରେ ପାସ୍ କରି ନିଯୁକ୍ତି ପତ୍ର ମଧ୍ୟ ମିଳିଯାଇଛି। କିନ୍ତୁ ଚାକିରିରେ ଯୋଗଦେବା ସମୟରେ ପ୍ରମାଣପତ୍ର ଯାଞ୍ଚବେଳେ ସବୁ କିଛି ପଦାରେ ପଡ଼ି ଯାଇଛି। ମଧ୍ୟପ୍ରଦେଶର ପୁଲିସ କନଷ୍ଟେବଳ ନିଯୁକ୍ତି ପରୀକ୍ଷା-୨୦୨୩ରେ ଏଭଳି ଜାଲିଆତି ହୋଇଛି। ଏହାକୁ ନେଇ ପୁଣିଥରେ ଏହି ପରୀକ୍ଷାର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି।

ରିପୋର୍ଟ ଅନୁଯାୟୀ ଏଭଳି ଜାଲିଆତି ଗୋଟିଏ ଜିଲ୍ଲାରେ ସୀମିତ ରହିନାହିଁ। ରାଜ୍ୟର ବହୁ ଜିଲ୍ଲାକୁ ଏହାର ଚେର ବ୍ୟାପିଛି। ଏବେ ମଧ୍ୟପ୍ରଦେଶ କର୍ମଚାରୀ ନିଯୁକ୍ତି ବୋର୍ଡ (ଏମପିଏସଇବି) ଦ୍ୱାରା ପରିଚାଳିତ ଏହି ପରୀକ୍ଷା ଉପରେ ଗହନ ଯାଞ୍ଚ କରିବାକୁ ଦାବି କରାଯାଉଛି। ଏହି ମାମଲାରେ ତିନି ଜିଲ୍ଲାରୁ ୧୨ରୁ ଅଧିକ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଏମାନଙ୍କ ମଧ୍ୟରେ ଉଭୟ ଅସଲି ଏବଂ ନକଲି ପ୍ରାର୍ଥୀ ସାମିଲ ଅଛନ୍ତି। ସୂଚନା ଅନୁଯାୟୀ ୨୦୨୩ ଅଗଷ୍ଟ ୧୨ ରୁ ସେପ୍ଟେମ୍ବର ୧୨ମଧ୍ୟରେ ଏହି ନିଯୁକ୍ତି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ୭,୦୯୦ ପଦବୀ ପାଇଁ ପ୍ରାୟ ୭ ଲକ୍ଷ ଆଶାୟୀ ପରୀକ୍ଷା ଦେଇଥିଲେ। ୨୦୨୪ ମାର୍ଚ୍ଚରେ ଲିଖିତ ପରୀକ୍ଷାର



ଫଳାଫଳ ବାହାରିବା ପରେ ଶାରୀରିକ ପରୀକ୍ଷା ହୋଇ ଗତ ମାର୍ଚ୍ଚରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଜାରି କରାଯାଇଥିଲା। ଚାକିରିରେ ଯୋଗଦେବା ସମୟରେ ବାୟୋମେଟ୍ରିକ ଯାଞ୍ଚବେଳେ ଏହି ଜାଲିଆତି ସାମନାକୁ ଆସିଥିଲା। ମୋରେନାର ରାମ ରୂପ ଗୁର୍ଜର କାର୍ଯ୍ୟଭାର ଗ୍ରହଣ କରିବାକୁ ଅଲିରାଜପୁରର ଏସପିଙ୍କ ଅଫିସରେ ପହଞ୍ଚି ଥିଲେ। କିନ୍ତୁ ଆଡମିଟ୍ କାର୍ଡ ଫଟୋ ତାଙ୍କ ବର୍ତ୍ତମାନର ଫଟୋ ସହ ମେଳ ଖାଉ ନ ଥିବାରୁ ଅଧିକାରୀମାନେ ସନ୍ଦେହ କରିଥିଲେ। ପରେ ଆଙ୍ଗୁଠି ଛାପରୁ ପରୀକ୍ଷା ଦେଇଥିବା ବ୍ୟକ୍ତି ଆଉ କିଏ ବୋଲି ଜଣା ପଡ଼ିଥିଲା। ପଚରାଉଚରା ସମୟରେ ବିହାରର ଅମରେନ୍ଦ୍ର ସିଂହ ନାମକ ଜଣେ ବ୍ୟକ୍ତିଙ୍କୁ ଲକ୍ଷେ ଟଙ୍କା ଦେଇ ପରୀକ୍ଷା ଦେବାକୁ କହିଥିଲେ ବୋଲି ସେ ସ୍ୱୀକାର କରିଥିଲା। ମାମଲାରେ ପୁଲିସ ଉଭୟଙ୍କୁ ଗିରଫ କରିଛି।

ସେହିପରି ମୋରେନାରେ ଆଶାୟୀ ରାଧା ଚରଣ ଏବଂ ଦିନେଶ ସିଂହ ଆଧାର ତଥ୍ୟକୁ ଜାଲିଆତି କରିଥିଲେ। ନିଜ ସହ ମେଳ ଖୁଆଇବା ପାଇଁ ପରୀକ୍ଷା ପୂର୍ବରୁ ଏବଂ ପରେ ବାୟୋମେଟ୍ରିକ୍ସ ତଥ୍ୟକୁ ଅପଡେଟ୍ କରିଥିଲେ। ଏହା ବ୍ୟତୀତ ସେଓପୁର ଜିଲ୍ଲାରୁ ୭ ଜଣଙ୍କୁ ଗିରଫ କରାଯାଇଛି। ଏମାନଙ୍କ ମଧ୍ୟରେ ଆଶାୟୀ ସୋନୁ ରାୱତ, ସନ୍ତୋଷ ରାୱତ, ଅମନ ସିଂହ ଏବଂ ସେମାନଙ୍କର ସମାଧାନକାରୀ ସାମିଲ ଅଛନ୍ତି। ବାୟୋମେଟ୍ରିକ୍ ପରିବର୍ତ୍ତନ କରିଥିବା ଆଧାର ଏଜେଣ୍ଟମାନଙ୍କୁ ମଧ୍ୟ ଗିରଫ କରାଯାଇଛି। ତଦନ୍ତରୁ ଜଣାପଡ଼ିଛି ଯେ ସୁସଂଗଠିତ ଭାବେ ଏହି ଜାଲିଆତି କରାଯାଉଥିଲା। ପ୍ରଥମେ ଆଶାୟୀଙ୍କୁ ନିଜ ପାଇଁ ଉପଯୁକ୍ତ ନକଲି ପ୍ରାର୍ଥୀ ଖୋଜିବାକୁ ପଡୁଥିଲା। ଏହା ପରେ ଇଣ୍ଟରନାଲ ଆସେସ୍ ମାଧ୍ୟମରେ ଆଙ୍ଗୁଠି ଛାପ ଏବଂ ମୁହଁର ତଥ୍ୟ ମାଧ୍ୟମରେ ବାୟୋମେଟ୍ରିକ ବଦଳା ଯାଉଥିଲା।

## ସିକିମ୍ ସେନା କ୍ୟାମ୍ପରେ ଭୂସ୍ଖଳନ: ୩ ଯବାନଙ୍କ ମୃତ୍ୟୁ, ୬ ନିଖୋଜ

ପୂର୍ବୋତ୍ତର ରାଜ୍ୟରେ ବର୍ଷା-ବନ୍ୟାରେ ଗଲାଣି ୩୭ ଜୀବନ

ନୂଆଦିଲ୍ଲୀ, ୨।୬ (ଏଜେନ୍ସି): ସିକିମରେ ରବିବାର ସନ୍ଧ୍ୟା ୭ଟାରେ ଏକ ସେନା ଶିବିରରେ ବଡ଼ଧରଣର ଭୂସ୍ଖଳନ ହୋଇଛି। ଏଥିରେ ତିନି ଜଣ ଯବାନ ପ୍ରାଣ ହରାଇଛନ୍ତି। ସମସ୍ତଙ୍କ ମୃତଦେହ ଉଦ୍ଧାର କରାଯାଇଛି। ୬ ଜଣ ମଧ୍ୟ ନିଖୋଜ ଅଛନ୍ତି। ଅବଶେଷ ତଳୁ ୪ ଜଣଙ୍କୁ ଜୀବିତ ଉଦ୍ଧାର କରାଯାଇଛି। ଏବେ ବି ତଲାସୀ ଅଭିଯାନ ଜାରି ରହିଛି। ପ୍ରତିକୂଳ ପରିସ୍ଥିତିରେ ବି ସେନା କର୍ମୀ ଦିନରାତି ଉଦ୍ଧାରକାର୍ଯ୍ୟରେ ଲାଗିଛନ୍ତି। ସେନା ପକ୍ଷରୁ ସୋମବାର ଏହି ସୂଚନା ଦିଆଯାଇଛି। ମୃତକଙ୍କ ମଧ୍ୟରେ ହାଭିଲଦାର ଲଖଓ୍ୱିନ୍ଦର ସିଂହ, ଲାନ୍ସ ନାୟକ ମନୀଷ ଠାକୁର ଏବଂ ପୋର୍ଟର ଅଭିଷେଖ ଲାଖଡା ସାମିଲ ଅଛନ୍ତି। ମୃତକଙ୍କ ପରିବାର ଏବଂ ସମ୍ପର୍କୀୟଙ୍କ ପ୍ରତି ସେନା ପକ୍ଷରୁ ଗଭୀର ସମବେଦନା ପ୍ରକାଶ କରାଯାଇଛି। ପୀଡ଼ିତ ପରିବାରମାନଙ୍କୁ ସେନା ପକ୍ଷରୁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦିଆଯିବ। ଯବାନଙ୍କ ସୁରକ୍ଷା ଏବଂ ମଙ୍ଗଳ ପାଇଁ ସେନା ପ୍ରତିବଦ୍ଧ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ସିକିମର ଲାଚେନ ଏବଂ ଲାଚୁଙ୍ଗରେ ଗତ ୩୦ ତାରିଖରୁ ଫସିଥିବା ୧୬୭୮ ପର୍ଯ୍ୟଟକଙ୍କୁ ଆଜି ଉଦ୍ଧାର କରାଯାଇଛି।

ସିକିମ ସହିତ ପୂର୍ବୋତ୍ତର ରାଜ୍ୟଗୁଡିକରେ ଗତ ୪ ଦିନ ହେଲା ପ୍ରବଳ ବର୍ଷା ଜାରି ରହିଛି। ବର୍ଷା, ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ସ୍ଥିତି ଅତ୍ୟନ୍ତ ସଙ୍ଗୀନ ହୋଇପଡ଼ିଛି। ଏଥିରେ ଏ ପର୍ଯ୍ୟନ୍ତ ୩୭ ଜଣ ପ୍ରାଣ ହରାଇଲେଣି। ମୃତକଙ୍କ ମଧ୍ୟରେ ଆସାମର ୧୦ଜଣ, ଅରୁଣାଚଳ ପ୍ରଦେଶର ୯ ଜଣ, ମେଘାଳୟରେ ୬ ଜଣ ଏବଂ ମିଜୋରାମର ୫ ଜଣ ସାମିଲ ଅଛନ୍ତି।

ଉଦ୍ଧାରକାର୍ଯ୍ୟରେ ଭାରତୀୟ ସ୍ଥଳ ସେନା, ବାୟୁସେନା ଏବଂ ଆସାମ ରାଇଫଲ୍ସର ଯବାନଙ୍କୁ ମୁତୟନ କରାଯାଇଛି। ଆସାମ ବନ୍ୟାରେ ୩.୬୪ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଥିବାବେଳେ ବ୍ରହ୍ମପୁତ୍ର, ବରାକ ସମେତ ୧୦ ପ୍ରମୁଖ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ସେହିପରି ମଣିପୁରରେ ୧୯ ହଜାରରୁ ଅଧିକ ଏବଂ ତ୍ରିପୁରାରେ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ପ୍ରବଳ ବର୍ଷା ଯୋଗୁଁ ମିଜୋରାମର ରାଜଧାନୀ ଆଇଜୋଲରେ ସ୍କୁଲ, କଲେଜ ବନ୍ଦ କରିଦିଆଯାଇଛି। ଗତ ୩୦ ତାରିଖରୁ ଏ ପର୍ଯ୍ୟନ୍ତ ରାଜ୍ୟରେ ଭୂସ୍ଖଳନର ୨୧୧ଟି ମାମଲା ସାମ୍ନାକୁ ଆସିଲାଣି।

## କୋହଲିଙ୍କ ରେସ୍ତୋରାଁ ବିରୋଧରେ ମାମଲା ରୁଜୁ

ବେଙ୍ଗାଲୁରୁ,୨।୬(ଏଜେନ୍ସି): ଭାରତୀୟ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲିଙ୍କ ସହ-ମାଲିକାନରେ ଥିବା 'ୱାନ୮ କମୁନ' ନାମକ ଏକ ବାର ଓ ରେସ୍ତୋରାଁ ବିରୋଧରେ କବନ ପାର୍କ ପୁଲିସ ମାମଲା ରୁଜୁ କରିଛି। ଧୂମପାନ ନିଷେଧ କ୍ଷେତ୍ରର ଉଲ୍ଲଂଘନ ପାଇଁ ଏହି ପଦକ୍ଷେପ ନିଆଯାଇଛି ବୋଲି ପୁଲିସ ତରଫରୁ କୁହାଯାଇଛି। ଏକ ସ୍ଥାନୀୟ କୋର୍ଟରୁ ଅନୁମତି ନେବାପରେ ପୁଲିସ ଆଇପିସି ସେକ୍ସନ ୪ ଓ ୨୧ ଧାରାକୁ ପାଥେୟ କରି ରେସ୍ତୋରାଁର ମ୍ୟାନେଜର ଓ ଅନ୍ୟ କର୍ମଚାରୀଙ୍କ ବିରୋଧରେ ଏତଲା ରୁଜୁ କରାଯାଇଛି। କୋହଲିଙ୍କ ସହ ଜଡିତ କୌଣସି ସଂସ୍ଥା ବିରୋଧରେ ପ୍ରଥମ ଥର ପାଇଁ ଏଭଳି ପଦକ୍ଷେପ ନିଆଯାଇନାହିଁ। ପୂର୍ବରୁ ୨୦୨୪ ଡିସେମ୍ବରରେ 'ୱାନ୮ କମୁନ' ବିରୋଧରେ ଫାୟାର ସେଫ୍ଟି ନିୟମର ଉଲ୍ଲଂଘନ ନେଇ ମଧ୍ୟ ଏତଲା ଦାୟର କରାଯାଇଥିଲା।

## ଏସ୍‌ପି ନେତାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ୍

ପ୍ରୟାଗରାଜ, ୨।୬ (ଏଜେନ୍ସି): ପ୍ରୟାଗରାଜରେ ସମାଜବାଦୀ ପାର୍ଟି (ଏସ୍‌ପି)ର ଜଣେ ନେତାଙ୍କର ଅଶ୍ଳୀଳ ଭିଡିଓ ଭାଇରାଲ୍ ହୋଇଛି। ଏଥିରେ ନେତା ଜଣକ ଜଣେ ଯୁବତୀଙ୍କ ସହ ଅଶ୍ଳୀଳ ଆଚରଣ ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିଛି। ସେହିପରି ଯୁବତୀ ଜଣକ ହାତରେ ମଦ ବୋତଲ ଧରିବା ସହ ବିଛଣାରେ ନେତାଙ୍କ କୋଳ ଉପରେ ବସିଥିବାର ଦେଖାଯାଇଛି। ଏହି ଏସ୍‌ପି ନେତା ହେଉଛନ୍ତି ରାମସାଗର ଓରଫ୍ ମୁଖିଆ ଯାଦବ। ସେ ମେଜା ଲୋହାରୀରେ ରହୁଛନ୍ତି ଓ ସାଧନ ସହକାରୀ କମିଟିର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଛନ୍ତି। ଭିଡିଓ ସାମ୍ନାକୁ ଆସିବା ପରେ ଯମୁନା ନଗର ଡିସିପି ବିବେକ ଚନ୍ଦ୍ର ଯାଦବ ଏନେଇ ମେଜା ଥାନାରେ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହି ଭିଡିଓ ନକ୍‌ଲି ବୋଲି ନେତା ଜଣକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ମୋତେ ବଦ୍‌ନାମ କରିବାକୁ ଆମ ଦଳର ଜଣେ ବିଧାୟକ ଷଡଯନ୍ତ୍ର କରିଛନ୍ତି ବୋଲି ସେ ଅଭିଯୋଗ ଆଣିଛନ୍ତି। ଏହା ବିରୋଧରେ ଅଭିଯୋଗ କରିବି ବୋଲି ସେ କହିଛନ୍ତି।

ବନ୍ଦ କୋଠରୀର ଏହି ଭିଡିଓରେ ୪୫ ବର୍ଷୀୟ ମୁଖିଆ ଯାଦବଙ୍କ ସହ ତାଙ୍କର ଅନ୍ୟ ୪-୫ ଜଣ ସହଯୋଗୀଙ୍କୁ ମଧ୍ୟ ଦେଖିବାକୁ ମିଳିଛି। ଏହି ଭିଡିଓର ଯାଞ୍ଚ କରାଯିବ ବୋଲି ଡିସିପି କହିଛନ୍ତି। ଉଲ୍ଲେଖଥାଉ କି, ପୂର୍ବରୁ ବିଜେପିର ଜଣେ ବରିଷ୍ଠ ନେତ୍ରୀଙ୍କ ପୁଅର ୧୩୦ଟି ଅଶ୍ଳୀଳ ଭିଡିଓ ମଧ୍ୟ ଭାଇରାଲ ହୋଇଥିଲା ଓ ଏହାକୁ ନେଇ ବେଶ୍ ଚର୍ଚ୍ଚା ସୃଷ୍ଟି ହୋଇଥିଲା।

## ସ୍କ୍ରୁଡ୍ରାଇଭର୍‌ରେ ୧୮ ଥର ଭୁସି ପ୍ରେମିକାଙ୍କୁ ହତ୍ୟା



ମୋରାଦାବାଦ୍,୨।୬(ଏଜେନ୍ସି): ଗାଇ ପାଇଁ ଖାଦ୍ୟ ଆଣିବାକୁ ଗତ ଶନିବାର ବାହରକୁ ଯାଥିବା ଜଣେ ମହିଳା ଆଉ ଘରକୁ ଫେରି ନଥିଲେ। ଉତ୍ତରପ୍ରଦେଶର ମୋରାଦାବାଦ୍‌ସ୍ଥିତ କୋଟୱାଲି ମେନାଥେରର ଏକ ଗାଁ ପଡିଆରେ ମହିଳାଙ୍କ ରକ୍ତଭିଜା ଶବ ଦେଖିବାକୁ ମିଳିଥିଲା। ମହିଳାଙ୍କ ପ୍ରେମିକ ଏହି ହତ୍ୟାକାଣ୍ଡ ଘଟାଇଛି ବୋଲି କୁହାଯାଇଛି। ଏକ ସ୍କ୍ରୁଡ୍ରାଇଭରରେ ସେ ମହିଳାଙ୍କୁ ୧୮ଥର ଭୁସି ଏହି କାଣ୍ଡ ଘଟାଇଛି। ସାଇରା ନାମକ ଏହି ମହିଳା ଘରକୁ ନ ଫେରିବା ପରେ ତାଙ୍କ ପରିବାର ଲୋକେ ତାଙ୍କୁ ଖୋଜିବାକୁ ବାହାରୁ ଯାଇଥିଲେ। ତେବେ ପରଦିନ ତାଙ୍କ ମୃତଦେହକୁ ଠାବ କରାଯାଇଥିଲା। ମହିଳାଙ୍କ ସହ ଦୁଷ୍କର୍ମ କରାଯାଇଛି ବୋଲି ପୁଲିସ ପ୍ରଥମେ ସନ୍ଦେହ କରିଥିଲା। ତାଙ୍କ ଗୁପ୍ତାଙ୍ଗରେ ରକ୍ତ ଦେଖିବାକୁ ମିଳିଥିଲା। କିନ୍ତୁ ପୋଷ୍ଟମର୍ଟମ ପରେ ତାଙ୍କ ସହ ଦୁଷ୍କର୍ମ ହୋଇନାହିଁ ବୋଲି ପୁଲିସ ସ୍ପଷ୍ଟ କରିଛି। ତଦନ୍ତ ବେଳେ ସାଇରାଙ୍କ ମୋବାଇଲ ଫୋନ୍‌ରେ ୫ଟି ମିସ୍ କଲ୍ ଦେଖିବାକୁ ମିଳିଥିଲା। ଏହାକୁ ଆଧାର କରି ସେହି ଗାଁରେ ରହୁଥିବା ରଫି ନାମକ ଜଣେ ବ୍ୟକ୍ତିଙ୍କ ପାଖରେ ପୁଲିସ୍ ପହଞ୍ଚିଥିଲା। ସେ ମଧ୍ୟ ପୁଲିସ୍ ଆଗରେ ନିଜର ଦୋଷ ସ୍ୱୀକାର କରିଛି। ସେ ଏକତରଫା ପ୍ରେମ କରୁଥିଲା ଓ ସାଇରା କୌଣସି ପ୍ରତିକ୍ରିୟା ଦେଉ ନଥିଲା। କିଛି ଦିନତଳେ ଜଣେ ବ୍ୟକ୍ତି ସାଇରାଙ୍କୁ ବାଡେଇଥିଲା। ତେଣୁ ସମ୍ପୃକ୍ତ ବ୍ୟକ୍ତିଙ୍କ ସହ ସାଇରାଙ୍କ ସମ୍ପର୍କ ଅଛି ବୋଲି ରଫି ସନ୍ଦେହ କରିଥିଲା। ଏଥିରେ ସେ ଉତ୍‌କ୍ଷିପ୍ତ ହୋଇ ସାଇରାଙ୍କୁ ବୀଭତ୍ସ ଭାବେ ହତ୍ୟା କରିଥିଲା ବୋଲି ରଫି କହିଛି।

## ମା'ର ଶବ ସଂସ୍କାର କରିବାକୁ ମନା କରିଦେଲେ ପୁଅ-ଝିଅ

# ଟ୍ରଲିରେ ସ୍ତ୍ରୀର ମୃତଦେହକୁ ୫ଘଣ୍ଟା ଜଗି ରହିଲେ ସ୍ୱାମୀ



ବାରିପଦା,୨।୬(ସମିସ): ଯୋଉ ପୁଅ-ଝିଅଙ୍କୁ କାଖେଇ, କୋଳେଇ ବଡ଼ କରିଥିଲେ, ସେଇମାନେ ସାତପର କରିଦେଲେ। ମଲା ପରେ ବି ମା'ର ଶବ ସଂସ୍କାର କରିବାକୁ ରୋକଠୋକ୍ ମନା କରିଦେଲେ। ମୁହଁରେ ନିଆଁ ଦେବା ତ ଦୂରର କଥା, ସେମାନଙ୍କ ଆଖିରୁ ଲୁହ ଠୋପାଏ ବି ଗଡ଼ିଲାନି। ବୁଢ଼ା ବାପାଟା ଉପରେ ସବୁ କିଛି ଛାଡ଼ିଦେଇ କବାଟ କିଳିଦେଲେ। କିନ୍ତୁ, ପାଖରେ ବଳ କି ସମ୍ବଳ ନଥିବା ସ୍ୱାମୀ, ସ୍ତ୍ରୀର ଶବକୁ ଛାଡ଼ିପାରିଲେ ନାହିଁ। ଟ୍ରଲି ଉପରେ ପଡ଼ିଥିବା ସ୍ତ୍ରୀର ନିଶ୍ଚଳ ଶରୀରକୁ ୫ ଘଣ୍ଟା ଧରି ଜଗି ରହିଲେ। ଶବ ପାଖରେ ପାଖରେ ଦୀପ, ଧୂପ ଦେଇ ଭଗବାନ ଭରସାରେ ସେମିତି ପଡ଼ି ରହିଲେ। ସ୍ତ୍ରୀର ଶବ ଉପରେ ମାଛିଟିଏ ବି ବସିବାକୁ ଦେଲେ ନାହିଁ। ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବଜାରଠାରୁ ମାତ୍ର କେଇ ମିଟର ଦୂରରେ ଏଭଳି ଏକ ହୃଦୟବିଦାରକ ଦୃଶ୍ୟ ଦେଖଣାହାରୀଙ୍କୁ ବିଚଳିତ କରିଛି।

ମିଳିଥିବା ସୂଚନାନୁଯାୟୀ, କପ୍ତିପଦା ବଜାରରୁ ମାତ୍ର କେଇ ମିଟର ଦୂରରେ ରହନ୍ତି ବିଶ୍ୱନାଥ ମୁର୍ମୁ। ଗତକାଲି ତାଙ୍କ ସ୍ତ୍ରୀ ସୀତା ମୁର୍ମୁଙ୍କ ମୃତ୍ୟୁ ଘଟିଥିଲା। ସୋମବାର ଉଦଳା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଯିବା ପରେ ସୀତାଙ୍କ ଶବକୁ ତାଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ବିଶ୍ୱନାଥ ତାଙ୍କ ଶବକୁ ଟ୍ରଲିରେ ବୋହିବୋହି ଘରକୁ ଆଣିଥିଲେ। କିନ୍ତୁ, ଶବ ଆସି ଘର ଦୁଆରମୁହଁରେ ପହଞ୍ଚିବା ପରେ ପୁଅ-ଝିଅ ସୀତାଙ୍କ ମୃତଦେହ ସଂସ୍କାର କରିବେ ନାହିଁ ବୋଲି ରୋକଠୋକ୍ ବାପା ବିଶ୍ୱନାଥଙ୍କୁ ଶୁଣାଇଦେଲେ। ଏଭଳି ଏକ ଖରାପ ସମୟରେ ପୁଅ-ଝିଅଙ୍କଠାରୁ ଏକଥା ଶୁଣିବା ପରେ ବିଶ୍ୱନାଥଙ୍କ ଉପରେ ସତେଯେମିତି ଚଡ଼କ ପଡ଼ିଥିଲା। ଜୀବନସାରା ସୁଖଦୁଃଖର ସାଥୀ ହୋଇ ଆସିଥିବା ପତ୍ନୀର ଅନ୍ତିମ ସଂସ୍କାର କେମିତି କରିବେ, ତାଙ୍କ ମୁଣ୍ଡକୁ କିଛି ବୁଦ୍ଧିବାଟ ଦିଶୁନଥିଲା। ତେଣୁ ଟ୍ରଲିରେ ପଡ଼ି ରହିଥିବା ମୃତଦେହକୁ ସେମିତି ଘଣ୍ଟାଘଣ୍ଟା ଧରି ଭଗବାନ ଭରସାରେ ଜଗି ରହିଲେ। ଏହି ଖବର ପ୍ରଚାରିତ ହେବା ପରେ କିଛି ସ୍ଥାନୀୟ ସମାଜସେବୀ ଓ ସାମ୍ବାଦିକ ସେଠାରେ ପହଞ୍ଚି ସୀତାଙ୍କ ଅନ୍ତିମ ସଂସ୍କାର କରାଇବାର ବ୍ୟବସ୍ଥା କରାଇଥିଲେ।

# ଅବକାରୀରୁ ରେକର୍ଡ ପରିମାଣର ରାଜସ୍ୱ ଆଦାୟ ଲକ୍ଷ୍ୟ

## ଆହ୍ୱାନ ସାଜିଲାଣି ଗଳିକନ୍ଦିରେ ଚୋରାମଦ ବନ୍ୟା

ଭୁବନେଶ୍ୱର, ୨।୬(ସମିସ): ଚଳିତ ମାସ ଦ୍ୱିତୀୟ କିମ୍ବା ତୃତୀୟ ସପ୍ତାହରେ ରାଜ୍ୟରେ ନୂଆ ଅବକାରୀ ଆସିବ। ନୂଆ ନୀତି ଅନୁଯାୟୀ, ରାଜ୍ୟରେ ଆଉ ନୂଆ ମଦ ଦୋକାନ (ଅଫ୍ ସପ) ଖୋଲିବ ନାହିଁ ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ସେହିପରି ଏଣିକି ବର୍ଷିକିଆ ନୀତି ବଦଳରେ ନୂଆ ନୀତି ୩ ବର୍ଷ ଅବଧି ବିଶିଷ୍ଟ ହେବ ବୋଲି ମନ୍ତ୍ରୀ କହିଛନ୍ତି। ତେବେ, ରାଜ୍ୟରେ ଅବକାରୀ ପରିଚାଳନାକୁ ନେଇ ରାଜ୍ୟ ସରକାରଙ୍କ ଆଚରଣ ଏବଂ ଉଚ୍ଚାରଣ ମଧ୍ୟରେ ଫରକ୍ ସଂପୂର୍ଣ୍ଣ ପରିସ୍ଥିତିକୁ ଗୋଳିଆ କଲାଣି। ଏପରିକି, ନୂଆ ନୀତିର ସ୍ୱରୂପକୁ ନେଇ ନିଜେ ସରକାର ସନ୍ଦିହାନ ଏବଂ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ମଧ୍ୟରେ ଅଛନ୍ତି ବୋଲି ବିଶେଷଜ୍ଞ ମହଲରେ ଅଭିଯୋଗ ହେଲାଣି।

ଗୋଟିଏପଟେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବ୍ୟାପୀ ନିଶା ନିବାରଣ ଅଭିଯାନ ଆରମ୍ଭ କରିଛନ୍ତି। ଗାଁ ଗାଁରେ ଦାସକାଠିଆ, ଘୋଡ଼ାନାଚ, ଲୋକକଳା ମାଧ୍ୟମରେ ଲୋକଙ୍କ ପାଖରେ ନିଶା ନିବାରଣର ବାର୍ତ୍ତା ପହଞ୍ଚାଇବାକୁ ଅବକାରୀ ବିଭାଗ ଲକ୍ଷ୍ୟ ରଖିଛି। ଅପରପକ୍ଷେ, ସମାନ ସମୟରେ ଅବକାରୀ ରେକର୍ଡ ୯୭୫୩କୋଟି ଟଙ୍କା ରାଜସ୍ୱ ଲକ୍ଷ୍ୟ ରଖିବା ରାଜ୍ୟ ସରକାରଙ୍କ ନିଶା ନିବାରଣ ପ୍ରତି ଆନ୍ତରିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେବଳ ଅବକାରୀ ରାଜସ୍ୱ ବୃଦ୍ଧି ନୁହେଁ, ମଦ ବିକ୍ରେତାମାନେ ମଧ୍ୟ ନିଜ କୋଟାରେ ମଦ ଉଠାଣକୁ ଅବକାରୀ ବିଭାଗ ଅନୁମତି ପ୍ରଦାନ କରିଛି।

ଏପରିସ୍ଥଳେ ନିଶା ନିବାରଣ ଅଭିଯାନ କେତେଦୂର ଫଳପ୍ରଦ ହେବ, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି। ଏପରିକି ରାଜ୍ୟରେ ନିଶା ନିବାରଣ ଏବଂ ଅବକାରୀ ନୀତିକୁ ନେଇ ସରକାର ନିଜେ ଦ୍ୱନ୍ଦ୍ୱରେ ଅଛନ୍ତି ବୋଲି ସାମାଜିକ କର୍ମୀ ଅଭିଯୋଗ ବାଢ଼ିଛନ୍ତି।

ରାଜ୍ୟରେ ନୂଆ ସରକାର ଆସିବା ପରଠାରୁ ଚୋରାମଦ କାରବାର ଆକାଶଛୁଆଁ ହୋଇଛି। ରାଜ୍ୟରେ ଗଳି କନ୍ଦିରେ ଚୋରାମଦ ସହଜରେ ଉପଲବ୍ଧ ହେଉଥିବା ବେଳେ ବ୍ରାଉନସୁଗାର କାରବାର ମଧ୍ୟ ସମାଜକୁ ବେଶ୍ କ୍ଷତିଗ୍ରସ୍ତ କଲାଣି। ଅତଏବ୍ ସରକାର ଏହା ଉପରେ ସରକାର ସବୁଠୁ ଅଧିକ ଧ୍ୟାନ ଦେବା ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

- ସରକାରଙ୍କ ଆନ୍ତରିକତାକୁ ନେଇ ପ୍ରଶ୍ନବାଚୀ
- ନୂଆ ଅବକାରୀ ନୀତିକୁ ନେଇ ସରକାର ଦ୍ୱନ୍ଦ୍ୱରେ

ମନ୍ତ୍ରୀଙ୍କ କହିବାନୁଯାୟୀ, ବିଭିନ୍ନ ରାଜ୍ୟରେ କେମିତି ଅବକାରୀ ନୀତି କାର୍ଯ୍ୟକାରୀ ହେଉଛି, ତାହାକୁ ରାଜ୍ୟ ସରକାର ଅନୁଧ୍ୟାନ କରୁଛନ୍ତି। ଏଥିପାଇଁ ଅବକାରୀ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ନେଇ ତିନୋଟି ଟିମ୍ ଗଠନ କରାଯାଇଥିଲେ ସେମାନେ ବିଭିନ୍ନ ରାଜ୍ୟକୁ ଗସ୍ତ କରି ସେଠାକାର ନୀତିର ଅନୁଧ୍ୟାନ କରିବେ। ଏହାକୁ ତର୍ଜମା କରାଯାଇ ଆବଶ୍ୟକସ୍ଥଳେ ନୂଆ ଅବକାରୀ ନୀତିରେ କେତେକ ପ୍ରସ୍ତାବକୁ ଆପଣଯାଇପାରେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ଅପରପକ୍ଷେ, ରାଜ୍ୟରେ ଆସିବାକୁ ଥିବା ଅବକାରୀ ନୀତିକୁ ନେଇ ବିଶେଷଜ୍ଞମହଲରେ ଚର୍ଚ୍ଚା, ଆଲୋଚନା ଆରମ୍ଭ ହୋଇଛି। ରାଜ୍ୟରେ ବିଜେପି ସରକାରରେ ଆସୁଆସୁ ଚିକିଟିରେ ବିଷାକ୍ତ ମଦମୃତ୍ୟୁ ଘଟଣା ଘଟିଲା। ଏହାପରେ ରାଜ୍ୟରେ ଆଉ ଚୋରାମଦ ବ୍ୟବସାୟ କିମ୍ବା ବ୍ୟବସାୟୀ ରହିବେ ନାହିଁ ବୋଲି ସରକାର ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ହେଲେ ମାତ୍ର କିଛି କୁଟିଆ ତଥା ମଦଭାଟି ଉପରେ କାର୍ଯ୍ୟାନୁଷ୍ଠାନ ପରେ ସରକାର ଚୁପଚାପ ବସିପଡ଼ିଲେ। ବର୍ତ୍ତମାନ ରାଜ୍ୟରେ ସ୍ଥିତି ଏପରି ହେଲାଣି ଯେ ଲାଇସେନ୍ସପ୍ରାପ୍ତ ମଦ ଦୋକାନଠାରୁ ଅଧିକ ବେପାର ଚୋରା ମଦ ବ୍ୟବସାୟୀମାନେ କରୁଛନ୍ତି। ଗାଁ ଗହଳିରେ ମଦର ବନ୍ୟା ଛୁଟୁଥିବା ବେଳେ ଅବକାରୀ ଏବଂ ପୁଲିସ ବିଭାଗ ଏକପ୍ରକାର ନିଷ୍କ୍ରିୟ ହୋଇପଡ଼ିଲାଣି। ଅତଏବ୍, ସରକାର ନୂଆ ନୀତିରେ ଚୋରାମଦ କାରବାର ବିରୋଧରେ କଡ଼ା ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସାଧାରଣରେ ଦାବି ହେଉଛି।

ରାଜ୍ୟରେ ବର୍ତ୍ତମାନ ମଦ ବ୍ୟବହାର ଧୀରେଧୀରେ ବଢ଼ିବାରେ ଲାଗିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ରାଜ୍ୟରେ ୧୨.୯କୋଟି ଲିଟର ବିଅର ବିକ୍ରି ହୋଇଥିଲା। ୨୦୨୩-୨୪ ଆର୍ଥିକ ବର୍ଷରେ ଏହା ୧୫.୩୫କୋଟି ଲିଟରକୁ ବୃଦ୍ଧି ପାଇଥିଲା। ସେହିପରି ବିଦେଶୀ ମଧ୍ୟ ବ୍ୟବହାର ମଧ୍ୟ ୫.୮୩ କୋଟି ଲିଟରରୁ ୫.୮୮ କୋଟି ଲିଟରକୁ ବୃଦ୍ଧି ପାଇଛି। ଚଳିତ ଆର୍ଥିକ ବର୍ଷରେ ସରକାର ଅବକାରୀରୁ ରେକର୍ଡ ୯୭୫୩କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛନ୍ତି। ରାଜ୍ୟର ବର୍ତ୍ତମାନ ୩୦ପ୍ରତିଶତ ଲୋକ ମଦ୍ୟପାନ କରୁଥିବାର ଚିନ୍ତା ଉଦ୍ରେକକାରୀ ଚିତ୍ର ସାମ୍ନାକୁ ଆସିଲାଣି।

ନିର୍ବାଚନୀ ପ୍ରଚାର ବେଳେ ବିଜେପି ରାଜ୍ୟରୁ ମଦ ବନ୍ଦ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ତେଣୁ ଅବକାରୀ ନୀତିରେ କ'ଣ ରହିଛି ଏବଂ ରାଜ୍ୟରେ ମଦ ବ୍ୟବହାରକୁ ନିୟନ୍ତ୍ରଣରେ ରଖିବାକୁ ସରକାରଙ୍କ କେତେ ଆନ୍ତରିକତା ରହିଛି, ତାହା ନୂଆ ନୀତିରୁ ସ୍ପଷ୍ଟ ଜଣାପଡ଼ିବ ବୋଲି ବିଶେଷଜ୍ଞ ମହଲରେ ମତ ପ୍ରକାଶ ପାଇଛି।

# ୪ଯାଏଁ ବଢ଼ିଲା +୩ ଆବେଦନ ଅବଧି

ଭୁବନେଶ୍ୱର,୨।୬(ସମିସ): +୩ରେ ନାମଲେଖା ପାଇଁ ଥିବା ସମୁଦାୟ ସିଟ୍ ତୁଳନାରେ ଆବେଦନ ସଂଖ୍ୟା କମ୍ ରହିଛି। +୨ ପରୀକ୍ଷାଫଳ ପ୍ରକାଶ ପାଇବାର ବହୁ ପୂର୍ବରୁ ଆବେଦନ ଆରମ୍ଭ ହୋଇଥିବା ବେଳେ ଆଶାନୁରୂପ ଆବେଦନ ହୋଇପାରିନି। ଏହି ପରିପ୍ରେକ୍ଷୀରେ ଆବେଦନ ଅବଧିକୁ ଆଉ ୩ଦିନ ପାଇଁ ବଢ଼ାଯାଇଛି। ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଅନୁରୋଧକ୍ରମେ ଆବୋଦନ ଅବଧିକୁ ଆସନ୍ତା ୪ ତାରିଖପର୍ଯ୍ୟନ୍ତ ବଢ଼ାଯାଇଥିବା ଉଚ୍ଚଶିକ୍ଷା ବିଭାଗପକ୍ଷରୁ ସୂଚନା ଦିଆଯାଇଛି। ଏହାସହ ନିର୍ଦ୍ଧାରିତ ସମୟରେ କେବଳ ପଞ୍ଜୀକରଣ କରିଥିବା ଛାତ୍ରଛାତ୍ରୀଙ୍କୁ ଆବେଦନ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦିଆଯାଇଛି। ଚଳିତବର୍ଷ ନାମଲେଖା ପାଇଁ ସମୁଦାୟ ୨ଲକ୍ଷ ୭୪ହଜାର ୫୬୯ଟି ସିଟ୍ ରହିଛି। ଏଥିପାଇଁ ୨ଲକ୍ଷ ୫୯ହଜାର ୭୩୨ଜଣ ଆବେଦନ କରିଥିବା ବେଳେ ତନ୍ମଧ୍ୟରୁ ୨ଲକ୍ଷ ୫୧ହଜାର ୭୭୪ ପିଲା ଆବଶ୍ୟକ ଫି' ଦାଖଲ କରି ଆବେଦନ ସମ୍ପୂର୍ଣ୍ଣ କରିଛନ୍ତି। ସମୁଦାୟ ସିଟ୍ ତୁଳନାରେ ଆବେଦନ ସଂଖ୍ୟା ପ୍ରାୟ ୨୨ହଜାର କମ୍ ରହିଛି।

# ହାତୀଦାନ୍ତ ଡିଲ୍ ବେଳେ ଶିକାରୀକୁ ଧରିଲା ଏସ୍‌ଟିଏଫ୍



ଭୁବନେଶ୍ୱର,୨।୬(ସମିସ): ହାତୀଦାନ୍ତ ଡିଲ ବେଳେ ଏସ୍‌ଟିଏଫ୍ ହାତରେ ଧରା ପଡ଼ିଛି ଜଣେ ଶିକାରୀ। ସୋନପୁର ରାସ୍ତା ତେଲିବନ୍ଧ ଛକ ନିକଟରେ ପ୍ରମୋଦ ପରିଡ଼ା ନାମକ ଏହି ଶିକାରୀକୁ ଗିରଫ କରିବା ସହ ୨ଟି ହାତୀଦାନ୍ତକୁ ଏସ୍‌ଟିଏଫ ଜବତ କରିଛି। ଯାହାର ମୂଲ୍ୟ ୫ଲକ୍ଷରୁ ଉର୍ଦ୍ଧ୍ୱର୍ ଟଙ୍କା ହେବ। ଏହି ହାତୀ ଦାନ୍ତ ରାଜ୍ୟ ବାହାରକୁ ଚାଲାଣ କରାଯିବାକୁ ଯୋଜନା କରାଯାଇଥିଲା; ଏ ସମ୍ପର୍କରେ ସୂଚନା ପାଇ ପୂର୍ବରୁ ଛକି ରହିଥିବା ଏସ୍‌ଟିଏଫ ଅଧିକାରୀ ତାଙ୍କୁ ମାଡ଼ି ବସିଥିଲେ। ଏକ ଅଖା ବ୍ୟାଗ୍‌କୁ ଯାଞ୍ଚ କରିବା ପରେ ସେଥିରୁ ଦୁଇଟି ହାତୀ ଦାନ୍ତ ଜବତ କରାଯାଇଥିଲା। ଶିକାରୀଙ୍କୁ ପଚରାଉଚରା କରାଯିବା ପରେ ସେମାନେ ହାତୀ ଶିକାର କରିଥିବା ସ୍ୱୀକାର କରିଥିଲେ। ଏନେଇ ଏକ ମାମଲା ରୁଜୁ କରାଯାଇ ଶିକାରକୁ ଗିରଫ କରାଯାଇଛି। ଏହା ପଛରେ ଏକ ରାକେଟ କାମ କରୁଥିବା ଜଣାପଡିଛି। ତେଣୁ ଏହି ଶିକାରୀ ରାକେଟ ପାଖରେ ପହଞ୍ଚିବା ପାଇଁ ଏସ୍‌ଟିଏଫ ଖୋଳତାଡ଼ କରୁଛି।

# ନିଖିଲ ପଓନକଲ୍ୟାଣ ଜନଗଣନା ନିର୍ଦ୍ଦେଶକ ନିଯୁକ୍ତ



ଭୁବନେଶ୍ୱର,୨।୬(ସମିସ): ଆଇଏଏସ୍ ଅଫିସର ନିଖିଲ ପଓନକଲ୍ୟାଣଙ୍କୁ ମିଳିଛି ଗୁରୁଦାୟିତ୍ୱ। ୨୦୧୨ ବ୍ୟାଚ୍‌ର ଓଡ଼ିଶା କ୍ୟାଡର ଆଇଏଏସ୍ ନିଖିଲ ପଓନକଲ୍ୟାଣଙ୍କୁ ଓଡ଼ିଶାରେ ଜନଗଣନା ନିର୍ଦ୍ଦେଶକ/ନାଗରିକ ପଞ୍ଜିକରଣ ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ତାଙ୍କୁ ଏହି ନିଯୁକ୍ତି ମିଳିଥିବା ବେଳେ ଆସନ୍ତା ଡିସେମ୍ବର ୩୧ ପର୍ଯ୍ୟନ୍ତ ସେ ଏହି ପଦରେ ରହିବେ ବୋଲି କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି। ଏହାସହିତ ତାଙ୍କୁ ତୁରନ୍ତ ଦାୟିତ୍ୱମୁକ୍ତ କରିବାକୁ କେନ୍ଦ୍ର ପକ୍ଷରୁ ରାଜ୍ୟ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କ୍ୟାବିନେଟ ନିଯୁକ୍ତି କମିଟି ନିର୍ଦ୍ଦେଶାବଳୀ ଅନୁଯାୟୀ, ଏପରି ଭୂମିକାରେ ନିଯୁକ୍ତ ଅଧିକାରୀମାନେ ନିଯୁକ୍ତି ବିଜ୍ଞପ୍ତିର ତିନି ସପ୍ତାହ ମଧ୍ୟରେ କାର୍ଯ୍ୟରେ ଯୋଗଦେବା ଉଚିତ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି। ସୂଚନା ଥାଉକି, ନିଖିଳ ପଓନ କଲ୍ୟାଣ ଅଗଷ୍ଟ ୨୦୨୪ରୁ ଓଡ଼ିଶାରେ ମୃତ୍ତିକା ସଂରକ୍ଷଣ, ଜଳ ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି।



### ପଟ୍ଟାମୁଣ୍ଡାଇକୁ ପୌରାଞ୍ଚଳ ମାନ୍ୟତାର ୩୬ ବର୍ଷ ପରେ ବି ସୁଧୁରୁନି ଅବସ୍ଥା

# ସାମାନ୍ୟ ବର୍ଷାରେ ଉବୁଟୁବୁ ହେଉଛି ସହର

ପଟ୍ଟାମୁଣ୍ଡାଇ,୨।୬(ସମିସ):

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଘୋଷଣା ହେବାର ୩୬ ବର୍ଷ ଅତିକ୍ରାନ୍ତ ହେବା ପରେ ମଧ ମୁଖ୍ୟ ପାଣି ନିଷ୍କାସନ ସମସ୍ୟାର ସମାଧାନ ହୋଇପାରିନାହିଁ। ସାମାନ୍ୟ ବର୍ଷା ହେଲେ ଉବୁଟୁବୁ ହେଉଛି ସହର। ସାହିବସ୍ତିରେ ବର୍ଷା ପାଣି ଲହଡି ଭାଙ୍ଗୁଥିବାବେଳେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ସହରରୁ ଉଦବୃତ୍ତ ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା କରାଯାଇ ନ ଥିବାରୁ ପରିସ୍ଥିତି ସଙ୍ଗିନ ହେଉଛି। ସହରରୁ ପାଣି ନିଷ୍କାସନ ସମସ୍ୟାର ସମାଧାନ କେବେ ହେବ, ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସାମାନ୍ୟ ବର୍ଷାରେ ମୁଖ୍ୟ ସହର ସମେତ ବିଭିନ୍ନ ୱାର୍ଡର ସାହି ଓ ବସ୍ତି ପାଣି ଘେରରେ ରହି ଉବୁଟୁବୁ ହେଉଥିବାବେଳେ ଦୋକାନ ବଜାରରେ ପାଣି ପଶୁଛି। ଲୋକଙ୍କ ଘରେ ପାଣି ପଶୁଥିବାବେଳେ ଲୋକେ ଜଳବନ୍ଦୀ ହୋଇପଡୁଛନ୍ତି। ଉଦବୃତ୍ତ ବର୍ଷା ପାଣି ନିଷ୍କାସନ ହୋଇ ନ ପାରି ଖାଲୁଆ ସ୍ଥାନରେ ଜମି ରହି ପୂତି ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଯଦ୍ୱାରା ସହରରେ ମଶାମାଛିଙ୍କ ଉପଦ୍ରବ ବୃଦ୍ଧି ପାଉଥିବାବେଳେ ଡେଙ୍ଗୁ, ମ୍ୟାଲେରିଆ ରୋଗ ବ୍ୟାପିବାର ସମ୍ଭାବନା ସୃଷ୍ଟି ହେଉଛି। ପାଣି ନିଷ୍କାସନ ସମସ୍ୟା ଗୁରୁତର ହୋଇପଡ଼ିଥିବାବେଳେ ଏହା ସହରବାସୀଙ୍କ ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛି। ଲୋକେ ସହରୀ ସୁବିଧାରୁ ଏକ ପ୍ରକାର ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି।

ବର୍ଷାଦିନ ଆସିଲେ ସତେ ଯେମିତି ଏହା ସହରବାସୀଙ୍କ ପାଇଁ ଅଭିଶାପ ନେଇ ଆସୁଛି। ଆଣ୍ଠୁଏ ପାଣିରେ ପଶି ଲୋକେ ଯା'ଆସ କରିବାକୁ ବାଧ ହେଉଥିବାବେଳେ ବିଭିନ୍ନ ସରକାରୀ ଅଫିସ ପାଣି ଘେରରେ ରହୁଛି। ଶିକ୍ଷାନୁଷ୍ଠାନ ପାଣି ଘେରରେ ରହିବା ଫଳରେ ଶିକ୍ଷାଦାନରେ ବାଧା ଉପୁଜୁଛି। ୩୬ ବର୍ଷ ଅତିକ୍ରାନ୍ତ କରି ୩୭ ବର୍ଷରେ ପଦାର୍ପଣ କରିଥିବା ପୌରପରିଷଦ ସହରରୁ ଉଦବୃତ୍ତ ବର୍ଷାଜଳ ନିଷ୍କାସନ ପାଇଁ କୌଣସି ମାଷ୍ଟର ପ୍ଲାନ ପ୍ରସ୍ତୁତ କରିନାହିଁ। ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ ନିର୍ମାଣ କରାଯାଇ ଗୋବରୀ ନଦୀକୁ ଛଡ଼ାଯିବା ପାଇଁ ଯୋଜନା ହୋଇଥିବା ପୌରପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଗୋବରୀ ନଦୀର ପୁନରୁଦ୍ଧାର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ସରକାରୀ ସୂତ୍ରରୁ ଜଣାଯାଇଛି।

> ■ କେବେ ଦୂର ହେବ ପାଣି ନିଷ୍କାସନ ସମସ୍ୟା
> ■ ଡ୍ରେନେଜ କଟ୍ ଯନ୍ତ୍ରୀଙ୍କ କ୍ଷେତ୍ର ପରିଦର୍ଶନ ପରେବି ହେଉନି କାର୍ଯ୍ୟାରମ୍ଭ

ଜଳ ସମ୍ପଦ ବିଭାଗ ଅଧୀନରେ ଥିବା ଡ୍ରେନେଜକଟ୍ ବିଭାଗ ବରିଷ୍ଠ ଅଧିକାରୀ ପଟ୍ଟାମୁଣ୍ଡାଇ ସହର ସମେତ ଗୋବରୀ ନଦୀ ପରିଦର୍ଶନ କରି ଡିପିଆର ପ୍ରସ୍ତୁତି କରିଛନ୍ତି। ବିଭାଗର ମୁଖ୍ୟଯନ୍ତ୍ରୀ ଅବିନାଶ ରାଉଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଚିତ୍ତରଞ୍ଜନ ଭୂୟାଁ, ଅଧୀକ୍ଷଣ ଯନ୍ତ୍ରୀ ଶଶାଙ୍କ ଶେଖର, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଧିରେନ୍ଦ୍ର ଜେଠୀ, କନିଷ୍ଠ ଯନ୍ତ୍ରୀ ନିହାର ରାଉତରାୟଙ୍କୁ ନେଇ ଗଠିତ ଟିମ୍ ପଟ୍ଟାମୁଣ୍ଡାଇ ସହର ଓ ପୌରାଞ୍ଚଳର ଜଳବନ୍ଦୀ ଅଞ୍ଚଳ, ଗୋବରୀ ନଦୀ ପରିଦର୍ଶନ କରିଛନ୍ତି। ତେବେ ପାଣି ନିଷ୍କାସନର ସ୍ଥାୟୀ ସମାଧାନ ପାଇଁ କାର୍ଯ୍ୟ ଆରମ୍ଭ ହୋଇନାହିଁ। ସ୍ଥିତି ଦିନକୁ ଦିନ ବିଗୁଡୁଥିବାରୁ ଜନଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

ପଟ୍ଟାମୁଣ୍ଡାଇ ପଞ୍ଚାୟତ ଥିବା ସମୟରେ ବଜାରରୁ ପାଣି ନିଷ୍କାସନ ପାଇଁ ଯେଉଁ ପୁରୁଣା ଡ୍ରେନେଜ ସିଷ୍ଟମ ଥିଲା, ସେଥିରେ ବିଶେଷ ପରିବର୍ତ୍ତନ ଅଣାଯାଇପାରୁନାହିଁ। ସେତେବେଳେ ପଟ୍ଟାମୁଣ୍ଡାଇ ବଜାରର ଉଦବୃତ୍ତ ବର୍ଷା ପାଣି ନିଷ୍କାସନ ପାଇଁ ଶ୍ରୀରାମ ମନ୍ଦିର ସଲଗ୍ନ ଡ୍ରେନଟି ସବରେଜିଷ୍ଟାରଙ୍କ ଅଫିସ ପାଶ୍ୱର୍ରେ ତତ୍କାଳୀନ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଓ ଅଧୁନା ପଟ୍ଟାମୁଣ୍ଡାଇ ସବଡିଭିଜନ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ପୁରାତନ କଟକ-ଚାନ୍ଦବାଲି ରାସ୍ତା ନିମ୍ନଭାଗରେ ମାଟି ତଳେ ନିର୍ମାଣ କରାଯାଇଥିବା ଡ୍ରେନ ନିତ୍ୟାନନ୍ଦ ଦାସଙ୍କ କୋଠାର ନିମ୍ନଭାଗ ଦେଇ ପଟ୍ଟାମୁଣ୍ଡାଇ ଗୋବରୀ ପୋତା ନଦୀରେ ପଡ଼ିଥିଲା। ଏହି ଡ୍ରେନ୍ ଦେଇ ପଟ୍ଟାମୁଣ୍ଡାଇ ତହସିଲ ଅଫିସ, ଶ୍ରୀରାମ ମନ୍ଦିର ପଡ଼ିଆ (ଡେଲି ମାର୍କେଟ), ସବରେଜିଷ୍ଟର ଅଫିସ ପରିସରରୁ ପାଣି ନିଷ୍କାସନ ହେଉଥିବାବେଳେ ପଟ୍ଟାମୁଣ୍ଡାଇ ମେଡିକାଲ, ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ଅଞ୍ଚଳରୁ ଶ୍ରୀରାମ ମନ୍ଦିର ସମ୍ମୁଖ ମୁଖ୍ୟ ରାସ୍ତା ନିମ୍ନରେ ଯାଇଥିବା ଡ୍ରେନ ଦେଇ ଶ୍ରୀରାମ ମନ୍ଦିର ସଂଲଗ୍ନ ଡ୍ରେନରେ ମିଶିଥିଲା। ପରବର୍ତ୍ତୀ ସମୟରେ ପୂର୍ତ୍ତ ବିଭାଗ ପକ୍ଷରୁ ତତ୍କାଳୀନ ଡାକ ବଙ୍ଗଳା ଛକଠାରୁ ପଟ୍ଟାମୁଣ୍ଡାଇ କେନାଲ ପୋଲ ପର୍ଯ୍ୟନ୍ତ ମୁଖ୍ୟ ସହରର ଡାହାଣ ପାଶ୍ୱର୍ରେ ଏକ ଡ୍ରେନ ନିର୍ମାଣ କରାଯାଇଥିଲା। ଏହି ଡ୍ରେନରେ ଜମି ରହୁଥିବା ପାଣି ଓ ଅଳିଆ ଆବର୍ଜନା ନିଷ୍କାସନ ପଥ ନିର୍ମାଣ କରାଯାଇ ନ ଥିବାରୁ ବର୍ଷ ସାରା ଏଥିରେ ପାଣି ଓ ଅଳିଆ ଆବର୍ଜନା ଜମି ରହିବା ଫଳରେ ପୂତି ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ବର୍ଷେ ପୂର୍ବେ ଏହି ଡ୍ରେନ ରାସ୍ତାଠାରୁ ଉଚ୍ଚତାରେ ଥିବା ଉଭୟ ପାଶ୍ୱର୍ କାନ୍ଥକୁ ଭାଙ୍ଗିଦିଆଯାଇ ରାସ୍ତା ସହିତ ସମତୁଲ କରାଯାଇଥିଲା। ଏହି ମୁଖ୍ୟ ଡ୍ରେନରେ ପାଣି ନିଷ୍କାସନ ହେବାର କୌଣସି ବନ୍ଦୋବସ୍ତ ହୋଇନାହିଁ। ସାମନ୍ୟ ବର୍ଷା ହେଲେ ୧୧ନଂ ୱାର୍ଡ ମୁସଲମାନ ବସ୍ତି ସମ୍ପୂର୍ଣ୍ଣ ଜଳବନ୍ଦୀ ହେଉଥିବାବେଳେ ପାଣିରେ ପଶି ଲୋକେ ଯା'ଆସ କରୁଛନ୍ତି।

ସେହିପରି ପଟ୍ଟାମୁଣ୍ଡାଇ ଡାକ୍ତରଖାନା ମୁଖ୍ୟ ଫାଟକ ସମ୍ମୁଖ ରାସ୍ତା ବୁଡ଼ି ରହୁଛି। ବାଳିକା ବିଦ୍ୟାଳୟ ପରିସରରେ ବର୍ଷା ପାଣି ଲହଡି ଭାଙ୍ଗୁଛି। ପଟ୍ଟାମୁଣ୍ଡାଇ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ପାଣି ଜମି ରହୁଥିବାବେଳେ ଦୂରସଞ୍ଚାର କାର୍ଯ୍ୟାଳୟ, ସବଟ୍ରେଜେରୀ ଅଫିସ, ରାଧାରମଣ ସରସ୍ୱତୀ ଶିଶୁ ଶିକ୍ଷାମନ୍ଦିର ପରିସର ପାଣିରେ ବୁଡ଼ିରହୁଛି। ପ୍ରାଣୀ ଚିକିତ୍ସାଳୟ ପରିସରରେ ବର୍ଷା ପାଣି ଜମା ହୋଇ ରହିବା ଫଳରେ ପ୍ରାଣୀ ମୁଖ୍ୟ ଚିକିତ୍ସାଧିକାରୀଙ୍କ କ୍ୱାଟର ସମ୍ପୂର୍ଣ୍ଣ ଜଳବନ୍ଦୀ ହେଉଛି। ବାଇପାସ-କଲେଜ ରାସ୍ତାର ଡା. ବାସୁ ପାତ୍ର ଗଳି ସମ୍ମୁଖ ମୁଖ୍ୟ ରାସ୍ତାରେ ପାଣିର ସୁଅ ଛୁଟୁଛି। ଭୋଳିବାବା ମଠ ସମ୍ମୁଖ ରାସ୍ତା, ବେଲତଳ, ୧୯ନଂ ମା' ମଙ୍ଗଳା ସ୍କୁଲ ମୁଖ୍ୟ ରାସ୍ତା, ଦକ୍ଷିଣଦିଆ ହନୁମାନ ଛକ ରାସ୍ତା ପାଣିରେ ବୁଡ଼ିରହି ଯାତାୟାତରେ ବାଧା ସୃଷ୍ଟି କରୁଛି। ୧୦ନଂ ୱାର୍ଡରୁ ପାଣି ନିଷ୍କାସନ ପାଇଁ ପୌରପରିଷଦ ପମ୍ପ ବ୍ୟବହାର କରୁଥିବାବେଳେ ମାଟିଆ ୧୭ ନମ୍ବର ୱାର୍ଡରୁ ମଧ ପମ୍ପ ଯୋଗେ ପାଣି ନିଷ୍କାସନ ହେଉଛି। ସହରରୁ ଉଦବୃତ୍ତ ବର୍ଷା ଜଳ ନିଷ୍କାସନ ପାଇଁ ୩ ବର୍ଷ ତଳୁ ଭୁବନେଶ୍ୱର ଥ୍ରୀ ଡିଭିଜନ ନାମକ ସଂସ୍ଥାକୁ ଡ୍ରେନେଜ ସିଷ୍ଟମ ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବାକୁ ପୌରପରିଷଦ ପକ୍ଷରୁ ଦାୟିତ୍ୱ ଦିଆଯାଇଥିବା ପୌରପରିଷଦ ପକ୍ଷରୁ କୁହାଯାଇଛି।

### ■ ତେଲ ଟ୍ୟାଙ୍କର ଓ ମାଟି ବୋଝେଇ ହାଇୱା ଧକ୍କା

## ଅଳ୍ପକେ ବର୍ତ୍ତିଲେ ଦୁଇ ଗାଡ଼ି ଚାଳକ



ପଞ୍ଚୁପାଣ୍ଡବ,୨।୬(ସମିସ):ଡେରାବିଶ ଥାନା ଅନ୍ତର୍ଗତ ଚଣ୍ଡିଖୋଲ-ପାରାଦୀପ ୫୩ନଂ ଜାତୀୟ ରାଜପଥର ଲକ୍ଷ୍ମୀନାରାୟଣପୁର ଛକ ନିକଟରେ ଦୁର୍ଘଟଣା ଘଟି ଦୁଇ ଚାଳକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ତେଲ ଟ୍ୟାଙ୍କର ଓ ମାଟି ବୋଝେଇ ହାଇୱା ମଧ୍ୟରେ ଧକ୍କା ହୋଇ ଦୁଇ ଗାଡ଼ିର ଚାଳକ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି।

ସୂଚନା ମୁତାବକ, ଆଜି ପୂର୍ବାହ୍ନରେ ପାରାଦୀପ ଅଭିମୁଖେ ଯାଉଥିବା ଏକ ତେଲ ଟ୍ୟାଙ୍କରକୁ ବିପରୀତ ଦିଗରୁ ଆସୁଥିବା ଏକ ମାଟି ବୋଝେଇ ହାଇୱା ଖୁବ୍ ଜୋରରେ ମୁହାଁମୁହିଁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଉଭୟ ଚାଳକଙ୍କୁ ଉଦ୍ଧାର କରି ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏହି ଦୁର୍ଘଟଣା ଯୋଗୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଯାନବାହନ ଚଳାଚଳ ବନ୍ଦ ହୋଇଯାଇଥିଲା। ଖବର ପାଇ ଡେରାବିଶ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରି ଥାନାକୁ ନେଇଥିଲେ। ଡେରାବିଶ ଅଞ୍ଚଳରେ ମାଟି ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଏ ନେଇ ଜନସାଧାରଣ ଅଭିଯୋଗ କଲେ ମଧ କିଛି ସୁଫଳ ମିଳୁନାହିଁ। ମାଟି ମାଫିଆ ନଦୀପଠା ସମେତ ବିଭିନ୍ନ ସରକାରୀ ସ୍ଥାନରୁ ମନଇଚ୍ଛା ମାଟି ତାଡି ବିକ୍ରୟ କରୁଛନ୍ତି। ବିଭିନ୍ନ ପାଟରୁ ମାଟି ଉଠାଇ ଖାଲ କରି ମାଟି ବିକୁଥିବା ଅଭିଯୋଗ ହେଉଛି। ତେବେ ସୋମବାର ମାଟି ଚୋରା ଚାଲାଣ ଘଟଣାରୁ ଖଣି ବିଭାଗ ଏ ସମ୍ପର୍କରେ ଡେରାବିଶ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି।

## ଲୋକକବି ଭାବଗ୍ରାହୀ ପରିଡ଼ାଙ୍କ ଜୟନ୍ତୀ ଉତ୍ସବ




କେନ୍ଦ୍ରାପଡ଼ା,୨।୬(ସମିସ): ବାରୁଅସ୍ଥିତ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳା ନିକେତନ, ରେଡ଼ିଓ ଭାବଗ୍ରାହୀ, ବାଣୀ ବିନୋଦ ସାହିତ୍ୟ ସେବା ନିକେତନର ମିଳିତ ଆନୁକୂଲ୍ୟରେ ଚିର ସବୁଜ ଅକ୍ଷୟ ମହାନ୍ତି କକ୍ଷରେ ଆଦର୍ଶ ଶିକ୍ଷକ ତଥା ଲୋକକବି ଭାବଗ୍ରାହୀ ପରିଡ଼ାଙ୍କ ୧୦୧ତମ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। କବିଙ୍କ ପୁତ୍ର ସଙ୍ଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାନସ ଭୂଷଣ ପଣ୍ଡିତ ହୃଷିକେଶ ରଥ ମୁଖ୍ୟଅତିଥି, ଫୋରଡସ୍ଥ ସ୍ଥାୟା ଆଶ୍ରମ ମହନ୍ତ ହୃଷିକେଶ ଦାଶମହାରାଜ ମୁଖ୍ୟବକ୍ତା, ବାଣୀ ବିନୋଦ ସାହିତ୍ୟ ସେବା ନିକେତନ ସଭାପତି ହରିଶ୍ଚନ୍ଦ୍ର ଜେନା, ପଣ୍ଡିତ ପଦ୍ମନାଭ ଦାଶ, ସତୀର୍ଥର ସମ୍ପାଦକ ମନ୍ମଥ ନାଥ ବରାଳ, କବି ଅମର ପ୍ରସାଦ ରାଉତ, ଅବସରପ୍ରାପ୍ତ ଶିକ୍ଷକ ରତ୍ନାକର ବରାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଲୋକକବି ଭାବଗ୍ରାହୀଙ୍କ ଆଦର୍ଶ ଜୀବନ ଶୈଳୀ, କାବ୍ୟକୃତି ସମ୍ପର୍କରେ ବିଷଦ ଭାବରେ ଆଲୋଚନା କରିଥିଲେ। ଗୀତିକାର ବିମଳ ପରିଡ଼ା ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ କବି ଭାବଗ୍ରାହୀଙ୍କୁ ଏକାଧାରରେ ଜଣେ ଆଦର୍ଶ ଶିକ୍ଷକ, ବିଶିଷ୍ଟ କବି, ସୁସାହିତ୍ୟିକ, ଚିତ୍ରକର, ଅଭିନେତା, ନାଟ୍ୟକାର, ସଙ୍ଗୀତ ନିର୍ଦ୍ଦେଶକ ଭାବରେ ଅଭିହିତ କରିଥିଲେ।

ପ୍ରାରମ୍ଭରେ ଲୋକକବି ଭାବଗ୍ରାହୀ ପରିଡ଼ା, କବି ପତ୍ନୀ ସରୋଜିନୀ ପରିଡ଼ା, ଚିର ସବୁଜ ଅକ୍ଷୟ ମହାନ୍ତି, ଭଜନ ସମ୍ରାଟ ଭିକାରୀ ବଳଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ କରାଯାଇ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ନିରୁପମା ଜେନା ଶ୍ରଦ୍ଧାଞ୍ଜଳି ସଙ୍ଗୀତ ଗାନ କରିଥିଲେ। ପ୍ରବକ୍ତା କୈଳାସ ରାଉତ, କବି ଅଶୋକ ସାହୁ, କବି ବିଷ୍ଣୁପ୍ରିୟା ସାମଲ, ବିକ୍ରମ ସାମଲ, ପ୍ରତାପ ସ୍ୱାଇଁ, ନାଟ୍ୟକାର ଭୀମସେନ ପ୍ରଧାନ, ବିପିନ ପରିଡ଼ା, ଅଖିଳ ସ୍ୱାଇଁ, କବି ଗଗନ ବିହାରୀ ଜେନା, ଶଙ୍କର୍ଷଣ ସାହୁ, ମାଧବ ମଳିକ, ଗୌତମ ସ୍ୱାଇଁ, ଉତ୍ତମ ପରିଡା, ଭାଗବତ ଷଡ଼ଙ୍ଗୀ, ଆଶିଷ ପରିଡା, ସ୍ୱର୍ଣ୍ଣକାନ୍ତ ପରିଡା, ବିଜୟ ଦାସ, ବାସନ୍ତୀ ମହାପାତ୍ର, ରେଡ଼ିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡା, ଅଙ୍କିତା ପରିଡ଼ା, ଭାଗ୍ୟଲକ୍ଷ୍ମୀ ପରିଡା, ଶୁଭଲକ୍ଷ୍ମୀ ପରିଡା, କବି ଅଜୟ ପାତ୍ର, ସାମ୍ବାଦିକ ପରେଶ ଦାସ, ଚିତ୍ତରଞ୍ଜନ ପ୍ରଧାନ, ସୋମନାଥ ସାହୁ , ସନ୍ତୋଷ ସ୍ୱାଇଁ, ଉତ୍ତମ ଦାସ ପ୍ରମୁଖ ଉପସ୍ଥିତ ରହି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ପ୍ରବଚକ ବିକ୍ରମ କେଶରୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ଡେରାବିଶ ମହାବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା




ଡେରାବିଶ,୨।୬(ସମିସ): ଡେରାବିଶ ବ୍ଲକ୍ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଡେରାବିଶ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଅଶ୍ୱିନୀ କୁମାର ପୃଷ୍ଟି, ରସାୟନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ବିକ୍ରମ କୁମାର ମହାନ୍ତି, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଶାନ୍ତନୁ କୁମାର ମାଟି, ମହାବିଦ୍ୟାଳୟର ମୁଖ୍ୟ କିରାଣି ପ୍ରଭାକର ବେହେରା, କନିଷ୍ଠ କିରଣି କିଶୋର ରଞ୍ଜନ କର ଓ ଲାବ୍ରୋଟୋରୀ ଆଟେଣ୍ଡାଣ୍ଟ କ୍ଷୀରୋଦ ଚନ୍ଦ୍ର ଲେଙ୍କା ଶନିବାର ଅବସର ଗ୍ରହଣ କରିଥିଲେ। ଏ ଉପଲକ୍ଷେ ମହାବିଦ୍ୟାଳୟ ସଭାଗୃହରେ ଶନିବାର ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କ ସମେତ କର୍ମଚାରୀ ଉପସ୍ଥିତ ରହି ବିଦାୟୀ ପ୍ରାଧ୍ୟାପକ ଓ କର୍ମଚାରୀଙ୍କ ମହାବିଦ୍ୟାଳୟ ପ୍ରତି ରହିଥିବା ବିଭିନ୍ନ ଅବଦାନ ସମ୍ପର୍କରେ ନିଜ ବକ୍ତବ୍ୟରେ କହିଥିଲେ। ଏ ଅବସରରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅବସର ଗ୍ରହଣ କରିଥିବା ସମସ୍ତ ପ୍ରାଧ୍ୟାପକ ଓ କର୍ମଚାରୀଙ୍କୁ ମାନପତ୍ର ଓ ଉପଢ଼ୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ବୃନ୍ଦାବନ ଦାସଙ୍କ ସଂଯୋଜନାରେ ଏହି ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିବାବେଳେ ଶେଷରେ ଅଧ୍ୟାପକ ବିଶ୍ୱଜିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

### ■ ରାଜନଗର ବ୍ଲକ୍‌ରେ ପ୍ରଶାସନିକ ଅଚଳାବସ୍ଥା

## ପାଗ ଭିଡୁ ଭିଡୁ ବଦଳି, ରାଜନଗରରେ ପୁଣି ନୂଆ ବିଡିଓ

ରାଜନଗର, ୨।୬(ସମିସ): ରାଜନଗର ବ୍ଲକରେ ପ୍ରଶାସନିକ ଅଚଳାବସ୍ଥା ଲାଗିରହିଛି। ଜଣେ ବିଡିଓ କିଛି ବୁଝିବା ପୂର୍ବରୁ ତାଙ୍କୁ ବଦଳି କରିଦିଆଯାଉଛି। ପାଗ ଭିଡୁ ଭିଡୁ କଚେରୀ ଖାଲି ଭଳି ରାଜନଗରକୁ ପ୍ରତି ମାସରେ ଜିଲ୍ଲା ପ୍ରଶାସନ ନୂଆ କାମଚଳା ବିଡିଓଙ୍କୁ ପଠାଉଛି। ରାଜନଗରରେ ଯେପରି ବିକାଶ ମୁହଁ ମାଡ଼ି ପଡିବ ସେଥିପାଇଁ ବୋଧେ ଜିଲ୍ଲା ପ୍ରଶାସନ କଳ ବଳ ଲଗାଇଦେଇଛି ବୋଲି ଚର୍ଚ୍ଚା ହେଉଛି। କାହିଁକି ରାଜନଗର ବ୍ଲକରେ ସ୍ଥାୟୀ ବିଡିଓ ନିଯୁକ୍ତି ଦିଆଯାଉନାହିଁ, ତାହାକୁ ନେଇ ପ୍ରଶ୍ନ ଉଠିଛି।

ଗତ ସେପ୍ଟେମ୍ବର ୨୫ ତାରିଖରେ ନିଶାନ ମିଶ୍ରଙ୍କ ଅନୁଗୋଳ ଜିଲ୍ଲା ପାଲଲହଡା ବ୍ଲକ୍‌କୁ ବଦଳି ହୋଇଥିଲା। ଅକ୍ଟୋବର ୩୦ ତାରିଖ ଦିନ ରିଲିଭର ଆସି ନ ଥିବାବେଳେ ଅଚାନକ କେନ୍ଦ୍ରାପଡ଼ା ଜିଲ୍ଲାପାଳ ବିଡିଓ ଶ୍ରୀ ମିଶ୍ରଙ୍କୁ ରିଲିଭ କରିଦେଲେ। ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ଶାରଦା ପ୍ରସନ୍ନ ନାୟକଙ୍କୁ ନଭେମ୍ବର ୬ ତାରିଖ ଯାଏଁ ବିଡିଓ ଦାୟିତ୍ୱ ଦିଆଗଲା। ନଭେମ୍ବର ୬ ତାରିଖ ଦିନ ପଟ୍ଟାମୁଣ୍ଡାଇ ପୌରପାଳିକା ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି ରାଜନଗର ବିଡିଓ ଦାୟିତ୍ୱ ନେଲେ। ଜାନୁଆରୀ ୧୦ ତାରିଖ ଦିନ ରାଜନଗର ବିଡିଓ ଭାବେ ଶୋଭନ ଶ୍ରୀତମ ପଣ୍ଡା ଦାୟିତ୍ୱ ନେଲେ। ହଠାତ ବିଡିଓ ଶ୍ରୀ ପଣ୍ଡା ଉଭାନ ହୋଇଗଲେ। କେନ୍ଦ୍ରପଡ଼ା ଏବିଡିଓ ଅନିରୁଦ୍ଧ ବେହେରାଙ୍କୁ ରାଜନଗର ବ୍ଲକର କାମଚଳା ବିଡିଓ ଭାବେ ଦାୟିତ୍ୱ ଦିଆଗଲା। ୧୫ ଦିନ ପରେ ପୁଣି ଶୋଭନ ଶ୍ରୀତମ ପଣ୍ଡା କାର୍ଯ୍ୟରେ ଯୋଗଦେଲେ। ମାତ୍ର ରାଜନଗର ବ୍ଲକ୍‌ରେ ଅଧିକ ରାଜନୈତିକ ହସ୍ତକ୍ଷେପ ଯୋଗୁଁ ମାର୍ଚ୍ଚ ୨୫ ତାରିଖରେ ଛୁଟିରେ ଚାଲିଗଲେ। ଏହାପରେ ଜିଲ୍ଲା ପ୍ରଶାସନ ପକ୍ଷରୁ କେନ୍ଦ୍ରାପଡ଼ା ଡେପୁଟି କଲେକ୍ଟର ରବିନାରାୟଣ ଆଚାର୍ଯ୍ୟଙ୍କୁ ୨୫ ମାର୍ଚ୍ଚରେ ରାଜନଗର ବିଡିଓ ଦାୟିତ୍ୱ ଦିଆଗଲା। ଆଜି ପୁଣି ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କୁ ହଟାଇ ଦିଆଯାଇ କେନ୍ଦ୍ରାପଡ଼ା ଏବିଡିଓ ଅନିରୁଦ୍ଧ ନାୟକଙ୍କୁ କାମଚଳା ଦାୟିତ୍ୱ ଦିଆଯାଇଛି। ଫଳରେ ରାଜନଗର ବ୍ଲକ୍‌ରେ ୧୫ ଦିନ ମାସେରେ ବିଡିଓ ବଦଳିବା ଘଟଣା ସବୁ ମହଲକୁ ଆଚମ୍ବିତ କରିଛି।

### ରାଜନଗରରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ

## ୬ରେ ଥାନା ଆଗରେ ଧାରଣା ଦେବେ ସରପଞ୍ଚ , ସମିତି ସଭ୍ୟ

ରାଜନଗର,୨।୬(ସମିସ): ରାଜନଗର ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ବିଗିଡ଼ିଗଲାଣି। ସାଧାରଣ ଲୋକ ଦୂରର କଥା ଲୋକ ପ୍ରତିନିଧିଙ୍କୁ ସମ୍ମାନ ମିଳୁନି। ଲୋକ ପ୍ରତିନିଧିଙ୍କ ବଦଳରେ ସରକାରୀ ଦଳର କର୍ମୀଙ୍କ କଥା ଶୁଣାଯାଉଛି। ଏହାବ୍ୟତୀତ ରାଜନଗର ବ୍ଲକ୍‌ରେ ଥିବା ବାତ୍ୟା ଆଶ୍ରୟସ୍ଥଳୀର ଆସିଥିବା ଅର୍ଥ ରାଶିକୁ ସରକାରୀ ନୀତି ନିୟମ ଆଧାରରେ ବାତ୍ୟା ଆଶ୍ରୟସ୍ଥଳ କମିଟି ମରାମତି କାମ କରୁଥିବାବେଳେ କୌଣସି କାରଣ ନ ଥାଇ କିଛି ଅସମାଜିକ ଯୁବକ ଜୋର ଜବରଦସ୍ତ କାମ କରିବା ଯୋଗୁଁ ଆଇନଶୃଙ୍ଖଳା ପରିଷ୍ଥିତ ସୃଷ୍ଟି ହୋଇଛି। ହାତିନା ପଞ୍ଚାୟତର ପେଣ୍ଠ ବାତ୍ୟା ଆଶ୍ରୟସ୍ଥଳୀରେ ପରିଚାଳନା କମିଟିର ସଦସ୍ୟମାନେ କାମ କରୁଥିବାବେଳେ କିଛି ଅସମାଜିକ ଯୁବକ ବାତ୍ୟା ଆଶ୍ରୟସ୍ଥଳୀରେ ରାତିରେ କବାଟ ଭାଙ୍ଗି ପଶି ବିଭିନ୍ନ ସାମଗ୍ରୀ ଚୋରି କରିନେଇଛନ୍ତି। ପରିଚାଳନା କମିଟି ପକ୍ଷରୁ ରାଜନଗର ଥାନାରେ ଅଭିଯୋଗ କରାଯାଇଥିଲେ ମଧ ଅଭିଯୁକ୍ତଙ୍କୁ ଗିରଫ କରାଯାଉନାହିଁ। ଏହି ଘଟଣାକୁ ନେଇ ରାଜନଗର ବ୍ଲକର ସରପଞ୍ଚ ଓ ସମିତି ସଭ୍ୟ ଲିଖିତ ଭାବେ ଆଇଆଇସିଙ୍କୁ ଜଣାଇଛନ୍ତି। ଚଳିତ ମାସ ୬ ତାରିଖଠାରୁ ସରପଞ୍ଚ ଓ ସମିତି ସଭ୍ୟ ରାଜନଗର ଥାନା ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିବେ ବୋଲି ଜଣାଇଛନ୍ତି। ୨୫ରୁ ଉର୍ଦ୍ଧ୍ୱ ସମିତି ସଭ୍ୟ ଓ ସରପଞ୍ଚଙ୍କ ଦସ୍ତଖତ ସମ୍ବଳିତ ଏହି ଲେଖା କେନ୍ଦ୍ରପଡ଼ା ଜିଲ୍ଲାପାଳ, ଏସପିଙ୍କୁ ପ୍ରଦାନ କରାଯାଇଛି।

## ଜନଶକ୍ତି ହାଇସ୍କୁଲରେ ମାଗଣା ସ୍ୱାସ୍ଥ୍ୟ ମେଳା



ମାର୍ଶାଘାଇ,୨।୬(ସମିସ): ମାର୍ଶାଘାଇ ବ୍ଲକ ପେଣ୍ଠ ଜନଶକ୍ତି ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ସାଇ ଶ୍ରଦ୍ଧା ଟ୍ରଷ୍ଟ ଓ କଟକ ଅର୍ବାନ ହସ୍‌ପିଟାଲର ମିଳିତ ସହଯୋଗରେ ମାଗଣା ସ୍ୱାସ୍ଥ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ଯୋଗଦେଇ ସ୍ୱାସ୍ଥ୍ୟ ମେଳାକୁ ଉଦ୍‌ଘାଟନ କରିଥିଲେ। ଭଲ ଦିନରେ ମନ୍ଦିର ପ୍ରତିଷ୍ଠା ଓ ମାଗଣା ସ୍ୱାସ୍ଥ୍ୟମେଳା ଆୟୋଜନ ଦ୍ୱାରା ଗରିବ ନିଷ୍ପେସିତ ଲୋକଙ୍କୁ ସହାୟତା ମିଳିଛି। ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସୁଧାଂଶୁ ଶେଖର ରାୟ, ସୁକାନ୍ତ ଦ୍ୱିବେଦୀ, ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ଅକ୍ଷୟ କୁମାର ସ୍ୱାଇଁ, ନିର୍ମଳ କୁମାର ବେଉରା, ପ୍ରଧାନଶିକ୍ଷକ ନିରଞ୍ଜନ ମହାରଣା, ବରିଷ୍ଠ ଶିକ୍ଷକ ଦିଲ୍ଲୀପ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। କଟକ ଅର୍ବାନ ହସ୍‌ପିଟାଲର ଅଭିଜ୍ଞ ବିଶେଷଜ୍ଞ ଡାକ୍ତର ସୂର୍ଯ୍ୟ ମହାନ୍ତି, ଡାକ୍ତର ଅଶୋକ କୁମାର ମହାନ୍ତି, ଡାକ୍ତର ନିରଞ୍ଜନ ସାମଲ, ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ରଞ୍ଜନ କୁମାର ବେହେରା ପ୍ରମୁଖ ଯୋଗାଦେଇ ୨୦୦ ରୋଗୀଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବଣ୍ଟନ କରିଥିଲେ। ସାଇ ଶ୍ରଦ୍ଧା ଟ୍ରଷ୍ଟ ପକ୍ଷରୁ ପ୍ରତ୍ୟେକ ବର୍ଷ ମାଗଣା ସ୍ୱାସ୍ଥ୍ୟ ସେବା ଆୟୋଜନ କରି ନିଷ୍ପେସିତଙ୍କ ନିକଟରେ ମାଗଣା ଚିକିତ୍ସା ସୁବିଧା ପହଞ୍ଚାବା ଲକ୍ଷ୍ୟ ରଖାଯାଇଛି ବୋଲି ସାଇ ଶ୍ରଦ୍ଧା ଟ୍ରଷ୍ଟ ସଭାପତି ସଞ୍ଜୟ କୁମାର ସ୍ୱାଇଁ କହିଛନ୍ତି। ଏ ଅବସରରେ ପ୍ରତ୍ୟେକ ଚକ୍ଷୁ ରୋଗୀଙ୍କୁ ମାଗଣା ଚଷମା ବଣ୍ଟନ କରାଯାଇଛି । ସାଇ ଶ୍ରଦ୍ଧା ଟ୍ରଷ୍ଟ ସଭାପତି ସଞ୍ଜୟ କୁମାର ସ୍ୱାଇଁ, ସମ୍ପାଦକ ପ୍ରଦୀପ ପରିଡ଼ା, ଉତ୍କଳ କେଶରୀ ମଲ୍ଲ, ଖଗେଶ୍ୱର ମହାନ୍ତି, ଭଞ୍ଜକିଶୋର ବେହେରା, ତନ୍ମୟ ସ୍ୱାଇଁ, ଧିରେନ ମୁଦୁଲି, ଦେବାଶିଷ ସାମଲ, ଜ୍ୟୋତିର୍ମୟ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ଛତାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ଦାବି

ଡେରାବିଶ,୨।୬(ସମିସ): ଡେରାବିଶ ବ୍ଲକ୍ ଅନ୍ତର୍ଗତ ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ କଡ଼ରେ ସରକାରଙ୍କ ପକ୍ଷରୁ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯିବ। ଏଥିପାଇଁ ୧ ଏକରରୁ ଉର୍ଦ୍ଧ୍ୱ ସରକାରୀ ଜମିରେ ଏହି କାର୍ଯ୍ୟ ହେବ। ତେବେ ଏହି ବସ୍‌ଷ୍ଟାଣ୍ଡକୁ ଡେରାବିଶ ବ୍ଲକ୍‌ର ପ୍ରମୁଖ ସ୍ଥାନ ଚାଟରାଚକଡ଼ ପଞ୍ଚାୟତ ଅନ୍ତର୍ଗତ ଛତାଠାରେ ନିର୍ମାଣ କରାଯିବାକୁ ଜନଶକ୍ତି ପାର୍ଟି ପକ୍ଷରୁ ଦାବି ହୋଇଛି। ଏ ସମ୍ପର୍କରେ ପୂର୍ବରୁ ଜିଲ୍ଲା ଚାଷୀ ଶ୍ରମିକ ସଂଘର କର୍ମକର୍ତ୍ତା ଛତାଠାରେ ଏହି ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ଦାବି କରିଆସୁଛନ୍ତି।

ଆଜି ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ବରିଷ୍ଠ ଆଇନଜୀବୀ ପ୍ରଦୀପ ଦାଶ ଏକ ପ୍ରେସ୍ ବିବୃତିରେ ଜିଲ୍ଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ଛତାଠାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ଦାବିକୁ ସମର୍ଥନ କରିଛନ୍ତି। ଏଥିସହିତ ଏହି ଅଞ୍ଚଳରେ ତହସିଲ, ସବ୍‌ରେଜିଷ୍ଟ୍ରାର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କେନ୍ଦ୍ରାପଡ଼ା ପଲିଟେକ୍ନିକ୍, ଡେରାବିଶ ମହିଳା ମହାବିଦ୍ୟାଳୟ, ଜଳସେଚନ ଉପଖଣ୍ଡ କାର୍ଯ୍ୟାଳୟ, ବ୍ଲକ ମୁଖ୍ୟ ପଶୁ ଚିକିତ୍ସାଳୟ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ରହିଥିବାରୁ ବ୍ଲକ୍ ଅନ୍ତର୍ଗତ ୨୬ଟି ପଞ୍ଚାୟତର ଜନସାଧାରଣ ସବୁଦିନେ ଏହି ସ୍ଥାନକୁ ଯାତାୟାତ କରିଥା'ନ୍ତି । ଏଥିସହିତ ଏହି ସ୍ଥାନରେ ଜାତୀୟ ରାଜପଥ କଡ଼ରେ ପ୍ରଚୁର ମାତ୍ରାରେ ସରକାରୀ ଜମି ରହିଛି। ଯାହାକି ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇପାରିବ। ତେଣୁ ଏଠାରେ ସରକାରଙ୍କ ପକ୍ଷରୁ ବସ୍‌ଷ୍ଟାଣ୍ଡ ନିର୍ମାଣ ହେଲେ କେବଳ ଡେରାବିଶ ବ୍ଲକର ଜନସାଧାରଣ ଉପକୃତ ହୋଇପାରିବେ ତାହା ନୁହେଁ, ପଡ଼ୋଶୀ ଯାଜପୁର ଜିଲ୍ଲା ଓ କେନ୍ଦ୍ରାପଡ଼ା ବ୍ଲକ୍‌ର ଜନସାଧାରଣ ଉପକୃତ ହୋଇପାରିବେ। ତେଣୁ ସରକାର ଏହାକୁ ହୃଦୟଙ୍ଗମ କରି ତୁରନ୍ତ ଛତାରେ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ଶ୍ରୀ ଦାଶ ଦାବି କରିଛନ୍ତି।

### ମିଳିତ ଜନଅଭିଯୋଗ ଶୁଣାଣି ଶିବିର

## ୧୫୨ଟି ଅଭିଯୋଗର ଶୁଣାଣି କଲା ପ୍ରଶାସନ

କେନ୍ଦ୍ରାପଡ଼ା,୨।୬(ସମିସ):



କେନ୍ଦ୍ରାପଡ଼ା ସଦର ମହକୁମାରେ ଆଜି ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ଟାଉନ୍ ହଲରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିୟା, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ, କେନ୍ଦ୍ରାପଡ଼ା ବିଡିଓ ଅଭିଷେକ ସ୍ୱାଇଁ, ଡେପୁଟି କାଲେକ୍ଟର ତୃପ୍ତି ମହାନ୍ତି, କେନ୍ଦ୍ରାପଡ଼ା ପୌରପରିଷଦ ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି ଓ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ।

ଉକ୍ତ ଜନଅଭିଯୋଗ ଶୁଣାଣି ଶିବିରରେ ୧୫୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିରେ ୨୯ଟି ସାମୂହିକ ଓ ୧୨୩ଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ସମସ୍ତ ଅଭିଯୋଗର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ସାମୂହିକ ଅଭିଯୋଗ ମଧ୍ୟରେ ପାଟନାଳିରୁ ଦଳ ସଫା, ଭୂମିହୀନଙ୍କୁ ଜମି ପ୍ରଦାନ, ବସୁଧା ଯୋଜନାରେ ପାନୀୟଜଳ ଯୋଗାଣ, ରାସ୍ତା ଅବରୋଧ ହଟାଇବା, ବରିଷ୍ଠ ନାଗରିକ ପରିଚୟ ପତ୍ର ପ୍ରଦାନ ଆଦି ରହିଥିଲା। ସେହିପରି ବ୍ୟକ୍ତିଗତ ଅଭିଯୋଗରେ ସୁଭଦ୍ରା ଯୋଜନାରେ ଅର୍ଥରାଶି ପ୍ରଦାନ, ଆୟୁଷ୍ମାନ କାର୍ଡ ପ୍ରଦାନ, ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା, ବିଦ୍ୟୁତ ଟ୍ରାନ୍ସଫର୍ମର ବସାଇବା, ନୂତନ ରେଶନ କାର୍ଡରେ ନାମ ପଞ୍ଜୀକରଣ, କୁମ୍ଭୀର ଦାଉରୁ ରକ୍ଷା ପାଇଁ ଗାଧୁଆ ତୁଠ ନିର୍ମାଣ ଓ ମରାମତି, ବଗପାଟିଆବାସୀଙ୍କୁ ଥଇଥାନ, ବର୍ଷାଜଳ ନିଷ୍କାସନ, ରାଜସ୍ୱ ନିରୀକ୍ଷକଙ୍କ ବିରୋଧରେ ଅଭିଯୋଗ ଥିଲା। ଏ ଅବସରରେ ୧୩ ଜଣଙ୍କୁ ଚିକିତ୍ସା ସହାୟତା ବାବଦରେ ୬୭.୦୦୦ ଟଙ୍କାର ଅର୍ଥରାଶି ପ୍ରଦାନ ନିମନ୍ତେ ମଞ୍ଜୁର କରାଯାଇଥିଲା।

## ଚୋରା ବାଲି ଚାଲାଣ; ଟ୍ରାକ୍ଟର ଜବତ

କଣିହାଁ,୨।୬(ସମିସ): କଣିହାଁ ବ୍ଲକ ରେଙ୍ଗାଳି ଥାନା ଶୁଶୁବା ନଦୀଘାଟରୁ ବେଆଇନ ଭାବେ ବାଲି ଚାଲାଣ ବେଳେ ରବିବାର କଣିହାଁ ତହସିଲଦାର ଓ ତାଳଚେର ଖଣି ବିଭାଗ ମିଳିତ ଚଢ଼ଉ କରି ଗୋଟିଏ ଟ୍ରାକ୍ଟର ଜବତ କରିଛନ୍ତି। ରେଙ୍ଗାଳି ଥାନା ଅଞ୍ଚଳରେ ଥିବା ବାଲିଘାଟରୁ ବେଆଇନ ଭାବେ ପ୍ରତ୍ୟେକ ଦିନ ଶହ ଶହ ଟ୍ରିପ ବାଲି ଚୋରାଚାଲାଣ ହେଉଛି। ଏପରି ଚଢ଼ଉକୁ ଅଞ୍ଚଳବାସୀ ସ୍ୱାଗତ କରିଥିବା ବେଳେ ଆଗାମୀ ଦିନରେ ଚଢ଼ଉ ଜୋରଦାର କରାଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି।



## ପାଉଁଶ ଟ୍ୟାଙ୍କର ସଂସ୍ପର୍ଶରେ ଛିଣ୍ଡିଲା ବିଦ୍ୟୁତ୍ ତାର

କଣିହାଁ,୨।୬(ସମିସ): ସ୍ଥାନୀୟ ଗାନ୍ଧୀ ସ୍ମୃତିପୀଠ ବର ଛକରେ ରବିବାର ଏକ ପାଉଁଶ ଟ୍ୟାଙ୍କର ସଂସ୍ପର୍ଶରେ ଆସି ବିଦ୍ୟୁତ ତାର ଛିଣ୍ଡିଯାଇଛି। ରାତି ସାଢ଼େ ୯ଟାରେ ଏନଟିପିସି ଆଡୁ ଡେରେଙ୍ଗ ଜେଆଇପିଏଲ ପ୍ରକଳ୍ପ ଅଭିମୁଖେ ଟ୍ୟାଙ୍କରଟି ପାଉଁଶ ଆଣିବାକୁ ଯାଉଥିଲା। ବର ଛକରେ ରାସ୍ତା କ୍ରସିଂ ହୋଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସିବାରୁ ତାର ଛିଣ୍ଡି ରାସ୍ତାରେ ପଡ଼ିଥିଲା। ସ୍ଥାନୀୟ ଲୋକେ ଏ ସମ୍ପର୍କରେ କଣିହାଁ ବିଦ୍ୟୁତ ବିଭାଗକୁ ଜଣାଇବା ପରେ ବିଦ୍ୟୁତ ବିଚ୍ଛିନ୍ନ କରାଯାଇଥିଲା।



## ବଳଦେବଜୀଉ ମନ୍ଦିର ବଡ଼ପଣ୍ଡାଙ୍କ ପରଲୋକ



ପାଲଲହଡ଼ା,୨।୬(ସମିସ): ପାଲଲହଡ଼ା ଗଡ଼ଜାତର ସର୍ବପୁରାତନ ବଳଦେବଜୀଉ ମନ୍ଦିର ବଡ଼ପଣ୍ଡା ଉଦୟନାଥ ପାଣିଙ୍କର ରବିବାର ଅପରାହ୍ନରେ ପରଲୋକ ଘଟିଛି। ତାଙ୍କୁ ୬୩ ବର୍ଷ ବୟସ ହୋଇଥିଲା। ପାଣି ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ଗତ ୧୫ ଦିନ ହେଲା ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ତାଙ୍କ ଦେହାନ୍ତରେ ପାଲଲହଡ଼ା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ପୂର୍ବତନ ବିଧାୟକ ମୁକେଶ ପାଲ, ଦେବୋତ୍ତର ବିଭାଗ ମୁଖ୍ୟ ତଥା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ନିଜିଗଡ଼ ସରପଞ୍ଚ ଶଶିଭୂଷଣ ଆଚାର୍ଯ୍ୟ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ସୁଭଦ୍ରା ପଦିଲି ଦୁଷ୍କର୍ମ ଓ ହତ୍ୟାକାଣ୍ଡ ମାମଲା

# ଅପରାଧୀଙ୍କୁ କଠୋର ଦଣ୍ଡ ଦାବିରେ ଗଣ ସମାବେଶ

କଣିହାଁ,୨।୬(ସମିସ): ସୁଭଦ୍ରା ପଦିଲି ଦୁଷ୍କର୍ମ ଓ ହତ୍ୟାକାଣ୍ଡରେ ସମ୍ପୃକ୍ତ ସମସ୍ତ ଅପରାଧୀଙ୍କୁ କଠୋର ଦଣ୍ଡବିଧାନ ଦାବିରେ କଣିହାଁ ଥାନା ଅନ୍ତର୍ଗତ ନିଆଲୁ ଗ୍ରାମରେ ସୋମବାର ପୂର୍ବାହ୍ନରେ ଏକ ଗଣସମାବେଶ ଅନୁଷ୍ଠିତ ହୋଇଛି। ନାରୀ ନିର୍ଯ୍ୟାତନା ବିରୋଧୀ ଗଣ କମିଟି କଣିହାଁ ନେତୃତ୍ୱରେ ଅନୁଷ୍ଠିତ ଏହି ଗଣ ସମାବେଶରେ ନିଆଲୁ, ଲୋଧାଝରି, ସାପକଟା, ଖଜୁରିଆ, ଅନ୍ଧାରି, ଖାଲପାଳ, ବଜ୍ରକୋଟ, ବଳରାମପୁର, କାଳିଆଦମା, କତ୍ରାପାଲି, ପୋଡ଼ାଗଡ଼ ସମେତ ବ୍ଲକର ବହୁ ଗ୍ରାମର ମହିଳା, ଚାଷୀ, ଶ୍ରମିକ, ଛାତ୍ର, ଯୁବକ ଯୋଗଦେଇଥିଲେ। କମିଟିର ଅନ୍ୟତମ ଆବାହିକା ପ୍ରଗତି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାବେ ସମାଜସେବୀ ତଥା ବାଜିରାଉତ ଛାତ୍ରାବାସର ମୁଖ୍ୟ ଉପଦେଷ୍ଟା କ୍ରିଷ୍ଣା ମହାନ୍ତି ମୁଖ୍ୟଅତିଥି, ଅନୁଗୋଳ ଜନଜୀବନ ସୁରକ୍ଷା କମିଟି ଆବାହକ ତଥା ଅନୁଗୋଳ ବାର ଆସୋସିଏସନର ବରିଷ୍ଠ ଆଇନଜୀବୀ ପ୍ରମୋଦ କୁମାର ପ୍ରଧାନ ସମ୍ମାନିତ ଅତିଥି, ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନର ସର୍ବଭାରତୀୟ ସାଧାରଣ ସମ୍ପାଦିକା ଛବି ମହାନ୍ତି ମୁଖ୍ୟବକ୍ତା, ଓଡ଼ିଶା ରାଜ୍ୟ ସଭାନେତ୍ରୀ ସ୍ୱୟଂପ୍ରଭା ନାୟକ ଓ ନାରୀ ନିର୍ଯ୍ୟାତନା ବିରୋଧୀ ଗଣ କମିଟି ଅନୁଗୋଳ ଜିଲ୍ଲା ଆବାହିକା ସରୋଜିନୀ ନାୟକ, ବାଲିପଶି ସରପଞ୍ଚ ହାଡ଼ିବନ୍ଧୁ ସେଠୀ, ନିଆଲୁ ଗ୍ରାମ ସଭାପତି ନିରଞ୍ଜନ ସାହୁ ପ୍ରମୁଖ ଅନ୍ୟତମ ବକ୍ତା ଭାବେ ଯୋଗଦେଇଥିଲେ। ସୁଭଦ୍ରା ପଦିଲି ଦୁଷ୍କର୍ମ ଓ ହତ୍ୟାକାଣ୍ଡରେ ସମ୍ପୃକ୍ତ ସମସ୍ତ ଅପରାଧୀଙ୍କୁ କଠୋର ଦଣ୍ଡବିଧାନ ନିମନ୍ତେ ପୁଲିସ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ଅତିଥିମାନେ ଦୃଢ଼ ଦାବି କରିଥିଲେ। ସମାଜରେ ବୃଦ୍ଧି ପାଇ ଚାଲିଥିବା ନାରୀ ନିର୍ଯ୍ୟାତନା, ଅଶ୍ଳୀଳତା, ଅପସଂସ୍କୃତି, ମାଦକ ଦ୍ରବ୍ୟ କାରବାର ବନ୍ଦ କରିବା, ଦୁଷ୍କର୍ମ ଘଟଣାର ପ୍ରତିରୋଧ କରିବା ନିମନ୍ତେ ଐକ୍ୟବଦ୍ଧ ଆନ୍ଦୋଳନ କରିବାକୁ ସେମାନେ ଆହ୍ୱାନ ଦେଇଥିଲେ। ସୁଭଦ୍ରା ପଦିଲି ଦୁଷ୍କର୍ମ ଓ ହତ୍ୟାକାଣ୍ଡରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇ ନ ଥିବାରୁ ଜାନକୀ ସେଠୀ, ରୂପବତୀ ଗଡ଼ନାୟକ, ଗୀତାଞ୍ଜଳି ପ୍ରଧାନ, ମିଲି ସାହୁ, ରୁକ୍ମଣୀ ପଣ୍ଡା, ସୁରମା ହେମ୍ବ୍ରମ, ବାରି ନାଏକ, ସୁମିତ୍ରା ନାଏକ, ପାର୍ବତୀ ନାଏକ, ଦୁଃଶାସନ ସାମଲ ପ୍ରମୁଖ ଦୃଢ଼ ନିନ୍ଦା କରିବା ସହ ଆନ୍ଦୋଳନକୁ ଆହୁରି ଜୋରଦାର କରିବାକୁ ମତ ଦେଇଥିଲେ। ବ୍ଲକର ବିଭିନ୍ନ ଗ୍ରାମରେ ନାରୀ ନିର୍ଯ୍ୟାତନା ବିରୋଧୀ କମିଟି ଗଠନ କରି ମଦ, ଅପସଂସ୍କୃତି, ନାରୀ ନିର୍ଯ୍ୟାତନା ବିରୋଧରେ ଲଢ଼େଇ କରିବା ପାଇଁ ସମାବେଶରେ ଘୋଷଣା କରାଯାଇଛି। କମିଟିର ଅନ୍ୟତମ ଆବାହକ ସଦାଶିବ ସିଂହ, ଟୁନା ନାଏକ, ମିନତୀ ସାମଲ ସଭା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।




## ■ ସିଏମ୍ ଟ୍ରଫି ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

## କ୍ୱାର୍ଟର ଫାଇନାଲ୍‌ରେ ଅନୁଗୋଳ




ଅନୁଗୋଳ,୨।୬(ସମିସ): ଓଡ଼ିଶାର ଚାରିଟି ଜୋନରେ ସିଏମ ଟ୍ରଫି ଫୁଟବଲ ପ୍ରତିଯୋଗିତା ଚାଲୁ ରହିଛି। କେନ୍ଦୁଝର ଜୋନରେ ଖେଳୁଥିବା ଅନୁଗୋଳ ଦଳ ପ୍ରଥମେ ବାଲେଶ୍ୱରକୁ ୩-୦, ଦେବଗଡ଼କୁ ୨-୦ରେ ପରାସ୍ତ କରିବା ପରେ ରବିବାର ମୟୂରଭଞ୍ଜ ସହ ମ୍ୟାଚ୍ ଡ୍ର ରଖି କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛି। ମଙ୍ଗଳବାର ଅନୁଗୋଳ ଯାଜପୁର ସହ ଖେଳିବ। ଅନୁଗୋଳ କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ଡା. ଗୌର ଗୋବିନ୍ଦ ସାମନ୍ତ ଅନୁଗୋଳ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଦଳ ସେମିଫାଇନାଲ ଖେଳିବ ବୋଲି ଆଶା ରଖିଥିବା ପ୍ରକାଶ କରିଛନ୍ତି। ମୟୂରଭଞ୍ଜ ସହ ହୋଇଥିବା ଖେଳରେ ଅନୁଗୋଳର ବିଦେଶୀ ଡେଗି ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

# ବିଭିନ୍ନ ଶୈବପୀଠରେ ଶିବବିବାହ ଓ ଶୀତଳଷଷ୍ଠୀ ପାଳିତ







ଅନୁଗୋଳ,୨।୬(ସମିସ): ରାଣୀଗୋଡ଼ା ନୀଳକଣ୍ଠେଶ୍ୱର ମନ୍ଦିରରେ ଶିବବିବାହ ସମ୍ପନ୍ନ ହୋଇଛି। ରାଣୀଗୋଡ଼ାର ରାଜେନ୍ଦ୍ର କୁମାର ସାହୁ କନ୍ୟାପିତା ଓ ଶିମିଳିପଡ଼ା ଭାରତନଗରର ଅରୁଣ କୁମାର ରାଉତ ବରପିତା ଦାୟିତ୍ୱ ତୁଲାଇଥିଲେ। ମଧ୍ୟାହ୍ନରେ ବରଯାତ୍ରୀ ଶୋଭାଯାତ୍ରା ବାହାରିଥିଲା। ବାଜା ବାଣ ସହ ସୁସଜ୍ଜିତ ପଟୁଆର ମନ୍ଦିର ପର୍ଯ୍ୟନ୍ତ ଆସିବା ପରେ ହର ପାର୍ବତୀଙ୍କ ଦିବ୍ୟ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ହଜାର ହଜାର ଭକ୍ତଙ୍କୁ ଅନ୍ନ ପ୍ରସାଦ ବିତରଣ କରାଯାଇଥିଲା। ଭକ୍ତମାନେ ହରଗୌରୀଙ୍କ ଦର୍ଶନ କରି କୃପା ଲାଭ କରିଥିଲେ। ରାତିରେ ମଧ୍ୟ ଆକର୍ଷଣୀୟ ଶୋଭାଯାତ୍ରା ଗାଁ ପରିକ୍ରମା କରିଥିଲା। ଏହି ଅବସରରେ ମନ୍ଦିର ପ୍ରାଙ୍ଗଣରେ ତିନିଦିନ ଧରି ଦଣ୍ଡନୃତ୍ୟ ଅନୁଷ୍ଠିତ ହେବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

**କଣିହାଁ:** ବିଜିଗୋଳସ୍ଥିତ ମା' ଭୈରବୀ ପୀଠରେ ବାବା ବରାଳ ବାଲୁଙ୍କେଶ୍ୱରଙ୍କ ସହ ମାତା ପାର୍ବତୀଙ୍କ ଶୁଭବିବାହ ଅନୁଷ୍ଠିତ ହୋଇଛି। ଏନ୍‌ଟିପିସି ବାଇପାସ୍ ଛକଠାରୁ ବର ପକ୍ଷରୁ ପାରମ୍ପରିକ ବାଦ୍ୟଯନ୍ତ୍ର, ଶଙ୍ଖ, ଘଣ୍ଟ ଓ ଡିଜେ ସାଉଣ୍ଡ ସହ ନାଚଗୀତରେ ଶ୍ରଦ୍ଧାଳୁମାନେ ବିରାଟ ଶୋଭାଯାତ୍ରାରେ ଆଶ୍ରମ ଅଭିମୁଖେ ଯାତ୍ରା କରିଥିଲେ। ପୁରୋହିତ ଭାବେ ହରମୋହନ ମିଶ୍ର ଦାୟିତ୍ୱ ତୁଲାଇଥିଲେ। ସ୍ଥାନୀୟ ରଙ୍ଗବେଡ଼ା ଗାଁର ଦୀପକ କୁମାର ବାରିକ କନ୍ୟାପିତା ଓ ବିଜିଗୋଳ ଗ୍ରାମର ଗଣେଶ ଚନ୍ଦ୍ର ସାହୁ ବରପିତା ଦାୟିତ୍ୱ ତୁଲାଇଥିଲେ। ପରେ ବିଳମ୍ବିତ ରାତିରେ ମହାଦେବ ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ସମ୍ପନ୍ନ ହୋଇଥିଲା। ମା' ଭୈରବୀ ଆଶ୍ରମର ଏକଆମା ସଂଘ ପକ୍ଷରୁ ଶତାଧିକ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ଭଜହରି ମହାନ୍ତି, ରଞ୍ଜନ ମହାନ୍ତି, ଦଣ୍ଡଧର ସାହୁ, ଦିଲୀପ ମହାନ୍ତି, ପ୍ରଶାନ୍ତ କୁମାର ସାହୁ, ମନୋଜ ମହାନ୍ତି, ରମେଶ ବୈଶାଖୀ, ଗଣେଶ୍ୱର ବୈଶାଖୀ ସମେତ ବାରଡାଙ୍ଗୁଆ ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ବଡ଼ତ୍ରିବିଡ଼ା ଓଁକାରେଶ୍ୱର ମନ୍ଦିରରେ ଦେବଦମ୍ପତିଙ୍କ ବିବାହ ଉତ୍ସବ ପାଳିତ ହୋଇଛି। ଗ୍ରାମର ଶାନ୍ତନୁ ବେହେରା ବରପିତା ଏବଂ ବିଦ୍ୟାଧର ବେହେରା କନ୍ୟାପିତା ଦାୟିତ୍ୱ ତୁଲାଇଥିଲେ। ଅନୁରୂପ ଭାବେ ଟାଙ୍କୁଆ, ତାଳପଦା ଆଦି ଶୈବପୀଠରେ ରୀତିନୀତିରେ ଶିବବିବାହ ଉତ୍ସବ ଅନୁଷ୍ଠିତ ହୋଇଛି।

**ଆଠମଲ୍ଲିକ:** ଅନୁଗୋଳ ଜିଲ୍ଲା ଆଠମଲ୍ଲିକର ପ୍ରସିଦ୍ଧ ଶୈବପୀଠ ଦେଉଳଝରୀରେ ସିଦ୍ଧେଶ୍ୱର ବାବା ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି। କନ୍ୟାପିତା ଭାବେ ମାଳିପଦର ଅରୁଣ ଦେହୁରୀ ଓ ମାତା ଭାବେ ପ୍ରିୟଙ୍କା ଦେହୁରୀ, ବରପିତା ଭାବେ ଓଡ଼ସିଙ୍ଗା ଗ୍ରାମର ଉଦିତ ପରିଚ୍ଛା ଓ ମାତା ଭାବେ ଆରତୀ ପରିଚ୍ଛା ଦାୟିତ୍ୱ ତୁଲାଇଥିଲେ। ଶହଶହ ଭକ୍ତଙ୍କ ସମାଗମରେ ବରଯାତ୍ରୀ ବାହାରି ଭୋଜିଭାତ କରାଯାଇ ବିବାହ ଉତ୍ସବ ସମ୍ପନ୍ନ ହୋଇଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ଧାର୍ମିକ ପରିଚ୍ଛା ଓ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦେହୁରୀଙ୍କ ସହ ସମସ୍ତ ପୂଜକ ଓ ସଭ୍ୟ ଦେବବିବାହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଆଠମଲ୍ଲିକ ସହର ରାମେଶ୍ୱରପାଟଣାରେ ଥିବା ବାବା ରାମେଶ୍ୱର ମନ୍ଦିରରେ ମଧ୍ୟ ଶୀତଳଷଷ୍ଠୀ ତଥା ଶିବପାର୍ବତୀ ବିବାହ ଅନୁଷ୍ଠିତ ହୋଇଛି। କନ୍ୟାପିତା ଭାବେ ରଣଜିତ କୁମାର ମିଶ୍ର ଓ ମାତା ଭାବେ ସତ୍ୟଭାମା ମିଶ୍ର, ବରପିତା ଭାବେ ରମାକାନ୍ତ ଚନ୍ଦ ଓ ମାତା ଭାବେ ଗୀତାରାଣୀ ଚନ୍ଦ ବିବାହ ସମ୍ପନ୍ନ କରାଇଥିଲେ। ବରକନ୍ୟାଙ୍କୁ ପାଲିଙ୍କିରେ ବାଜାବାଣ ରୋଷଣୀରେ ନଗର ପରିକ୍ରମା କରାଯାଇଥିଲା।

**ଅନୁଗୋଳ:** ଅନୁଗୋଳ ଅମଲାପଡ଼ା ସର୍ପେଶ୍ୱର ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶୀତଳଷଷ୍ଠୀ ଆୟୋଜିତ ହୋଇଛି। ପ୍ରଦ୍ୟୁମ୍ନ ପ୍ରଧାନ ବରପିତା ଓ ଗୋପାଳ ଦାସ କନ୍ୟାପିତା ରୂପେ ଦିବ୍ୟ ଶୁଭପରିଣୟର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଦେବଦମ୍ପତିଙ୍କ ବିବାହ ସହ ବିରାଟ ଶୋଭାଯାତ୍ରା ସାହି ପରିକ୍ରମା କରିଥିଲା। ଘଣ୍ଟଘଣ୍ଟା, ଶଙ୍ଖ କାହାଳୀ ସାଙ୍ଗକୁ ନାମ ସଂକୀର୍ତ୍ତନରେ ଚତୁର୍ଦ୍ଦିଗ କମ୍ପିଥିଲା। ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶକ୍ତି ପଟ୍ଟନାୟକ, ଆଇନଜୀବୀ ପ୍ରଦୀପ କୁମାର ଦେବତା, ଲଣ୍ଡା ଦେବତା, ମାନସ ମହାନ୍ତି, ଦିଲୀପ ବିଶ୍ୱାଳ, ପଗୁ ମହାପାତ୍ର, ଅକ୍ଷୟ ବିଶ୍ୱାଳ, ମୁକୁନ୍ଦ ପାଳ ପ୍ରମୁଖ ସମାରୋହ ପରିଚାଳନା କରିଥିଲେ।



## ବିଶ୍ୱ ତମାଖୁ ବର୍ଜନ ଦିବସରେ କାମ ଦେଉନି କୋଟପା ନିୟମ

# ତମାଖୁମୁକ୍ତ ଗାଁ ଅଭିଯାନ ବାଟବଣା

ତାଳଚେରସଦର,୨।୬(ସମିସ): ପ୍ରତିଟି ଜୀବନ ମୂଲ୍ୟବାନ। ଏହି ଉକ୍ତିକୁ ଆଧାର କରି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନେକ ପଦକ୍ଷେପ ଗ୍ରହଣ କରାଯାଉଛି। ତମାଖୁ ବର୍ଜନ ଓ ସଚେତନତା କାର୍ଯ୍ୟକ୍ରମ ଆଦି ଅନେକ କାର୍ଯ୍ୟ ହାତକୁ ନିଆଯାଇଥିଲେ ହେଁ ଏହା ଫେଲ ମାରୁଥିବା ଦେଖାଯାଉଛି। ଏଥିପାଇଁ ସରକାରଙ୍କ କୋଟି କୋଟି ଟଙ୍କା ଖର୍ଚ୍ଚ କରି ହୋର୍ଡିଂ, ପୋଷ୍ଟର, ବ୍ୟାନର ସଚେତନତା ରାଲି ଇତ୍ୟାଦି କରୁଥିଲେ ମଧ୍ୟ ସଫଳତା ମିଳୁନାହିଁ। ସରକାରୀ ଅନୁଷ୍ଠାନଠାରୁ ଆରମ୍ଭକରି ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ସଚେତନତା ବାର୍ତ୍ତା ପ୍ରଦାନ କରୁଛନ୍ତି, ହେଲେ ଏ ସବୁ ବାର୍ତ୍ତା ସେହି ଦିନରେ ହିଁ ସୀମିତ ରହିଯାଉଛି। ତମାଖୁ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଲେଖାଯାଉଥିବା ସତ୍ତ୍ୱେ ଏହାର ବହୁଳ ବ୍ୟବହାର ଚାଲିଛି। ବିଶେଷ କରି ୭୮ ପ୍ରତିଶତରୁ ଅଧିକ ଲୋକ ତମାଖୁ ବ୍ୟବହାର କରୁଛନ୍ତି। ଏବେ ବିଭିନ୍ନ ଛକ ବଜାର ଶିକ୍ଷାନୁଷ୍ଠାନ ନିକଟ ତଥା ଷ୍ଟଲଗୁଡ଼ିକରେ ଖୋଲାଖୋଲି ଭାବେ ନିଶାଦ୍ରବ୍ୟ ବିକ୍ରି ହେଉଥିଲେ ମଧ୍ୟ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ପଡୁନାହିଁ। ସର୍ବସାଧାରଣ ସ୍ଥାନରେ ବୃଦ୍ଧଠାରୁ ଆରମ୍ଭ କରି ଯୁବଗୋଷ୍ଠୀ ଧୂମ୍ରପାନ କରୁଥିବା ଦେଖିବାକୁ ମିଳୁଛି। ଏଥିପାଇଁ କୋଟପା ଆଇନ ଏବେ ଶୀତଳ ଭଣ୍ଡାରରେ ପଡ଼ି ରହିଛି। ତମାଖୁ ଅଭିଯାନ ଏବେ ବାଟବଣା ହୋଇଛି। ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ତମାଖୁ ଏବେ ଖୁଲମଖୁଲା ବିକ୍ରି ହେଉଛି। ରାଜ୍ୟ ବାହାରୁ ତାଳଚେର ଅଞ୍ଚଳକୁ ୱାଗନ ଓ ଭାରୀଯାନରେ ଟ୍ରିପ୍ ଟ୍ରିପ୍ ତମାଖୁ ଆସୁଥିଲେ ହେଁ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ପରିତାପର ବିଷୟ ହୋଇଛି। ନିଶା ସେବନ ଯୋଗୁଁ ପାକସ୍ଥଳୀ କର୍କଟ, ଗଳାକର୍କଟ, ଯକୃତକର୍କଟ ଇତ୍ୟାଦି ମାରାତ୍ମକ ରୋଗ ହୋଇ ଜୀବନ ଚାଲିଯାଉଛି। ହୃଦରୋଗର ମଧ୍ୟ ଏହା ଏକ ପ୍ରମୁଖ କାରଣ। ତଥ୍ୟ ଅନୁସାରେ କେବଳ ତମାଖୁ ସେବନ ଯୋଗୁଁ ବର୍ଷକୁ ୧୦ ହଜାରରୁ ଅଧିକ ଲୋକ କର୍କଟ ରୋଗରେ ପୀଡ଼ିତ ହୋଇଥାନ୍ତି। ଖାଲି ଦିବସ ପାଳନ କଲେ ହେବନାହିଁ, ଏହାର ତଦାରଖ କରିବା ସହ ନିୟମିତ ବ୍ୟବଧାନରେ ଯାଞ୍ଚ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କଲେ କିଛି ମାତ୍ରାରେ ରୋକ୍ ଲଗାଯାଇ ପାରିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦେଇଛନ୍ତି।



## କୁମ୍ଭୀର ସଂରକ୍ଷଣ ନିମନ୍ତେ ୫୦ ବର୍ଷ ପୂର୍ତ୍ତି ପାଳନ

କିଶୋରନଗର,୨।୬(ସମିସ): ଆଠମଲ୍ଲିକ ବନଖଣ୍ଡ ଆଠମଲ୍ଲିକ ବନାଞ୍ଚଳ କୁମ୍ଭୀର ପ୍ରକଳ୍ପର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ୱର୍ଣ୍ଣ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ଆଠମଲ୍ଲିକ ବନାଞ୍ଚଳ କାର୍ଯ୍ୟାଳୟଠାରୁ ପତାକା କ୍ରିକେଟ ପଡ଼ିଆ ପର୍ଯ୍ୟନ୍ତ ସାଇକଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସେଠାରେ କ୍ରିକେଟ ଖେଳ ଅନୁଷ୍ଠିତ ହୋଇଥିଲା। ପରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ବନଖଣ୍ଡ ଅଧିକାରୀ ସନ୍ତୋଷ କପୁଲା, ଏସିଏଫ ଦିବ୍ୟଶଙ୍କର ମାଝି, ବନାଞ୍ଚଳ ଅଧିକାରୀ ସୁନୀଲ କୁମାର ସାହୁ, ପତକା ଡାହିମାଳ ବନ ସୁରକ୍ଷା ସମିତି କୋଷାଧ୍ୟକ୍ଷ ପ୍ରଦୀପ କୁମାର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆଠମଲ୍ଲିକ ବନଖଣ୍ଡ କ୍ରିକେଟ ଦଳର ସଚ୍ଚିଦାନନ୍ଦ ସେଠୀ, କମଳପୁର ଦଳର ସୁନୀଲ କୁମାର ଭୁକ୍ତ, ପତାକା ଡାହିମାଳ ଦଳର ଚିନ୍ମୟ ପ୍ରଧାନ ନେତୃତ୍ୱ ନେଇଥିଲେ। ଫାଇନାଲରେ କମାଳପୁରକୁ ପରାସ୍ତ କରି ହରିହରପୁର ଚାମ୍ପିଅନ ହୋଇଛି। ବନପାଳ ପୁଷ୍ପମିତ୍ରା ସିଂହ, ବୈଜୟନ୍ତୀ ନାୟକ, ବନରକ୍ଷୀ ଦୀପକ ବେହେରା, ସଂଯୋଜକ ଦେବାନନ୍ଦ ନାୟକ, ବାସୁଦେବ ଚଉଳିଆ, ସହଯୋଗୀ ସଂସ୍ଥା ବିଶ୍ୱ ଯୁବକେନ୍ଦ୍ରର ବସନ୍ତ କୁମାର ସାହୁ, ବିକାଶ ଅଧିକାରୀ, ନିଲମ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ଘରୁ ନାଗସାପ ଉଦ୍ଧାର



ବଇଣ୍ଡା,୨।୬(ସମିସ): କିଶୋରନଗର ବ୍ଲକ ହଣ୍ଡପା ଥାନା ପାପସରା ଗ୍ରାମର ମନୋଜ ଭୋଇଙ୍କ ଘରୁ ରବିବାର ଏକ ନାଗସାପ ଉଦ୍ଧାର କରାଯାଇଛି। ଏ ନେଇ ମନୋଜ ସାପ ଉଦ୍ଧାରକାରୀ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥଙ୍କୁ ସୂଚନା ଦେଇଥିଲେ। ସିଦ୍ଧେଶ୍ୱର ମନୋଜଙ୍କ ଘରେ ପହଞ୍ଚି ସୁରକ୍ଷିତ ଅବସ୍ଥାରେ ସାପକୁ ଉଦ୍ଧାର କରିଥିଲେ। ପରେ ହଣ୍ଡପା ବନ ବିଭାଗ ଜରିଆରେ ସାପକୁ ନିକଟସ୍ଥ ଜଙ୍ଗଲରେ ଛଡ଼ା ଯାଇଛି।

## ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଖୋଲିଲା +୨ ବିଜ୍ଞାନ ଶ୍ରେଣୀ

ଅନୁଗୋଳ,୨।୬(ସମିସ): ସୋମବାର ଅନୁଗୋଳ ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମାଝିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ଯୋଗଦେଇଥିଲେ। ଚଳିତ ୨୦୨୫-୨୬ ଶିକ୍ଷାବର୍ଷ ଠାରୁ ବିଦ୍ୟାଳୟରେ ନୂତନ ଭାବେ +୨ ବିଜ୍ଞାନ ଶ୍ରେଣୀ ଖୋଲିବା ନିମନ୍ତେ ସରକାରଙ୍କ ତରଫରୁ ଅନୁମତି ପ୍ରଦାନ କରାଯାଇଥିବା ଅଧ୍ୟକ୍ଷ ପ୍ରକାଶ କରିଥିଲେ। ଏ ନେଇ ବୈଠକରେ କମିଟି ତରଫରୁ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରଯାଇଛି। ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୧୯୯୫ରେ ଖୋଲାଯାଇ ସ୍ଥାନୀୟ ଅଞ୍ଚଳରେ କଳା ଶିକ୍ଷା କ୍ଷେତ୍ରରେ ମାଇଲଖୁଣ୍ଟ ସୃଷ୍ଟି କରିପାରିଛି। ଶୃଙ୍ଖଳା ଏବଂ ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଶଂସା ଲାଭ କରିଛି ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। +୨ ପ୍ରଥମ ବର୍ଷ ବିଜ୍ଞାନ ଶ୍ରେଣୀରେ ନାମଲେଖା ନିମନ୍ତେ ବିଦ୍ୟାଳୟ କାର୍ଯ୍ୟାଳୟରେ ଯୋଗାଯୋଗ କରି ଅନଲାଇନ ଆବେଦନ କରିପାରିବେ। ଅଧିକ ବିବରଣୀ ନିମନ୍ତେ ଅଧ୍ୟକ୍ଷଙ୍କ ଦୂରଭାଷା ନଂ-୭୮୫୩୮୩୪୮୨୯ରେ ଯୋଗାଯୋଗ କରିବାକୁ ଅଧ୍ୟକ୍ଷ ଏକ ପ୍ରେସ ବିବୃତି ମାଧ୍ୟମରେ ଜଣାଇଛନ୍ତି।

# ବର୍ଷାଜଳ ନିଷ୍କାସନ ପାଇଁ ପଦକ୍ଷେପ ନେବାକୁ ବିଧାୟକଙ୍କ ନିର୍ଦ୍ଦେଶ

## ଅଚଳ ଉଠା ଜଳସେଚନ ପ୍ରକଳ୍ପ ତୁରନ୍ତ କାର୍ଯ୍ୟକାରୀ କରିବାକୁ ତାଗିଦ

ପାଲଲହଡ଼ା,୨।୬(ସମିସ)

ଶନିବାର ପାଲଲହଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅୟୋଜିତ ସମୀକ୍ଷା ବୈଠକରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ବର୍ଷାଜଳ ନିଷ୍କାସନର ସୁପରିଚାଳନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବର୍ଷାଦିନେ ପାଲଲହଡ଼ା ସହରର ବିଭିନ୍ନ ସ୍ଥାନ ଜଳମଗ୍ନ ହେଉଥିବା ବେଳେ ଡାକ୍ତରଖାନା ରୋଗୀ ପ୍ରକୋଷ୍ଠରେ ମଧ୍ୟ ବର୍ଷାଜଳ ଜମିଥାଏ। ତେଣୁ ଚଳିତ ବର୍ଷ ଯେପରି ଅସୁବିଧା ନ ହୁଏ ସେଥିପ୍ରତି ସମସ୍ତ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ସହରର ଶାସନ ସାହି, ବଜାର ସାହି, ଉପଖଣ୍ଡ ଡାକ୍ତରଖାନା, ରାଜବାଟୀ ସାହି ଆଦି ଅଞ୍ଚଳରେ ବିଗତ ଦିନରେ ବର୍ଷାଋତୁରେ ବର୍ଷାଜଳ ପଶିବା ଦ୍ୱାରା ଲୋକେ ଯେପରି ଅସୁବିଧାର ସମ୍ମୁଖୀନ ହେଉଥିଲେ ସେଭଳି ଅସୁବିଧା ଯେମିତି ଚଳିତ ବର୍ଷ ନ ହୁଏ ସେଥିପ୍ରତି ଧ୍ୟାନ ଦେବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ଷା ପୂର୍ବରୁ ସମସ୍ତ ଡ୍ରେନ ନିର୍ମାଣ, ସଫେଇ କାମ ସାରିବା ସହ ପାଣି ନିଷ୍କାସନ ପାଇଁ ବ୍ୟବସ୍ଥା କରିବାକୁ ବିଧାୟକ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସମସ୍ତ ଅସମ୍ପୂର୍ଣ୍ଣ ରାସ୍ତା କାମ ସମ୍ପୂର୍ଣ୍ଣ କରିବାକୁ କହିଛନ୍ତି। ବୈଠକରେ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାଏକ, ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ତହସିଲଦାର ଆକାଂକ୍ଷା ମହାପାତ୍ରଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ରାଜପଥ ଡାକବଙ୍ଗଳାଠାରେ ଉଠାଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ଡାକି ଉପଖଣ୍ଡରେ କେତେ ଉଠାଜଳସେଚନ ପ୍ରକଳ୍ପ ଅଛି, କେତେ କାର୍ଯ୍ୟକ୍ଷମ ଏବଂ କେତେ ଅଚଳ ରହିଛି ତାହାର ସମୀକ୍ଷା କରିଥିଲେ ବିଧାୟକ। ଉପଖଣ୍ଡ ଉଠାଜଳସେଚନ କାର୍ଯ୍ୟାଳୟ କେବେ ଖୋଲାଯାଉ ନ ଥିବାରୁ ବିଧାୟକ କ୍ଷୋଭ ପ୍ରକାଶ କରିବା ସହ ପ୍ରତ୍ୟେକ ମଙ୍ଗଳବାର କାର୍ଯ୍ୟାଳୟରେ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ରହି ଲୋକଙ୍କ ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତୁରନ୍ତ ଅଚଳ ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଥିଲେ।



## ତାଏକ୍ୱୋଣ୍ଡୋ କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିର

ଅନୁଗୋଳ,୨।୬(ସମିସ): ଓଁ ମା' ବାସନ୍ତୀ ତାଏକ୍ୱୋଣ୍ଡୋ କ୍ଲବ୍ ପକ୍ଷରୁ ଅନୁଗୋଳ ରକ୍ତଭଣ୍ଡାରରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ଆୟୋଜକ ଅନୁଗୋଳ ତାଏକ୍ୱୋଣ୍ଡୋ ସଂଘ ଓ ମା' ବାସନ୍ତୀ ତାଏକ୍ୱୋଣ୍ଡୋ କ୍ଲବ୍ ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ। ମା' ବାସନ୍ତୀ ଖେଳ ପଡ଼ିଆରେ ତାଏକ୍ୱୋଣ୍ଡୋ ଛାତ୍ରଛାତ୍ରୀଙ୍କ ଅଭ୍ୟାସ ପାଇଁ ସୁବିଧା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସଂଘ ଉପସଭାପତି ଓ ପୂର୍ବତନ ନଗରପାଳ ଶକ୍ତିପ୍ରସାଦ ପଟନାୟକ, ପର୍ଶୁରାମ ଦାସ, ଉପଦେଷ୍ଟା ଆଇନଜୀବୀ ପ୍ରଦୀପ କୁମାର ଦେବତା, ସଞ୍ଜୟ କୁମାର ମହାପାତ୍ର, ସ୍କୋଏ ମାର୍ଶାଲ ଆର୍ଟର ସଭାପତି ଆଇନଜୀବୀ ଦ୍ୱାରିକା ପ୍ରସାଦ ନନ୍ଦ, ସମାଜସେବୀ ପଦ୍ମାକ୍ଷୀ ସିଂହ, ଲଳିତ ମୋହନ ମହାପାତ୍ର ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଅନୁଗୋଳ ତାଏକ୍ୱୋଣ୍ଡୋ ସଂଘ ପ୍ରତିଷ୍ଠାତା ଓ ସମ୍ପାଦକ ଦୁଷ୍ୟନ୍ତ କୁମାର ନାଥଙ୍କ ତତ୍ତ୍ୱାବଧନରେ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଜାତୀୟ ଖେଳାଳି ତଥା କନ୍ୟାରତ୍ନ ପୁରସ୍କାରପ୍ରାପ୍ତ ଯସ୍ମିନ ସାହୁ, ବିଶ୍ୱଜିତ ସାହୁ, ଚିତ୍ତରଞ୍ଜନ ମହନ୍ତ, ଶ୍ରୀୟାଶ୍ରୀ ପ୍ରଧାନ, ସ୍ୱାତି ସ୍ୱାଗତିକା ଦାସ, ଶ୍ରଦ୍ଧାଞ୍ଜଳି ସ୍ୱାଇଁ, କାବ୍ୟା ଦାସ ସହଯୋଗ କରିଥିଲେ।



# ସମ୍ପାଦକୀୟ



ମୁଁ ଯେଉଁ 'ୱେବ୍ ଦୁନିଆ' ର ପରିକଳ୍ପନା କରିଥିଲି, ତାହା ଏପର୍ଯ୍ୟନ୍ତ ବାସ୍ତବ ରୂପ ନେଇନାହିଁ। ଏବେ ମଧ୍ୟ ଆମର ଭବିଷ୍ୟତ ଆମର ଅତୀତ ଅପେକ୍ଷା ବୃହଦାକାର ରୂପେ ଉଭା ହୋଇ ରହିଛି।
-ଟିମ୍ ବର୍ଣର୍ସ ଲୀ

ସକାଳ
THE SAKALA

## ଅର୍ଥନୀତି, ମନ୍ଥର ନା ପ୍ରଖର

ସମୟ ବଦଳିଛି। ବଦଳିଛି ଆମ ବ୍ୟବସ୍ଥା। ଆନୁଗତ୍ୟ ଓ ଅନୁଶୀଳନ ମଧ୍ୟରେ ସଂପର୍କ ଏମିତି ଯୋଡ଼ି. ହୋଇଗଲାଣି ଯେ ସତ ଓ ମିଛକୁ ବାରି ହେଉନି। ଭଲ ଓ ମନ୍ଦ ନିର୍ବିଶେଷର ଏବେ କୁହୁଡ଼ି ପହଁରିବାକୁ ଆମେ ଆଦରି ନେଇଛେ। ସବୁ ବ୍ୟବସ୍ଥିତ ପ୍ରଚାରତନ୍ତ୍ର ସତକୁ ମିଛ ଓ ମିଛକୁ ସତ କହିଲେ ବି କିଛି ଫରକ ପଡୁନି। ଆମ ଆନୁଗତ୍ୟ ତାହାକୁ ବିଶ୍ୱାସ କରିବା ପାଇଁ ବାଧ୍ୟ କରୁଛି। ଏକଥା ସତ ଯେ ସବୁକଥା ଘୂରେଇ ଫେରେଇ କହି ଜାଣିଲେ ଜଗତ ଜିତା ହେବ। ଖୋଲୁ ଗୁମର, ତା'କୁ ପୁଣି ଲିପାପୋଛା କରି ଚହଟ ଚିକ୍କଣ କରିଦେବାନି। ଏଇ ଯେମିତି ଆମ ଅର୍ଥନୀତି ଦୌଡୁଛି। ଅତିକ୍ରମଣ ଆମ ସହଜାତ ପ୍ରବୃତ୍ତି। ଜାପାନ୍‌କୁ ପଛରେ ପକାଇ ଆମେ ଏବେ ବିଶ୍ୱର ଚତୁର୍ଥ ଅର୍ଥନୀତି। ଅଥଚ ଆମ ଅଭିବୃଦ୍ଧି ହାର ଗତ ୪ ବର୍ଷ ମଧ୍ୟରେ ସବୁଠାରୁ ନିମ୍ନସ୍ତରରେ ପହଞ୍ଚିଛି। ଜାତୀୟ ପରିସଂଖ୍ୟାନ ବିଭାଗର ଏହି ତଥ୍ୟକୁ ଆମେ ଅସ୍ୱୀକାର କରିପାରିବାନି। ୨୦୨୪-୨୫ ଆର୍ଥିକ ବର୍ଷର ଚତୁର୍ଥ ତୈମାସିକ ରିପୋର୍ଟରେ ଆଶାଠାରୁ ଅଧିକ ସଫଳତା ମିଳିଥିବାରୁ ଅଭିବୃଦ୍ଧି ହାର ୬.୫ ପ୍ରତିଶତ ହୋଇଛି।

ଗତ ଜାନୁଆରୀରୁ ମାର୍ଚ୍ଚ ମାସ ମଧ୍ୟରେ କ୍ରମାଗତ ରେପୋ ରେଟ ହ୍ରାସ ମାଧ୍ୟମରେ ବ୍ୟାଙ୍କର ସୁଧ କମିଥିବାରୁ ଅର୍ଥନୀତିରେ ଚଳଚଞ୍ଚଳ ଅନୁଭୂତ ହୋଇଛି। ଅର୍ଥନୈତିକ ବିଚାର ଦୃଷ୍ଟିରୁ କହିଲେ ରିଜର୍ଭ ବ୍ୟାଙ୍କ ମୁଦ୍ରା ପ୍ରଚଳନକୁ କିଛିଟା କଟକଣା ମୁକ୍ତ କରିଛନ୍ତି। ଏକଥା ସତ ଯେ ମୁଦ୍ରାସ୍ଫୀତି ହ୍ରାସ ଯୋଗୁଁ ଏହା ସମ୍ଭବ ହୋଇଛି। ଚତୁର୍ଥ ତୈମାସିକ ରିପୋର୍ଟ ଅନୁଯାୟୀ ଦେଶର ଅଭିବୃଦ୍ଧି ହାର ୭.୪ ପ୍ରତିଶତ ହାସଲ କରିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଅଭିବୃଦ୍ଧି ହାର ୯.୨ ପ୍ରତିଶତ ଥିବାବେଳେ ତାହା ଏବର୍ଷ. ୬.୫ ପ୍ରତିଶତକୁ ହ୍ରାସ ପାଇଛି। କରୋନା ମହାମାରୀ ପରବର୍ତ୍ତୀ ଆର୍ଥିକ ବର୍ଷଗୁଡ଼ିକରେ ଦେଶର ଅର୍ଥନୀତି ଦ୍ରୁତଗତିରେ ଅଭିବୃଦ୍ଧି ହାସଲ କରିଥିବା ବେଳେ ଚଳିତ ବର୍ଷର ମନ୍ଥରତା ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛି। ଏକଥା ସତ ଯେ ଆର୍ଥିକବର୍ଷ ଆରମ୍ଭରୁ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ଓ କଟକଣା ମଧ୍ୟରେ ପୁଞ୍ଜି ବିନିଯୋଗ ଓ କାର୍ଯ୍ୟାନ୍ୱୟନରେ ତାଳମେଳ ରହିଲାନି, ଯାହାର ପ୍ରତିକୂଳ ପ୍ରଭାବ ପଡ଼ିଥିଲା ଅର୍ଥନୀତି ଉପରେ। ବିଜେପିରୁ ପରିବର୍ତ୍ତିତ ହୋଇଥିବା ଏନ୍‌ଡିଏ ସରକାରଙ୍କ ପ୍ରାରମ୍ଭିକ ନୀତି ନିର୍ଦ୍ଧାରଣ ଆବଶ୍ୟକ ଗତିଶୀଳତା. ମଧ୍ୟ ହରାଇଥିଲା। ତେବେ ଶେଷ ପର୍ଯ୍ୟାୟରୁ ଅର୍ଥନୀତିର ଯେଉଁ ସକ୍ରିୟତା ପରିଲକ୍ଷିତ ହୋଇଛି ତାହା ଆଗକୁ ଅଧିକ ଗତିଶୀଳ ହେବ ବୋଲି ଆଶା କରାଯାଇଛି। ପୂର୍ବ ତିନିବର୍ଷର ଅଭିବୃଦ୍ଧି ରିପୋର୍ଟ ବେଶ ଉତ୍ସାହଜନକ ଥିଲା। ୨୦୨୧-୨୨ ରେ ୯.୭ ପ୍ରତିଶତ, ୨୦୨୨ – ୨୩ ରେ ୭.୯ ପ୍ରତିଶତ ଓ ୨୦୨୩-୨୪ ରେ ୯.୨୭ ପ୍ରତିଶତ ଅଭିବୃଦ୍ଧି ହାସଲ କରାଯାଇଥିବାରୁ ଆମ ଅର୍ଥନୀତି ଦ୍ରୁତଗତିରେ ଦୌଡୁଛି ଦାବି କରୁଥିବା ନେତାଙ୍କୁ ଏବର ରିପୋର୍ଟ ଏକ ଶକ୍ତି ପ୍ରହାର କହିଲେ ଭୁଲ ହେବନି।

ଏହି ଆର୍ଥିକ ଅଭିବୃଦ୍ଧିର କ୍ଷେତ୍ରୀୟ ସ୍ତର ସମ୍ପର୍କରେ ବିଚାର କଲେ ସ୍ପଷ୍ଟ ମନେ ହୁଏ ଯେ ଶିଳ୍ପ ଓ ବିନିର୍ମାଣ ସ୍ତରରେ ପରିଲକ୍ଷିତ ଶିଥିଳତା ଏହି ଦୁର୍ଗତିର ମୁଖ୍ୟକାରଣ। ଗ୍ରାମାଞ୍ଚଳରେ ଘରୋଇ ବ୍ୟବହାର କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ବେଶ ଉତ୍ସାହପ୍ରଦ ହୋଇଛି। ଏ କ୍ଷେତ୍ରରେ ୭.୨ ପ୍ରତିଶତ ଅଭିବୃଦ୍ଧି ପରିଲକ୍ଷିତ। ଅଥଚ ପୂର୍ବବର୍ଷ ଏହି ହାର ଥିଲା ୫.୬ ପ୍ରତିଶତ। ସେହିଭଳି କୃଷି ଉତ୍ପାଦନ ମଧ୍ୟ ବେଶ ବଢ଼ିଛି, ଯାହାକୁ କି ସରକାର କ୍ରମାଗତ ଭାବେ ଅବହେଳା କରିଚାଲିଛନ୍ତି। ପୂର୍ବବର୍ଷର ଅଭିବୃଦ୍ଧି ହାର ୨.୭ ପ୍ରତିଶତ ଥିବାବେଳେ ତାହା ୪.୬ ପ୍ରତିଶତକୁ ବୃଦ୍ଧିପାଇଛି। ଖାଉଟି ମୂଲ୍ୟସୂଚୀ ହ୍ରାସ ଘଟାଇବାରେ ଏହି ବର୍ଦ୍ଧିତ କୃଷି ଉତ୍ପାଦନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ରିଜର୍ଭବ୍ୟାଙ୍କ ଏହି ମୁଦ୍ରାସ୍ଫୀତି ହ୍ରାସ ଭିତ୍ତିରେ ହିଁ ସୁଧହାର ହ୍ରାସ କରିଛନ୍ତି। ସରକାର ନିକଟରେ ବିଭିନ୍ନ କୃଷି ଉତ୍ପାଦର ସର୍ବନିମ୍ନ ମୂଲ୍ୟ ନିର୍ଦ୍ଧାରଣ କରଛନ୍ତି। ଏହାକୁ ଆଇନଗତ ସ୍ୱୀକୃତି ପ୍ରଦାନ ସକାଶେ କୃଷକଙ୍କ ପକ୍ଷରୁ ଚାଲିଥିବା ଆନ୍ଦୋଳନ ପ୍ରତି ସରକାରଙ୍କ ଅବଜ୍ଞାସୂଚକ ମନୋଭାବ ଏବେ ମଧ୍ୟ ଅପରିବର୍ତ୍ତିତ ରହିଛି। ଜିଡିପି ବୃଦ୍ଧିରେ . କୃଷିର ଅବଦାନ କ୍ରମେ ନିର୍ଣ୍ଣାୟକ ହେଉଥିଲେ ମଧ୍ୟ ସରକାରଙ୍କ ଶିଳ୍ପ ପ୍ରତି ପ୍ରାଧାନ୍ୟ ଅତୁଟ ରହିଛି। ଜିଡିପିରେ ଶିଳ୍ପ ଓ ବିନିର୍ମାଣ କ୍ଷେତ୍ରରେ ଅବଦାନ ମାତ୍ର ୪.୫ ପ୍ରତିଶତରେ ସୀମିତ ରହିଛି। ଅଥଚ ପୂର୍ବ ଆର୍ଥିକ ବର୍ଷରେ ଏହି ହାର ଥିଲା ୧୨.୩ ପ୍ରତିଶତ। ସରକାର ବୃହତ୍ ଶିଳ୍ପ ସଂସ୍ଥା ହସ୍ତୀମାନଙ୍କୁ ୧୬ ଲକ୍ଷ କୋଟି ଟଙ୍କା ଋଣ ଛାଡ଼ କରିବା ସହ କର୍ପୋରେଟ୍ ଟିକସ ମଧ୍ୟ ହ୍ରାସ କରିଛନ୍ତି। ବିନିମୟରେ ସମ୍ପ୍ରସାରଣ ଓ ନିଯୁକ୍ତି ସୁଯୋଗ ସୃଷ୍ଟି ପ୍ରତି ଧ୍ୟାନ ନ ଦେଇ କର୍ପୋରେଟ୍ ସଂସ୍ଥା ନିଜର ଉପାର୍ଜନ ବଢ଼ାଇ ଚାଲିଛନ୍ତି। ଅଥଚ ଋଣଜାଲରେ ହନ୍ତସନ୍ତ ହୋଇ ଆତ୍ମହତ୍ୟା କରୁଥିବା ଚାଷୀଙ୍କ ପ୍ରତି ସରକାର ନିର୍ଦ୍ଦୟ ଓ ନିଷ୍କରୁଣ। ଦେଶର ଅର୍ଥନୀତି କାୟାବିସ୍ତାର କରିବା ପଛରେ ଯଦି ସରକାରଙ୍କ ନିର୍ଭରଶୀଳତା କେବେଳ କର୍ପୋରେଟ୍ ସଂସ୍ଥା ହୁଏ, ତେବେ ଏଥିରୁ ଦେଶର ବୃହତ୍ତର ବର୍ଗ କି ଫାଇଦା ପାଇବେ? ଏ ପ୍ରକାର ଅର୍ଥନୀତି କେବଳ ନିପୀଡ଼ନ ଓ ଶୋଷଣକୁ ପ୍ରୋତ୍ସାହିତ କରିବ।

ପ୍ରତିଦ୍ୱନ୍ଦ୍ୱୀ ବା ପ୍ରତିଯୋଗୀର ଆର୍ଥିକ ଅବନତି ଓ ଦୁର୍ଗତିରୁ ସୁଯୋଗ ନେବା ଅପେକ୍ଷା ନିଜର ଅର୍ଥନୀତିକୁ ଗତି ଦେଇ ଅଧିକ ଶକ୍ତିଶାଳୀ ବା ସମୃଦ୍ଧି କରିବା ଜରୁରୀ। ଆମ ଅର୍ଥନୀତି ୪ ଟ୍ରିଲିୟନ ଡଲାର ଅତିକ୍ରମ କରି ବିଶ୍ୱର ଚତୁର୍ଥ ଅର୍ଥନୀତି ହୋଇଛି। ସମସାମୟିକ ବିଶ୍ୱର୍ଥନୀତିକୁ ତର୍ଜମା କଲେ ସ୍ପଷ୍ଟ ମନେ ହୁଏ ଯେ ଜାପାନ୍ ଅର୍ଥନୀତି ଗତ ତିନିବର୍ଷ ଧରି ପ୍ରତିକୂଳ ପରିସ୍ଥିତି ଦେଇ ଗତି କରୁଛି। ସୁଧୁରିବା ପରିବର୍ତ୍ତେ ଦିନକୁ ଦିନ ଅର୍ଥନୀତି ବିଗୁଡୁ ଥିବାରୁ ଜାପାନ ଚତୁର୍ଥ ସ୍ଥାନରୁ ତଳକୁ ଖସିଆସିବା ସ୍ୱାଭାବିକ। ଏହି ପରିସ୍ଥିତି ଆମ ପାଇଁ ଚତୁର୍ଥ ସ୍ଥାନ ହାସଲ କରିବାକୁ ସୁଯୋଗ ସୃଷ୍ଟି କରିଛି। ଏହା ପଛରେ କୌଣସି ପ୍ରତିଯୋଗିତା ବା ପ୍ରତିଦ୍ୱନ୍ଦ୍ୱିତା ନଥିଲା। ତିନିବର୍ଷରେ ଆମେ ଜର୍ମାନୀକୁ ଅତିକ୍ରମ କରି ତୃତୀୟ ସ୍ଥାନ ହାସଲର ଯେଉଁ ଆସ୍ଫାଳନ କରାଯାଉଛି ସେଥିପାଇଁ ଆମର ପ୍ରାକ୍ ପ୍ରସ୍ତୁତି କ'ଣ? ସେ ଦିଗରେ ଅଗ୍ରଗତି ବିନା ନକ୍ସାରେ ହାସଲ କରିବା ଏତେ ସହଜ ନୁହେଁ। କେବଳ କର୍ପୋରେଟ ସଂସ୍ଥା ଆମକୁ ସେ ସ୍ଥିତିରେ ପହଞ୍ଚାଇ ଦେଇ ପାରିବେ ନି।

## ଶ୍ରୀଜଗନ୍ନାଥ ଧାମର ବୈଶିଷ୍ଟ୍ୟ ଓ ଶାସ୍ତ୍ରୀୟ ପ୍ରମାଣ

ଡ. ଭାରତ ଭୂଷଣ ରଥ

ଶ୍ରୀଜଗନ୍ନାଥ ସତ୍ୟ ଯୁଗର ଦେବତା। ସ୍କନ୍ଦ ପୁରାଣର ଉତ୍କଳ ଖଣ୍ଡ, ନୀଳାଦ୍ରି ମହୋଦୟ, କପିଳ ସଂହିତା, ବାମଦେବ ସଂହିତା ପ୍ରଭୃତି ପ୍ରାଚୀନ ଶାସ୍ତ୍ରାନୁଯାୟୀ, କୃତଯୁଗ ଅର୍ଥାତ୍ ସତ୍ୟଯୁଗରେ ଇନ୍ଦ୍ରଦ୍ୟୁମ୍ନ ନାମକ ଜଣେ ରାଜା ପୁରୁଷୋତ୍ତମ ଧାମରେ ଶ୍ରୀଜଗନ୍ନାଥଙ୍କୁ ପୂଜା କରିଥିଲେ। ମାଳବପ୍ରଦେଶରୁ ଶ୍ରୀବିଷ୍ଣୁଙ୍କର ଅନ୍ୱେଷଣରେ ଆସି ଇନ୍ଦ୍ରଦ୍ୟୁମ୍ନଙ୍କର ରାଜପୁରୋହିତଙ୍କର ଭ୍ରାତା ବିଦ୍ୟାପତି ପ୍ରଥମେ ଶବର ଭକ୍ତ ବିଶ୍ୱାବସୁଙ୍କ ସାହାଯ୍ୟରେ ନୀଳମାଧବଙ୍କୁ ଦର୍ଶନ କଲେ। କିନ୍ତୁ ଯେତେବେଳେ ଇନ୍ଦ୍ରଦ୍ୟୁମ୍ନ ନୀଳମାଧବଙ୍କୁ ଦର୍ଶନ କରିବା ପାଇଁ ଆସିଲେ ସେତେବେଳେ ନୀଳମାଧବ ଅନ୍ତର୍ଦ୍ଧାନ ହୋଇଗଲେ। ଏହାପରେ ଦେବର୍ଷି ନାରଦଙ୍କର ଉପଦେଶକ୍ରମେ ରାଜା ଇନ୍ଦ୍ରଦ୍ୟୁମ୍ନ ମହୋଦଧି କୂଳରେ ନୃସିଂହଙ୍କର ଉପାସନା ଓ ଯଜ୍ଞ ଆୟୋଜନ କଲେ। ଫଳତଃ ଶ୍ରୀବିଷ୍ଣୁ ସନ୍ତୁଷ୍ଟ ହୋଇ ଦାରୁବ୍ରହ୍ମ ରୂପରେ ଶ୍ରୀକ୍ଷେତ୍ରରେ ବିରାଜମାନ କଲେ।

ଏହି ପୁରୁଷୋତ୍ତମ କ୍ଷେତ୍ର ଦଶଯୋଜନ ବିସ୍ତୀର୍ଣ୍ଣ ଅଟନ୍ତି। ଏକ ଯୋଜନ ପ୍ରାୟତଃ ବାର କିଲୋମିଟର। ଅତଃ ଦଶଯୋଜନ ବିସ୍ତୀର୍ଣ୍ଣ ପୁରୁଷୋତ୍ତମ କ୍ଷେତ୍ର ପ୍ରାୟ ଏକ ଶହ କୋଡ଼ିଏ କିଲୋମିଟର ପରିବ୍ୟାପ୍ତ। ଶାସ୍ତ୍ର ଅନୁସାରେ ଏହି ଦଶ ଯୋଜନ ଭିତରେ ଅନେକ ପ୍ରସିଦ୍ଧ ତୀର୍ଥ ସ୍ଥାନ ମଧ୍ୟରୁ ଏକାମ୍ର କାନନର ଶ୍ରୀଲିଙ୍ଗରାଜ, ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ ଚର୍ଚ୍ଚିକା, କଣ୍ଟିଲୋର ନୀଳମାଧବ, ଯାଜପୁର ବିରଜା, ରଣପୁର ମଣିନାଗ, ମହାନଦୀ ଓ ଚିତ୍ରୋତ୍ପଳା ପ୍ରଭୃତି ପବିତ୍ର ନଦୀ ଅନ୍ତର୍ଭୁକ୍ତ। ଏହି କ୍ଷେତ୍ରରେ ଯେତେବେଳେ ଯମଙ୍କ ଆଖି ଆଗରେ ଏକ କାକପକ୍ଷୀ ମୁକ୍ତି ପାଇଗଲେ ସେତେବେଳେ ଯମ ଶ୍ରୀବିଷ୍ଣୁଙ୍କ ପାଖକୁ ଯାଇ ଅନୁରୋଧ କରି କହିଲେ, ପ୍ରଭୁ! ମୁଁ ମୃତ୍ୟୁର ଦେବତା ଥାଉଥାଉ କାକପକ୍ଷୀ ମୋ ବିନା ସୂଚନାରେ ଏଠାରେ ମୁକ୍ତି ପାଇଗଲା। ଏହା ଶୁଣି ଭଗବାନ୍ ବିଷ୍ଣୁଙ୍କର ଇଙ୍ଗିତରେ ମା' ଲକ୍ଷ୍ମୀ ଯମଙ୍କୁ ବୁଝେଇ କହିଲେ, ହେ ଯମ! ଏହି ପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀବିଷ୍ଣୁ ଏବଂ ତାଙ୍କ ବକ୍ଷ ସ୍ଥଳରେ ମୁଁ ଚିରନିବାସ କରୁ। କଳ୍ପର ଅନ୍ତ ହୋଇଗଲେ ମଧ୍ୟ ଏହି ସ୍ଥାନ ଛାଡ଼ି ଆମ୍ଭେ ଯାଉନାହୁଁ। ତେଣୁ ସ୍କନ୍ଦ ପୁରାଣ କୁହନ୍ତି, 'ଅତ୍ୟାଜ୍ୟମାବୟୋରେତତ୍ କ୍ଷେତ୍ରଂ ଶ୍ରୀପୁରୁଷୋତ୍ତମମ୍। କଳ୍ପାବସାନେପ୍ୟାବାଂ ବୈଧ୍ରୀୟତେ ପରମେଷ୍ଠିନା।' ଏହି କ୍ଷେତ୍ରର ବର୍ଣ୍ଣନା ଓ ମହତ୍ତ୍ୱ ସତ୍ୟଯୁଗରୁ ବିଦ୍ୟମାନ ଅଛି। ଯୁଗ ଆରମ୍ଭ ପୂର୍ବରୁ ପ୍ରତି କଳ୍ପରେ ମା'ଲକ୍ଷ୍ମୀଙ୍କ ସହିତ ବିଷ୍ଣୁଙ୍କର ନିବାସ ଏହି କ୍ଷେତ୍ରକୁ ଏକ 'ଧାମ'ର ମାନ୍ୟତା ଦେଇଛି। ଏ ସବୁ ଦିବ୍ୟରହସ୍ୟକୁ ଜାଣିବା ପରେ ତ୍ରେତୟା ଯୁଗ, ଦ୍ୱାପର ଯୁଗ ଓ କଳି ଯୁଗରେ ଶ୍ରୀଜଗନ୍ନାଥଙ୍କର ପୂଜା ହୋଇଆସିଛି 'ପୁରୁଷୋତ୍ତମଧାମ'ରେ।

ଆମେ ଜାଣୁ ଆର୍ଯ୍ୟାବର୍ତ୍ତ ଭାରତରେ ଏକଦା ସନାତନ ହିନ୍ଦୁ ଧର୍ମ ଉପରେ ଅନାର୍ଯ୍ୟମାନଙ୍କର ଲୋଲୁପ ଦୃଷ୍ଟି ପଡ଼ିଥିଲା। ତେଣୁ ସପ୍ତମ ଶତକର ଏକ ପରମପବିତ୍ର ମୁହୂର୍ତ୍ତରେ ଜନ୍ମ ନେଲେ ସିଦ୍ଧ ସାଧକ ଜଗଦ୍‌ଗୁରୁ ଆଦି ଶଙ୍କରାଚାର୍ଯ୍ୟ। ସେ ଜାଣିଥିଲେ ଧର୍ମର ହାନି ହେଲେ ଜନସାଧାରଣ କେହି କାହାକୁ ମାନିବେ ନାହିଁ। ନିୟମ ବୋଲି କିଛି ରହିବ ନାହିଁ। ଦେବତା, ଦିବ୍ୟକ୍ଷେତ୍ର, ଗୁରୁ, ପିତାମାତା ଏ ଦିବ୍ୟସତ୍ତା ବୁଡ଼ିଯିବ। ଶୃଙ୍ଖଳାବିହୀନ ସମାଜ ଭୁଶୁଡ଼ି ପଡ଼ିବ। ତେଣୁ ସେ ସମଗ୍ର ଭାରତ ବୁଲିବୁଲି ସନାତନ ଧର୍ମର ସୁରକ୍ଷା ପାଇଁ ନିଜର ତପୋବଳ ଏବଂ ସାଧନା ମାଧ୍ୟମରେ ଅନେକ ସଂସ୍କାର ଆଣିପାରିଲେ। ଭାରତରେ ଯେଉଁ ପ୍ରସିଦ୍ଧ ଧାମଗୁଡ଼ିକ ଚାରି ଯୁଗକୁ ପ୍ରତିନିଧିତ୍ୱ କରନ୍ତି ସେହି ଧାମଗୁଡ଼ିକରେ ବିଶେଷ ସଂସ୍କାର ଆଣିଲେ ଆଦି ଶଙ୍କରାଚାର୍ଯ୍ୟ। ତାଙ୍କର ପ୍ରେରଣା ଓ ପ୍ରଚେଷ୍ଟାରେ ଭାରତରେ ଚାରିଗୋଟି ଧାମ ବିଶେଷ ପରିଚୟ ପାଇଲେ।

ସତ୍ୟ ଯୁଗର ପ୍ରତିନିଧିତ୍ୱ କରୁଥିବା ବଦ୍ରିନାଥ ଭାରତର ଉତ୍ତରରେ ହିମାଳୟଶିଖର ନରନାରାୟଣ ପର୍ବତ ମଧ୍ୟରେ ଅବସ୍ଥିତ। ଏହିଠାରେ ଏକ ବଦରି ବୃକ୍ଷ ଅର୍ଥାତ୍ ବରକୋଳି ବୃକ୍ଷ ତଳେ ଭଗବାନ୍ ବିଷ୍ଣୁ ତପସ୍ୟାରତ ଥିଲେ। ଆଦି ଶଙ୍କରାଚାର୍ଯ୍ୟ ବଦ୍ରିନାଥରେ ପହଞ୍ଚି କଳାମୁଗୁନି ପ୍ରସ୍ତର ଶାଳଗ୍ରାମ ମୂର୍ତ୍ତି ବଦ୍ରିନାରାୟଣଙ୍କୁ ଅଳକାନନ୍ଦା ନଦୀଗର୍ଭରୁ ଉଦ୍ଧାର କରି ଅଳକାନନ୍ଦା ନଦୀ ସମୀପ ତପ୍ତକୁଣ୍ଡ ସ୍ଥିତ ଗୁମ୍ଫାରେ ପ୍ରତିଷ୍ଠା କଲେ। ଏହି ସ୍ଥାନରେ ଭଗବାନ୍ ବିଷ୍ଣୁ ସର୍ବଦା ତପସ୍ୟାରତ। ତ୍ରେତୟା ଯୁଗର ପ୍ରତିନିଧିତ୍ୱ କରୁଥିବା ରାମେଶ୍ୱର ଭାରତର ଦକ୍ଷିଣରେ ଅବସ୍ଥିତ। ଏହିଠାରେ ଶ୍ରୀରାମଙ୍କ ଦ୍ୱାରା ଭଗବାନ୍ ଶିବଙ୍କର ଲିଙ୍ଗ ପୂଜିତ ହୋଇଥିଲେ। ଆଦିଶଙ୍କର ଏହି ଧାମର ବୈଶିଷ୍ଟ୍ୟକୁ ଲୋକଲୋଚନକୁ ବିଶେଷଭାବରେ ଆଣିଲେ। ପଶ୍ଚିମରେ ଦ୍ୱାରକା ଧାମ, ଯାହା ଦ୍ୱାପର ଯୁଗର ପ୍ରତିନିଧିତ୍ୱ କରେ। ଭଗବାନ୍ ଶ୍ରୀକୃଷ୍ଣ ଦ୍ୱାରକାର ରାଜା ଥିଲେ। ପରବର୍ତ୍ତୀ ସମୟରେ ପଶ୍ଚିମ ସମୁଦ୍ର କୂଳରେ ଦ୍ୱାରକାଧୀଶଙ୍କର ଦିବ୍ୟ ବିଗ୍ରହ ପୂଜିତ ହେଉଛନ୍ତି। ପୂର୍ବରେ ପୁରୁଷୋତ୍ତମଧାମ, ଯାହା କଳି ଯୁଗର ପ୍ରତିନିଧିତ୍ୱ କରେ। ଏହିଠାରେ ଭଗବାନ୍ ନାରାୟଣ ଏବଂ ମା'ଲକ୍ଷ୍ମୀ ସର୍ବଦା ବିରାଜମାନ କରନ୍ତି। ଏହିଠାରେ ଥିବା ସମୁଦ୍ର ମହୋଦଧିର ମାନ୍ୟତା ପାଇଛି। ଶ୍ରୀବିଗ୍ରହଙ୍କର ଦାରୁ ଏହି ଉଦଧିରେ ଭାସୁଥିବାର ଦର୍ଶନ କରିଥିଲେ ରାଜା ଇନ୍ଦ୍ରଦ୍ୟୁମ୍ନ। ଏହାପରେ ରାଜା ଇନ୍ଦ୍ରଦ୍ୟୁମ୍ନ ସେହି ଦାରୁଙ୍କୁ ସଂଗ୍ରହ କଲେ ଏବଂ ସ୍ୱୟଂ ନାରାୟଣ ବୃଦ୍ଧବଢ଼େଇ ବେଶରେ ଆସି ନିଜ ବିଗ୍ରହ ନିଜେ ନିର୍ମାଣ କରି ଅନ୍ତର୍ଦ୍ଧାନ ହୋଇଗଲେ। ସେହି ଦିବ୍ୟବିଗ୍ରହଙ୍କୁ ଆମ୍ଭେ ପୁରୀରେ ଦର୍ଶନ କରୁଛେ।

ଯେଉଁ ବିଗ୍ରହ ଧର୍ମ-ଅର୍ଥ-କାମ-ମୋକ୍ଷ ସ୍ୱରୂପ ଚତୁର୍ବର୍ଗ ପୁରୁଷାର୍ଥ ପ୍ରଦାନ କରନ୍ତି ସେ ହେଉଛନ୍ତି ଶ୍ରୀମନ୍ଦିରରେ ବିରାଜିତ ଚତୁର୍ଦ୍ଧା ବିଗ୍ରହ। ଏହି ଦିବ୍ୟରହସ୍ୟକୁ ଅନୁଭବ କରି ଆଦି ଶଙ୍କରାଚାର୍ଯ୍ୟ ପୁରୀ ପୁରୁଷୋତ୍ତମ ଧାମରେ ଏକ ମଠ ସ୍ଥାପନା କରି ସାଧନା କଲେ। ଏହିଭଳି ଅନେକ ଶାସ୍ତ୍ରୀୟ ପ୍ରମାଣ ସୂଚେଇ ଦିଅନ୍ତି ଶ୍ରୀପୁରୁଷୋତ୍ତମ ଧାମ ସ୍ୱତଃ ସୃଷ୍ଟି ହୋଇଥିବା ଏକ ପରମ ପବିତ୍ର କ୍ଷେତ୍ର। ବିଶେଷକରି ପ୍ରାୟ ଅଠର ଶହ ବର୍ଷ ତଳୁ ଆଦି ଶଙ୍କରାଚାର୍ଯ୍ୟଙ୍କର ଆବିର୍ଭାବ ପରଠାରୁ ଏହି ଧାମ ଭାରତର ଚତୁର୍ଦ୍ଧାମ ସହିତ ଯୋଡ଼ି ହୋଇ ଅନ୍ୟ ତିନିଗୋଟି ଧାମର ଗୁରୁତ୍ୱ ସହିତ ନିଜ ଗୁରୁତ୍ୱକୁ ବର୍ଦ୍ଧନ କରିଆସୁଛନ୍ତି।

ଏହି ଧାମର ମହତ୍ତ୍ୱ କାରଣରୁ ସମୁଦ୍ରର ଅତି ସମୀପରେ ଥାଇ ମଧ୍ୟ ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ଶ୍ରୀମନ୍ଦିର ଆଜି ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ଓ ସୁରକ୍ଷିତ। ଏହି ଭବ୍ୟମନ୍ଦିର ନିର୍ମାଣ ହେବା ପୂର୍ବରୁ ଏଠାରେ ଅନେକ ମନ୍ଦିର ନିର୍ମାଣ ହୋଇଛନ୍ତି ଏବଂ ଶ୍ରୀଜଗନ୍ନାଥ ପୂଜା ପାଇ ଆସୁଛନ୍ତି। ଶ୍ରୀମନ୍ଦିରରେ ଅନ୍ୟ ଏକ ପ୍ରମୁଖ ରହସ୍ୟ ହେଉଛନ୍ତି ଦାରୁବିଗ୍ରହ। ବିଶ୍ୱର ସମସ୍ତ ଦେବତାଙ୍କର ବିଗ୍ରହ ପ୍ରସ୍ତର କିମ୍ବା ଧାତୁ ନିର୍ମିତ ହୋଇଥିବା ବେଳେ ପୁରୀ ଶ୍ରୀଜଗନ୍ନାଥ ଦାରୁ ନିର୍ମିତ। ଶ୍ରୀଜଗନ୍ନାଥଙ୍କର ନବକଳେବର ବିଶ୍ୱ ଧାର୍ମିକ ଇତିହାସରେ ଏକମାତ୍ର ବିରଳ ଐତିହ୍ୟ। ଶ୍ରୀକ୍ଷେତ୍ରରେ ପୂଜିତ ଶ୍ରୀଜଗନ୍ନାଥଙ୍କର ଶ୍ରୀବିଗ୍ରହରେ ବ୍ରହ୍ମ ରହିଛନ୍ତି। ଏହି ବ୍ରହ୍ମ ଏକ ରହସ୍ୟ। ସେଥିପାଇଁ ସେ ଦେବତା ଏତେ ଶକ୍ତିଶାଳୀ ଏବଂ ଏହି ଧାମ ଏତେ ଦିବ୍ୟ। ମହାପ୍ରସାଦ ପୁରୁଷୋତ୍ତମ ଧାମର ଅପର ବୈଶିଷ୍ଟ୍ୟ, ଯାହା ମୁକ୍ତି ପ୍ରଦାନ କରନ୍ତି। ମହାପ୍ରସାଦ ନିର୍ମାଣ ଶୈଳୀ ତଥା ପ୍ରସାଦରୁ ମହାପ୍ରସାଦ ହେବାରେ ଶ୍ରୀମନ୍ଦିରରେ ଯେଉଁ ପ୍ରକ୍ରିୟା, ତାହା ନିଶ୍ଚୟ ବିଶେଷତ୍ୱକୁ ଧାରଣ କରିଛି। ରଥଯାତ୍ରା ପୁରୀର ଅନ୍ୟ ଏକ ବିଶ୍ୱଐତିହ୍ୟ, ଯାହା ଜାତି, ଧର୍ମ, ବର୍ଣ୍ଣ ଓ ଲିଙ୍ଗ ନିର୍ବିଶେଷରେ ମନୁଷ୍ୟ ତଥା ସମସ୍ତ ପ୍ରାଣୀମାନଙ୍କୁ ଦର୍ଶନ ଦେବା ପାଇଁ ଶ୍ରୀଜଗନ୍ନାଥଙ୍କର ସ୍ୱୟଂଲୀଳା।

ପୁରୀକୁ ଆସିଛନ୍ତି ବିଶ୍ୱର ଅନେକ ବିଶିଷ୍ଟ ସାଧୁସନ୍ଥ। ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ବିଶ୍ୱଜନତା ସ୍ତବ୍ଧ ହୋଇଛନ୍ତି। ଏଠାରେ ଜ୍ଞାନ ଓ ଭକ୍ତି ଉଭୟ ତତ୍ତ୍ୱର ପରମ ନିଦର୍ଶନ ଦୃଷ୍ଟିଗୋଚର ହୁଏ। ଏଠାରେ ବୈଷ୍ଣବ, ଶୈବ, ଶାକ୍ତ, ଗାଣପତ୍ୟ, ବୌଦ୍ଧ ପ୍ରଭୃତି ଅନେକ ପରମ୍ପରା ଏବଂ ନାନାବିଧ ମତ ଏକ ହୋଇଯାଏ। ଏ ଧାମ ସ୍ୱତନ୍ତ୍ର। ଏହି ଧାମକୁ ନେଇ ଯଦି କେହି ପ୍ରତିଯୋଗିତା କରେ ତେବେ ହାସ୍ୟାସ୍ପଦ ବିନା ଅନ୍ୟ କିଛି ନୁହେଁ।

ଆଜି ଆମ୍ଭେ ଦେଖୁ ଶ୍ରୀମନ୍ଦିରକୁ ଛାଡ଼ି ଅନ୍ୟ କିଛି ଧାର୍ମିକ ସଂସ୍ଥା ମହାପ୍ରସାଦ ନାମ ଦେଇ ପ୍ରସାଦ ବିକ୍ରି କରୁଛନ୍ତି। କିନ୍ତୁ ସେମାନେ ଜାଣିବା ଆବଶ୍ୟକ ପୃଥିବୀରେ କେବଳ ପୁରୀ ଶ୍ରୀମନ୍ଦିର ବ୍ୟତୀତ ଅନ୍ୟ କେଉଁଠି ମହାପ୍ରସାଦ ନାହିଁ। ଏହାପଛରେ ଶାସ୍ତ୍ରୀୟ ରହସ୍ୟ ରହିଛି। ବେଳେବେଳେ ଦେଖାଯାଉଛି ଅଦିନିଆ ଜଗନ୍ନାଥ ରଥଯାତ୍ରା ପାଇଁ ପ୍ରସ୍ତୁତିକରଣ। ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା କେବେ ଅନୁଷ୍ଠିତ ହେବ ଏହା ସ୍ୱୟଂ ଜଗନ୍ନାଥ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ କହିଛନ୍ତି। ତାହା ହେଲା ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥି। ଠିକ୍ ସେହିଭଳି ଜଗନ୍ନାଥଧାମ ବିଶ୍ୱରେ ଗୋଟିଏ। ତାହା ହେଲା ଓଡ଼ିଶା ରାଜ୍ୟର ପୁରୀ ଶ୍ରୀଜଗନ୍ନାଥ ଧାମ। ଅନ୍ୟ କେଉଁଠାରେ ଏହିସବୁ ଧାର୍ମିକ ଶୃଙ୍ଖଳାର ବ୍ୟତିକ୍ରମ ଅଶୋଭନୀୟ ଆଚରଣ। ଏହାର ଫଳ ବିନାଶଶୀଳ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରେ।

(ଉପନିର୍ଦ୍ଦେଶକ, ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତି)
ମୋ: ୮୮୯୭୪୨୬୨୪୩

## ଏଆଇ ଆଧାରିତ ସାମ୍ବାଦିକତା

ଅଜିତ କୁମାର ପ୍ରଧାନ



ସୂଚନା ଓ ସାମ୍ବାଦିକତା ବର୍ତ୍ତମାନ ଦୁନିଆର ଅତ୍ୟନ୍ତ ଜରୁରୀ ଦିଗ। ଏହା ମଧ୍ୟ ଆଜିର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଯେ ସାମ୍ବାଦିକତା ମାନବ ଜୀବନର ଦୈନନ୍ଦିନ ଅଂଶ ହୋଇପାରିଛି। ଆଜି ବିଶ୍ୱ ଯେଉଁ ଗତିରେ ଆଗକୁ ବଢ଼ୁଛି, ତାହା ତଥ୍ୟପ୍ରାପ୍ତିର ଆବଶ୍ୟକତା ବଢ଼ାଇଛି। ଏହି ପୃଷ୍ଠଭୂମିରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଆଧାରିତ ପ୍ରୟୋଗ ସାମ୍ବାଦିକତାରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଛି।

ସରଳ ଅର୍ଥରେ ବୁଝିବାକୁ ଗଲେ ଏଆଇ ହେଉଛି ଏକ ବୈଜ୍ଞାନିକ ପ୍ରକ୍ରିୟା ବା କମ୍ପ୍ୟୁଟର ବିଦ୍ୟା, ଯାହା ମଣିଷଙ୍କ ଭଳି ଭାବିପାରିବ, କରିପାରିବ ଓ ନିଷ୍ପତ୍ତି ନେଇପାରିବ। ଏହି ବୈଷୟିକ ଜ୍ଞାନକୌଶଳ ସାମ୍ବାଦିକତାରେ ଖବରସଂଗ୍ରହ, ବିଶ୍ଳେଷଣ ଓ ପ୍ରସ୍ତୁତିକୁ ସହଜ, ଦ୍ରୁତ ଓ ଦୃଢ଼ କରିଛି। ଏଆଇ ଆଧାରିତ ସାମ୍ବାଦିକତାର ଅନେକ ସୁବିଧା ରହିଛି। ପ୍ରଥମେ, ଏହାଦ୍ୱାରା ଖବର ବହୁତ ଦ୍ରୁତ ଭାବେ ପ୍ରସ୍ତୁତ କରାଯାଇପାରୁଛି। ଏଆଇ ସହାୟତାରେ ସଂସାରର ଅନେକ ଘଟଣାର ଖବରର ବୈଧତା ମଧ୍ୟ ସଠିକ୍ ଭାବେ ନିର୍ଣ୍ଣୟ ହୋଇପାରୁଛି। ମଣିଷର କାର୍ଯ୍ୟକାରିତା ତୁଳନାରେ ଏହାର ଦକ୍ଷତା ଅଧିକ ଥିବାରୁ ଶ୍ରମ ଓ ସମୟ ସଞ୍ଚୟ ହୋଇପାରୁଛି। ଦ୍ୱିତୀୟତଃ, ଏଆଇର ବିଶ୍ଳେଷଣ ଦକ୍ଷତା ବ୍ୟାପକ ଓ ନିର୍ଭୁଲ୍। ସାଧାରଣ ମଣିଷଙ୍କ ପାଇଁ ଯେଉଁ ତଥ୍ୟକୁ ବୁଝିବାରେ ଅସୁବିଧା ହୁଏ, ସେଗୁଡ଼ିକୁ ଏଆଇ ଦ୍ୱାରା ଖୁବ ଦ୍ରୁତ ଓ ସଠିକ୍ ଭାବରେ କରାଯାଇପାରେ। ତୃତୀୟରେ, ଯଦି ସଠିକ୍ ନୀତି ଓ ନିୟମ ରହିଥାଏ, ତେବେ ଏଆଇ ଭୁଲ ଓ ଭ୍ରମରହିତ ଖବର ପ୍ରସାରଣ ଓ ପ୍ରସ୍ତୁତ କରିପାରେ। ଏହା ଫଳରେ ଖବର ଅଧିକ ପ୍ରାମାଣିକ, ଗ୍ରହଣୀୟ ଓ ନିର୍ଭରଶୀଳ ହୁଏ।

ଏହାସତ୍ତ୍ୱେ କେବଳ ପ୍ରଦତ୍ତ ଓ ବା ଉପଲବ୍ଧ ତଥ୍ୟ ଉପରେ ଭିତ୍ତିକରି ଏଆଇ ଖବର ପ୍ରସ୍ତୁତ କରୁଥିବାରୁ ବେଳେବେଳେ ଏହା ପ୍ରମାଦ ସୃଷ୍ଟି କରେ। ଲୋକମାନେ ଭୁଲ ସୂଚନା ଆଧାରରେ ନିଷ୍ପତ୍ତି ନେବା ଫଳରେ ସମସ୍ୟା ବୃଦ୍ଧି ହୁଏ। ସେହିପରି ଏଆଇ ଯନ୍ତ୍ର ହୋଇଥିବାରୁ ଏକାରେ ମାନବୀୟ ଭାବନା, ସମ୍ବେଦନା ଓ ନୀତି ନାହିଁ। ଯେତେବେଳେ କୌଣସି ଦୁଃଖଦ କିମ୍ବା ସମ୍ବେଦନଶୀଳ ବିଷୟ ଉପରେ ସୂଚନା ଦେବା ଏବଂ ବିଶ୍ଳେଷଣ କରିବା ଆବଶ୍ୟକ ସେ କ୍ଷେତ୍ରରେ ଏଆଇଠାରୁ ମାନବ ସୁଲଭ ଗୁଣ ଓ ପ୍ରତିକ୍ରିୟା ଆଶା କରାଯାଇପାରିବ ନାହିଁ। ଫଳରେ ସମ୍ବାଦ ପରିବେଷଣର ଭାବାତ୍ମକ ଉପସ୍ଥାପନ ହୋଇପାରେ ନାହିଁ। ସାମ୍ବାଦିକତାରେ ଏଆଇ ବ୍ୟବହାର ପାଇଁ ଜଣାପଡୁଥିବା ନୀତି ଓ ନିୟମ ଯଦି ନଥାଏ, ତେବେ ଏହା ଅନ୍ୟାୟ ଓ ଦୁରୁପଯୋଗର ପରିବେଶ ସୃଷ୍ଟିର କାରଣ ହୋଇଥାଏ। ଏହା ମଧ୍ୟ ସାମାଜିକ ନ୍ୟାୟିକ ପ୍ରକ୍ରିୟାରେ ବିସଙ୍ଗତି ଆଣିପାରେ।

ତେଣୁ ସାମ୍ବାଦିକତାରେ ଏଆଇ ଓ ମଣିଷ ଭାବନା ଓ କାର୍ଯ୍ୟକଳାପର ସମନ୍ୱୟ ଓ ଉଚିତ ସକ୍ରିୟତା ରହିଲେ ଫଳାଫଳ ଉନ୍ନତ ହୁଏ। ଏ କ୍ଷେତ୍ରରେ ସମ୍ପାଦକମାନଙ୍କ ଭୂମିକା ହେଉଛି ତଥ୍ୟ ଓ ଖବରର ନୀତିଗତ ମୂଲ୍ୟାଙ୍କନ, ସମୟୋଚିତ ତଥ୍ୟ ପ୍ରଦାନ ଏବଂ ତ୍ରୁଟିପୂର୍ଣ୍ଣ ସୂଚନାରୁ ଲୋକଙ୍କୁ ସୁରକ୍ଷା ଓ ସଚେତନ ସୃଷ୍ଟି କରିବା। ଏଆଇର ଏହି ଦୁର୍ବଳତାକୁ ଦୂର କରିପାରିଲେ ସାମ୍ବାଦିକତା କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ସମ୍ଭବ। ଏଆଇ ଆଧାରିତ ସାମ୍ବାଦିକତା ପାଇଁ ମଧ୍ୟ ସଠିକ ନୀତି ଓ ନିୟମ ପ୍ରସ୍ତୁତ ହେବା ଦରକାର। ଯାହା ଏଆଇ ଆଧାରିତ ଖବରର ସତ୍ୟତା, ନ୍ୟାୟସଙ୍ଗତା ଓ ସକାରାତ୍ମକତାକୁ ସୁନିଶ୍ଚିତ କରି ସାମାଜିକ ସୁରକ୍ଷା ଓ ନ୍ୟାୟ ପ୍ରତି ଭରସା ବଢ଼ାଇବ। ଏଆଇ ଆଧାରିତ ସାମ୍ବାଦିକତା ଏକପକ୍ଷରେ ଦୃଢ଼, ଦ୍ରୁତ ଓ ସଠିକ ତଥ୍ୟ ପ୍ରଦାନ କରି ସାମାଜିକ ଜୀବନକୁ ସୁବିଧାଜନକ କରିପାରିଥିବା ବେଳେ ସାମାନ୍ୟ ଦୁର୍ବଳତା ଓ ଅସୁବିଧା ଯୋଗୁଁ ଜନମତକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ତେଣୁ ସଭ୍ୟତାର ବିକାଶ ସହିତ ସାମାଜିକ ଜନଜୀବନକୁ ଅଧିକ ସରସ କରିବା ପାଇଁ ଏ ଦିଗରେ ସମନ୍ୱୟ ଲାଗି ସୁଚିନ୍ତିତ ସକାରାତ୍ମକ ଚିନ୍ତନ ଆବଶ୍ୟକ।

ନୀଳଗିରି(ବାଲେଶ୍ୱର), ମୋ: ୯୭୭୭୮୧୪୫୪୧

## ହ୍ରାସ ପାଉଛି କି ମଣିଷର ବୁଦ୍ଧିମତ୍ତା!

ଶ୍ରୀନନ

ବିଜ୍ଞାନ ବାର୍ତ୍ତା

ନୃତତ୍ତ୍ୱବିତ୍‌ଙ୍କ ମତରେ ଆଜକୁ ପ୍ରାୟ ୨ ଲକ୍ଷ ବର୍ଷତଳେ ଆଧୁନିକ ମଣିଷ ପ୍ରଜାତିର ବିକାଶ ଘଟିଲା। ସେ ସମୟରୁ ଧୀରେ ଧୀରେ ବଢ଼ିବାକୁ ଲାଗିଲା ତାର ବୁଦ୍ଧିମତ୍ତା। ତେବେ ତା' ମସ୍ତିଷ୍କ ଆଧୁନିକ ରୂପନେଲା ବର୍ତ୍ତମାନଠାରୁ ପ୍ରାୟ ୧ ଲକ୍ଷ ବର୍ଷ ପୂର୍ବେ। ଏହା ଫଳରେ ତା'ଠାରେ ଜଟିଳ ବୋଧଶକ୍ତି ଓ ସୁସଙ୍ଗତ ଆଚରଣ ଶକ୍ତି ଜାତ ହେବାକୁ ଲାଗିଲା, ଯାହାକି ପ୍ରାୟ ୫୦ ହଜାରରୁ ୬୫ ହଜାର ବର୍ଷ ତଳେ ତା'କୁ ଅନ୍ୟମାନଙ୍କଠାରୁ ଭିନ୍ନ ହୋଇଥିବା ବୁଦ୍ଧିମାନ ତଥା ଚିନ୍ତାଶକ୍ତି ସଂପନ୍ନ ଜୀବରେ ପରିଣତ କଲା।

ଏହାପରେ ତା'ର ସାମାଜିକ ଜୀବନ ଦୃଢ଼ୀଭୂତ ହେବା ସଙ୍ଗେ ସଙ୍ଗେ ଜୀବନଧାରା ସମ୍ମୁନ୍ନତ ହୋଇ ତା'ଠାରେ ଉନ୍ନତ ବୁଦ୍ଧିମତ୍ତାର ଉଦ୍ରେକ ଘଟାଇଲା। ଫଳରେ ସେ ନୂଆ ନୂଆ କଥା ଚିନ୍ତା କରିପାରିଲା ଏବଂ ତାହା ତା'କୁ ଆଜି ରୂପାନ୍ତରିତ କରିଛି 'ବୈଜ୍ଞାନିକ ମଣିଷ'ରେ। ଇତିମଧ୍ୟରେ ପରିବର୍ତ୍ତିତ ପରିବେଶ ଏବଂ ବିବର୍ତ୍ତନର ପ୍ରଭାବରେ ତା'ର 'ଫ୍ରଣ୍ଟାଲ୍ ଏବଂ ପେରିଏଟାଲ୍ ଲୋବ୍' ସମେତ ମସ୍ତିଷ୍କର ବହୁ ଗୁରୁତ୍ୱପୂର୍ଣ୍ଣ ଅଂଶ ବୃଦ୍ଧିପ୍ରାପ୍ତ ହେଲା ଏବଂ ତନ୍ମଧ୍ୟରେ ସ୍ନାୟୁକୋଷମାନଙ୍କ ବାହକ ସଂପ୍ରସାରିତ ଓ ଘନ ହେଲା। ତା'ଠାରେ କେତେକ ଜିନୀୟ ପରିବର୍ତ୍ତନ ହେତୁ ଏ ପ୍ରକ୍ରିୟା ଅବ୍ୟାହତ ରହିଲା ବୋଲି ମତ ଦିଅନ୍ତି ବ୍ରିଟିଶ୍ ନୃତତ୍ତ୍ୱବିତ୍ ରବିନ୍ ଡୁନ୍‌ବାର। ତେବେ ବର୍ତ୍ତମାନ ମଣିଷର ବୁଦ୍ଧିମତ୍ତା ନିମ୍ନଗାମୀ ହେଉଥିବାର ଲକ୍ଷ୍ୟ କରାଯାଉଛି। ଆମେରିକାର ମିଚିଗାନ୍ ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁଷ୍ଠିତ ଏକ ସର୍ବେକ୍ଷଣର ତଥ୍ୟାଧାରିତ ୨୦୨୪ ମସିହା ମାର୍ଚ୍ଚ ମାସରେ 'ଦ ଫାଇନାନ୍ସିଆଲ୍ ଟାଇମସ୍'ରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ପ୍ରାୟ ସବୁବର୍ଗର ଲୋକଙ୍କଠାରେ ଏହା ଅନ୍ତେବହୁତ ପରିଲକ୍ଷିତ ହେଉଛି। ଫଳରେ ସେମାନେ ପଠନ କିମ୍ବା ଅନ୍ୟ କୌଣସି ଶିକ୍ଷା କରିବାରେ ମନୋନିବେଶ କରିବା କଷ୍ଟକର ହେଉଛି। ବିଶେଷକରି, ଯୁବଗୋଷ୍ଠୀ ମଧ୍ୟରେ ଏହା ଅଧିକ ପରିଲକ୍ଷିତ ହେଉଛି। ଏଥିରେ ୧୫ ୧୮ ବର୍ଷ ବୟସ୍କ କିଛି ଆମେରିକୀୟ ତଥା ଅନ୍ୟାନ୍ୟ ଦେଶର ଛାତ୍ରଛାତ୍ରୀମାନଙ୍କୁ ନିଆଯାଇଥିଲା। ୨୦୧୦ ମସିହାରୁ ଆରମ୍ଭ ହୋଇଥିବା ଏହି 'ପ୍ରୋଗ୍ରାମ୍ ଫର୍ ଇଣ୍ଟରନ୍ୟାସନାଲ୍ ଷ୍ଟୁଡେଣ୍ଟ୍ ଆସେସମେଣ୍ଟ' ପ୍ରକଳ୍ପରୁ ଜଣାପଡ଼ିଲା ଯେ ସେମାନଙ୍କଠାରେ ଅଧିକ ସମୟ ଧରି କୌଣସି କାର୍ଯ୍ୟରେ ମନୋନିବେଶ କରିବା ଏବଂ କୌଣସି ବିଷୟରେ ଗଭୀର ଭାବେ ଚିନ୍ତା କରିବାର କ୍ଷମତା ହ୍ରାସ ପାଇଛି।

ଏପରି ଘଟିବାର କାରଣ କଦାପି ଗୋଟିଏ ହୋଇ ନ ପାରେ ବୋଲି ମତ ଦିଅନ୍ତି ଏହି ଅଧ୍ୟୟନର ଗବେଷକମାନେ। ପଠନ ଅଭ୍ୟାସ ହ୍ରାସ ପାଇବା, ସୃଜନାତ୍ମକ କାର୍ଯ୍ୟକଳାପରୁ ନିବୃତ୍ତ ରହିବା, କୌଣସି ନୂଆ ବିଷୟ ନିଜେ ନିଜେ ବୁଝିବାର ପ୍ରବୃତ୍ତି ତଥା ଅଭ୍ୟାସ କମ୍ ହେବା, ମାନସିକ ଶ୍ରମ ପ୍ରତି ନିରୁତ୍ସାହିତ ହେବା ଇତ୍ୟାଦି ସାମଗ୍ରିକ ଭାବେ ଏଥିପାଇଁ ଦାୟୀ ବୋଲି ସେମାନେ ଅନୁଭବ କରନ୍ତି। ଆମେରିକାର 'ନ୍ୟାସନାଲ୍ ଏଣ୍ଡୱାମେଣ୍ଟ ଫର୍ ଆର୍ଟସ୍' ଦ୍ୱାରା ଅନୁଷ୍ଠିତ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ୨୦୧୨ ମସିହାରେ ୪୫.୨ ଶତାଂଶ ଏବଂ ୨୦୧୭ ମସିହାରେ ୪୧.୫ ଶତାଂଶ ଆମେରିକୀୟ ଯୁବଗୋଷ୍ଠୀ କ୍ଷୁଦ୍ରଗଳ୍ପ ବା ଉପନ୍ୟାସ ଆଦି ପଢ଼ିବାକୁ ଆଗ୍ରହୀ ହେଉଥିବା ବେଳେ ୨୦୨୨ ମସିହା ବେଳକୁ ତାହା ହ୍ରାସ ପାଇଥିଲା ୩୭.୬ ଶତାଂଶକୁ। ୨୦୨୩ରେ ପ୍ରକାଶିତ 'ଦ ଅର୍ଗାନାଇଜେସନ୍ ଫର୍ ଇକୋନୋମିକ୍ କୋ-ଅପରେସନ ଆଣ୍ଡ ଡେଭେଲପମେଣ୍ଟ' ସଂସ୍ଥାର ସର୍ବେକ୍ଷଣ ଫଳାଫଳରେ ପ୍ରାପ୍ତବୟସ୍କଙ୍କର ଗାଣିତିକ ପ୍ରଶ୍ନ ସମାଧାନ କରିବାର ସାମର୍ଥ୍ୟ ହାନି ବାର୍ଷିକ ୨୭ ରୁ ୩୭ ଶତାଂଶ ଅଧିକ। ପଠନ ଅଭ୍ୟାସ ହାନି, ଗଭୀର ଭାବେ ଚିନ୍ତା କଲା ଭଳି ମାନସିକ ବ୍ୟାୟାମ ଆଦିର ଅଭାବ ସହିତ ଦୀର୍ଘସମୟ ଧରି ମୋବାଇଲ୍, ଟିଭି କିମ୍ବା କମ୍ପ୍ୟୁଟର ପରଦାକୁ ଦେଖିବା ଏହାର କାରଣ ହୋଇପାରେ।

ତେବେ ଏ କ୍ଷେତ୍ରରେ ଗବେଷକମାନେ ଏକମତ ଯେ ମଣିଷର ବୁଦ୍ଧିମତ୍ତାର ଅବନତି ଜୈବିକ ଭାବେ ଘଟିନାହିଁ। ଅର୍ଥାତ୍ ମସ୍ତିଷ୍କ ବା ସ୍ନାୟୁ ବ୍ୟବସ୍ଥାରେ ଅବକ୍ଷୟ ପରିଦୃଷ୍ଟ ହୋଇନାହିଁ। କେବଳ ବୁଦ୍ଧିମତ୍ତାର ପ୍ରୟୋଗ ଯଥେଷ୍ଟ ଓ ସିଠକ୍ ଭାବେ କରାଯାଉ ନଥିବାରୁ ସେଭଳି ହେବାର ପ୍ରତୀୟମାନ ହେଉଛି।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଘରକୁ ଫେରିଲେ ଇତିଶ୍ରୀଙ୍କ ଭଉଣୀ ଓ ଝିଆରୀ

# ବଖାଣିଲେ କାଳ ରାତିର ଛାତିଥରା କଥା



ବ୍ୟାସନଗର,୨।୬(ସମିସ): ସୋମବାର ସକାଳୁ ଘରକୁ ଫେରିଛନ୍ତି ସିକ୍କିମ ଦୁର୍ଘଟଣାରୁ ବର୍ତ୍ତିଥିବା ଇତିଶ୍ରୀ ନାୟକଙ୍କ ପରିବାର। ତେବେ ଘରକୁ ଫେରିବା ପରେ ଶୁକ୍ରବାର ସିକ୍କିମରେ ଘଟିଥିବା ସେହି କାଳରାତିର ଭୟାନକ ତଥା ଲୋମଟାଙ୍କୁରା କାହାଣୀ କହିଛନ୍ତି ଇତିଶ୍ରୀଙ୍କ ୨ ଭଉଣୀ।

ସିକ୍କିମ ଘାଟିରେ ଦୁର୍ଘଟଣା ଘଟିବାର ୪ ଦିନ ପରେ ଏକ ସ୍ୱତନ୍ତ୍ର ଟ୍ରେନ୍‌ରେ ଇତିଙ୍କ ଦୁଇ ଭଉଣୀ ମଞ୍ଜୁଲତା ଦେଓ ଓ ଝରଣା ଏବଂ ଦୁଇ ଝିଆରୀ ଭାଇ ଶିଶିରଙ୍କ ଦୁଇ ଝିଅ ଜାନୀ ଓରଫ ସ୍ମୃତିସୋହାନି ଓ ଗୁନି ଓରଫ୍ ଶ୍ୱେତାତ୍ରୁଚା ଘରକୁ ଫେରିଛନ୍ତି। ଯାଜପୁର ରୋଡ ରେଳଷ୍ଟେସନରେ ଓହ୍ଲାଇବା ପରେ ପରିବାର ଲୋକଙ୍କ ପାଖରେ ପହଞ୍ଚିଥିଲେ। ପରିବାର ଲୋକଙ୍କୁ ପାଇ ଆତ୍ମବିଭୋର ହୋଇଉଠିଥିଲେ। ଯେତେବେଳେ ଘଟଣା ବିଷୟରେ ପଚାରି ବୁଝୁଥିଲୁ ସେ କାନ୍ଦି କାନ୍ଦି ଗୋଟି ଗୋଟି କରି ସମସ୍ତ କଥା କହିଥିଲେ।

ଘାଟିର ଜିରୋ ପଏଣ୍ଟରୁ ତଳକୁ ଓହ୍ଲାଇବା ବେଳକୁ ସମୟ ହୋଇଯାଇଥିଲା ରାତି ପ୍ରାୟ ସାଢେ ୭ଟା। ଆଗପଛ ହୋଇ ଦୁଇଟି ଗାଡ଼ିରେ ଫେରୁଥିଲେ ୧୧ ଜଣ ସଦସ୍ୟ। ମାତ୍ର କିଛି ସମୟ ପରେ ଆଉ ଇତିଙ୍କ ଗାଡିର ଲାଇଟ୍ ଦେଖାଯାଇନଥିଲା। ଏହାପରେ ସେଠାରୁ ସେମାନଙ୍କ ଗାଡ଼ି ଫେରାଇଥିଲେ। ଖୋଜୁଖୋଜୁ ରାତି ୧୦ଟା ବାଜି ଯାଇଥିଲା। ଏହାପରେ ସେଠାକାର ପୁଲିସ ସହିତ ଯୋଗାଯୋଗ କରିଥିଲେ। ରାତି ତମାମ ଖୋଜାଖୋଜି ଚାଲିଥିଲା। ରାତି ପ୍ରାୟ ତିନିଟା ବେଳେ ଦୁଇ ବାଳକଙ୍କ ସନ୍ଧାନ ମିଳିଥିଲା। ସେମାନେ ଉଦ୍ଧାର ହୋଇ ଗାଙ୍ଗଟକ୍ ହସ୍ପିଟାଲରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଏବେ ସେମାନଙ୍କ ପାଖରେ ଇତିଶ୍ରୀଙ୍କ ବଡ଼ଭାଇ ଶିଶିର ନାୟକ ଉପସ୍ଥିତ ଅଛନ୍ତି। ତେବେ ପରିବାରର ୪ ଜଣ ଏବେ ବି ନିଖୋଜ ଅଛନ୍ତି। ଦୁଇ ଭଉଣୀ ଓ ଦୁଇ ଭାଇଙ୍କ ୪ଟି ପରିବାରରୁ ୧୧ଜଣ ସଦସ୍ୟ ସିକ୍କିମ ଭ୍ରମଣରେ ଯାଇଥିଲେ।

ତେବେ ଆଜି ଓଡ଼ିଶା ସରକାର ଓ ସିକ୍କିମ ସରକାରଙ୍କ ମିଳିତ ସହଯୋଗରେ ୪ ସଦସ୍ୟ ଫେରିବା ପରେ ସମଗ୍ର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଇତିଶ୍ରୀଙ୍କ ସମେତ ବଡ଼ପୁଅ, ସାନଭାଇ ଭାଉଜ ମିଶି ୪ଜଣ ଏବେ ବି ନିଖୋଜ ଅଛନ୍ତି। ଓଡ଼ିଶା ଓ ସିକ୍କିମ ମୁଖ୍ୟମନ୍ତ୍ରୀଙ୍କ ମିଳିତ ସହଯୋଗରେ ସିକ୍କିମରୁ ପଶ୍ଚିମବଙ୍ଗ ନ୍ୟୁ ଜଲପାଇଗୁଡ଼ି ଜିଏଚ୍‌ୱାଇ୍‌ଏସ୍ ଏମ୍‌ଭିପି ଏକ୍ସପ୍ରେସରେ ଏଠାକୁ ପଠାଯାଇଛି। ଇତିଙ୍କ ବଡ଼ଭାଇ ସହିତ ଆହତ ଦୁଇ ବାଳକଙ୍କୁ ଏଠାକୁ ଅଣାଯିବା ସହ ୪ଜଣ ନିଖୋଜଙ୍କୁ ଉଦ୍ଧାର କରିବାକୁ ନିବେଦନ ଜଣାଇଛନ୍ତି ପରିବାର ଲୋକ। ସେପଟେ ସ୍ଥାନୀୟ ବିଧାୟକ ଆକାଶ ଦାସନାୟକ ମଞ୍ଜୁଲତାଙ୍କ ପରିବାର ନିକଟରେ ପହଞ୍ଚି ଆଲୋଚନା କରିବା ସହ ଆଶ୍ୱାସନା ଦେଇଥିଲେ। ସେପଟେ ସମସ୍ତ ପ୍ରୟାସ ସତ୍ତ୍ୱେ ଏଯାଏ ନିଖୋଜ ଚାରିଜଣଙ୍କ ସନ୍ଧାନ ମିଳୁନି। ଉଦ୍ଧାରକାରୀ ଦଳ ଦ୍ୱାରା ଖୋଜାଖୋଜି ଚାଲିଛି। ତୁରନ୍ତ ସେମାନଙ୍କୁ ଉଦ୍ଧାର ପାଇଁ ଆକୁଳ ନିବେଦନ କରିଛନ୍ତି ପରିବାର ଓ ଆତ୍ମୀୟ ସ୍ୱଜନ।

## ■ ଅନ୍ୟ ଜାତିରେ ବିବାହ କରିଥିଲେ ବୋଲି

# ମଲା ପରେ ମୁହଁ ଚାହିଁଲାନି ପରିବାର




ବରଗଡ଼, ୨।୬ (ସମିସ): ବରଗଡ଼ ଜିଲ୍ଲାରେ ସୋମବାର ଜାତିପ୍ରଥାର ଏକ ଘୃଣ୍ୟ ରୂପ ଦେଖିବାକୁ ମିଳିଛି। ଅନ୍ୟ ଜାତିରେ ବାହା ହୋଇଥିବାରୁ ମୃତ୍ୟୁ ପରେ ମଧ୍ୟ ନିଜ ରକ୍ତ ସମ୍ପର୍କୀୟ ଥରୁଟିଏ ଦେଖିବାକୁ ଆସିଲେନି। ବରଗଡ଼ ଜିଲ୍ଲା ଅମ୍ବାଭୋନା ଥାନା ଅଧୀନ ସାନ ସରେଇପାଲି ଗାଁରେ ଆଜି ଏହି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଶେଷରେ ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାର ତାଙ୍କ ଶବ ସତ୍କାର କରିଛନ୍ତି। ମୃତକ ହେଲେ, ଗାଁର ସିମନ୍ତ ମିର୍ଦ୍ଧା।

**ଡାକ୍ତରଖାନା ବାରଣ୍ଡାରେ ପଡ଼ି ରହିଲା ଶବ**

ସୂଚନା ମୁତାବକ, ସିମନ୍ତ ୬ବର୍ଷ ତଳେ କାମ ଅନ୍ୱେଷଣରେ ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଅଞ୍ଚଳକୁ ଯାଇଥିଲେ। ସେଠାରେ ସେ ଅନ୍ୟଜାତିର ଜଣେ ଯୁବତୀଙ୍କୁ ପ୍ରେମବିବାହ କରିଥିଲେ। ଏହା ଜାଣିବା ପରେ ତାଙ୍କୁ ପରିବାରଲୋକ ଓ ଜାତିଭାଇ ବାସନ୍ଦ କରିଦେଇଥିଲେ। ତେବେ ରବିବାର ସାମାନ୍ୟ ଘର ଭାଗବଣ୍ଟାକୁ ନେଇ ସାନଭାଇ ରାମକୃଷ୍ଣ ମିର୍ଦ୍ଧା (୩୫)ଙ୍କ ସହ ବଚସା ହୋଇଥିଲା। ବଚସା ଏତେ ଉଗ୍ର ହୋଇଥିଲା ଯେ ଏଥିରେ ଉତ୍‌କ୍ଷିପ୍ତ ହୋଇ ରାମକୃଷ୍ଣ ଏକ ଠେଙ୍ଗାରେ ଆକ୍ରମଣ କରିବାରୁ ସିମନ୍ତଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ଖବର ପାଇ ଅମ୍ବାଭୋନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ରାମକୃଷ୍ଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ବ୍ୟବଚ୍ଛେଦ ପରେ ପୁଲିସ୍ ସିମନ୍ତଙ୍କ ଶବକୁ ପରିବାରଲୋକଙ୍କୁ ହସ୍ତାନ୍ତର କରିଥିଲା। ହେଲେ ସିମନ୍ତ ଅନ୍ୟଜାତିରେ ବାହା ହୋଇଥିବାରୁ ପରିବାର କି ସମାଜରେ କେହି ଧରାଛୁଆଁ ଦେଇନଥିଲେ। ମୃତଦେହ ସେମିତି ଡାକ୍ତରଖାନା ବାରଣ୍ଡାରେ ପଡ଼ି ରହିଥିଲା। ଶେଷରେ ପୁଲିସର ଅନୁରୋଧକ୍ରମେ ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାର ତରଫରୁ ପିପଲମୁଣ୍ଡା ସ୍ୱର୍ଗଦ୍ୱାରରେ ସସମ୍ମାନେ ସିମନ୍ତଙ୍କ ଶବସତ୍କାର କରାଯାଇଥିଲା। ସିମନ୍ତଙ୍କ ସ୍ତ୍ରୀ ଓ ମାଁ ସମେତ ୬ ବର୍ଷର ଝିଅ ଉପସ୍ଥିତ ଥିଲେ। ସଂକଳ୍ପ ପରିବାରର ସଭାପତି ବିକାଶ ଅଗ୍ରୱାଲ, ଅନନ୍ତ ସାହୁ, ଶେଷଦେବ ପଧାନ, ସଶାଙ୍କ ଦିୱାନ, ଜିରମେଶ ପ୍ରମୁଖ ଶବସତ୍କାର କରିଥିଲେ।

## ■ ନାବାଳିକା ଦୁଷ୍କର୍ମ ମାମଲା

# ୭୦ ବର୍ଷର ବୃଦ୍ଧଙ୍କୁ ୨୦ ବର୍ଷ ଜେଲ

କେନ୍ଦ୍ରାପଡ଼ା,୨।୬(ସମିସ): ୯ ବର୍ଷର ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି କେନ୍ଦ୍ରାପଡ଼ା ସ୍ୱତନ୍ତ୍ର ପକ୍‌ସୋ କୋର୍ଟ ଜଜ ୭୦ ବର୍ଷର ବୃଦ୍ଧଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଆସାମୀ ଅଧିକ ଏକବର୍ଷ ସଶ୍ରମ କାରାଦଣ୍ଡ ଭୋଗିବ ବୋଲି ଜଜ୍ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇ ୨୦ ବର୍ଷ ଜେଲଦଣ୍ଡ ପାଇଥିବା ବ୍ୟକ୍ତି ଜଣକ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଞ୍ଚଳର ବଟକୃଷ୍ଣ ସାହୁ (୭୦)।

ସୂଚନା ମୁତାବକ ୨୦୨୪ ନଭେମ୍ବର ୨୮ ତାରିଖରେ ନାବାଳିକାଙ୍କ ଘରେ କେହି ନ ଥିବା ବେଳେ ତାଙ୍କ ଘରକୁ ଯାଇଥିଲେ ବଟକୃଷ୍ଣ। ଘରେ କେହି ନ ଥିବା ସୁଯୋଗ ନେଇ ନାବାଳିକାଙ୍କୁ ଦୁଷ୍କର୍ମ କରିଥିଲେ। ନାବାଳିକା କାଳେ ପାଟି କରିବ, ତେଣୁ ତାଙ୍କ ପାଟିରେ ଗାମୁଛା ବାନ୍ଧି ଦେଇଥିଲେ। ଏହାର କିଛି ସମୟ ପରେ ଜଣେ ପଡ଼ୋଶୀ କବାଟ ବାଡ଼ାଇବାରୁ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଏନେଇ ନାବାଳିକାଙ୍କ ମାଆ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ଦୁଷ୍କର୍ମ ମାମଲା ରୁଜୁ କରିଥିଲା। ଘଟଣାର ତଦନ୍ତ କରି ପୁଲିସ ଅଭିଯୁକ୍ତ ବଟକୃଷ୍ଣଙ୍କୁ ଗିରଫ କରିଥିଲା। ତଦନ୍ତକାରୀ ଅଧିକାରୀ ଜାନୁଆରୀ ୨୨ତାରିଖରେ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ। ଏହି ମାମଲାରେ ୭ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଜଜ୍ ପ୍ରଜ୍ଞା ପରମିତା ରାଉଳ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି । ଏଥିସହ ପୀଡ଼ିତାଙ୍କୁ ୬ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଆଇନଜୀବୀ ମନୋଜ କୁମାର ସାହୁ ମାମଲା ପରିଚାଳନା କରୁଥିଲେ।

# ଆଦର୍ଶ ହେବ ୫୦୦ ପ୍ରାଥମିକ ବିଦ୍ୟାଳୟ

ଭୁବନେଶ୍ୱର,୨।୬(ସମିସ): ପ୍ରାଥମିକ ପର୍ଯ୍ୟାୟରେ ରାଜ୍ୟର ୫ଶହ ପ୍ରାଥମିକ ବିଦ୍ୟାଳୟକୁ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା'ରେ ଉନ୍ନତୀକରଣ କରାଯିବ। ସରକାରଙ୍କ ବର୍ଷପୂର୍ତ୍ତି ଅବସରରେ ଅର୍ଥାତ୍ ଆସନ୍ତା ୧୨ତାରିଖରେ ରାଜ୍ୟବ୍ୟାପୀ ସମସ୍ତ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରଥମେ ପ୍ରତି ବ୍ଲକ୍‌ରେ ଅର୍ଥାତ୍ ୩୧୪ ବ୍ଲକ୍‌ରେ ଗୋଟିଏ ଲେଖାଏଁ ବିଦ୍ୟାଳୟକୁ ଏହି ଯୋଜନାରେ ଉନ୍ନତିକରଣ ପାଇଁ ନିଷ୍ପତ୍ତି ହୋଇଥିଲା। ପ୍ରତି ବ୍ଲକ୍‌ରେ ଗୋଟିଏ ଲେଖାଏଁ ବିଦ୍ୟାଳୟକୁ ମଧ୍ୟ ଚୟନ କରାଯାଇଥିଲା। ହେଲେ ଏହାକୁ ୫ଶହକୁ ବଢ଼ାଇବା ପାଇଁ ନିଷ୍ପତ୍ତି ନେଇଛି ଗଣଶିକ୍ଷା ବିଭାଗ। ଅବଶିଷ୍ଟ ୧୮୬ଟି ବିଦ୍ୟାଳୟକୁ ଚିହ୍ନଟ କରିବା ପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ୍ ଚିଠି ଲେଖିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ମୟୁରଭଞ୍ଜ ଜିଲ୍ଲାର ସର୍ବାଧିକ ୪୦ଟି ବିଦ୍ୟାଳୟ ଉନ୍ନତିକରଣ ତାଲିକାରେ ସ୍ଥାନ ପାଇଥିବାବେଳେ ଜଗତସିଂହପୁର ଜିଲ୍ଲାରେ ଦ୍ୱିତୀୟ ସର୍ବାଧିକ ୩୪ଟି ବିଦ୍ୟାଳୟକୁ ଚିହ୍ନଟ କରାଯାଇଛି। ସେହିପରି ବୌଦ୍ଧ ଓ ଦେବଗଡ଼ ଜିଲ୍ଲାରେ ସର୍ବନିମ୍ନ ୫ଟି ଲେଖାଏଁ ବିଦ୍ୟାଳୟ ତାଲିକାରେ ସ୍ଥାନ ପାଇଛି। ସୂଚନାଯୋଗ୍ୟ, ଏହି ଯୋଜନା ଅନୁଯାୟୀ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏଁ ପ୍ରାଥମିକ ବିଦ୍ୟାଳୟକୁ ଉନ୍ନତିକରଣ କରାଯିବ। ରାଜ୍ୟରେ ସମୁଦାୟ ୬,୭୯୪ଟି ବିଦ୍ୟାଳୟକୁ ଏହି ଯୋଜନାରେ ଉନ୍ନତିକରଣ କରାଯିବ। ନୂଆ ଶ୍ରେଣୀଗୃହ, ବାଳକ ଓ ବାଳିକାଙ୍କ ପାଇଁ ପୃଥକ ଶୌଚାଳୟ, ପ୍ରାଚୀର ନିର୍ମାଣ, ସବୁଜ ପରିବେଶ, ଡିଜିଟାଲ ଲାଇବ୍ରେରୀ ଓ ଲାଙ୍ଗୁଏଜ୍ ଲ୍ୟାବ୍, ଖେଳ ପଡିଆ, ଡାଇନିଙ୍ଗ ହଲ୍, କମ୍ପ୍ୟୁଟର, ସ୍ମାର୍ଟ ବୋର୍ଡ ଆଦିର ବ୍ୟବସ୍ଥା କରାଯିବ। ଏହା ସହିତ କ୍ରୀଡ଼ା, ଶାରୀରିକ ବ୍ୟାୟମ ଏବଂ ସାମାଜିକ ଓ ସାଂସ୍କୃତିକ ଶିକ୍ଷା ଉପର ମଧ୍ୟ ଗୁରୁତ୍ୱ ଦିଆଯିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୨୪ ଘଣ୍ଟାରେ...

ଏବଂ ତାମିଲନାଡୁର ୨୫ ବର୍ଷୀୟ ଯୁବକଙ୍କ ମୃତ୍ୟୁ ହୋଇଥିଲା। ସେହିପରି ନୂଆ ସଂକ୍ରମିତଙ୍କୁ ମିଶାଇ ମୋଟ ରୋଗୀସଂଖ୍ୟା ୩୯୭୬ରେ ପହଞ୍ଚିଛି। ଗତ ୧୦ ଦିନରେ କରୋନା ମାମଲା ୧୫ ଗୁଣ ବୃଦ୍ଧି ପାଇଛି। ପୁଣିଥରେ କେରଳ କରୋନାର ହଟ୍‌ସ୍ପଟ୍ ପାଲଟିଛି।। ରାଜ୍ୟରେ ସର୍ବାଧିକ ୧୪୩୫ ରୋଗୀ ଚିକିତ୍ସାଧୀନ ଅଛନ୍ତି। ୫୦୬ ରୋଗୀଙ୍କ ସହ ମହାରାଷ୍ଟ୍ର ଦ୍ୱିତୀୟ ସ୍ଥାନରେ ରହିଛି। ଦିଲ୍ଲୀରେ ୪୮୩, ଗୁଜରାଟରେ ୩୩୮, ପଶ୍ଚିମବଙ୍ଗରେ ୩୩୧ ଏବଂ କର୍ଣ୍ଣାଟକରେ ୨୫୩ ରୋଗୀ ଚିକିତ୍ସାଧୀନ ଅଛନ୍ତି। କ୍ରମାଗତ ଭାବେ ମାମଲା ବୃଦ୍ଧିକୁ ଦେଖି କର୍ଣ୍ଣାଟକ ସରକାର ମାର୍ଗଦର୍ଶିକା ଜାରି କରିଛନ୍ତି। ଜନଗହଳି ପୂର୍ଣ୍ଣ ଅଞ୍ଚଳରେ ମାସ୍କ ଲଗାଇବାକୁ, ସାମାଜିକ ଦୂରତ୍ୱ ବଜାୟ ଏବଂ ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦେବାକୁ କୁହାଯାଇଛି। ଥଣ୍ଡା, ଜ୍ୱର, କାଶ ହେଲେ ତୁରନ୍ତ ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି। ଏହାମଧ୍ୟରେ ଦିଲ୍ଲୀ ହାଇକୋର୍ଟ ଏକ ମାମଲାର ଶୁଣାଣି କରି କହିଛନ୍ତି ଯେ କରୋନା ମାହମାରୀ ଏବେ ଶେଷ ହୋଇନାହିଁ। କୋର୍ଟ କେନ୍ଦ୍ର ସରକାରଙ୍କୁ ନମୁନା ସଂଗ୍ରହ, କରୋନା କେନ୍ଦ୍ର ଏବଂ ପରିବହନ ନୀତିର ପ୍ରସ୍ତୁତି ବିଷୟରେ ବିସ୍ତୃତ ବିବରଣୀ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ଦେଶରେ ରଜିତ...

ଅନୁରୂପ ଭାବେ ହଂସ ଦାରୁକା ସର୍ବଭାରତୀୟ ସ୍ତରରେ ୩୯ତମ ସ୍ଥାନରେ ରହିବା ସହ ଓଡ଼ିଶା ଟପ୍ପର ହୋଇଛନ୍ତି। ପ୍ରଥମ ପ୍ରୟାସରେ ହିଁ ୩୬୦ ରୁ ୩୦୦ ମାର୍କ ରଖି ସଫଳତା ପାଇଛନ୍ତି। ନିଜ ପ୍ରତିକ୍ରିୟାରେ ସେ କହିଛନ୍ତି ଯେ ନବମ ଶ୍ରେଣୀରୁ ଏହି ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ନିୟମିତ ଭାବେ ପଢ଼ିବା ସହ ସାମାଜିକ ଗଣମାଧ୍ୟମରୁ ଦୂରେଇ ରହୁଥିଲେ। ତାଙ୍କ ଭାଇ ମଧ୍ୟ ଆଇଆଇଟିରେ ପଢୁଥିବାରୁ ତାଙ୍କୁ ପ୍ରସ୍ତୁତି କରିବାରେ ପ୍ରୋତ୍ସାହିତ କରିଥିଲା। ଆଗକୁ ଆଇଆଇଟି ବମ୍ବେରେ କମ୍ପ୍ୟୁଟର ସାଇନ୍ସରେ ପଢ଼ିବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ସେହିପରି ଓଡ଼ିଶାର ଅନ୍ୟତମ ଛାତ୍ର ନବନିତ ପ୍ରିୟଦର୍ଶୀ ସର୍ବଭାରତୀୟ ସ୍ତରରେ ୯୭ତମ ସ୍ଥାନରେ ରହି ଓଡ଼ିଶାର ଗୌରବ ବଢ଼ାଇଛନ୍ତି। ସୂଚନାଯୋଗ୍ୟ।।ଯେ ଚଳିତ ବର୍ଷ ଜେଇଇ ଆଡଭାନ୍ସଡ୍ ପାଇଁ ସମୁଦାୟ ୧,୮୭,୨୨୩ ଜଣ ଛାତ୍ରଛାତ୍ରୀ ପଞ୍ଜୀକରଣ କରିଥିବା ବେଳେ ୧,୮୦,୪୪୨ ଜଣ ପେପର-୧ ଓ ପେପର-୨ ପରୀକ୍ଷା ଦେଇଥିଲେ। ସମୁଦାୟ ୫୪,୩୭୮ ଜଣ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାସହ କାଉନସେଲିଂ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ତନ୍ମଧ୍ୟରେ ୪୪,୯୭୪ ଜଣ ଛାତ୍ର ଥିବାବେଳେ ମାତ୍ର ୯,୪୦୪ ଜଣ ଛାତ୍ରୀ ରହିଛନ୍ତି। ମୋଟ୍ ୨୩ଟି ଆଇଆଇଟିରେ ପ୍ରାୟ ୧୮,୦୦୦ ସ୍ନାତକ ଇଞ୍ଜିନିୟରିଂ (ବିଟେକ୍ ପାଠ୍ୟକ୍ରମ) ସିଟ୍‌ରେ ପଢ଼ିବା ପାଇଁ ସେମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବ। ଅର୍ଥାତ ପ୍ରତି ୩ଜଣଙ୍କ ମଧ୍ୟରୁ ଜଣେ ପ୍ରାର୍ଥୀ ନାମ ଲେଖାଇପାରିବେ। ଚଳିତବର୍ଷ କଟଅଫ୍ ମାର୍କ ସାଧାରଣ ବର୍ଗ ପାଇଁ ୭୬ ଯାଇଥିବା ବେଳେ ସାମାଜିକ ପଛୁଆ ବର୍ଗ (ଓବିସି) ଓ ଆର୍ଥିକ ଅନଗ୍ରସର ବର୍ଗଙ୍କ ପାଇଁ ୬୬ ଏବଂ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗ ପାଇଁ ୩୭ ମାର୍କ କଟଅଫ୍ ଯାଇଛି।

### ଶାସକ-ବିରୋଧୀ ...

ମନ୍ତ୍ରୀଙ୍କ ପାଖରେ ଏବେ ପାଞ୍ଚରୁ ଅଧିକ ସରକାରୀ ଗାଡ଼ି ଥିବା ଦେଖାଯାଉଛି। ପ୍ରତି ବିଭାଗ ପାଇଁ ବ୍ୟକ୍ତିଗତ ସଚିବ ଓ ଅନ୍ୟ ସରକାରୀ କର୍ମଚାରୀ ଯୋଗାଇ ଦିଆଯାଇଥିବାରୁ ଜଣେ ଜଣେ ମନ୍ତ୍ରୀଙ୍କ ସେବାରେ ଡ଼ଜନ ଡ଼ଜନ କର୍ମଚାରୀ ନିଯୁକ୍ତି ପାଇଛନ୍ତି। ମାତ୍ର ସମ୍ପୃକ୍ତ ମନ୍ତ୍ରୀମାନଙ୍କ ବିଭାଗଗୁଡ଼ିକର ପ୍ରଦର୍ଶନ ଆଶାନୁରୂପ ହୋଇ ପାରିନାହିଁ। ରାଜସ୍ୱ ସଂଗ୍ରହକାରୀ ବିଭାଗଗୁଡ଼ିକର ଆୟ ସନ୍ତୋଷଜନକ ନୁହେଁ। ସେହିପରି ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ ମଧ୍ୟ ଅତ୍ୟନ୍ତ ନୈରାଶ୍ୟଜନକ। ଯାହା ସରକାରଙ୍କ ଶିରପୀଡ଼ା ବଢ଼ାଇ ଦେଇଛି।

ମନ୍ତ୍ରୀମାନଙ୍କ ରିପୋର୍ଟ କାଡର୍‌ରେ ଏହି ଅସଙ୍ଗତି ଓ ବିଫଳତାକୁ କଟାକ୍ଷ କରିଛି ବିଜେଡି। ମନ୍ତ୍ରୀମାନେ ନିଜର ରିପୋର୍ଟକୁ ସର୍ବସାଧାରଣ କରିବାକୁ ବିଜେଡି ବିଧାୟକ ଗୌତମ ବୁଦ୍ଧ ଦାସ ଆହ୍ୱାନ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟର ଅପାରଗ ସରକାର ଚାଲିଛି ବୋଲି ବର୍ଷକ ମଧ୍ୟରେ ଲୋକେ ଅନୁଭବ କରିଛନ୍ତି। ଓଡ଼ିଶାର ବିକାଶ ସଂପୂର୍ଣ୍ଣ ଠପ ହୋଇଥିବା ବେଳେ ମନ୍ତ୍ରୀମାନେ ନିଜ ବିଭାଗ ସମ୍ଭାଳିବାରେ ବିଫଳ ହୋଇଛନ୍ତି। ରାଜ୍ୟପାଳଙ୍କ ପୁଅ ଓଡ଼ିଆ ଅଧିକାରୀଙ୍କୁ ମାଡ଼ ମାରିବା, ଚିକିଟି ମଦ ମୃତ୍ୟୁ ମାମଲା, ଭରତପୁର ଥାନା, ବଡ ଠାକୁର ପଡ଼ିଯିବା ଘଟଣାର ରିପୋର୍ଟ ଏଯାବତ୍ ପ୍ରକାଶ ପାଇଲାନି। ସେହିପରିକଟନୀ ଛଟନୀ, ଦରଦାମ, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ନାରୀ ନିର୍ଯାତନା, କଲେଜ ନିର୍ବାଚନ କରିବାରେ ବିଫଳ, ଆଦି ପ୍ରସଙ୍ଗ ମନ୍ତ୍ରୀମାନଙ୍କ ଦକ୍ଷତା ପ୍ରମାଣିତ କରିଛି ବୋଲି ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ମଧ୍ୟ ଏହି ପ୍ରସଙ୍ଗରେ ସରକାରଙ୍କୁ ସମାଲୋଚନା କରିଛି। କୋଟିଆ ସୀମା ବିବାଦ, ପୋଲାଭରମ, ମହାନଦୀ ଆଦି ପ୍ରସଙ୍ଗରେ ରାଜ୍ୟ ସରକାର ଅସମ୍ଭବ ନିରବତା ଆଚରଣ କରୁଛନ୍ତି। ବର୍ଷେ ହେବ ଅଧିକାଂଶ ମନ୍ତ୍ରୀ ବିଭାଗୀୟ ବଜେଟ ଅର୍ଥକୁ ଖର୍ଚ୍ଚ ନକରିବା ସରକାରଙ୍କ ପାରିବା ପଣିଆକୁ ପ୍ରଦର୍ଶନ କରୁଛି ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ତେବେ ବିଜେପି ନିଜ ସରକାରଙ୍କ ମନ୍ତ୍ରୀମାନଙ୍କୁ ସୁରକ୍ଷା ଦେବାକୁ ବାହାରି ପଡ଼ିଛି। ମନ୍ତ୍ରୀମାନେ ଦକ୍ଷତାର ସହ ନିଜର କାମ କରିଛନ୍ତି ଓ ଦଳ ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରିଥିବା ନେଇ ବିଜେପି ବିଧାୟକ ସରୋଜ ପାଢ଼ୀ ଯୁକ୍ତି ବାଢିଛନ୍ତି। ଶାସକ ଦଳର ଏପରି ଯୁକ୍ତିକୁ କିନ୍ତୁ ଗ୍ରହଣ କରିନାହିଁ ବିଜେଡି। ବିଜେପି ସରକାର ବର୍ଷେ ହେବା କେବଳ ନାଁ ଓ ରଙ୍ଗ ପରିବର୍ତ୍ତନ କାମ କରିଛନ୍ତି। ତାହାକୁ ସେମାନେ ନିଜ ରିପୋର୍ଟ କାର୍ଡରେ ଉଲ୍ଲେଖ କରିବେ କି ବୋଲି ବିଜେଡି ବିଧାୟକ ପ୍ରଦୀପ ଦିଶାରୀ ପ୍ରଶ୍ନ କରିଛନ୍ତି। ଅପରପକ୍ଷେ ରାଜନୈତିକ ସମୀକ୍ଷକଙ୍କ ଏନେଇ ମତ ପ୍ରକାଶ କରି କହିଛନ୍ତି ଯେ ପୂର୍ବ ସରକାର ସମୟରେ ବି ମନ୍ତ୍ରୀମାନେ ନିଜର ରିପୋର୍ଟ କାର୍ଡ ଦେଉଥିଲେ। ରିପୋର୍ଟ କାର୍ଡକୁ ଆଧାର କରି ମୁଖ୍ୟମନ୍ତ୍ରୀ ମନ୍ତ୍ରୀମାନଙ୍କ ଦକ୍ଷତା ମାପିବାର ମାପକାଠି କରିପାରନ୍ତି ବୋଲି ସମୀକ୍ଷକ ଆକଳନ କରିଛନ୍ତି।

### ଏମ୍‌କେସିଜିରେ ପୁଣି...

ପଡିଥିବା ବେଳେ ଶେଷରେ ବାଧ୍ୟ ହୋଇ ସେ ନିଜ ଅଭିଭାବକଙ୍କୁ ଜଣାଇବା ସହ ଦିଲ୍ଲୀସ୍ଥିତ ଆଣ୍ଟି ରାଗିଂ ସେଲକୁ ଇ-ମେଲ ଯୋଗେ ଅଭିଯୋଗ କରିଥିଲେ। ଏହାପରେ ସଂପୃକ୍ତ ହାଉସ୍ ସର୍ଜନଙ୍କ ସମେତ କିଛି ସହପାଠୀ ତଥା ଛାତ୍ର ସଂସଦ କର୍ମକର୍ତ୍ତା ମିଳିତ ଭାବେ ତାଙ୍କୁ ଏହି ଅଭିଯୋଗ ପ୍ରତ୍ୟାହାର କରିନେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଥିଲା। ଫଳରେ ପରେ ସମ୍ପୃକ୍ତ ଛାତ୍ରଜଣକ ନିଜ ଅଭିଭାବକଙ୍କୁ ସାଙ୍ଗରେ ନେଇ ଏମକେସିଜି ମଡିକାଲ କଲେଜ ଅଧ୍ୟକ୍ଷାଙ୍କୁ ସାକ୍ଷାତ କରି ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ। ଛାତ୍ରଙ୍କ ଅଭିଯୋଗକୁ ଭିତ୍ତି କରି ଏମ୍‌କେସିଜି ପକ୍ଷରୁ ତଦନ୍ତ କରାଯାଇଥିଲା। ଅନ୍ୟପକ୍ଷରେ ଆଣ୍ଟି ରାଗିଂ ସେଲରୁ ଚିଠି ଆସିବା ପରେ ଏମକେସିଜି କର୍ତ୍ତୃପକ୍ଷ ଆଣ୍ଟି ରାଗିଂ କମିଟିର ଜରୁରୀ ବୈଠକ ଡକାଇଥିଲେ।

ଅଭିଯୋଗ ଅଧାରରେ ସୋମବାର ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ଆଣ୍ଟି ରାଗିଂ କମିଟିର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏମକେସିଜି ମେଡିକାଲ କଲେଜର ଟେଲି ମେଡିସିନ କକ୍ଷରେ ଡିନ ତଥା ଅଧ୍ୟକ୍ଷା ପ୍ରଫେସର ଡା. ସୁଚିତ୍ରା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଫେସର ଡା. ଦୁର୍ଗାମାଧବ ଶତପଥୀ, ରେଜିଷ୍ଟ୍ରାର ସଂଗ୍ରାମ ପଣ୍ଡା, ବିଭିନ୍ନ ବିଭାଗୀୟ ମୁଖ୍ୟ, ପୁଲିସ ଅଧିକାରୀ ଓ କମିଟିର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ବୈଠକରେ ଏମ୍‌ବିବିଏସ୍ ଛାତ୍ରଙ୍କୁ ରାଗିଂ କରାଯାଇଥିବା ସ୍ପଷ୍ଟ ହେବା ପରେ କମିଟି ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଉଭୟ ହାଉସ ସର୍ଜନଙ୍କୁ ୨୫ହଜାର ଟଙ୍କା ଲେଖାଏଁ ଜରିମାନା ଦେବାକୁ କମିଟି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା।

### ବାପା ସହ ମିଶି...

ସ୍ୱାମୀଙ୍କୁ ଫୋନ୍‌ରେ ଧମକ ଦେଉଥିବା କାଳିଆର ପରିବାରଲୋକେ ଅଭିଯୋଗ କରିଛନ୍ତି। ଏପରିକି, ପୂଜାର ବାପା କାଳିଆକୁ ମାରିଦେବାକୁ ମଧ୍ୟ କାଳିଆର ବାପାକୁ କହିଥିବା ସେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ରବିବାର ରାତିରେ କାଳିଆ ଶୋଇଥିବା ବେଳେ ପୂଜା ଓ ତାଙ୍କ ବାପା ଏକ ଛୁରିରେ କାଳିଆଙ୍କ ଛାତି ଏବଂ ହାତକୁ ଭୁସି ଫେରାର ହୋଇଯାଇଛନ୍ତି ବୋଲି କାଳିଆର ବାପା ଓ ଭାଇ ଏତଲା ଦେଇଛନ୍ତି। ପୁଲିସ୍ ଶବ ଜବତ କରି ତଦନ୍ତ ଚଳାଇଥିବା ବେଳେ ଘଟଣାସ୍ଥଳରେ ପୁରୁଷୋତ୍ତମପୁର ଏସ୍‌ଡିପିଓ ପହଞ୍ଚିଥିବା ଜଣାଯାଇଛି। ମୃତ କାଳିଆଙ୍କ ୧୦ ବର୍ଷର ଏକ ପୁଅ ରହିଛି।

### କିଶୋରୀଙ୍କ 'ଖୁସି'ରେ...

ହଜାର ୫୬ଟି ନାପ୍‌କିନ୍ ଯୋଗାଇ ଦିଆଯାଇଥିଲା। ସେହିପରି ୨୦୨୨-୨୩ ଆର୍ଥିକ ବର୍ଷରେ ୧୮ କୋଟି ୨୪ ଲକ୍ଷ ୫୧ ହଜାର ୫୧୨ ନାପ୍‌କିନ୍ ଯୋଗାଇ ଦିଆଯାଇଥିଲା। ମାତ୍ର ବର୍ଷେ ହେଲା ଏହି କାର୍ଯ୍ୟକ୍ରମ ଏକପ୍ରକାର ବନ୍ଦ ହୋଇ ଯାଇଛି ଓ କିଶୋରୀଙ୍କ 'ଖୁସି'ରେ ସରକାର ତାଲା ପକାଇ ଦେଇଛନ୍ତି। ଏକ ପକ୍ଷରେ ସରକାର ମହିଳାମାନଙ୍କୁ ପ୍ରତି କ୍ଷେତ୍ରରେ ଅଗ୍ରାଧିକାର ଦେଉଥିବା କଥା କହୁଛନ୍ତି, ମାତ୍ର ଅନ୍ୟପକ୍ଷରେ ଗ୍ରାମାଞ୍ଚଳର ମହିଳା ଓ କିଶୋରୀମାନଙ୍କର ଏକ ଅତ୍ୟାବଶ୍ୟକୀୟ ପ୍ରସଙ୍ଗକୁ ଉପେକ୍ଷା କରି ଚାଲିଛନ୍ତି। ଯାହାକୁ ନେଇ ଉଭୟ ସ୍କୁଲ ଛାତ୍ରୀ ଓ କିଶୋରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କିଛି ଦିନ ତଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରତି ବିଦ୍ୟାଳୟ ଏବଂ ସମସ୍ତ କାର୍ଯ୍ୟାଳୟରେ ସାନିଟାରୀ ନାପକିନ୍ ଭେଣ୍ଡିଂ ମେସିନ୍ ଲଗାଯିବ ବୋଲି ଘୋଷଣା କରିଛନ୍ତି। ମାତ୍ର ଯେଉଁ ଯୋଜନାରେ ସ୍କୁଲ ଛାତ୍ରୀ ଓ କିଶୋରୀମାନଙ୍କୁ ମାଗଣାରେ ସାନିଟାରୀ ନାପକିନ୍ ବଣ୍ଟନ ହେଉଥିଲା, ତାହାକୁ କାହିଁକି ବନ୍ଦ କରି ଦିଆଗଲା ତାହାର ଉତ୍ତର କାହାରି ନିକଟରେ ନାହିଁ।

**AFFIDAVIT**

I, Raja Bhusan Nayak, S/o- Late Nalini Kanta Nayak, resident of Raikala, Via- G. Udayagiri, Raikala, Dist- Kandhamal, Odisha, Pin- 762100 declare by this affidavit No.13AA 349675 dtd.- 02/06/2025 that now onwards I shall be known as **RAJAT BHUSHAN NAYAK** as for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Nayagarh on date- 29/05/2025. I, **Sumanta Mahanta,** resident of At- Champatipur Patanasahi, Po- Champatipur, Ps- Itamati, Dist- Nayagarh, Odisha. I declared by my minor son Name has been changed from **Deepankar Mahanta** (old name) to **Aditya Mohanta** (new name), Henceforth, he shall be known as **ADITYA MOHANTA** for all future purposes.

**Sumanta Mahanta**

**AFFIDAVIT**

I, Manoranjan Biswal, S/o- Kishor Chandra Biswal, resident of At- Akhuadakhini, P.O- Odanga, P.S- Patkura, Dist.- Kendrapara- 754228, Odisha declare by this affidavit dtd.02.06.2025 that, my actual name is **MANORANJAN BISWAL** but in my HSC Certificate & Mark Sheet my name has been mentioned as **MANARANJAN BISWAL**. Hence **MANORANJAN BISWAL** and **MANARANJAN BISWAL** is one and same person belongs to my name.

**AFFIDAVIT**

By virtue of an affidavit sworn before the Notary Public, Cuttack, dated 29.05.2025 I, Sakuntala Behera, D/o. Dinabandhu Sankhua, W/o - Panchanan Behera resident of At- Patuli, P.O.- Baligan, P.S.- Chandbali, Dist- Bhadrak, Odisha, Pin- 756133 have changed my name from **Fakana Sankhua** to **Sakuntala Behera**. Henceforth, I shall be known as **Sakuntala Behera** for all purposes.

**Sd/- Sakuntala Behera**

**AFFIDAVIT**

By virtue of an affidavit before Executive Magistrate, Bhubaneswar, CF NO-126/Date- 30/05/2025 ,that I, Mausumi Mahapatra, D/o-Akhaya Kumar Mahapatra permanent resident of Plot No. 25/1981, Unit-7, Ganganagar, OUAT Hostel No.9, Ps.- Khandagiri, Bhubaneswar, Odisha, PIN-751003 state that, my former name was Mousumi Mahapatra which has been corrected to Mausumi Mahapatra. So Mousumi Mahapatra and Mausumi Mahapatra is one and same person. Henceforth I will be known as **Mausumi Mahapatra** for all future purposes.

**AFFIDAVIT**

I Debajani Das Mohapatra, W/O: Devi Prasad Das Mohapatra, Resident of Abanti Nibas, Rajbati Nagar, Athagarh, Radhagobindapur, Cuttack, Dhaipur, Odisha, 754029, declare by this affidavit No: C.F- 62 Dt. 05/07/2024 that now onward I shall be known as **Debajani Mohanty** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Niali on dtd. 30/04/2025. I, **Adyasha Priyadarshini Behera,** D/o- Swadhin Behera, Village- Nariso (Hatuasahi), Po- Nariso PS- Balipatna, Dist- Khorda, Odisha have changed my name from **Adyas Priyadarshini Behera To Adyasha Priyadarshini Behera**. Henceforth, I shall be known as **ADYASHA PRIYADARSHINI BEHERA** for all purposes.

**Adyasha Priyadarshini Behera**

**AFFIDAVIT**

I, **Hemanta Kumar Barik,** S/o- Balaram Barik, residing At/Po- Andhari, Ps- korai, Dist- Jajpur, Pin- 755019, Odisha declare by this affidavit No- S209543, dated- 23/05/2025, that my minor daughter's name has been changed from **Rashi Barik** (old name) to **Gayatri Barik** (new name). Henceforth she shall be known as **Gayatri Barik** for all future purposes.

**Hemanta Kumar Barik**

**Notice (for Minor)**

By virtue of an affidavit sworn before The Executive Magistrate, Udala, Mayurbhanj, dated 21-05-2025 I, Panamani Hansdah, Address At- Gayalamara, P.O.- Gayalamara, P.S.- Khunta, Dist- Mayurbhanj, Odisha, Pin Code – 757104, declare that I have changed the name of my son from **Rituraj Hansdah to Sanat Bir Hansdah.** Henceforth he shall be known as **Sanat Bir Hansdah** for all purposes.

**Panamani Hansdah**

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
**GADHWAL GROUP**
**Mob.: 9437015112**

**AFFIDAVIT**

I smt Snehalata Biswal w/o- RABI rout of Vill- PANPUR, Po- Balimed, Ps- Naikanidihi, Dist- Bhadrak. My actual name is **SNEHALATA BISWAL** as per my Aadhar Card. But in my L.I.C. Policy No.587361624 my name wrongly mentioned as **"RANJITA ROUT"** instead of **"SNEHALATA BISWAL"**, W/O- RABI ROUT is same & one person.

**AFFIDAVIT**

I, Binaya Bhusan Panda, S/o- Bhagirathi Panda, resident of At- Talakia, Po/Ps- Oupada, Dist- Balasore, Pin- 756049, Odisha declared by this affidavit Sl No. 1116, dtd- 02/06/2025 that now onwards I shall be known as **BINAY BHUSAN PANDA** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar dated-02/06/2025, I.Chandana Puhan, At/Po- Mathatentulia, Ps- Gondia, Dist–Dhenkanal, Pin- 759016 declare that I have changed the name of my son from **Subranshu Sekhar to Suryanshu Puhan**. Henceforth, he shall be known as **SURYANSHU PUHAN** for all purposes.

**Chandana Puhan**

OFFICE OF THE PRINCIPAL-CUM-SECRETARY PH: 06782-233954 9777233584
**NILAGIRI WOMEN'S DEGREE COLLEGE, NILAGIRI**
AT /PO - RAJ-NILGIRI, DIST - BALASORE, ODISHA, PIN -756040
e-mail: nilagiriwomensdegreecollege@gmail.com www.nilagiriwomensdegreecollege.nic.in

Letter No. 2056/25 **TENDER CALL NOTICE** Date: 02.06.2025

Sealed quotations are hereby invited in the prescribed format from the intending registered authorized dealers having valid GST clearance certificate, IT clearance certificate and PAN Card for supply of Dell Desktop Computer, MFM Printer, UPS(S), Sony LED TV,65 Inch Wireless Mic & Camera with MIC for Virtual meeting and Internet facility to Nilagiri Womens Degree College, Nilagiri, Balasore. The details of Tender and tender documents can be obtained from the College Office or College Website: www.nilagiriwomensdegreecollege.in from 10AM dated 02/06/25 .The Tenderer shall submit their tender by registered post on or before dated -17/06/25.The tender will be opened at 2.00 PM on 20/06/25 in the office under signed in the presence of bidders or their authorized representatives.
The authority reserves the rights to accept or reject any or all tenders without assigning any reason thereof. All disputes are subject to the Jurisdiction of Balasore only.

Sd/-Principal,
Nilagiri Womens Degree College, Nilagiri, Balasore.

# ‘ସଂସ୍କାର’ରେ ନାମ ନ ଲେଖାଇବାକୁ ବିଇଓଙ୍କ ପରାମର୍ଶ

ଢେଙ୍କାନାଳ,୨।୬(ସମିସ)

ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଜିରାଳରେ ଗଢ଼ିଉଠିଥିବା ଘରୋଇ ବିଦ୍ୟାଳୟ ସଂସ୍କାର ପବ୍ଲିକ ସ୍କୁଲରେ ନାମ ନ ଲେଖାଇବାକୁ ଭୁବନ ବିଇଓ ଗ୍ରାମବାସୀ ଏବଂ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏହି ବିଦ୍ୟାଳୟର ଅନୁମତି ଏବଂ ୟୁଡାଇଏସ କୋଡ୍ ନ ଥିବାରୁ ସେଠାରେ ନାମ ଲେଖାଇ ପିଲାମାନଙ୍କ ଭବିଷ୍ୟତ ନଷ୍ଟ ନ କରିବାକୁ କହିଛନ୍ତି।

ଢେଙ୍କାନାଳ ଜିଲ୍ଲାରେ ବିନା ଅନୁମତିରେ ଗଳି କନ୍ଦିରେ ଘରୋଇ ଖୋଲୁଥିବା ବେଳେ ସ୍କୁଲ ମାଲିକ କୋଟିପତି ସାଜୁଛନ୍ତି। ଘରୋଇ ସ୍କୁଲରେ ଶିକ୍ଷା ବାବଦକୁ ଦାବି ହେଉଥିବା ଦେୟ ଓ ମିଳୁଥିବା ସୁବିଧାସୁଯୋଗକୁ ଅବଲୋକନ କଲେ ଶିକ୍ଷା ଅଧିକାର ଆଇନ ଓ ସିଟିଏସ୍‌ର ଆଇନର ଉଲ୍ଲଂଘନ ହେଉଛି। ଏହିକ୍ରମରେ ବରିଷ୍ଠ ଅଧିବକ୍ତା ଅଲେଖ ଚନ୍ଦ୍ର ତ୍ରିପାଠୀ ଜିଲ୍ଲାପାଳ ଓ ସିବିଏସଇ ସେକ୍ରେଟାରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରିଛନ୍ତି। ସେ ପତ୍ରରେ ଘରୋଇ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦେୟ ଜିଲ୍ଲା ପ୍ରଶାସନ ନିର୍ଦ୍ଧାରଣ କରିବା ସହ ବେଆଇନ




କାର୍ଯ୍ୟ ବିରୋଧରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ ସିବିଏସଇ ଆଇନକୁ ଉଲ୍ଲଂଘନ କରି ସହବନ୍ଧିତ ପ୍ରମାଣପତ୍ର ହାତେଇଥିବା ଅନେକ ଘରୋଇ ବିଦ୍ୟାଳୟକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱୀକୃତି ମିଳି ନ ଥିବା ଦେଖିବାକୁ ମିଳିଛି। ଘରୋଇ ଇଂରାଜୀ ମାଧ୍ୟମ ସ୍କୁଲ ସ୍ଥାପନ କରିବା ପାଇଁ ଉଭୟ ଜିଲ୍ଲା ପ୍ରଶାସନ ଓ ସିବିଏସଇର ଅନୁମତିପତ୍ର ଆବଶ୍ୟକ। ମାତ୍ର ଜିଲ୍ଲାର କେତେକ ଘରୋଇ ସ୍କୁଲର ଟ୍ରଷ୍ଟ ସମ୍ପର୍କରେ ଅନୁଧ୍ୟାନ କଲେ ଜଣାପଡ଼ିଛି ଯେ ଏକାଧିକ ପରିବାର ସଦସ୍ୟ ସେଥିରେ ରହିଛନ୍ତି। ସେହିପରି ଅନେକ ବିଦ୍ୟାଳୟରେ ଶିକ୍ଷା ଅଧିକାର ଆଇନ ଅନୁଯାୟୀ ୨୫ ପ୍ରତିଶତ ସଂରକ୍ଷିତ ସିଟ୍‌ରେ ଗରିବ ଛାତ୍ରୀଛାତ୍ରଙ୍କ ନାମଲେଖାକୁ ବାଦ୍ ଦିଆଯାଉଛି। ଏହାସହ ସ୍କୁଲଗୁଡ଼ିକରେ ଦିବ୍ୟାଙ୍ଗ ମୈତ୍ରୀ ପରିବେଶ ନିର୍ମାଣ ହୋଇ ନ ଥିବା ଦେଖିବାକୁ ମିଳିଛି। ଏ ନେଇ ବହୁ ପୂର୍ବରୁ ଜନତା ଦରବାରକୁ ଯାଇ ଜନମତ ଗଢ଼ି ତୋଳିବାକୁ ଓଷ୍ଟାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯାଇ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକୁ ପରୋକ୍ଷରେ ପ୍ରୋତ୍ସାହନ ଦିଆଯାଉଛି। କେତେକ ଘରୋଇ ଶିକ୍ଷାନୁଷ୍ଠାନରେ ସ୍ୱୀକୃତି ପ୍ରମାଣପତ୍ର ବା ସିଓଆର ନ ଥିବା ବେଳେ ଆବଶ୍ୟକ ଡିଗ୍ରୀ ନ ଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦେଇ ଘରୋଇ ସ୍କୁଲଗୁଡ଼ିକ ବ୍ୟବସାୟ ଚଳାଇଛନ୍ତି। ସ୍ୱୀକୃତି ପାଇଥିବା ଶିକ୍ଷାନୁଷ୍ଠାନଗୁଡ଼ିକର ଆବଶ୍ୟକ ଜମି ଏବଂ ଶ୍ରେଣୀ ଗୃହ ଅଛି କି ନାହିଁ, ଉପଯୁକ୍ତ ଫୋରମରେ ପରିଚାଳନା କମିଟି ଗଠନ ହୋଇଛି ନା ନାହିଁ, କମିଟି ରେଜିଷ୍ଟ୍ରିଭୁକ୍ତ କି ନୁହେଁ ପ୍ରଭୃତି ଦିଗ ଉପରେ ମନୋନୀତ ଏକ ସ୍ୱତନ୍ତ୍ର ଟିମ ଯାଞ୍ଚ କରିବେ ବୋଲି ଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଏପରିକି ଭଡ଼ାଘରେ ସ୍କୁଲ ଚାଲିଥିଲେ ହେଁ ତାକୁ ସ୍ୱୀକୃତି ଦିଆଯାଉଛି ବୋଲି ଅଭିଯୋଗ ହୋଇଛି। ତେଣୁ ଜିରାଳଠାରେ ନୂତନ ଭାବେ ଖୋଲିବାକୁ ଯାଉଥିବା ସଂସ୍କାର ପବ୍ଲିକ ସ୍କୁଲରେ ନାମ ନ ଲେଖାଇବାକୁ ବିଇଓ ନୋଟିସ ଜାରି କରି ଜନସାଧାରଣଙ୍କୁ ଅବଗତ କରିଛନ୍ତି।

## ଗାଁକୁ ନାହିଁ ନିତିଦିନିଆ ରାସ୍ତା


**ଅଭିଯୋଗ ପରେ ପ୍ରଶାସନର ପ୍ରତିଶ୍ରୁତି ପାଣିରଗାର**



**କାମାକ୍ଷାନଗର,୨।୬(ସମିସ):** ଢେଙ୍କାନାଳ ଜିଲ୍ଲା ଆଦିବାସୀ ଅଧ୍ୟୁଷିତ କଙ୍କଡ଼ାହାଡ଼ ବ୍ଲକ ସଦରମହକୁମାଠାରୁ ମାତ୍ର ୭ କିଲୋମିଟର ଦୂରରେ ଥିବା କେରଜୁଳି ପଞ୍ଚାୟତ ଝାଞ୍ଜେରିବେରେଣୀ ଗାଁକୁ ନିତିଦିନିଆ ରାସ୍ତା ପାଲଟିଛି ସାତସପନ। ରାସ୍ତା ନ ଥିବାରୁ ଗ୍ରାମବାସୀ ୧୫ କିଲୋମିଟର ଦୂର ବୁଲିବୁଲି କଙ୍କଡ଼ାହାଡ଼ରେ ପହଞ୍ଚୁଛନ୍ତି। ଏହି ଗ୍ରାମରେ ୪୦୦ରୁ ଊର୍ଦ୍ଧ୍ୱ ଲୋକ ବାସ କରୁଥିବା ବେଳେ ପକ୍କା ରାସ୍ତା ନ ଥିବାରୁ ଜଙ୍ଗଲ, ପାହାଡ଼ ଘେରା ରାସ୍ତା ଦେଇ ପ୍ରତ୍ୟେକ ଦିନ ଲୋକେ ଯାତାୟାତ କରିଥାନ୍ତି। ଗ୍ରାମରେ କୌଣସି ରୋଗୀ ଗୁରୁତର ହେଲେ ଆମ୍ବୁଲାନ୍ସ ପହଞ୍ଚିବା ମଧ୍ୟ କଷ୍ଟକର ହୋଇଥାଏ। ଏପରିକି ଅଗ୍ନିକାଣ୍ଡ ଘଟିଲେ ମଧ୍ୟ ଦମକଳ ଗାଡ଼ି ପହଞ୍ଚିବା ଅସମ୍ଭବ ହୋଇଥାଏ। ଗାଁକୁ ପକ୍କା ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ନିକଟରେ ବାରମ୍ବାର ଦାବି କରି ଆସୁଛନ୍ତି। ପ୍ରଶାସନ ତରଫରୁ ଲୋକଙ୍କୁ ରାସ୍ତା ନିର୍ମାଣ ପାଇଁ ପ୍ରତିଶ୍ରୁତି ଦିଆଯାଉଥିବା ବେଳେ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଯେଉଁ ରାସ୍ତା ଦେଇ ଗ୍ରାମବାସୀ ଯିବାଆସିବା କରୁଛନ୍ତି ତାହା ଖାଲଖମାରେ ପରିପୂର୍ଣ୍ଣ ହୋଇ ବିପଦପୂର୍ଣ୍ଣ ହୋଇଥିବା ବେଳେ ଆଗକୁ ବର୍ଷାଦିନ ଆସୁଥିବାରୁ ଗ୍ରାମବାସୀ କିପରି ଯାତାୟାତ କରିବେ ସେ ନେଇ ଚିନ୍ତାରେ ରହିଛନ୍ତି। ତୁରନ୍ତ ପ୍ରଶାସନ ଏହି ଗାଁକୁ ନିତିଦିନିଆ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଅବ୍ୟବସ୍ଥାରେ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

**ଗଁଦିଆ,୨।୬(ସମିସ):** ଗଁଦିଆ ବ୍ଲକ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିଭିନ୍ନ ଅବ୍ୟବସ୍ଥା ଘେରରେ ରହିଥିବାରୁ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି ମେଡିକାଲ ଉପରେ ୨୯ ପଞ୍ଚାୟତବାସୀ ନିର୍ଭର କରୁଥିବା ବେଳେ ଏଠାରେ ଚିକିତ୍ସା ଅବହେଳା ତଥା ରୋଗୀଙ୍କୁ ଉଚିତ ସେବା ଯୋଗାଇ ଦିଆଯାଉ ନ ଥିବା ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ବ୍ୟବସ୍ଥାରେ କୌଣସି ସୁଧାର ଆସୁନି। ସରକାର ବିଭିନ୍ନ ରୋଗ ଯଥା ଡେଙ୍ଗୁ, ମ୍ୟାଲେରିଆ ଆଦି ପାଇଁ ସଚେତନତା ଅଭିଯାନ କରୁଥିବା ବେଳେ ଏହି ମେଡିକାଲ ପରିସରରେ ତାହା ସମ୍ପୂର୍ଣ୍ଣ ଓଲଟା ଦେଖିବାକୁ ମିଳୁଛି। ମେଡିକାଲ ପରିସରରେ ବିଭିନ୍ନ ସ୍ଥାନରେ ଅଳିଆ ଗଦା ହୋଇଥିବା ବେଳେ ବହିର୍ବିଭାଗ ପାଖରେ ଆବର୍ଜନା ପଚି



ଦୁର୍ଗନ୍ଧରେ ନାକ ଫାଟୁଛି। ଫଳରେ ସଂକ୍ରାମକ ରୋଗ ବ୍ୟାପିବା ଆଶଙ୍କା ରହିଛି। ଏଥିପାଇଁ ଏଠାକୁ ଆସୁଥିବା ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ଏଠାରୁ ମୁହଁ ଫେରାଉଛନ୍ତି। ସମସ୍ୟା ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ପାଇଁ ଜନସାଧାରଣ ଦାବି କରିଛନ୍ତି। ଏଥିସହ ଏହି ମେଡିକାଲରେ ସମସ୍ତ ପ୍ରକାର ବ୍ୟବସ୍ଥା ଯୋଗାଇ ଦେବାକୁ ଦାବି ହୋଇଛି।

## ବିକଶିତ କୃଷି ସମ୍ପର୍କିତ ଅଭିଯାନ କାର୍ଯ୍ୟକ୍ରମ

ଭୁବନ,୨।୬(ସମିସ): କୃଷକର ବିକାଶ କରି ଚାଷୀଙ୍କ ଉତ୍ପାଦନକୁ ବହୁଗୁଣ କରିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିକଶିତ କୃଷି ସମ୍ପର୍କିତ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କୃଷି ଓ କୃଷକ କଲ୍ୟାଣ ମନ୍ତ୍ରାଳୟ ସହଯୋଗରେ ଭୁବନ ବ୍ଲକ କୃଷି ବିଭାଗ ପକ୍ଷରୁ ମଠକରାଗୋଲା କେନ୍ଦ୍ର ଅଧୀନ ଖୁରୁସିଆସ୍ଥିତ କଲ୍ୟାଣ ମଣ୍ଡପରେ ରୋଗ ବିଶେଷଜ୍ଞ ପ୍ରକାଶ ମହାନ୍ତି, ମଧୁର ଜଳ ଗବେଷଣା କେନ୍ଦ୍ର ବୈଜ୍ଞାନିକ ନୀହାର ରଞ୍ଜନ ସାହୁ, ଏଟିଏମ୍ ସୌମ୍ୟରଞ୍ଜନ ପ୍ରଧାନ ଯୋଗଦେଇ ପ୍ରତ୍ୟକ୍ଷ ଭାବେ ଉନ୍ନତମାନର ଚାଷ ପ୍ରଣାଳୀ, ବିଭିନ୍ନ ହାଇବ୍ରିଡ୍ ବିହନ ପ୍ରୟୋଗ କରି କୃଷିର ବିକାଶ ପାଇଁ ଚାଷୀମାନଙ୍କ ସହିତ ଭାବର ଆଦାନପ୍ରଦାନ କରିଥିଲେ। ଖରିଫ୍ ଫସଲରେ ପ୍ରଯୁକ୍ତିଗତ



ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ କେଭିକେର ବୈଜ୍ଞାନିକ ଡ. ରଞ୍ଜନ କୁମାର ମହନ୍ତ, ଏନଆର୍‌ଆର୍‌ର ବୈଜ୍ଞାନିକ ଡ. ଦୀପ୍ତିସୁନ୍ଦର କର, ବ୍ଲକ କୃଷି ଅଧିକାରୀ ଭାଗ୍ୟଧର ସାହୁ, ସହକାରୀ କୃଷି ଅଧିକାରୀ ବିଶ୍ୱକଲ୍ୟାଣୀ ବେହେରା, କୃଷି ଅଧିଦର୍ଶକ ପ୍ରକାଶ ବେହେରା, ମୁହଁ ଓ ଫଟୁଆ ଜ୍ଞାନକୌଶଳ ପ୍ରୟୋଗ, ପ୍ରାକୃତିକ କୃଷି ବିଧିବିଧାନ, ଆଧୁନିକ କୃଷି ଉପକରଣ ବ୍ୟବହାର ସହିତ ମାଟି ପରୀକ୍ଷ କରି ଚାଷୀମାନେ ଫସଲ କଲେ ଅଧିକ ଲାଭବାନ ହେବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜୈବିକ ପ୍ରଣାଳୀରେ ଚାଷ କରିବାକୁ ଆହ୍ୱାନ ଦେଇଥିଲେ।

## ଦେଶୀମଦ ବିକ୍ରି ବନ୍ଦ ଦାବି; ଥାନାରେ ଅଭିଯୋଗ



**କାମାକ୍ଷାନଗର,୨।୬(ସମିସ):** କଙ୍କଡାହାଡ଼ ଥାନା ଡଙ୍ଗାପାଳ ଗ୍ରାମରେ ଦେଶୀ ମଦ ବିକ୍ରିକୁ ବିରୋଧ କରି ଶତାଧିକ ମହିଳା ଥାନାରେ ଅଭିଯୋଗ କରିଛନ୍ତି। ମହିଳାମାନେ ଅଭିଯୋଗ କରିଛନ୍ତି ଯେ ଗ୍ରାମରେ ଦେଶୀମଦ ବିକ୍ରି ହେଉଥିବାରୁ ବିଶୃଙ୍ଖଳା ଓ ଗଣ୍ଡଗୋଳ ହେଉଛି। ପାଖ ଗାଁର ଲୋକେ ଏହି ଗାଁକୁ ଆସି ମଦ୍ୟପାନ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଗତ ମେ ୨୫ ତାରିଖ ଗ୍ରାମ କମିଟି ପକ୍ଷରୁ ବୈଠକ କରାଯାଇ ଗ୍ରାମରେ ଚୋରା ଦେଶୀମଦ ବିକ୍ରି କରୁଥିବା ଶଙ୍କର ମାର୍ଣ୍ଡି, ବରଜୁ ମୁଣ୍ଡା ଓ କୁରୁ ମହାରଣାଙ୍କୁ ତାଗିଦ କରାଯାଇଥିଲା। ହେଲେ ଗ୍ରାମ କମିଟିର ନିଷ୍ପତ୍ତିକୁ ଏହି ବ୍ୟକ୍ତିମାନେ ନ ମାନି ପୂର୍ବଭଳି ମଦ ବିକ୍ରି କରିଥିଲେ। ପୁନର୍ବାର ଗତ ମେ ୨୮ ତାରିଖ ଗାଁର ଶତାଧିକ ମହିଳା ଶଙ୍କର, ବରଜୁ ଓ କୁରୁଙ୍କ ଘରକୁ ଯାଇ ମଦ ବିକ୍ରି ନ କରିବା ପାଇଁ ତାଗିଦ କରିଥିଲେ। ଶଙ୍କର ଓ କୁରୁ ମଦ ଲୁଚାଇ ଦେଇଥିବା ବେଳେ ବରଜୁଙ୍କ ଘରୁ ୨୦ ଲିଟର ଦେଶୀମଦ ଜବତ କରିଥିଲେ। ଏଥିପାଇଁ ମହିଳାମାନଙ୍କୁ ବରଜୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା ମହିଳାମାନେ ଥାନାରେ ଅଭିଯୋଗ କରିଛନ୍ତି। ଗାଁରେ ସମ୍ପୂର୍ଣ୍ଣ ମଦ ବିକ୍ରି ବନ୍ଦ କରିବା ପାଇଁ ମହିଳାମାନେ ଅଣ୍ଟା ଭିଡ଼ିଛନ୍ତି। ଗାଁ ସମ୍ପାଦକ ସିଦ୍ଧାର୍ଥ ଶଙ୍କର ସିଂହ, ଲିପିନା ସିଂହ, ସଉରୀ ସିଂହ, ସଖୀ ସିଂହ, ସୁଭଦ୍ରା ସିଂହ, ଅବନ୍ତି ସିଂହ, ସ୍ୱର୍ଣ୍ଣଲତା ସିଂହ, ମାଳତୀ ସିଂହ, ସୌଦାମିନୀ ସିଂହ, ଭାନୁ ସିଂହ, ଚାଇନ ସିଂହ, ଅଞ୍ଜଳି ସିଂହ, ସୀତା ସିଂହ, ପ୍ରତିମା ସିଂହ, ସେବ ସିଂହ, ଶୈଳ ସିଂହ ପ୍ରମୁଖ ଥାନାକୁ ଆସି ଅଭିଯୋଗ କରିଛନ୍ତି। ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଥାନା ଅଧିକାରୀ କଳ୍ପନା ବେହେରା କହିଛନ୍ତି ଡଙ୍ଗାପାଳ ଗ୍ରାମର ମହିଳାମାନେ ମଦ ବିକ୍ରିକୁ ନେଇ ଅଭିଯୋଗ କରିଛନ୍ତି। ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଯେଉଁମାନେ ବେଆଇନ ଭାବେ ମଦ ବିକ୍ରି କରୁଛନ୍ତି ସେମାନଙ୍କୁ ଗିରଫ କରାଯିବ ବୋଲି ବେହେରା କହିଛନ୍ତି। ଅନ୍ୟପଟେ ଜିଲ୍ଲା ଅବକାରୀ ବିଭାଗ ଓ ଏସ୍‌ପି ଏଥିପ୍ରତି ଦୃଷ୍ଟି ଦେବାକୁ ମହିଳାମାନେ ଦାବି କରିଛନ୍ତି।

## ଆମ୍ ଆଦମୀ ପାର୍ଟିର ବୈଠକ



**ଢେଙ୍କାନାଳ,୨।୬(ସମିସ):** ଆମ୍ ଆଦମୀ ପାର୍ଟି କାମାକ୍ଷାନଗର ନିର୍ବାଚନ ମଣ୍ଡଳୀସ୍ତରୀୟ ବୈଠକ ପାଇଁ ଏକ ପ୍ରସ୍ତୁତି ବୈଠକ ଏନଏସି କାର୍ଯ୍ୟାଳୟରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ସୁବୋଧ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ବୈଠକରେ ରାଜ୍ୟ ସଂଗଠନ ସମ୍ପାଦକ ଭରତ କୁମାର ଦାସ ଓ ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ ଯୋଗଦେଇ ଭାରତୀୟ ରାଜନୀତିରେ ଆମ୍ ଆଦମୀ ପାର୍ଟିର ଆବଶ୍ୟକତା ଓ ତା’ର ନୀତିଆଦର୍ଶ ବିଷୟରେ ପ୍ରତି ଗାଁରେ ପହଞ୍ଚାଇବା ପାଇଁ ପରାମର୍ଶ ଦେଇଥିଲେ। ଦଳର ନୀତି ଆଦର୍ଶ ଏବଂ ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାଣି, ରୋଜଗାର ଓ କୃଷିର ବିକଳ୍ପ ରାଜନୀତିକୁ ଘରେ ଘରେ ପହଞ୍ଚାଇବା ପାଇଁ ଏନଏସିର ଉଦୟନାଥ ସାହୁ ଦାୟିତ୍ୱ ନେଇଥିବା ବେଳେ କାର୍ତ୍ତିକ ସାମଲ କାମାକ୍ଷାନଗର ଦାୟିତ୍ୱ ନେଇଛନ୍ତି। ସେହିପରି ମଧୁସୂଦନ ମଲିକ ଓ ଗୌରାଙ୍ଗ ସାମଲ ଭୁବନ ବ୍ଲକ ଦାୟିତ୍ୱ ନେଇଛନ୍ତ। ଆସନ୍ତା ୨ ସପ୍ତାହ ପରେ ନିର୍ବାଚନ ମଣ୍ଡଳୀସ୍ତରୀୟ ବୈଠକ କରାଯିବାକୁ ନିଷ୍ପତ୍ତି ହୋଇଛି।

## ମା’ ମଙ୍ଗଳାଙ୍କ ବାର୍ଷିକୋତ୍ସବ ଉପଲକ୍ଷେ କଳସଯାତ୍ରା



**ଢେଙ୍କାନାଳ,୨।୬(ସମିସ):** ସ୍ଥାନୀୟ ରାଧାକୃଷ୍ଣ ବଜାର ଦୋଳମଣ୍ଡପ ସାହିର ମା’ ମଙ୍ଗଳାଙ୍କ ୩ୟ ବାର୍ଷିକୋତ୍ସବ ଉପଲକ୍ଷେ ରବିବାର କଳସ ଯାତ୍ରା ଅନୁଷ୍ଠିତ ହୋଇଛି। ଗୋପାଳ ସାଗରରେ ପୂଜାର୍ଚ୍ଚନା କରାଯାଇ ୫୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ କଳସ ଯାତ୍ରାରେ ସାମିଲ ହୋଇଥିଲେ। ପବିତ୍ର ଜଳ ମନ୍ଦିରରେ ପହଞ୍ଚିଲା ପରେ ଅଧିବାସ ପୂଜା ସହ ଯଜ୍ଞ ଆରମ୍ଭ ହୋଇଥିଲା। ସୋମବାର ପୂର୍ଣ୍ଣାହୁତି ଓ ପ୍ରସାଦସେବନ ଅନୁଷ୍ଠିତ ହୋଇଛି। ପୂଜକ ରୁଦ୍ରନାରାୟଣ କବିଶତପଥୀ, କମିଟି ସଭାପତି ତଥା କର୍ତ୍ତା ଗଦାଧର ଷଣ୍ଢ, କର୍ତ୍ତ୍ରୀ ଝୁନୁ ଷଣ୍ଢ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବଟକୃଷ୍ଣ ବେହେରା, ଦୁଃଶାସନ ଦାସ, ମନମୋହନ ଷଣ୍ଢ, ମାନସ ବେହେରା, ସୁଧାକର ବେହେରା, ଦିପୁ ପରିଡ଼ା ପ୍ରମୁଖଙ୍କ ସମେତ ଦୋଳମଣ୍ଡପ ସାହି ବାସିନ୍ଦା ସହଯୋଗ କରିଥିଲେ। ପୂଜକ ସୁଧାକର ଷଣ୍ଢ ଓ ପଞ୍ଚାନନ ବେହେରା ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ।

## ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା




**ଢେଙ୍କାନାଳ,୨।୬(ସମିସ):** ସ୍ଥାନୀୟ ଗୋପବନ୍ଧୁ ଟାଉନହଲରେ ଅଖିଳ ଭାରତୀୟବିଦ୍ୟାର୍ଥୀ ପରିଷଦ (ଏବିଭିପି) ତରଫରୁ ମେଧାବୀ ବିଦ୍ୟାର୍ଥୀ ଅଭିନନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। +୨ରେ ଉତ୍ତୀର୍ଣ୍ଣ ବିଭିନ୍ନ ମହାବିଦ୍ୟାଳୟର ୧୫୦ ଊର୍ଦ୍ଧ୍ୱ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯକ୍ରମରେ ମୁଖ୍ୟଅତିଥି ଭାବେ ପୌରପାଳିକା ଅଧ୍ୟକ୍ଷା ଜୟନ୍ତୀ ପାତ୍ର, ମୁଖ୍ୟବକ୍ତା ରୂପେ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଅତିରିକ୍ତ ଅଧ୍ୟକ୍ଷ ଏବଂ ଏବିଭିପି ରାଜ୍ୟ ଉପସଭାପତି ଡା. ଜ୍ୟୋତିର୍ମୟୀ ନାୟକ ଉପସ୍ଥିତ ଥିଲେ। ଏବିଭିପି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ପରିଷଦର ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଦିଲୀପ କୁମାର ଦାସ, ଜିଲ୍ଲା ପ୍ରମୁଖ ଚିତ୍ତରଞ୍ଜନ ରାଉତରାୟ, ବିଭାଗ ସଂଯୋଜକ ଅରୂପ ପଟ୍ଟନାୟକ, ଆକାଶ ନାଏକ, ବିବେକ ନାୟକ, ଶିବନାରାୟଣ ମିଶ୍ର, ଅସିତ କୁମାର ସାହୁ, ବୈଭବ କୌଶିକ, ଆଶିଷ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ।

## ହୁଇଲ ଚେୟାର ଓ ଭତ୍ତା ବଣ୍ଟନ



**ଭୁବନ,୨।୬(ସମିସ):** ଭୁବନ ଏନ୍‌ଏସି ତରଫରୁ ୧୫ ଜଣ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ହୁଇଲ ଚେୟାର ଓ ୫୪ ମହିଳାଙ୍କୁ ବିଧବା ଭତ୍ତା ବଣ୍ଟନ କରାଯାଇଛି। କାର୍ଯ୍ୟ ନିର୍ବାହୀ ଅଧିକାରୀ ଲୋକନାଥ ବେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକଙ୍କ ପ୍ରତିନିଧ ସଞ୍ଜୟ ଦାସ ମୁଖ୍ୟଅତିଥି ଓ ଉପାଧ୍ୟକ୍ଷା ମାନିନୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାଉନସିଲର ଗିରିଧାରୀ ସାହୁ, ନରେନ୍ଦ୍ର ବେହେରା, ପପୁ କୁମାର ସାହୁ, ସୁଶାନ୍ତ ନାୟକ, ମନମୋହନ ସାହୁ, କୃପାସିନ୍ଧୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପୋଗ୍ରାମ ଅଫିସର ଗୁଣନିଧି ପାତ୍ରଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ପାରାୟଣ ଓ ଜ୍ଞାନଯଜ୍ଞ ପ୍ରବଚନ ଉଦ୍‌ଘାଟିତ



**ହିନ୍ଦୋଳ,୨।୬(ସମିସ):** ରାଧାମୋହନଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଶ୍ରୀମଦଭାଗବତ ପାରାୟଣ ସମିତି ଆନୁକୂଲ୍ୟରେ ଷଡ଼ବିଂଶତମ ବାର୍ଷିକ ଶ୍ରୀମଦଭାଗବତ ମହାପୁରାଣ ସାପ୍ତାହିକ ପାରାୟଣ ମହାଯଜ୍ଞ ଓ ଜ୍ଞାନ ପ୍ରବଚନ କାର୍ଯ୍ୟକ୍ରମ ଉଦଘାଟିତ ହୋଇଛି। ମହିଧରପୁର ମଠାଧୀଶ ବାବା କାଳନ୍ଦୀଚରଣ ଦାସ ଉଦଘାଟକ, ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥି ଏବଂ ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ କୁମାର ବେହୁରା, ତହସିଲଦାର ଦିଲୀପ କୁମାର ସେଠୀ, ହିନ୍ଦୋଳ ରାମଚରିତ ମାନସ କମିଟି ସମ୍ପାଦକ ହେମନ୍ତ କୁମାର ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ହିନ୍ଦୋଳ ଉପଖଣ୍ଡର ବହୁ ଭଗବତପ୍ରେମୀ ଯୋଗଦେଇ ଭାଗବତ କାଥାମୃତ ଶ୍ରବଣ କରିଥିଲେ। ପ୍ରଭାକର ଦ୍ୱିବେଦୀ ଅତିଥି ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ନନ୍ଦ କିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଗୀରଥି ବିହାରରେ ଜବରଦଖଲ ଉଚ୍ଛେଦ



**ଢେଙ୍କାନାଳ,୨।୬(ସମିସ):** ସ୍ଥାନୀୟ ଭାଗୀରଥି ବିହାର ସି ବ୍ଲକରେ ଭାରତୀ ଦାଶ ନାମକ ଜଣେ ମହିଳା ନିଜ ଘର ପଛ ପାଖରେ ଥିବା ସର୍ବସାଧାରଣ ରାସ୍ତା ଜବରଦଖଲ କରି ଏକ ପାଚେରି ନିର୍ମାଣ କରିଥିଲେ। ଫଳରେ ରାସ୍ତା ବନ୍ଦ ହେବା ସହ ଅନ୍ୟ ଗୋଟିଏ ପରିବାର ଆଉ ନିଜ ଘରକୁ ପଶିପାରୁ ନ ଥିଲେ। ଏ ନେଇ ସେ ଦୀର୍ଘବର୍ଷ ହଇରାଣ ହରକତ ହେବା ପରେ ଘର ଛାଡ଼ି ବୃଦ୍ଧ ମା’ଙ୍କ ସହ ବାହାରେ ରହିବାକୁ ବାଧ ହୋଇଛନ୍ତି। ଏନେଇ ସମ୍ପୃକ୍ତ ବ୍ୟକ୍ତି ସବଡିଭିଜିନାଲ ମାଜିଷ୍ଟ୍ରେଟଙ୍କ ଅଦାଲତରେ ମାମଲା ରୁଜୁ କରିଥିଲେ। ମାଜିଷ୍ଟ୍ରେଟ ସଦର ଆରଆଇ ଓ ତହସିଲଦାରଙ୍କ ରିପୋର୍ଟକୁ ତର୍ଜମା କରି ମାମଲାର ଶୁଣାଣି କରି ୨୦୨୨ରେ ରାୟ ପ୍ରକାଶ କରି ଟାଉନ ଥାନା ଅଧିକାରୀଙ୍କୁ ପାଚେରି ଭାଙ୍ଗିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ରବିବାର ପ୍ରଶାସନ ପକ୍ଷରୁ ମାପଚୁପ କରାଯାଇ ପାଚେରି ଉଚ୍ଛେଦ କରାଯାଇଛି।

## ହିନ୍ଦୋଳ ଉପଖଣ୍ଡର ସବୁ ବିଭାଗରେ ଦୁର୍ନୀତି | ଅଧିକାରୀଙ୍କୁ ବାନ୍ଧିନେଉଛି ଭିଜିଲାନ୍ସ ବିଭାଗ

ହିନ୍ଦୋଳ,୨।୬(ସମିସ)

ହିନ୍ଦୋଳ ଉପଖଣ୍ଡ ଏକ ବଣପାହାଡ଼ ଘେରା ଉପାନ୍ତ ଅଞ୍ଚଳ। ଏଠିକାର ଜନସାଧାରଣ ନିରୀହ ଓ ସରଳ ବିଶ୍ୱାସୀ। ଲୋକଙ୍କ ସରଳ ବିଶ୍ୱାସର ସୁଯୋଗ ନେଇ ଉପଖଣ୍ଡର ବିଭିନ୍ନ କାର୍ଯ୍ୟାଳୟରେ ଜନତାଙ୍କୁ ଶୋଷଣ କରନ୍ତି ଦୁର୍ନୀତିଗ୍ରସ୍ତ ଅଧିକାରୀ। ବିଭିନ୍ନ ବିଭାଗରେ କାର୍ଯ୍ୟ କରାଇଦେବା ନାମରେ ଖୁଲମଖୁଲା ଲାଞ୍ଚ ମଗାଯାଉଛି। କେତେବେଳେ ଲାଞ୍ଚ ଟଙ୍କାକୁ ଅଧିକାରୀମାନେ ନିଜେ ନେଉଥିବା ବେଳେ ଆଉ କେତେବେଳେ ତଳିଆ କର୍ମଚାରୀଙ୍କ ଜରିଆରେ ସଂଗ୍ରହ କରୁଛନ୍ତି। ବିନା ଲାଞ୍ଚରେ ଏଠି କୌଣସି ଫାଇଲ ଘୁଞ୍ଚୁନି। ଏନେଇ ବାରମ୍ବାର ଅଭିଯୋଗ ହେଉଛି। ଅଭିଯୋଗକୁ ଭିତ୍ତିକରି ବିଭିନ୍ନ ବିଭାଗର ପ୍ରାୟ ୧୦ ଜଣ ଲାଞ୍ଚଖୋର ଅଧିକାରୀଙ୍କୁ ବାନ୍ଧିନେଲାଣି ଭିଜିଲାନ୍ସ ବିଭାଗ।

ବିଗତ ଦିନରେ ହିନ୍ଦୋଳ ଏନଏସିରେ କାର୍ଯ୍ୟର ବିଲ୍ ପାସ କରିବା ପାଇଁ ଲାଞ୍ଚ ଗ୍ରହଣ କରୁଥିବା ବେଳେ ୨ ଜଣ ଯନ୍ତ୍ରୀଙ୍କୁ ଧରିଥିଲା ଭିଜିଲାନ୍ସ ବିଭାଗ। କିଛିଦିନ ପରେ ଏନଏସିରେ ଦୁର୍ନୀତି କମିବା ପରିବର୍ତ୍ତେ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏପରିକି ଏନଏସିର ୧୨ ଜଣ କାଉନସିଲର ଦୁର୍ନୀତି ଚରମସୀମାରେ ପହଞ୍ଚିଥିବା ଉପଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ଜିଲ୍ଲାପାଳ, ଭିଜିଲାନ୍ସ ବିଭାଗକୁ ମଧ୍ୟ ଅଭିଯୋଗ କରିଥିଲେ। କାର୍ଯ୍ୟ କରା ନ ଯାଇ ଲକ୍ଷ ଲକ୍ଷ ଟଙ୍କା ମିଥ୍ୟା ବିଲ କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ସେହିପରି ହିନ୍ଦୋଳ ବ୍ଲକର ଜଣେ ଯନ୍ତ୍ରୀ କାର୍ଯ୍ୟର ବିଲ୍ କରାଇଦେବା ପାଇଁ ଠିକାଦାରଙ୍କଠାରୁ ଲାଞ୍ଚ ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଦ୍ୱାରା ଧରାପଡ଼ି ଜେଲ ଯାଇଥିଲେ। ହେଲେ ଏବେ ହିନ୍ଦୋଳ ବ୍ଲକରେ ବିନା ଲାଞ୍ଚରେ କୌଣସି ଫାଇଲ

**ତଥାପି ଚେତୁନାହାନ୍ତି ଲାଞ୍ଚଖୋର**

ଘୁଞ୍ଚୁ ନ ଥିବା ଦେଖିବାକୁ ମିଳୁଛି। ଉପଖଣ୍ଡର ଜଣେ ଶିକ୍ଷା ଅଧିକାରୀ ଶିକ୍ଷକଙ୍କ ପୁରୁଣା ବିଲ୍ ପାସ କରିବା ପାଇଁ ଲକ୍ଷାଧିକ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ି ଜେଲ ଯାଇଥିଲେ। ସେହିପରି ୨ ଜଣ ଖଣି ବ୍ୟବସାୟୀଙ୍କୁ ବିଭିନ୍ନ ପ୍ରକାର ଭୟଭୀତ କରାଇ ୨ ଜଣ ପୁଲିସ ଅଧିକାରୀ ତାଙ୍କଠାରୁ ଲାଞ୍ଚ ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ହାବୁଡ଼ରେ ପଡ଼ି ବନ୍ଧାହୋଇଥିଲେ। ଗତ କିଛିଦିନ ପୂର୍ବରୁ ହିନ୍ଦୋଳ ତହସିଲ ଅନ୍ତର୍ଗତ ଗାଣ୍ଡନାଳି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ଲାଞ୍ଚ କାରବାର ପାଇଁ ରାଜସ୍ୱ ନିରୀକ୍ଷକ ଶଶିଭୂଷଣ ବେହେରା ଓ ତାଙ୍କ ବ୍ୟକ୍ତିଗତ ସହଯୋଗୀ ବିଷ୍ଣୁ ବଲ୍ଲଭ ଖଟୁଆଙ୍କୁ ଭିଜିଲାନ୍ସ ଗିରଫ କରି କୋର୍ଟ ଚାଲାଣ କରିଛି। ଦୀର୍ଘ ଦିନ ହେବ ହିନ୍ଦୋଳ ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ କାର୍ଯ୍ୟାଳୟ ଓ ଖୋଦ ତହସିଲ କାର୍ଯ୍ୟାଳୟରେ ଖୁଲମଖୁଲା ଲାଞ୍ଚ କାରବାର ହେଉଛି। ଏ ନେଇ ବାରମ୍ବାର ଅଭିଯୋଗ ମଧ୍ୟ ହୋଇଆସୁଥିଲା। ଶେଷରେ ରାଜସ୍ୱ ନିରୀକ୍ଷକ ଭିଜିଲାନ୍ସ ବିଭାଗ ହାତରେ ଧରାପଡ଼ି ଜେଲ ଯାଇଛନ୍ତି। ତେବେ ଏହା ପରେ କେଉଁ ଲାଞ୍ଚଖୋର ଅଧିକାରୀଙ୍କ ପାଳି ପଡୁଛି ତାହା ଦେଖିବାକୁ ବାକି ରହିଲା।

### ଢେଙ୍କାନାଳ ସରକାରୀ ଓ ମହିଳା ମହାବିଦ୍ୟାଳୟକୁ ଅତିଥି ଅଧ୍ୟାପକ ଭରସା

# ୱାକ୍-ଇନ୍-ଇଣ୍ଟରଭ୍ୟୁ ପ୍ରହସନ, ନିଜ ଲୋକଙ୍କୁ ଅଗ୍ରାଧିକାର

ଢେଙ୍କାନାଳ,୨।୬(ସମିସ):

ଢେଙ୍କାନାଳ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ) ଏବଂ ମହିଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟାପକ ଅଧ୍ୟାପିକା ନ ଥିବାରୁ ଅତିଥି ଅଧ୍ୟାପକଙ୍କୁ ନେଇ ଚାଲିଛି ପାଠପଢ଼ା। ସରକାରଙ୍କ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ ଅନୁସାରେ ଅତିଥି ଅଧ୍ୟାପକ ନିଯୁକ୍ତି ପାଇଁ ୱାକ-ଇନ-ଇଣ୍ଟରଭ୍ୟୁ ବ୍ୟବସ୍ଥା ଥିବାବେଳେ ଉଭୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପୂର୍ବରୁ ପଢ଼ାଉଥିବା ଅତିଥି ଅଧ୍ୟାପକଙ୍କୁ ବାରମ୍ବାର ନିଯୁକ୍ତି ଦେବା ଏବଂ ନିଜ ଲୋକଙ୍କୁ ଅଗ୍ରାଧିକାର ଦିଆଯାଉଥିବାରୁ ଅନ୍ୟ ଅଶାୟୀ ପ୍ରାର୍ଥୀମାନେ ବାରମ୍ବାର ନିରାଶ ହେଉଛନ୍ତି।

ଢେଙ୍କାନାଳ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅର୍ଥନୀତି, ସାଇକୋଲୋଜି, ସଂସ୍କୃତ, ଦର୍ଶନଶାସ୍ତ୍ର, ରାଜନୀତି ବିଜ୍ଞାନ, ଇଂରାଜୀ ଓଡ଼ିଆ, ଫିଜିକ୍ସ, କେମେଷ୍ଟ୍ରି, ମାଥମାଟିକ୍ସ, ବଟନୀ, ଜୁଲୋଜି, କମର୍ସ ଓ ଆଇଟିରେ ଅଧ୍ୟାପକ ପଦବୀ ଖାଲି ପଡ଼ିଛି। ସେହିପରି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅର୍ଥନୀତି, ଶିକ୍ଷା, ହୋମ୍ ସାଇନ୍ସ, ସାଇକୋଲୋଜି, ସଂସ୍କୃତ, ଦର୍ଶନଶାସ୍ତ୍ର, ରାଜନୀତି ବିଜ୍ଞାନ, ଇଂରାଜୀ, ଓଡ଼ିଆ, ଫିଜିକ୍ସ, କେମେଷ୍ଟ୍ରି, ମାଥମାଟିକ୍ସ, ବଟନୀ, ଜୁଲୋଜି ଓ କମର୍ସରେ ଅଧ୍ୟାପକ ପଦବୀ ଖାଲିପଡ଼ିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପତ୍ରସଂଖ୍ୟା ୨୧/୨୦୨୫ ଅନୁସାରେ ଜୁନ ୧୯ ତାରିଖ ପୂର୍ବରୁ ଅତିଥି ଅଧ୍ୟାପକଙ୍କୁ ନିଯୁକ୍ତି ଦେବା ସହ ଶିକ୍ଷାଦାନ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଫଳରେ ସରକାରୀ ଓ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକ ଅତିଥି ଅଧ୍ୟାପକମାନଙ୍କୁ ନିଯୁକ୍ତି ଦେବାକୁ ସରକାରୀ ନିୟମ ଅନୁସାରେ ୩୦ ତାରିଖ ବିଜ୍ଞପ୍ତି ପ୍ରକାଶ କରିବା ସହ ପ୍ରସ୍ତୁତ ହୋଇଥିବା ଗାଇଡଲାଇନ ଅନୁସାରେ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ଢେଙ୍କାନାଳ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ମହିଳା ମହାବିଦ୍ୟାଳୟରେ ପ୍ରତିବର୍ଷ ସରକାରଙ୍କ ନିର୍ଦ୍ଦେଶକୁ ଅବମାନନା କରିବା ସହ ପୂର୍ବରୁ ରହିଥିବା ଅତିଥି ଅଧ୍ୟାପକଙ୍କୁ ସୁଯୋଗ ଦିଆଯାଉଛି। ଫଳରେ ଶହ ଶହ କିଲୋମିଟର ଦୂରରୁ ଆଶାୟୀ ପ୍ରାର୍ଥୀମାନେ ଆବେଦନ କରିଥିଲେ ମଧ୍ୟ ସେମାନଙ୍କୁ ସୁଯୋଗ ମିଳୁନାହିଁ। ସେହିପରି ମେଧାବୀମାନଙ୍କୁ ମଧ୍ୟ ସୁଯୋଗ ଦିଆଯାଉନାହିଁ। ଜଣାପଡିଛି ଯେ ବର୍ଷବର୍ଷ ଧରି ଯେଉଁମାନେ ଶିକ୍ଷାଦାନ କରୁଛନ୍ତି, ସେହିମାନଙ୍କୁ ହିଁ ଗୁରୁତ୍ୱ ଦିଆଯାଉଛି। ଫଳରେ ନାମକୁ ମାତ୍ର ୱାକ-ଇନ-ଇଣ୍ଟରଭ୍ୟୁ ପ୍ରହସନରେ ପରିଣତ ହୋଇଛି। ମହିଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବର୍ଷବର୍ଷ ଧରି ଅତିଥି ଅଧ୍ୟାପକ ରହିଥିବା ବେଳେ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଧ୍ୟ ସମାନ ଅବସ୍ଥା। ଏହା କେବଳ ନାମକୁ ମାତ୍ର ଖବର କାଗଜରେ ବିଜ୍ଞାପନ ଦେଇ ସନ୍ତୁଷ୍ଟ କରିବା କଥା। ନିୟମ ଅନୁସାରେ କେବଳ ଗୋଟିଏ ବର୍ଷପାଇଁ ନିଯୁକ୍ତି ବ୍ୟବସ୍ଥା ରହିଥିବା ବେଳେ ପ୍ରଥମେ ଅବସର ନେଇଥିବା ଅଧ୍ୟାପକମାନଙ୍କୁ ୬୫ ବର୍ଷ ମଧ୍ୟରେ ପ୍ରାଥମିକ ବ୍ୟବସ୍ଥା ଭିତ୍ତିରେ ନିଯୁକ୍ତି ଦିଆଯିବ। ଯଦି କେହି ଅବସରପ୍ରାପ୍ତ ଅଧ୍ୟାପକ ଅଧ୍ୟାପିକା ନ ଥାନ୍ତି ତେବେ ଏକ କମିଟି ଦ୍ୱାରା ନୂତନ ଆଶାୟୀଙ୍କୁ ନିଯୁକ୍ତି ପାଇଁ ବ୍ୟବସ୍ଥା ରହିଛି। ଏଭଳି ପରିସ୍ଥିତରେ ଦୁଇ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପୁରୁଣାମାନଙ୍କୁ ପ୍ରତିବର୍ଷ ଗୁରୁତ୍ୱ ଦିଆଯାଇଛି। ତେବେ ଜିଲ୍ଲାର ଦୁଇ ପ୍ରମୁଖ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମସ୍ତ ବିଷୟରେ ସ୍ଥାୟୀ ଅଧ୍ୟାପକ ଅଧ୍ୟାପିକା ନ ଥିବା ଶିକ୍ଷା ବ୍ୟବସ୍ଥ ପ୍ରତି ଏକ ଆହ୍ୱାନ ବୋଲି ଶିକ୍ଷାବିତମାନେ ପ୍ରକାଶ କରିଛନ୍ତି। ବର୍ଷ ବର୍ଷ ଧରି ନିୟମିତ ଅଧ୍ୟାପକ ପଦ ଖାଲିପଡ଼ିବା ଯୋଗୁଁ ମେଧାବୀ ଛାତ୍ରଛାତ୍ରୀମାନେ ଉନ୍ନତ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ସହିତ ନୀତି ନିୟମ ଅନୁସାରେ ଅତିଥି ଅଧ୍ୟାପକ ନିଯୁକ୍ତି ଦେବାକୁ ଦାବି ହୋଇଛି।

## ବାଲ୍ୟବିବାହମୁକ୍ତ ଗାଁ ସମ୍ପର୍କିତ କାର୍ଯ୍ୟକ୍ରମ



କିଶୋରନଗର,୨।୬(ସମିସ): କିଶୋରନଗର ବ୍ଲକ ମହିଳା ଶିଶୁବିକାଶ ବିଭାଗ କାର୍ଯ୍ୟାଳୟ ସଭାଗୃହରେ ଶନିବାର ବାଲ୍ୟବିବାହମୁକ୍ତ ଗାଁ ସମ୍ପର୍କିତ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସିଡିପିଓଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଡିଓ ସୁବ୍ରତ କୁମାର ବେହେରା, ବ୍ଲକ ଉପାଧ୍ୟକ୍ଷ ଲବକୁମାର ପ୍ରଧାନ, ଏବିଇଓ ରମଣୀ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସୁପରଭାଇଜର ଅସ୍ମିତା ସାହୁ, ଦେବକୀ ଦନ୍ତା, କର୍ମଚାରୀ ସଞ୍ଜୀବ ସାହୁ, ରାଜେଶ ବେଉରିଆ ସହଯୋଗ କରିଥିଲେ। ବ୍ଲକର ଅଙ୍ଗନବାଡ଼ି କର୍ମୀମାନେ ଉପସ୍ଥିତ ଥିଲେ।

## ବିଭିନ୍ନ ଅବ୍ୟବସ୍ଥା ନେଇ ସିଡିଏମ୍‌ଓଙ୍କୁ ଦାବିପତ୍ର

ପରଜଙ୍ଗ,୨।୬(ସମିସ): ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ଅବ୍ୟବସ୍ଥା ଲାଗି ରହିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ୨୧ ଡାକ୍ତର ପଦବୀ ଥିବାବେଳେ ନିଯୁକ୍ତି ପାଇଛନ୍ତି ମାତ୍ର ୧୪ ଜଣ। ସେଥିମଧ୍ୟରୁ ୭ ଜଣ ଏମ୍‌ବିବିଏସ୍ ଡାକ୍ତର ଅଛନ୍ତି। ଜଣେ ଡାକ୍ତର ସପ୍ତାହରେ ୨୪ ଘଣ୍ଟା ସେବା ଯୋଗାଇ ୬ ଦିନ ଆସୁନାହାନ୍ତି। ଅନ୍ୟଜଣେ ଡାକ୍ତର ଛୁଟିରେ ରହୁଥିବାରୁ ଆୟୁଷ ଡାକ୍ତର ଓପିଡିରେ ସେବା ଯୋଗାଇ ଆଲୋପାଥି ଔଷଧ ଚିଠା ଲେଖୁଛନ୍ତି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ଫାର୍ମାସିଷ୍ଟ ରୋଗୀ ସେବା ଯୋଗାଉଛନ୍ତି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପରଜଙ୍ଗ ବ୍ଲକର ୨୫ ପଞ୍ଚାୟତ ସମେତ କଙ୍କଡ଼ାହାଡ଼ ବ୍ଲକର ୧୦ ପଞ୍ଚାୟତର ଲୋକେ ନିର୍ଭର କରନ୍ତି। ହେଲେ ଏଠାରେ ଗୋଟିଏ ଶବବୁହା ଗାଡ଼ି ନାହିଁ। ଶବ ବ୍ୟବଚ୍ଛେଦ ଗୃହ ଅଚଳ ଅବସ୍ଥାରେ ଥିବାରୁ ଲୋକେ ନାନା ହଇରାଣ ହେଉଛନ୍ତି। ବିଶେଷଜ୍ଞ ଡାକ୍ତର ପଦବୀ ଫାଙ୍କା ପଡ଼ିଛି। ୧୦୮ ଆମ୍ବୁଲାନ୍ସ ଥିଲେ ମଧ୍ୟ ସେବା ଯୋଗାଇବାକୁ କର୍ମଚାରୀମାନେ ଅନିଚ୍ଛା ପ୍ରକାଶ କରୁଛନ୍ତି। ଏ ନେଇ ପରଜଙ୍ଗ କାର୍ଯ୍ୟରତ ସାମ୍ବାଦିକ ସଂଘ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ)ଙ୍କୁ ଅଭିଯୋଗ କରାଯାଇଛି। ତୁରନ୍ତ ଏହି ଡାକ୍ତରଖାନାର ସମସ୍ତ ସମସ୍ୟା ସମାଧାନ କରିବା ପାଇଁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସାମ୍ବାଦିକ ସଙ୍ଘର ରୂପକ ରଞ୍ଜନ ସାହୁ, ବାପି ଭୁକ୍ତା, ନିଗମା ଦଳବେହେରା, ନିର୍ମଳ ଗଡ଼ନାୟକ, ସୁଜିତ ଦଳବେହେରା, ବିନୟ ଦାସ, ବିପିନ ଜେନା, ଶେଷଦେବ ରାଉତ, ପ୍ରଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ତମ୍ଭକାର ପ୍ରେମାନନ୍ଦ ପାଣିଗ୍ରାହୀ ସମ୍ବର୍ଦ୍ଧିତ

ଭୁବନ,୨।୬(ସମିସ): ଭୁବନର ଯୁବ ସ୍ତମ୍ଭକାର ତଥା ଫିଚର ଲେଖକ ପ୍ରେମାନନ୍ଦ ପାଣିଗ୍ରାହୀଙ୍କୁ ବାଲେଶ୍ୱରରୁ ପ୍ରକାଶିତ ଅପରାହ୍ନ ଖବରକାଗଜର ବାର୍ଷିକ ଉତ୍ସବରେ ସମ୍ମାନିତ କରାଯାଇଛି। କାର୍ଯ୍ୟବ୍ୟସ୍ତତା ହେତୁ ପାଣିଗ୍ରାହୀ ଉତ୍ସବରେ ଉପସ୍ଥିତ ରହିପାରି ନ ଥିଲେ। ଅପରାହ୍ନ ସାହିତ୍ୟ ସ୍ୱରର ଅନୁଗୋଳ ସଂଯୋଜକ କବିଜ୍ୟୋତି ନିରଞ୍ଜନ ପତି ଅତିଥିଙ୍କଠାରୁ ସମ୍ମାନ ଫଳକ, ଅଙ୍ଗବସ୍ତ୍ର, ପୁଷ୍ପଗୁଚ୍ଛ ଗ୍ରହଣ କରିଥିଲେ। ବାଲେଶ୍ୱରରୁ ଅନୁଗୋଳ ଫେରିବା ବେଳେ କବିଜ୍ୟୋତି ନିରଞ୍ଜନ ପତି, କୁଣ୍ଡାଝରୀର ସମ୍ପାଦକ ସୁବ୍ରତ କୁମାର ପ୍ରଧାନ, କବି ପ୍ରଶାନ୍ତ କୁମାର ଦାଶ, କବି ସୁବ୍ରତ କୁମାର ନନ୍ଦ, ସମ୍ବାଦ ସାହିତ୍ୟ ଘର ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସାହୁ ଭୁବନର ମା' ତାରିଣୀ ମନ୍ଦିରରେ ସମ୍ବାଦ ସାହିତ୍ୟ ଘର ସଭାପତି ପ୍ରେମାନନ୍ଦ ପାଣିଗ୍ରାହୀଙ୍କୁ ସମ୍ମାନ ସନନ୍ଦ ଓ ଉପଢୌକନ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ପ୍ରେମାନନ୍ଦଙ୍କ ଶତାଧିକ ପ୍ରବନ୍ଧ ଓ ଫିଚର ଅପରାହ୍ନରେ ପ୍ରକାଶ ପାଇ ପାଠକଙ୍କ ଦ୍ୱାରା ଆଦୃତ ହୋଇଛି।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଢେଙ୍କାନାଳ,୨।୬(ସମିସ): ଢେଙ୍କାନାଳ ସଦର ବ୍ଲକ୍ ସିଆରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଦାଶଙ୍କୁ ବିଦ୍ୟାଳୟ ପରିଚାଳନା କମିଟି, ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ତରଫରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅଶୋକ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ସଦର ବିଇଓ ଦିବ୍ୟପ୍ରକାଶ ପ୍ରଧାନ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ଅଜୟ କୁମାର ସାମନ୍ତ, ସମ୍ମାନିତ ଅତିଥି ଭାବେ ଏବିଇଓ ଶତ୍ରୁଘ୍ନ ପଣ୍ଡା, ସିଆର୍‌ସିସି ମଧୁସ୍ମିତା ରାଉତ, ପ୍ରାକ୍ତନ ପ୍ରଧାନଶିକ୍ଷୟିତ୍ରୀ ମନୋରମା ଦାସ, ପୁଷ୍ପିତା ଜେନା, ଶିକ୍ଷାବିତ୍ ଭରତ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷୟିତ୍ରୀଙ୍କ କର୍ମମୟ ଜୀବନ ଓ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଦାଶ ନିଜ କର୍ତ୍ତବ୍ୟପରାୟଣତା, ଛାତ୍ରବତ୍ସଳତା ଓ ମିଷ୍ଟଭାଷୀ ଗୁଣ ଯୋଗୁଁ ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ ବୋଲି ଅତିଥିମାନେ କହିଥିଲେ। ପ୍ରାକ୍ତନ ସିଆର୍‌ସିସି କାଳନ୍ଦୀ ଚରଣ ଦେବତା ମଞ୍ଚ ସଞ୍ଚାଳନ କରିଥିଲେ। ପରେ ବିଦାୟୀ ଶିକ୍ଷୟିତ୍ରୀ ଦାଶଙ୍କୁ ମାନପତ୍ର, ଉପଢୌକନ, ପୁଷ୍ପଗୁଚ୍ଛ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ପ୍ରଦୀପ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। କମିଟି ସଭାପତି ବ୍ରହ୍ମାନନ୍ଦ ପ୍ରଧାନ, ପଞ୍ଚସଖା ଶିକ୍ଷାସେତୁ ଅଧ୍ୟକ୍ଷ ଚିନ୍ତାମଣି ମହାନ୍ତି, ଗ୍ରାମ ସଭାପତି ମାୟାଧର ଖଟୁଆଙ୍କ ସମେତ ସମସ୍ତ କମିଟି ସଭ୍ୟ ସହଯୋଗ କରିଥିଲେ।

## ଖଣି ଖନନ ପାଇଁ ୭ ପରିବାରକୁ ଉଚ୍ଛେଦ କଲା ଏମସିଏଲ

ତାଳଚେରସଦର,୨।୬(ସମିସ): ଏମସିଏଲ ବଳରାମ କୋଇଲା ଖଣି ସମ୍ପ୍ରସାରଣ ପାଇଁ ସୋମବାର ପୁଲିସ୍ ପ୍ରଶାସନ ଓ ଖଣି କର୍ତ୍ତୃପକ୍ଷଙ୍କ ସହଯୋଗରେ କଳମଛୁଇଁ ଗ୍ରାମର ୭ ପରିବାରକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରାଯାଇଛି। ମାଜିଷ୍ଟ୍ରେଟ୍ ଭାବେ ଅତିରିକ୍ତ ତହସିଲଦାର ଶାଶ୍ୱତ ଶୋଭନ ମହାପାତ୍ର, ତାଳଚେର ଏସଡିପିଓ ଭରତ ଚନ୍ଦ୍ର ବେହେରା, ହିଙ୍ଗୁଳା ଜିଏମ ମାହୁମ୍ମୁଦ ମିଆଁ ଏବଂ ପୁଲିସ୍ ଉପସ୍ଥିତିରେ ଉଚ୍ଛେଦ କାର୍ଯ୍ୟ କରାଯାଇଥିଲା। ଏମସିଏଲ ସୂଚନା ଅନୁଯାୟୀ ଏହି ୭ ପରିବାରକୁ ସମ୍ପୂର୍ଣ୍ଣ ନିଯୁକ୍ତି, କ୍ଷତିପୂରଣ ଅର୍ଥ ମିଳିସାରିଥିବା ବେଳେ ସେମାନେ ନିଜ ଘର ଭାଙ୍ଗି ନ ଥିଲେ। ଫଳରେ ଖଣି ସମ୍ପ୍ରସାରଣ ହୋଇପାରୁ ନ ଥିଲା। ଅନ୍ୟପଟେ ତାଙ୍କୁ ଘର ବାବଦ ଟଙ୍କା ମିଳି ନ ଥିବରୁ ସେମାନେ ଘରଛାଡ଼ି ଯାଉ ନ ଥିଲେ ବୋଲି କ୍ଷତିଗ୍ରସ୍ତ ପରିବାର ଅଭିଯୋଗ କରିଛନ୍ତି। ଉଚ୍ଛେଦ ସମୟରେ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା। ପୁଲିସ୍ ଓ ପ୍ରଶାସନିକ ଅଧିକାରୀ ବୁଝାସୁଝା କରିବା ପରେ ଘରଭଙ୍ଗା କାର୍ଯ୍ୟ ଆରମ୍ଭ ହୋଇଥିଲା।

## ଘଣ୍ଟପଡ଼ା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ତାଳଚେରସଦର,୨।୬(ସମିସ): ତାଳଚେର ବ୍ଲକ ଘଣ୍ଟପଡ଼ା ସରପଞ୍ଚଙ୍କ ବିରୋଧରେ ୱାର୍ଡମେମ୍ବରମାନେ ସାଙ୍ଘାତିକ ଅଭିଯୋଗ ଆଣି ଉପଜିଲ୍ଲାପାଳଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ଆଗତ କରିଛନ୍ତି। ଏହାକୁ ନେଇ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ପଞ୍ଚାୟତରେ ସରପଞ୍ଚ ସାଢ଼େ ତିନିବର୍ଷ ମଧ୍ୟରେ କୌଣସି ଉନ୍ନୟନ କାର୍ଯ୍ୟ କରିନାହାନ୍ତି। ମହିଳା ସରପଞ୍ଚ ହୋଇଥିବାରୁ ସେ କେବେ କାର୍ଯ୍ୟାଳୟକୁ ଆସନ୍ତି ନାହିଁ। ତାଙ୍କ ସ୍ୱାମୀ ଛାୟା ସରପଞ୍ଚ ଭାବେ କାର୍ଯ୍ୟାଳୟରେ କିଛି ଯୁବକଙ୍କୁ ଧରି ସେଠାରେ ବସି ଗୁଣ୍ଡିଆ ବିଚାର କରିବା ସହ କାର୍ଯ୍ୟ କରିଥାନ୍ତି ବୋଲି ଅଭିଯୋଗ କରିଛନ୍ତି। ଏହି ପଞ୍ଚାୟତରେ ୨୨ ଜଣ ୱାର୍ଡ ମେମ୍ବର ରହିଥିବା ବେଳେ ସେଥିମଧ୍ୟରୁ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ବର୍ତ୍ତମାନ ୨୧ଜଣ ରହିଛନ୍ତି। ସେଥିମଧ୍ୟରୁ ୨, ୩, ୪, ୫, ୬, ୭, ୮, ୯, ୧୯, ୨୦, ୨୧, ୨୨ ଓ ୨୩ ନମ୍ବର ୱାର୍ଡମେମ୍ବରଙ୍କ ଦସ୍ତଖତରେ ତାଳଚେର ଉପଜିଲ୍ଲାପାଳଙ୍କୁ ଅଭିଯୋଗ କରାଯାଇଛି। ଅଧାରୁ ଅଧିକ ୱାର୍ଡ ମେମ୍ବର ସରପଞ୍ଚଙ୍କୁ ବିରୋଧ କରୁଥିବାରୁ ଏହି ଅନାସ୍ଥା ପ୍ରସ୍ତାବର ଫଳାଫଳ କ'ଣ ହେବ ତାହା ଦେଖିବାକୁ ବାକି ରହିଲା।

## +୨ ବିଦ୍ୟାଳୟରେ ନୂଆ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

ଗଁଦିଆ,୨।୬(ସମିସ): କପିଳାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ଅଧ୍ୟକ୍ଷ ଭାବେ ଉକ୍ତ ବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଗୋଲକ ନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଦ୍ୟାଳୟ ପକ୍ଷରୁ ତାଙ୍କୁ ଅଧ୍ୟାପକ ପ୍ରିୟବ୍ରତ ପାତ୍ରଙ୍କ ନେତୃତ୍ୱରେ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇବା ସହ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠକୁ ପାଛୋଟି ନେଇଥିଲେ। ଦାୟିତ୍ୱ ଗ୍ରହଣ ଉତ୍ସବରେ ୬୬୨ ବର୍ଗ କଲେଜ ଅଧ୍ୟାପକ କର୍ମଚାରୀ ସଂଘ ଢେଙ୍କାନାଳ ଜିଲ୍ଲା ସଭାପତି ସମୀର କୁମାର ସାହୁ, ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତ୍ରିଲୋଚନ ସାହୁ, ବିଜୟ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଦାୟିତ୍ୱ ଗ୍ରହଣ କରିବା ଅବସରରେ ନାୟକ ବିଦ୍ୟାଳୟର ଉନ୍ନତି ତଥା ସୁସ୍ଥ ପରିବେଶ ଉପରେ ଗୁରୁତ୍ୱ ଦେବେ ବୋଲି କହିଥିଲେ। ଏଥିନିମନ୍ତେ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

## ନିତ୍ୟାନନ୍ଦଙ୍କ ଏକାଦଶାହରେ ସ୍ୱରଚିତ ପୁସ୍ତକ ଉନ୍ମୋଚିତ



ଅନୁଗୋଳ,୨।୬(ସମିସ): ସାରସ୍ୱତ ସାଧକ ବିଶିଷ୍ଟ ପ୍ରାବନ୍ଧିକ, ସାହିତ୍ୟିକ ନିତ୍ୟାନନ୍ଦ ନାୟକ ଏକାଦଶାହରେ ରବିବାର ଏକ ଶୋକସଭା ଅନୁଷ୍ଠିତ ହୋଇଛି। ଏହି ଅବସରରେ ତାଙ୍କ ରଚିତ ଶେଷ ପୁସ୍ତକ 'ଉତ୍କଳ ବୀରାଙ୍ଗନା' ସାଥୀ ସାରସ୍ୱତ ସାଧକ, ବନ୍ଧୁପରିଜନଙ୍କ କରକମଳରେ ଉନ୍ମୋଚିତ ହୋଇଛି। ସ୍ୱର୍ଗତ ନାୟକଙ୍କ ଶେଷଇଚ୍ଛାକୁ ତାଙ୍କ ପୁଅ ଶୁଭେନ୍ଦୁ କୁମାର ନାୟକ ପୂରଣ କରି ବାପାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ସ୍ୱର୍ଗତ ନାୟକଙ୍କ ଜୀବନ କୃତିକୁ ଭିଡିଓ ମାଧ୍ୟମରେ ପ୍ରଦର୍ଶନ କରାଯିବା ସହ ତାଙ୍କ ରଚିତ ପୁସ୍ତକ ସଂକଳନର ମଧ୍ୟ ପ୍ରଦର୍ଶନ ହୋଇଥିଲା। ପୁଅ ଶୁଭେନ୍ଦୁ ବର୍ତ୍ତମାନ ଅନୁଗୋଳସ୍ଥିତ ନାଲକୋ (ଏସଆଣ୍ଡପି) ର ମାନବ ସମ୍ବଳ ବିକାଶ ଏବଂ ପ୍ରଶାସନିକ ଜିଜିଏମ ଭାବେ କାର୍ଯ୍ୟରତ। ସ୍ୱର୍ଗତ ନାୟକଙ୍କ କର୍ମସାଧନା କ୍ଷେତ୍ର ରାଉରକେଲାରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସମାରୋହରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ନାଲକୋ ଉଚ୍ଚପଦସ୍ଥ ଅଧିକାରୀ, ସମସ୍ତ ନାଲକୋ ଶ୍ରମିକ ୟୁନିୟନ କାର୍ଯ୍ୟକର୍ତ୍ତା, ନାଲକୋ ଅଫିସର ଆସୋସିଏସନ କାର୍ଯ୍ୟକର୍ତ୍ତା, ନାଲକୋ ଏସସିଏସଟି କର୍ମଚାରୀ ସଂଘ କର୍ମକର୍ତ୍ତା, ଠିକା ମଜଦୁର ସଂଘ କର୍ମକର୍ତ୍ତା, ସାରେଗାମା ସେବା ଓ ସାଂସ୍କୃତିକ ଅନୁଷ୍ଠାନ କର୍ମକର୍ତ୍ତା ତଥା ସାମ୍ବାଦିକ ଯୋଗଦେଇଥିଲେ।

## ଶିବିରରୁ ୫୦ ୟୁନିଟ୍ ରକ୍ତ ସଂଗ୍ରହ

ଢେଙ୍କାନାଳ,୨।୬(ସମିସ): ସଦର ବ୍ଲକ୍ ବଳଦିଆବନ୍ଧ ଗ୍ରାମ ମହାବୀର କ୍ଲବ୍ ଆନୁକୂଲ୍ୟରେ ଗୌରାଙ୍ଗ ଚରଣ ଉଚ୍ଚ ବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ସଭ୍ୟା ଦୀପ୍ତିମୟୀ ଜେନା, ସମ୍ମାନିତ ଅତିଥି ଭାବେ ବଳଦିଆବନ୍ଧ ସରପଞ୍ଚଙ୍କ ସ୍ୱାମୀ ସୁବାସ ହାତୀ, ସମାଜସେବୀ ଅକ୍ଷୟ ଜେନା, ଶଙ୍କର୍ଷଣ ଜେନା, ପୂର୍ବତନ ସରପଞ୍ଚ ଜୟକୃଷ୍ଣ ଜେନା ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ୫୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। କ୍ଲବ୍ ସଭାପତି ରୁଦ୍ରାକ୍ଷ ସାହୁ, ସମ୍ପାଦକ ପ୍ରଦୋଷ ଜେନା, କୋଷାଧ୍ୟକ୍ଷ ଅଂଶୁମାନ ରାଉତ, ସଭ୍ୟ କୁମାର ଅଭିଜିତ, ଗୋପାଳ ବେହେରା, ରାଜନୀଶ ଜେନା, ମୋହନ ବିଶ୍ୱାଳ, ଅରବିନ୍ଦ ହାତୀ, ନିର୍ମଳ ବେହେରା, ଲିଙ୍ଗରାଜ ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଢେଙ୍କାନାଳ ରକ୍ତଭଣ୍ଡାର ନର୍ସିଂ ଅଧିକାରୀ ବିନୋଦିନୀ ଯୋଗାଣିଆ, ଲାବ୍ ଟେକ୍ନିସିଆନ୍ ରାକେଶ କୁମାର ବେହେରା, ଆଟେଣ୍ଡାଣ୍ଟ ଅଜୟ ସ୍ୱାଇଁ, ବରୁଣ ସାହୁ, ତପନ ଜେନା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଢେଙ୍କାନାଳ ବଜରଙ୍ଗ କ୍ଲବ୍‌ର ସନ୍ଦୀପ ଷଡ଼ଙ୍ଗୀ, ସଞ୍ଜୀବ ପଣ୍ଡା, ବିଶ୍ୱଜିତ ବେହେରା, ସୂର୍ଯ୍ୟକାନ୍ତ ବେହେରା, ଜ୍ୟୋତିପ୍ରକାଶ ବେହେରା, ଜିତେନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ।




## ଦୁଇ ବଖରା ଭସ୍ମୀଭୂତ; ପରିବାର ସର୍ବସ୍ୱାନ୍ତ

ଖଜୁରିଆକଟା,୨।୬(ସମିସ): ସୋମବାର ସକାଳ ୯ ଟାରେ ହିନ୍ଦୋଳ ବ୍ଲକ କନ୍ତମିଲା ପଞ୍ଚାୟତ ଧୋବଣୀନନ୍ଦର ଗ୍ରାମର ଅମୀୟ ସାହୁଙ୍କ ଘରେ ଅଗ୍ନିକାଣ୍ଡ ଘଟି ୨ ବଖରା ଭସ୍ମୀଭୂତ ହୋଇଛି। ଘରେ ଥିବା ଧାନ ଚାଉଳ, ପନିପରିବା, ରୋଷେଇ ସରଞ୍ଜାମ ସମେତ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଛି। ହିନ୍ଦୋଳ ଅଗ୍ନିଶମ ବିଭାଗ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ ହେଁ ଦୁଇବଖରା ଘର ସହ ସାମଗ୍ରୀ ପୋଡ଼ିଯାଇଥିଲା। କନ୍ତାମିଲା ସରପଞ୍ଚ ସୁନନ୍ଦା ଅମାନ୍ତ, ସମାଜସେବୀ ଅଦ୍ୱୈତ ଅମାନ୍ତ ବିପନ୍ନଙ୍କ ପାଖରେ ପହଞ୍ଚି ସହଯୋଗ କରିବା ସହ କ୍ଷତିପୂରଣ ବାବଦରେ ରାଜସ୍ୱ ନିରୀକ୍ଷକଙ୍କ ସହ ଆଲୋଚନା କରିଥିଲେ। ଗରିବ ଅମୀୟଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇଦେବାକୁ ପ୍ରଶାସନକୁ ନିବେଦନ କରିଥିଲେ।

## ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ମହାଦେବଙ୍କ ଶୀତଳଷଷ୍ଠୀ ଯାତ୍ରା

ଢେଙ୍କାନାଳ,୨।୬(ସମିସ): କୁଞ୍ଜକାନ୍ତ, ମଧୁବନରେ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ମହାଦେବଙ୍କ ବିବାହ ଓ ଶୀତଳଷଷ୍ଠୀ ଯାତ୍ରା ପାଳିତ ହୋଇଛି। ବରପିତା ଶିବପ୍ରସାଦ ଦାସ ଓ କନ୍ୟାପିତା ଭାବେ ପ୍ରଭାସ ମିଶ୍ର ଦାୟିତ୍ୱ ତୁଲାଇଥିଲେ। ଶନିବାର ରାତିରେ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ରବିବାର ଦେବଦମ୍ପତିଙ୍କ ଭବ୍ୟ ଶୋଭାଯାତ୍ରା ଅଞ୍ଚଳ ପରିକ୍ରମା କରିଥିଲା। ୨ ଦିନ ଧରି ପ୍ରସାଦସେବନ, ଭଜନକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ପୂଜକ କୃଷ୍ଣଚନ୍ଦ୍ର ପାଢ଼ୀ ଓ ମନ୍ମଥ ମିଶ୍ର ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ମନ୍ଦିର ପରିଚାଳନା ପରିଷଦ ସଭାପତି ଡା. ଜଗଦାନନ୍ଦ ତ୍ରିପାଠୀ ଓ ସମ୍ପାଦକ ଅଖିଳ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କମିଟିର ଚନ୍ଦନ ଦାସ, ସନତ ଦାସ, ବିଜୟଲକ୍ଷ୍ମୀ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ।

## ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ପରଜଙ୍ଗ,୨।୬(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ପୁଲିସ ପକ୍ଷରୁ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଥାନା ଆଇଆଇସି ଧୀରେନ କୁମାର ବେହେରାଙ୍କ ପରାମର୍ଶକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏସଆଇ ଭାବଗ୍ରାହୀ ମହାନ୍ତି, ଏଏସଆଇ ଯୁଗଳ କିଶୋର ପ୍ରଧାନ ଓ ପୁଲିସ ବାହିନୀ ପରଜଙ୍ଗ ଡ୍ରାଇଭର ସଙ୍ଘ କାର୍ଯ୍ୟକର୍ତ୍ତାଙ୍କ ସହଯୋଗରେ ଲୋକଙ୍କୁ ସଚେତନ କରିଥିଲେ। ଡ୍ରାଇଭର ସଙ୍ଘ ସଭାପତି ସନ୍ତୋଷ କୁମାର ବର୍ମାଙ୍କ ଆହ୍ୱାନ କ୍ରମେ ବ୍ଲକର ପ୍ରତ୍ୟେକ ପଞ୍ଚାୟତର କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ। ପୁଲିସ ବାହିନୀ ଓ ଡ୍ରାଇଭର ସଂଘ ସଦସ୍ୟ ୫୩ନଂ ଜାତୀୟ ରାଜପଥ ବାଇପାସ୍ ଛକରେ ସମସ୍ତ ଗାଡ଼ି ଅଟକାଇ ଚାଳକମାନଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରିଥିଲେ।

### ଶିଳ୍ପାଞ୍ଚଳ ଟ୍ରକ ମାଲିକ ସଙ୍ଘର ଚେତାବନୀ

# ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆମରଣ ଅନଶନ

ଢେଙ୍କାନାଳ,୨।୬(ସମିସ):

ଢେଙ୍କାନାଳ ଶିଳ୍ପାଞ୍ଚଳ ଟ୍ରକ୍ ମାଲିକ ସଂଘ ମାଲିକମାନଙ୍କ ନ୍ୟାଯ୍ୟ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଶତାଧିକ ଟ୍ରକ୍ ମାଲିକ, ଚାଳକ ଏବଂ ହେଲପରମାନେ ବାଜିଚୌକରୁ ବିରାଟ ପଦଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନାରାବାଜି କରିବା ସହିତ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।




ସଂଘ ତରଫରୁ ପୂର୍ବରୁ ଦିଆଯାଇଥିବା ଦାବିପତ୍ର ଉପରେ ପ୍ରଶାସନ ପକ୍ଷରୁ ଅଦ୍ୟାବଧି କୌଣସି ସକରାତ୍ମକ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଢେଙ୍କାନାଳ ଜିଲ୍ଲାରେ ବହୁ କଳକାରଖାନା ରହିଛି। ଜମି ଅଧିଗ୍ରହଣ ସମୟରେ ତତ୍କାଳୀନ ଜିଲ୍ଲାପାଳ, କମ୍ପାନୀ ଅଧିକାରୀବୃନ୍ଦ, ପୁଲିସ ଅଧିକାରୀ, ବିଧାୟକ ଓ ସାଂସଦ ପ୍ରତିଶ୍ରୁତି ଦେଇଥିଲେ ଯେ, ଟ୍ରକ୍ ମାଲିକ, ଚାଳକ, ସହଯୋଗୀ ଏବଂ ସ୍ଥାୟୀ ବାସିନ୍ଦାଙ୍କ ରୋଜଗାର ପାଇଁ କମ୍ପାନୀ ଅଗ୍ରାଧିକାର ଦେବ। କିନ୍ତୁ କମ୍ପାନୀ ବାହାର ରାଜ୍ୟ ଏବଂ କିଛି ଜିଲ୍ଲା ବାହାର ଏବଂ କିଛି ଜିଲ୍ଲା ଭିତରରୁ ମୁଷ୍ଟିମେୟ ଲୋକଙ୍କୁ ଅଗ୍ରାଧିକାର ଦେଇ ସ୍ଥାନୀୟ ବାସିନ୍ଦାଙ୍କ ଅଧିକାରକୁ ଗୋଇଠା ମାରିଛନ୍ତି ବୋଲି ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଏହା ଦ୍ୱାରା ଗାଡ଼ି ମାଲିକମାନେ ଋଣ ଶୁଝିପାରୁନାହାନ୍ତି। ପିଲାମାନଙ୍କୁ ଶିକ୍ଷା ଖର୍ଚ୍ଚ ଦେବାରେ ଅସମର୍ଥ ଏବଂ ପରିବାର ସଦସ୍ୟଙ୍କୁ ଖାଇବା ଓ ଚିକିତ୍ସା ସହିତ ଔଷଧ ଦେବାରେ ଅସମର୍ଥ ହେଉଛନ୍ତି। ବହୁବାର ଜଣାଇବା ପରେ ମଧ୍ୟ କୌଣସି ସୁଫଳ ହୋଇପାରୁ ନାହିଁ ବୋଲି ସମୂହ ନିଷ୍ପତି ଗ୍ରହଣ କରି ନିଜର ନ୍ୟାର୍ଯ୍ୟ ଦାବୀ ପାଇଁ ଆଗାମୀ ଦିନରେ ଶାନ୍ତିପୂର୍ଣ୍ଣ ଆମରଣ ଅନଶନରେ ବସିବେ ବୋଲି ଜିଲ୍ଲାପାଳଙ୍କୁ ଏକ ପତ୍ର ମାଧ୍ୟମରେ ଜଣାଇଛନ୍ତି। ଏହି ପତ୍ର ପ୍ରଦାନ ସମୟରେ ସଭାପତି ରଶ୍ମିରଞ୍ଜନ ବାରିକ, ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ନାୟକଙ୍କ ସମେତ ବହୁ ମାଲିକ, ଗାଡ଼ି ଚାଳକ ଓ ସହଯୋଗୀ ଉପସ୍ଥିତ ଥିଲେ।

# ଡକାୟତି ଗ୍ୟାଙ୍ଗ୍‌ର ଚୋରା ବନ୍ଧୁକ କାରବାର

■ ମାଷ୍ଟରମାଇଣ୍ଡ ସମେତ ୬ ଗିରଫ
■ ପିସ୍ତଲ, ଗୁଳି, ଖଣ୍ଡା ସମେତ ଅନ୍ୟ ସାମଗ୍ରୀ ଜବତ



ରାଉରକେଲା,୨।୬(ସମିସ): ବନ୍ଧମୁଣ୍ଡାର ପ୍ରେମନଗର ଅଞ୍ଚଳରେ ଚାଲିଥିବା ଏକ ବଡ଼ଧରଣର ଡକାୟତି ଯୋଜନାକୁ ପଣ୍ଡ କରିଛି ରାଉରକେଲା ପୁଲିସ। ଏହି ଘଟଣାରେ ପୁଲିସ ପୂରା ଘଟଣାର ମାଷ୍ଟରମାଇଣ୍ଡ ସମେତ ୬ ଡକାୟତଙ୍କୁ ଗିରଫ କରିଛି। ଚଢ଼ଉ ବେଳେ ସେମାନଙ୍କଠାରୁ ବିପୁଳ ପରିମାଣର ଗୁଳି, ବନ୍ଧୁକ, ଖଣ୍ଡା ଆଦି ମାରଣାସ୍ତ୍ର ଜବତ ହୋଇଛି। ଏହାସହ ସେମାନଙ୍କ ଦ୍ୱାରା ଦୀର୍ଘ ଦିନ ଧରି ଚାଲିଥିବା ବନ୍ଧୁକ ଚୋରାକାରବାରର ମଧ୍ୟ ପୁଲିସ୍ ପର୍ଦ୍ଦାଫାସ୍ କରିଛି।

ବନ୍ଧମୁଣ୍ଡା ଥାନାଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର ଅଧିକ ସୂଚନା ଦେଇ କହିଛନ୍ତି, ବନ୍ଧମୁଣ୍ଡା ଥାନା ପ୍ରେମନଗର ପଡ଼ିଆରେ କିଛି ଦୁର୍ବୃତ୍ତ ଏକ ବଡ଼ଧରଣର ଡକାୟତି ଯୋଜନା କରୁଥିବା ପୁଲିସ୍‌କୁ ସୂଚନା ମିଳିଥିଲା। ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ପୁଲିସ୍ ଟିମ୍ ଚଢ଼ଉ କରିଥିଲା। ତେବେ ସମସ୍ତେ ପୁଲିସକୁ ଦେଖି ଦୌଡ଼ି ପଳାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଉକ୍ତ ଘଟଣାରେ ପୁଲିସ ୬ ଜଣଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା। ସେମାନେ ହେଲେ, ବନ୍ଧମୁଣ୍ଡା ଥାନା ସେକ୍ଟର ସି, ୧୦ ନମ୍ବର ବସ୍ତିର ସିଧୁ ତନ୍ତୀ ଓରଫ୍ ବିଟୁ (୨୮), ସେକ୍ଟର ସି ଗୁଣ୍ଡିଚାପାଲି ବସ୍ତିର ଅଂଶୁ କୁମାର ଲାଲ (୨୨), ସେକ୍ଟର ଡି ଅଞ୍ଚଳର ୱାଇ କ୍ରିଷ୍ଣା (୨୬), ସେକ୍ଟର୍-ସି ହନୁମାନଗଡ଼ର ଅଜୟ ପଟ୍ଟନାୟକ ଓରଫ୍ ବାବୁ (୩୦), ସେକ୍ଟର୍-ସି ୧୦ ନମ୍ବର ବସ୍ତିର ବିବେକ ମୋଦକ୍ (୩୬) ଓ ଗୁଣ୍ଡିଚାପାଲିର ଅନଟୁ ମୁଖୀ (୪୩)। ଗିରଫ ବିଟୁ ତନ୍ତୀ ହେଉଛି ମାଷ୍ଟରମାଇଣ୍ଡ। ସେମାନଙ୍କଠାରୁ ୪ଟି ପିସ୍ତଲ, ଗୋଟିଏ ରିଭଲଭର, ୪ଟି ଖାଲି ମାଗାଜିନ୍, ୧୫ଟି ଜୀବନ୍ତ ଗୁଳି, ୨ଟି ଖଣ୍ଡା, ଗୋଟିଏ ଲୁହା ଛଡ଼, ଗୋଟିଏ କ୍ରୋ ବାର, ଗୋଟିଏ ଟର୍ଚ୍ଚ, ୫ଟି ମୋବାଇଲ ଓ ୬ଟି ଖାଲି ବିଅର ବୋତଲ ଜବତ କରାଯାଇଛି।

ଜେରା ବେଳେ ସେମାନେ ବନ୍ଧୁକ ଚୋରା କାରବାର କରୁଥିଲେ ବୋଲି ପୁଲିସ୍ ନିକଟରେ ସ୍ୱୀକାର କରିଛନ୍ତି। ଏହି ଘଟଣାର ମୁଖ୍ୟ ନାୟକ ବିଟୁ ତନ୍ତୀ ବୋଲି ପୁଲିସ ଜାଣିବାକୁ ପାଇଛି। ସେ ଜଣେ କୁଖ୍ୟାତ ଅପରାଧୀ ହୋଇଥିବା ବେଳେ ତା' ପାଇଁ ଏକ ବଡ଼ଧରଣର ଗ୍ୟାଙ୍ଗ୍ କାମ କରୁଥିବା ଜଣାପଡ଼ିଛି। ଝାଡ଼ଖଣ୍ଡ ଓ ବିହାର ରାଜ୍ୟର ବିଭିନ୍ନ ସ୍ଥାନରୁ ବେଆଇନ ବନ୍ଧୁକ କମ୍ ମୂଲ୍ୟରେ ଆଣି ରାଉରକେଲାରେ ଚଢ଼ା ମୂଲ୍ୟରେ ବିକ୍ରି କରି ମାଲାମାଲ ହେଉଥିଲା ବିଟୁ। ତା' ନାଁରେ ଓଡ଼ିଶା ଓ ଝାଡ଼ଖଣ୍ଡର ବିଭିନ୍ନ ଥାନାରେ ୩୪ଟି ମାମଲା ରହିଥିବା ଅତିରିକ୍ତ ଏସ୍‌ପି ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି। ସେହିପରି ଗିରଫ ଅଂଶୁ ନାଁରେ ଗୋଟିଏ, ଅଜୟ ନାଁରେ ଦୁଇଟି, ଅନଟୁ ନାଁରେ ଗୋଟିଏ ମାମଲା ରହିଛି। ତେବେ ଏହି ଗ୍ୟାଙ୍ଗ୍‌ରେ ଅନ୍ୟ କେଉଁମାନେ ସାମିଲ ଅଛନ୍ତି, କେମିତି ସୀମା ଅତିକ୍ରମ କରି ରାଉରକେଲାକୁ ବନ୍ଧୁକ ଆସୁଥିଲା; ଏଭଳି ବିଭିନ୍ନ ଦିଗକୁ ନେଇ ପୁଲିସ୍ ତଦନ୍ତ ଜାରି ରଖିଛି। ଏହି ଅବସରରେ ଜୋନାଲ ଡିଏସ୍‌ପି ଅମରେନ୍ଦ୍ର ଷଣ୍ଢ, ଇନ୍ସପେକ୍ଟର୍ ଶ୍ରୀକାନ୍ତ ଖମାରୀ, ଏସ୍‌ଆଇ ମନୋଜ ବାରା, ସିଦ୍ଧାନ୍ତ ପ୍ରଧାନ, ଅର୍ଜୁନ ସେଠୀ, ଏଏସ୍‌ଆଇ ରତ୍ନାକର ମୁଣ୍ଡା, ସଞ୍ଜିତା ସାମଲ, ସରୋଜ ପୁହାଣ ସମେତ ଅନ୍ୟ ଥାନା କର୍ମଚାରୀ ଚଢ଼ଉରେ ସାମିଲ ହୋଇଥିଲେ।

# ଦଳ ବିରୋଧୀ କାର୍ଯ୍ୟ; ଢେଙ୍କାନାଳ ସଦର ବ୍ଲକ ପୂର୍ବ ବିଜେଡି ସଭାପତି ନିଲମ୍ବିତ

ଭୁବନେଶ୍ୱର,୨।୬(ସମିସ): ଦଳ ବିରୋଧୀ ଗତିବିଧିରେ ସଂପୃକ୍ତି ଥିବା କାରଣରୁ ଢେଙ୍କାନାଳ ସଦର ବ୍ଲକର ପୂର୍ବତନ ବିଜେଡି ସଭାପତି ବିଭୁ ପ୍ରସାଦ ଦେହୁରୀଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ଏ ସଂପର୍କରେ ବିଜେଡିର ବରିଷ୍ଠ ଉପସଭାପତି ପ୍ରତାପ ଜେନାଙ୍କ ଦସ୍ତଖତ ସମ୍ବଳିତ ଏକ ନିର୍ଦ୍ଦେଶନାମା ସୋମବାର ଦଳ ପକ୍ଷରୁ ପ୍ରକାଶ ପାଇଛି।

## ସୁଧୁରୁନି ଓଏସ୍‌ଏସ୍‌ସି ପରୀକ୍ଷା ବ୍ୟବସ୍ଥା

# ଏଲ୍‌ଟିଆର୍ ସଂସ୍କୃତ ପରୀକ୍ଷାରେ ବି ବିଭ୍ରାଟ

ଭୁବନେଶ୍ୱର,୨।୬(ସମିସ): ଓଡ଼ିଶା ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ପରୀକ୍ଷାରେ ବାରମ୍ବାର ବିଭ୍ରାଟ ଦେଖିବାକୁ ମିଳୁଛି। କେବଳ ଲିଭ୍ ଟ୍ରେନିଂ ରିଜର୍ଭ (ଏଲ୍‌ଟିଆର୍) ପରୀକ୍ଷାରେ ଏକାଧିକ ବିଭ୍ରାଟ ପଦାକୁ ଆସିଛି। ଗତ ୧୫ ତାରିଖରେ ଅନୁଷ୍ଠିତ ଏଲ୍‌ଟିଆର୍ ହିନ୍ଦୀ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ଦେଖାଦେଇଥିଲା। ୨୦ଟି ପେଡାଗୋଜୀ ଆଣ୍ଡ ଇଭାଲୁଏସନ୍ ପ୍ରଶ୍ନ ଉଭୟ ଇଂରାଜୀ ଓ ହିନ୍ଦୀରେ ଆସିବାର ଥିବା ବେଳେ କେବଳ ହିନ୍ଦୀ ଭାଷାରେ ପ୍ରଶ୍ନ ପଚାରାଯାଇଥିଲା। ଅନୁରୂପ ଭାବେ ୧୭ ତାରିଖରେ ଅନୁଷ୍ଠିତ ସଂସ୍କୃତ ପରୀକ୍ଷାରେ ବିଭ୍ରାଟ ହୋଇଛି। ପ୍ରଶ୍ନପତ୍ରରେ ୨୦ଟି ପେଡାଗୋଜୀ ଆଣ୍ଡ ଇଭାଲୁଏସନ୍ ପ୍ରଶ୍ନ ଉଭୟ ଇଂରାଜୀ ଓ ସଂସ୍କୃତରେ ଆସିବାର ଥିବା ବେଳେ କେବଳ ସଂସ୍କୃତ ଭାଷାରେ ପ୍ରଶ୍ନ ଥିଲା। ଏହାର ଇଂରାଜୀ ଅନୁବାଦ ଅନ୍ୟ କାଗଜରେ ଜେରକ୍ସ କରି ପରୀକ୍ଷାର୍ଥୀଙ୍କୁ ଦିଆଯାଇଥିଲା। ଯାହାର ବୈଧତା ଓ ଗୋପନୀୟତାକୁ ନେଇ ପରୀକ୍ଷାର୍ଥୀମାନେ ପ୍ରଶ୍ନ ଉଠାଇଛନ୍ତି। ସେହିପରି ପ୍ରଶ୍ନପତ୍ର ପ୍ୟାକେଟ୍‌ର ଫଟୋ ବାହାରକୁ ଆସିବା ପରେ ପରୀକ୍ଷା କେନ୍ଦ୍ରରେ ମୋବାଇଲ୍ ବ୍ୟବହାର ହୋଇଥିବା ଆଶଙ୍କା ଆଶାୟୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି।

ଏଲ୍‌ଟିଆର୍ ହିନ୍ଦୀ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ସାମ୍ନାକୁ ଆସିବା ପରେ ଏହାକୁ ପୁନଃ ପରୀକ୍ଷା କରିବା ପାଇଁ ଏସ୍‌ଏସ୍‌ସି ନିଷ୍ପତ୍ତି ନେଇଛି। ଏହାପରେ ସମାନ ତ୍ରୁଟି ଥିବାରୁ ସଂସ୍କୃତ ପ୍ରଶ୍ନପତ୍ରର ଇଂରାଜୀ

■ ଇଂରାଜୀ ଅନୁବାଦ ଜେରକ୍ସର ଗୋପନୀୟତା ନେଇ ପ୍ରଶ୍ନବାଚୀ
■ ସିରିଏଲ୍ ନମ୍ବର ସହ ପ୍ରଶ୍ନପତ୍ର ପ୍ୟାକେଟ୍ ଫଟୋ ଭାଇରାଲ୍
■ ପୁନଃ ପରୀକ୍ଷା ସହ ଯାଞ୍ଚ କରିବାକୁ ଆଶାୟୀଙ୍କ ଦାବି

ଅନୁବାଦ କରି ତାହାର ଜେରକ୍ସ କପି ପରୀକ୍ଷାର୍ଥୀଙ୍କୁ ଦିଆଯାଇଛି। ହେଲେ ଜେରକ୍ସଗୁଡ଼ିକରେ କୌଣସି ବନ୍ଦ ପ୍ୟାକେଟ୍‌ରେ ନଥିଲା। ପରୀକ୍ଷକମାନେ ହାତରେ ଆଣି ତାକୁ ପରୀକ୍ଷାର୍ଥୀଙ୍କୁ ବାଣ୍ଟିଥିବା ବେଳେ ବଳକା ପ୍ରଶ୍ନପତ୍ର ତାଙ୍କ ପାଖରେ ରଖିଥିଲେ। ପରୀକ୍ଷାର୍ଥୀଙ୍କ କହିବା କଥା, ପ୍ରତି ପିଲାଙ୍କ ପିଛା ଗୋଟିଏ ଲେଖାଏଁ ପ୍ରଶ୍ନପତ୍ର ଛପା ଯାଉଥିବା ବେଳେ ଇଂରାଜୀ ଅନୁବାଦର କପି କାହିଁକି ଅଧିକ କରାଯାଇଥିଲା? ପୁଣି ସେଗୁଡ଼ିକ ପରୀକ୍ଷା ପୂର୍ବରୁ ଖୋଲା ଥିବାରୁ ତାହାର ଗୋପନୀୟତା ନେଇ ପ୍ରଶ୍ନ ଉଠାଇଛନ୍ତି। ହିନ୍ଦୀ ପରୀକ୍ଷାରେ ପ୍ରଶ୍ନପତ୍ର ତ୍ରୁଟି ପଦାକୁ ଆସିବା ପରେ ତୁରନ୍ତ ସଂସ୍କୃତ ପରୀକ୍ଷା ପାଇଁ ଇଂରାଜୀ ଅନୁବାଦ କରାଯାଇ ରାତିଅଧିଆ ଜେରକ୍ସ କରାଯାଇ ପିଲାଙ୍କୁ ଦିଆଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଫଳରେ ଅତି କମ୍‌ରେ ୨୦ ପ୍ରଶ୍ନପତ୍ର ପରୀକ୍ଷା ପୂର୍ବରୁ ପ୍ରଘଟ ହୋଇଥିବା ବହୁ ଆଶାୟୀ ଅଭିଯୋଗ କରିଛନ୍ତି।

ଅପରପକ୍ଷରେ ପ୍ରଶ୍ନପତ୍ର ପ୍ୟାକେଟ୍ ଉପରେ ଲାଗୁଥିବା ପ୍ରଶ୍ନପତ୍ର ବୁକ୍‌ଲେଟ୍ ତଥ୍ୟର ଏକ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବା ପରେ ପରୀକ୍ଷା କେନ୍ଦ୍ରକୁ ମୋବାଇଲ୍ ଯାଉଥିବା ଆଶଙ୍କା ଜୋର୍ ଧରିଛି। ଭାଇରାଲ୍ ଫଟୋରେ ୪୭୧୧୮୪ ଠାରୁ ୪୭୧୨୦୭ ପର୍ଯ୍ୟନ୍ତ ସିରିଏଲ୍ ନମ୍ବର ବିଶିଷ୍ଟ ୨୪ଟି ବୁକ୍‌ଲେଟ୍ ଥିବା ଉଲ୍ଲେଖ ରହିଛି। ପରୀକ୍ଷାର୍ଥୀଙ୍କ ଅଭିଯୋଗ ହେଲା, ପରୀକ୍ଷା କେନ୍ଦ୍ରରେ ମୋବାଇଲ୍ ବ୍ୟବହାର କରିବାକୁ ଉଭୟ ପରୀକ୍ଷକ ଓ ପରୀକ୍ଷାର୍ଥୀଙ୍କୁ ବାରଣ କରାଯାଇଥିବା ବେଳେ ପ୍ରଶ୍ନପତ୍ର ପ୍ୟାକେଟ୍ ଫଟୋ ବାହାରକୁ ଆସିଲା କିପରି କିପରି? ଏକ ହ୍ୱାଟସ୍‌ଆପ୍ ଗ୍ରୁପ୍‌ରେ ପ୍ରଥମେ ଏହି ଫଟୋଟି ପକାଇଥିବା ବ୍ୟକ୍ତିଙ୍କୁ ଅନ୍ୟ ଆଶାୟୀମାନେ ପ୍ରଶ୍ନ କଲା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ନମ୍ବର ସେବେଠାରୁ ସୁଇଚ୍-ଅଫ୍ ହୋଇଯାଇଥିବା ଅନ୍ୟ ଜଣେ ପରୀକ୍ଷାର୍ଥୀ ଦୁର୍ଗାମାଧବ ଅଭିଯୋଗ କରିଛନ୍ତି। ଏପରିକି, ରାଜଧାନୀ ମହାବିଦ୍ୟାଳୟ ପରୀକ୍ଷାକେନ୍ଦ୍ରରେ ପର୍ଯ୍ୟାପ୍ତ ଯାଞ୍ଚ କରାଯାଇ ନଥିବାରୁ ପରୀକ୍ଷା ହଲ୍‌କୁ ମୋବାଇଲ୍ ନେଇ କିଛି ପିଲା ଉତ୍ତର ଲେଖୁଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି।

ଓଏସ୍‌ଏସ୍‌ସି ପରିଚାଳିତ ପରୀକ୍ଷାରେ ବାରମ୍ବାର ବିଭ୍ରାଟ ଆଶାୟୀଙ୍କ ମଧ୍ୟରେ ନିରାଶା ଭାବ ଖେଳାଇଛି। ଚାକିରି ବିକ୍ରି କରିବାକୁ ଏବଂ ନିର୍ଦ୍ଦିଷ୍ଟ ପିଲାଙ୍କୁ କୃତକାର୍ଯ୍ୟ କରିବାକୁ ବହୁ ଗଳାବାଟ ପ୍ରସ୍ତୁତ କରାଯାଇଥିବା ସାମାଜିକ ଗଣମାଧ୍ୟମ 'ଏକ୍ସ' ଓ ୟୁଟ୍ୟୁବ୍‌ରେ ପ୍ରତିକ୍ରିୟା ରଖୁଛନ୍ତି। ଏହାର ଯାଞ୍ଚ କରିବା ସହ ହିନ୍ଦୀ ପରି ସଂସ୍କୃତ ପରୀକ୍ଷାର ୨୦ଟି ପେଡାଗୋଜୀ ଆଣ୍ଡ ଇଭାଲ୍ୟୁସନ୍ ପ୍ରଶ୍ନକୁ ଆଉଥରେ ପରୀକ୍ଷା କରିବାକୁ ଆଶାୟୀମାନେ ଦାବି କରିଛନ୍ତି।

## ବାଲି ମାଫିଆଙ୍କ ଦୌରାତ୍ମ୍ୟ

# ଥାନା ଆଗରେ ଅତିରିକ୍ତ ତହସିଲଦାରଙ୍କୁ ଆକ୍ରମଣ

କପ୍ତିପଦା, ୨।୬(ସମିସ): ରାଜ୍ୟରେ ଭୁଶୁଡ଼ି ପଡ଼ିଲାଣି ଆଇନଶୃଙ୍ଖଳା। ସାଧାରଣଲୋକଙ୍କ କଥା ପଚାରେ କିଏ; ଅତିରିକ୍ତ ତହସିଲଦାରଙ୍କ ଭଳି ଜଣେ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ ବି ସୁରକ୍ଷିତ ନୁହଁନ୍ତି। ଦିନ ଦି'ପହରେ ଥାନା ଗେଟ୍ ଆଗରେ ଆଜି ଜଣେ ଅତିରିକ୍ତ ତହସିଲଦାରଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ୧୦ରୁ ଊର୍ଦ୍ଧ୍ୱ ବାଲିମାଫିଆ ସଂଘବଦ୍ଧ ଭାବେ ତାଙ୍କ କଲର୍ ଧରି ଘୋଷାଡ଼ି ଘୋଷାଡ଼ି ମାଡ଼ ମାରିବା ସହ ଟେକା, ପଥର ଫିଙ୍ଗି ତାଙ୍କ ଗାଡ଼ିକୁ ଭାଙ୍ଗିରୁଜି ଚୂରମାର୍ କରିଦେଇଛନ୍ତି। ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ସମ୍ମୁଖରେ ଆଜି ଘଟିଥିବା ଏହି ଘଟଣା ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଆକ୍ରମଣର ଶିକାର ହୋଇଛନ୍ତି କପ୍ତିପଦା ଅତିରିକ୍ତ ତହସିଲଦାର ଭୀମକାନ୍ତ ମାଝୀ। ସୋମବାର ସକାଳେ ଶ୍ରୀ ମାଝୀ ବେଆଇନ ବାଲି ଚୋରାଚାଲାଣ ଧରପଗଡ଼ ପାଇଁ କାର୍ଯ୍ୟାଳୟରୁ ନିଜ କାର୍ ଧରି ବାହାରିଥିଲେ। ଏହି ସମୟରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ମାଫିଆମାନେ ତାଙ୍କୁ ଅଟକାଇ ଧମକଚମକ ଦେଇଥିଲେ। ପରେ ତାଙ୍କୁ ଘେରିଯାଇ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ତେବେ କୌଶଳକ୍ରମେ ସେ ସେଠାରୁ ଖସି ଯାଇ କପ୍ତିପଦା ଥାନାକୁ ପଳାଇ ଆସିଥିଲେ। ଅଭିଯୁକ୍ତମାନେ ମଧ୍ୟ ତାଙ୍କୁ ପିଛା କରି ସେଠାରେ ପହଞ୍ଚି ଯାଇଥିଲେ। କିନ୍ତୁ, ସେହି





ସମୟରେ ଥାନା ଗେଟ୍ ବନ୍ଦ ଥିବା ଦେଖି ମାଫିଆମାନେ ଆହୁରି ଉଗ୍ର ହୋଇଉଠିଥିଲେ ଏବଂ ସେମାନେ ଶ୍ରୀ ମାଝୀଙ୍କୁ ଆକ୍ରମଣ କରିଥିଲେ। ଦର୍ବୃତ୍ତମାନେ ତାଙ୍କ କଲର୍ ଧରି କାର୍‌ରୁ ଘୋଷାଡ଼ି ଆଣିବା ସହ ନିସ୍ଥୁକ ମାଡ଼ ମାରିଥିଲେ। ଏହାସହ ତାଙ୍କ ଗାଡ଼ିକୁ ଇଟା ଓ ପଥର ମାଡ଼ କରି ଭାଙ୍ଗି ଚୂରମାର୍ କରି ଫେରାର୍ ହୋଇଯାଇଥିଲେ।

ପରେ ଏ ସଂପର୍କରେ ଅତିରିକ୍ତ ତହସିଲଦାର ଅଭିଯୋଗ କରିବା ପରେ ଉପଖଣ୍ଡ ପୁଲିସ୍ ଅଧିକାରୀ ଏକ ଟିମ୍ ଗଠନ କରି ମାଫିଆଙ୍କୁ ଧରିବା ପାଇଁ ତନାଘନା ଚଳାଇଛି। କିନ୍ତୁ ଖବର ଲେଖା ହେବା ବେଳକୁ ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ।

■ ଓମ୍‌ଫେଡ୍‌ର ଘୋଷଣା


# ଚାଷୀଙ୍କୁ ମିଳିବ କ୍ଷୀର ଲିଟର ପିଛା ଅଧିକ ୩ ଟଙ୍କା

ଭୁବନେଶ୍ୱର,୨।୬(ସମିସ): ଜୁନ ୧ ତାରିଖରୁ ଦୁଗ୍ଧ ଚାଷୀଙ୍କୁ ଲିଟର ପିଛା ୩ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରିବ ଓମ୍‌ଫେଡ୍। ଦିନକ ତଳେ ରାଜ୍ୟସ୍ତରୀୟ ଦୁଗ୍ଧ ଦିବସ ଉତ୍ସବ ପାଳନ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ତତ୍‌କ୍ଷଣାତ୍ କାର୍ଯ୍ୟକାରୀ କରିଛି ଓମ୍‌ଫେଡ୍। କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଏହାକୁ ଘୋଷଣା କରିଛନ୍ତି। ସରକାର କ୍ଷୀର ଲିଟର ପିଛା ୨ ଟଙ୍କା ଓ ଓମ୍‌ଫେଡ୍ ୨ ଟଙ୍କା ପ୍ରଦାନ କରିବ। ମୋଟ ୪ ଟଙ୍କା ମଧ୍ୟରୁ ଚାଷୀଙ୍କୁ ୩ ଟଙ୍କା ମିଳିବ ଓ ଅବଶିଷ୍ଟ ୧ ଟଙ୍କା କ୍ଷୀର ସଂଗ୍ରହ ସମବାୟ ସମିତି ଓ ମିଲ୍କ ଫେଡ଼େରେସନ ଏକ ଟଙ୍କା ପାଇବ। ସେହିପରି ବର୍ତ୍ତମାନ ଗ୍ରାହକଙ୍କ ପାଇଁ କ୍ଷୀର ଦର ବୃଦ୍ଧି ହେବ ନାହିଁ। ଓମ୍‌ଫେଡ୍ କମିଟି ବୈଠକରେ ଏ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ପରେ ନିଷ୍ପତ୍ତି ନିଆଯିବ ବୋଲି ଶ୍ରୀ କୁଲାଙ୍ଗେ କହିଛନ୍ତି। ରବିବାର ମୁଖ୍ୟମନ୍ତ୍ରୀ ଓମଫେଡ୍ ଦୁଗ୍ଧ ଚାଷୀଙ୍କ ପାଇଁ ଲିଟଲ ପିଛା ୩ ଟଙ୍କା ଲେଖାଏଁ



ଗ୍ରାହକଙ୍କ ପାଇଁ କ୍ଷୀର ଦର ବୃଦ୍ଧି ନିଷ୍ପତ୍ତି ନେବ କମିଟି

ପ୍ରୋତ୍ସାହନ ରାଶି ଘୋଷଣା କରିଛନ୍ତି। ଏହା ଫଳରେ ରାଜ୍ୟର ୨.୫୦ ଲକ୍ଷ ଚାଷୀ ଉପକୃତ ହେବେ। ଏ ବାବଦରେ ରାଜ୍ୟ ସରକାର ୪୦ରୁ ୪୨ କୋଟି ଟଙ୍କା ବାର୍ଷିକ ବ୍ୟୟ କରିବେ। ଏଥିପାଇଁ ଓମଫେଡ୍ ଏବଂ ଓମଫେଡ୍ ଦୁଗ୍ଧ ଚାଷୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପୂର୍ବରୁ ଦୁଗ୍ଧର ତିରୋଟ ସମୟରେ (ସେପ୍ଟେମ୍ବରରୁ ଫେବୃଆରୀ) ୬ ମାସ ପାଇଁ ଦୁଗ୍ଧର ମାନ ଅନୁଯାୟୀ ଓମଫେଡ୍ ଦୁଗ୍ଧ ଚାଷୀମାନଙ୍କୁ ୧ରୁ ୫ ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ସିଧାସଳଖ ଡିବିଟି ମାଧ୍ୟମରେ ପ୍ରଦାନ କରାଯାଉଥିବା ନିର୍ଦ୍ଦେଶକ କହିଛନ୍ତି।



ସୋମବାର ଶ୍ରୀମନ୍ଦିର ଆକାଶରେ ଭସା ବାଦଲ (ଫଟୋ-ଅନିଲ)

## ବଢୁଛି କୋଭିଡ୍ ସଂକ୍ରମଣ

# ବିନା ଭକ୍ତରେ ହେବ କି ରଥଯାତ୍ରା ?

ପୁରୀ, ୨।୬(ସମିସ): ରାଜ୍ୟରେ ଧୀରେଧୀରେ ବଢୁଛି କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା। ଯଦିଓ ସଂକ୍ରମଣ ବର୍ତ୍ତମାନ ଚିନ୍ତାଜନକ ନୁହେଁ, କିନ୍ତୁ କେତେବେଳେ ବି ଏହା ବିସ୍ଫୋରଣ ରୂପ ନେଇପାରେ। ତେଣୁ ଆଗୁଆ ସତର୍କ ରହିବା ଜରୁରୀ। ଏଥିପାଇଁ ଷ୍ଟାଣ୍ଡାର୍ଡ ପ୍ରୋଟୋକୋଲ ମାନିବାକୁ ପରାମର୍ଶ ଦେଇଛି ସ୍ୱାସ୍ଥ୍ୟ ବିଭାଗ। ଏଭଳି ସ୍ଥିତିକୁ ଦେଖିଲେ ଏଥର ବିନା ଭକ୍ତରେ ହେବ କି ରଥଯାତ୍ରା ବୋଲି ଏକପ୍ରକାର ଚର୍ଚ୍ଚା ଆରମ୍ଭ ହେଲାଣି।

କରୋନା ପାଇଁ ୨୦୨୦ ଏବଂ ୨୦୨୧ ରଥଯାତ୍ରା କାଣ୍ଟଛାଣ୍ଟ ହୋଇଥିଲା। ୨୦୨୦ ମସିହାର ରଥଯାତ୍ରା ଇତିହାସ ରଚିଥିଲା। କରୋନାର ଭୟାବହତା ଭିତରେ ରଥଯାତ୍ରା ହେବ କି ନାହିଁ, ସେନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରିକି ଆଇନଗତ ଲଢ଼େଇ ବି ଚାଲିଥିଲା। ଶେଷ ମୁହୂର୍ତ୍ତରେ କେବଳ ପୁରୀ ରଥଯାତ୍ରାକୁ ସର୍ତ୍ତମୂଳକ ଅନୁମତି ଦେଇଥିଲେ ସୁପ୍ରିମ୍‌କୋର୍ଟ। ବିନା ଭକ୍ତରେ ଏବଂ ସମସ୍ତଙ୍କ ସହଯୋଗରେ ବଡ଼ଦାଣ୍ଡରେ ଗଡ଼ିଥିଲା ତିନିରଥ। ଡହଡହ ଖରାରେ ସେବାୟତମାନେ ଖାଲି ପାଦରେ ରଥ ଟାଣିଥିଲେ। ମହାପ୍ରଭୁଙ୍କ ରଥଯାତ୍ରାଠୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ସମସ୍ତ ନୀତିକାନ୍ତି ସୁଚାରୁ ରୂପେ ସମ୍ପାଦନ ହୋଇଥିଲା। ୨୦୨୧ରେ ମଧ୍ୟ ସେଭଳି ସ୍ଥିତି ଉପୁଜିଥିଲା। କରୋନାର ଦ୍ୱିତୀୟ ଲହର ଭୟର ବାତାବରଣ ସୃଷ୍ଟି କରିଥିଲା। ରଥଯାତ୍ରା ସମୟକୁ ପ୍ରତିଦିନ ରାଜ୍ୟରୁ ହଜାର ହଜାର ସଂଖ୍ୟାରେ କୋଭିଡ୍ ପଜିଟିଭ୍ ଚିହ୍ନଟ ହେଉଥିଲେ। ତେଣୁ ୨୦୨୦ ଭଳି ବିନା ଭକ୍ତରେ ବଡ଼ଦାଣ୍ଡରେ ଗଡ଼ିଥିଲା ତିନିରଥ। କେବଳ ସେବାୟତମାନେ ହିଁ ରଥ ଟାଣିଥିଲେ। ଏହାପରେ ୩ ବର୍ଷ ସ୍ୱାଭାବିକ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ଏବେ ପୁଣି ଡରାଇଲାଣି କରୋନା।

ସମ୍ପ୍ରତି ଦେଶରେ ଏବେ ଉପରମୁହାଁ କରୋନାଗ୍ରାଫ୍। ଯଦିଓ ଓଡ଼ିଶାରେ କୋଭିଡ୍ ସ୍ଥିତି ଏତେଟା ବିଚଳିତ କଲା ଭଳି ନୁହେଁ, କିନ୍ତୁ ସଂକ୍ରମଣ କେଉଁ ମୁହୂର୍ତ୍ତରେ ବି ବଢ଼ିଯାଇପାରେ। ଏହାକୁ ନଜରରେ ରଖି ଆଗୁଆ ସତର୍କ ହେଲାଣି ସ୍ୱାସ୍ଥ୍ୟ ବିଭାଗ। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ରଥଯାତ୍ରା ପାଇଁ ଦିନେ ଦୁଇଦିନ ମଧ୍ୟରେ ସମୀକ୍ଷା ହେବ। ଏହି ସମୀକ୍ଷା ବୈଠକ ପରେ ନିଷ୍ପତ୍ତି ନିଆଯିବ। ଏହି ନିଷ୍ପତ୍ତିକୁ ରାଜ୍ୟ ସରକାରଙ୍କ ପାଖରେ ଉପସ୍ଥାପନ କରାଯିବ। ସେମାନେ ହିଁ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ତେବେ ରାଜ୍ୟବାସୀଙ୍କୁ ସତର୍କ ରହିବା ଲାଗି ଆହ୍ୱାନ ଦେଇଛି ସ୍ୱାସ୍ଥ୍ୟ ବିଭାଗ। ଷ୍ଟାଣ୍ଡାର୍ଡ ପ୍ରୋଟୋକଲ୍ ମାନିବାକୁ ପରାମର୍ଶ ଜାରି କରିଛି। ଲୋକଙ୍କୁ ଗହଳିକୁ ନ ଯିବାକୁ ପରାମର୍ଶ ଦିଆଯାଇଥିବା ବେଳେ ହାତ ଧୋଇବା, ଗ୍ଲୋବ୍‌ସ ପିନ୍ଧିବା ଓ ମାସ୍କ ବ୍ୟବହାର କରିବାକୁ କୁହାଯାଇଛି।

ସ୍ୱାସ୍ଥ୍ୟ ବିଭାଗର ଏଭଳି ପ୍ରସ୍ତୁତିକୁ ଦେଖିଲେ ଆସନ୍ତା ରଥଯାତ୍ରା କିପରି ହେବ, ତାକୁ ନେଇ ମମସ୍ତଙ୍କ ମନରେ ଚିନ୍ତା ବଢ଼ିଲାଣି। ପୁରୀ ରଥଯାତ୍ରାକୁ କେବଳ ରାଜ୍ୟ ନୁହେଁ, ଦେଶ ବିଦେଶରୁ ମଧ୍ୟ ଭକ୍ତ ଆସିଥା'ନ୍ତି। ଯେହେତୁ ବର୍ଷକୁ ଥରେ ମହାପ୍ରଭୁ ବଡ଼ଦାଣ୍ଡକୁ ଓହ୍ଲାଇଥା'ନ୍ତି ତେଣୁ ତାଙ୍କୁ ସବୁ ଧର୍ମ ଏବଂ ବର୍ଗର ଲୋକ ଦର୍ଶନ କରିବାର ସୁଯୋଗ ପାଇଥା'ନ୍ତି। ତେଣୁ ଅଣହିନ୍ଦୁମାନଙ୍କ ପାଇଁ ଏହା ଏକ ଭଲ ସୁଯୋଗ ଆଣିଦେଇଥାଏ। ଏଥିପାଇଁ ରଥଯାତ୍ରାରେ ବହୁ ବିଦେଶୀ ଭକ୍ତଙ୍କୁ ମଧ୍ୟ ଦେଖିବାକୁ ମିଳେ। ସେହିପରି ଭାରତର ବିଭିନ୍ନ ରାଜ୍ୟର ହଜାରହଜାର ଶ୍ରଦ୍ଧାଳୁ ପୁରୀ ଆସି ମହାପ୍ରଭୁଙ୍କ ନବଦିନାତ୍ମକ ଯାତ୍ରାର ମୂକସାକ୍ଷୀ ପାଲଟିଥା'ନ୍ତି। ବର୍ତ୍ତମାନ ଭାରତର କିଛି ରାଜ୍ୟରେ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଯଦି ସେହି ରାଜ୍ୟରୁ ଭକ୍ତ ଆସନ୍ତି, ତେବେ ଏଠି ସଂକ୍ରମଣ ବ୍ୟାପିବା ଆଶଙ୍କାକୁ ଏଡ଼ାଇ ଦେଇହେବ ନାହିଁ। ଏମିତି ବି ପୁରୀର ପଡ଼ୋଶୀ ଜିଲ୍ଲା ଖୋର୍ଦ୍ଧାରେ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏ ସବୁକୁ ଦେଖିଲେ ଆଗକୁ ପୁରୀ ପାଇଁ ଯେ କୋଭିଡ୍ ଆଶଙ୍କା ନ ରହିବ, ତାହା କହିହେବ ନାହିଁ।

# ଭାଙ୍ଗିଦେଲେ ଶ୍ରୀମନ୍ଦିର ଐତିହ୍ୟ କୀର୍ତ୍ତିରାଜି

ପୁରୀ, ୨।୬ (ସମିସ): ଭାଙ୍ଗିଦେଲେ ଶ୍ରୀମନ୍ଦିରର ଐତିହ୍ୟ କୀର୍ତ୍ତିରାଜି। ଉତ୍ତରଦ୍ୱାର ପାର୍ଶ୍ୱରେ ଥିବା ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ସ୍ମାରକୀ ପାଦପଦ୍ମସ୍ଥଳୀକୁ ନଷ୍ଟ କରିଦେଲେ। ଦିବ୍ୟାଙ୍ଗ ଭକ୍ତଙ୍କ ସୁବିଧାରେ ଦର୍ଶନ ନିମନ୍ତେ ରାମ୍ପ ଏବଂ ଶିଡ଼ି ନିର୍ମାଣ ଚାଲିଛି। ଏଥିପାଇଁ ପାଦପଦ୍ମସ୍ଥଳୀକୁ ଭାଙ୍ଗି ଦିଆଯାଇଛି। ପରିଚାଳନା କମିଟି ନ ଥିବା ଏବଂ ଛତିଶା ନିଯୋଗରେ କୌଣସି ଆଲୋଚନା ହୋଇ ନଥିବା ବେଳେ କିଭଳି ଏହାକୁ ଭାଙ୍ଗି ଦିଆଗଲା, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଐତିହ୍ୟ ନଷ୍ଟ କରିବା ସହ ନବକଳେବର ସମୟରେ ଦାରୁ ଶଗଡ଼ି ଯାତାୟାତରେ ସମସ୍ୟା ତଥା ଶାସ୍ତ୍ରୀୟ ବିଧିବିଧାନର ବ୍ୟବସ୍ଥାକୁ ଭଙ୍ଗାଯିବା ଦୁର୍ଭାଗ୍ୟ ଓ ନିନ୍ଦନୀୟ ବୋଲି ସାଧାରଣଲୋକ କହିଛନ୍ତି। ଏହାସହ ଏନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି।

ଶ୍ରୀମନ୍ଦିର ସଂସ୍କୃତି, ପରମ୍ପରା ବେଶ୍ ଐତିହାସିକ ଓ ପ୍ରାଚୀନ। ତେଣୁ ମହାପ୍ରଭୁଙ୍କ ପ୍ରତି ଗଭୀର ଭକ୍ତି ଓ ବିଶ୍ୱାସ ରଖି ଭକ୍ତମାନେ ଛୁଟି ଆସନ୍ତି ଶ୍ରୀମନ୍ଦିର। ଯେଉଁମାନଙ୍କ ମଧ୍ୟରେ ଅନେକ ଦିବ୍ୟାଙ୍ଗ ଶ୍ରଦ୍ଧାଳୁ ରହିଥା'ନ୍ତି। ତେଣୁ ସେମାନଙ୍କ ସୁବିଧା ପାଇଁ ଉତ୍ତର ଦ୍ୱାରଠାରେ ନିର୍ମାଣ ହେଉଛି ସ୍ୱତନ୍ତ୍ର ରାମ୍ପ୍। ଗତ କିଛି ଦିନ ହେବ ସେଠାରେ ନିର୍ମାଣ କାର୍ଯ୍ୟ ଜାରି ରହିଥିବା ବେଳେ ନୂତନ ଶିଡ଼ି ମଧ୍ୟ କରାଯାଉଛି। ସେଠାରେ

■ ଉତ୍ତରଦ୍ୱାର ପାର୍ଶ୍ୱ ପାଦପଦ୍ମସ୍ଥଳୀ ଭାଙ୍ଗିବାକୁ ନେଇ ଉଦ୍‌ବେଗ
■ ରାମ୍ପ କାମ ଆମେ କରୁନୁ: ଏଏସ୍‌ଆଇ

ଥିବା ପାଦପଦ୍ମସ୍ଥଳୀକୁ ଭଙ୍ଗାଯାଇଛି। ଏହା ଜଣାପଡ଼ିବା ପରେ ଏହା ପରମ୍ପରା ଓ ଶାସ୍ତ୍ର ବିରୋଧୀ ବୋଲି ମତ ପ୍ରକାଶ ପାଇଛି। ସେବାୟତମାନଙ୍କ ସହ ବିନା ଆଲୋଚନାରେ ଏପରି ନିର୍ମାଣ ଓ ଐତିହ୍ୟ ପାଦପଦ୍ମସ୍ଥଳୀକୁ ଭାଙ୍ଗିବା ଦୁର୍ଭାଗ୍ୟଜନକ। କିଛି ନ୍ୟସ୍ତସ୍ୱାର୍ଥ ଠିକାଦାରଙ୍କ ସହ ସଲାସୁତରା ସାଜି ଶ୍ରୀମନ୍ଦିର ପ୍ରଶାସନ ଏପରି ଲୁଟ୍‌ପାଟ୍ କରିଥିବା ଅଭିଯୋଗ କରିଛନ୍ତି ବରିଷ୍ଠ ସେବାୟତ ବିନାୟକ ଦାସ ମହାପାତ୍ର।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଉତ୍ତରଦ୍ୱାର ଦେଇ ଦିବ୍ୟାଙ୍ଗମାନେ ଯେପରି ମହାପ୍ରଭୁଙ୍କୁ ସହଜରେ ଦର୍ଶନ କରିପାରିବେ, ସେଥିଲାଗି ରାମ୍ପ ତିଆରି ହେଉଛି। ଏହାକୁ ସାଧାରଣରେ ସ୍ୱାଗତ କରାଯାଇଛି। ମାତ୍ର ପାଦପଦ୍ମସ୍ଥଳୀ ଭାଙ୍ଗିବାକୁ ସହଜରେ କେହି ବି ହଜମ କରିପାରୁନାହାନ୍ତି। ଏହାବ୍ୟତୀତ ନିର୍ମାଣ ହୋଇଥିବା ନୂତନ ଶିଡ଼ି ଆଗାମୀ ନବକଳେବର ସମୟରେ ଅସୁବିଧା ସୃଷ୍ଟି କରିବ। ବିଶେଷକରି ଦାରୁ ଶଗଡ଼ି ଯିବା ସମୟରେ ଏହି ଅସୁବିଧା ଦେଖାଯିବ। ଏସବୁକୁ ଅଣଦେଖା କରି ସୁବିଧା ସୃଷ୍ଟି କରିବା ଆଳରେ ଐତିହ୍ୟ ନଷ୍ଟ କରିବା କେତେ ଠିକ୍ ସେ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏହି ଘଟଣାର ତଦନ୍ତ କରିବା ସହ ଦୋଷୀ ବିରୋଧରେ ଦଣ୍ଡବିଧାନ କରିବାକୁ ଦାବି ହୋଇଛି।

ଅନ୍ୟପକ୍ଷରେ ଶ୍ରୀମନ୍ଦିର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଏଏସ୍‌ଆଇର ଜଣେ ଅଧିକାରୀ କହିଛନ୍ତି, ଏହା ଆମ କାମ ନୁହେଁ। ଶ୍ରୀମନ୍ଦିର ପ୍ରଶାସନ ତା'ର ଏହି କାମ କରୁଛି। ଏଥିରେ ଆମର କୌଣସି ଭୂମିକା ନାହିଁ।

ସୂଚନାଥାଉ କି, ଶ୍ରୀଚୈତନ୍ୟ ମହାପ୍ରଭୁ ଯେତେବେଳେ ୧୮ ବର୍ଷ ଧରି ପୁରୀର ଗୌରଗମ୍ଭୀରାରେ ଅବସ୍ଥାନ କରୁଥିଲେ, ସେହି ସମୟରେ ପ୍ରତ୍ୟହ ମହାପ୍ରଭୁଙ୍କ ଦର୍ଶନ କରିବା ଲାଗି ଶ୍ରୀମନ୍ଦିରକୁ ଯାଇଥା'ନ୍ତି। ଭକ୍ତି ଭାବରେ ବିଭୋର୍ ହୋଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ଅବସରରେ ତାଙ୍କ ପାଦ୍ମପଦ୍ମର ଚିହ୍ନ ଗରୁଡ଼ ସ୍ତମ୍ଭ ପଛପଟେ ରହିଯାଇଥିଲା। ପରବର୍ତ୍ତୀ କାଳରେ ସେହି ପାଦପଦ୍ମକୁ ସ୍ଥାନାନ୍ତର କରି ଉତ୍ତର ପାଶ୍ୱର୍ସ୍ଥ ଭିତର ବେଢ଼ାରେ ଅବସ୍ଥାପିତ କରାଯାଇଥିଲା। ବହୁ ଗୌଡ଼ୀୟ ବୈଷ୍ଣବ ସମ୍ପ୍ରଦାୟର ସନ୍ଥ ପ୍ରତିଦିନ ଶ୍ରୀଚୈତନ୍ୟଙ୍କ ପାଦପଦ୍ମକୁ ଦର୍ଶନ କରିବାକୁ ଶ୍ରୀମନ୍ଦିରକୁ ଯାଇଥା'ନ୍ତି। ହେଲେ ତାହାକୁ ଏବେ ଭାଙ୍ଗି ଦିଆଯାଇଛି।

■ ସେମିନାରୀ ଫାଦର ଏବଂ ମହିଳା ରୋଷେୟାଙ୍କୁ ଆକ୍ରମଣ

# ତଥ୍ୟ ଅନୁଧ୍ୟାନ କମିଟି ଗଠନ କଲା କଂଗ୍ରେସ

ଭୁବନେଶ୍ୱର,୨।୬(ସମିସ): ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ଚାରବାଟୀ ସେମିନାରୀର ଫାଦର ଏବଂ ମହିଳା ରୋଷେୟାଙ୍କୁ ହୋଇଥିବା ଆକ୍ରମଣ ଓ ଟଙ୍କା ଲୁଟ୍ ଘଟଣାକୁ ଅତ୍ୟନ୍ତ ବର୍ବରୋଚିତ ଓ ଅମାନୁଷିକ କହିଛି ରାଜ୍ୟ କଂଗ୍ରେସ। ଏହି ଘଟଣାର ଅନୁଧ୍ୟାନ କରିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏକ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛନ୍ତି। ଏହି ଅନୁଧ୍ୟାନ କମିଟିରେ ବିଧାୟକ ସିଏସ୍ ରାଜନ ଏକ୍କା ଅଧ୍ୟକ୍ଷ ଥିବାବେଳେ ଜୟଶଙ୍କର ମିଶ୍ର, ଅମୀତା ବିଶ୍ୱାଳ, ଇଂ ଦିଲୀପ ଦୁରିଆ, କେଦାର ବରିହା, ଦୁର୍ଗା ପାଢ଼ୀ ସଭ୍ୟ ଭାବେ ନିଯୁକ୍ତ ହୋଇଛନ୍ତି। ଉକ୍ତ କମିଟି ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ସମସ୍ତ ତଥ୍ୟ ଅନୁଧ୍ୟାନ କରିବେ ଓ ଏହି ରିପୋର୍ଟ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଦାଖଲ କରିବା ପାଇଁ ପିସିସି ସଭାପତି ଶ୍ରୀ ଦାସ ନିର୍ଦ୍ଦେଶ ଦେଇଛନ୍ତି।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ । ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଉଧାର ଟଙ୍କା ଫେରିପାଇବେ।

**ବୃଷ:** ନୂତନ କାମ ଆରମ୍ଭ କରିବାକୁ ଭଲ ସମୟ। କୋର୍ଟ ସମ୍ବନ୍ଧୀୟ ମାମଲାର ସମାଧାନ ହେବ। ରାଜନୀତିରେ ନୂଆ ଲୋକଙ୍କ ସହ ମିଳାମିଶା ବଢ଼ିବ। ବନ୍ଧୁଙ୍କଠାରୁ ଆର୍ଥିକ ସାହାଯ୍ୟ ପାଇବେ।

**ମିଥୁନ:** ଯାନବାହାନ କିଣିବା ଯୋଗ ଅଛି। ପରିବାରକୁ ସମୟ ଦେବେ। ବ୍ୟବସାୟରେ କମ୍ ନିବେଶ କରି ଅଧିକ ଲାଭ ପାଇବେ। ପିଲାଙ୍କ ବଦମାସ ସ୍ୱଭାବରେ ପିତାମାତା ବିରକ୍ତ ହୋଇପାରନ୍ତି।

**କର୍କଟ:** ଦିନଟି ମିଶ୍ରିତଫଳ ପ୍ରଦାନ କରିବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିପାରେ। ପରିବାରର ଦାୟିତ୍ୱଭାର ବଢ଼ିବ। ବ୍ୟବସାୟ ଆରମ୍ଭ କରିବା ପାଇଁ ଅଧିକ ଅର୍ଥର ଆବଶ୍ୟକ ହେବ।

**ସିଂହ:** ପାରିବାରିକ ବ୍ୟବସାୟକୁ ଆଗକୁ ନେବେ। ସମ୍ମାନ ହାନି ଯୋଗ ଅଛି। ଚାଷ କ୍ଷେତ୍ରରେ ଲାଭ ମିଳିବ। ଘରେ ପୂଜାପାଠ ଆୟୋଜନ କରିବେ। ଚକ୍ଷୁ ସମସ୍ୟା ହୋଇପାରେ।

**କନ୍ୟା:** ଅଚାନକ ଖୁସି ଖବର ପାଇପାରନ୍ତି। ଧନପ୍ରାପ୍ତି ଯୋଗ ରହିଛି। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବିଦେଶ ଯାତ୍ରା କରିପାରନ୍ତି। ଦାମ୍ପତ୍ୟ ଜୀବନରେ ଭୁଲ ବୁଝାମଣା ଦେଖାଦେବ।

**ତୁଳା:** ସମାଜସେବା ପ୍ରତି ଆଗ୍ରହ ବଢ଼ିବ। ଶିକ୍ଷା କ୍ଷେତ୍ରରେ ସଫଳତା ମିଳିପାରେ। ନୂତନ ଯାନବାହନ କିଣିପାରନ୍ତି। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ଦୀର୍ଘ ଦିନର ଆଶା ପୂରଣ ହେବ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବିବାହ ସମସ୍ୟା ସମାଧାନ ହେବ। ଘରେ ପୂଜାପାଠ, ଭଜନକୀର୍ତ୍ତନ ଆୟୋଜନ କରିବେ। ଆଳସ୍ୟ ଅନୁଭବ କରିପାରନ୍ତି। ପ୍ରେମରେ ବିଫଳ ହୋଇପାରନ୍ତି।

**ଧନୁ:** ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କୌଣସି ନୂଆ କାମ ଆରମ୍ଭ କରିପାରନ୍ତି।

**ମକର:** କର୍ମତତ୍ପର ରହିବେ। ଆଧ୍ୟାତ୍ମିକ ଦିଗରୁ ଦିନଟି ଭଲ। କର୍ମକ୍ଷେତ୍ରରେ କାମ ଚାପ ରହିବ। ଛାତ୍ରଛାତ୍ରୀମାନେ ନୂଆ ବିଷୟ ପାଇଁ ଆଗ୍ରହ ପ୍ରକାଶ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟରୁ ଆଶାଜନକ ଲାଭ ମିଳିବ। କ୍ରୋଧକୁ ନିୟନ୍ତ୍ରଣରେ ରଖନ୍ତୁ। ଭବିଷ୍ୟତ ପାଇଁ ଚିନ୍ତା ବଢ଼ିବ। ନୂଆ ଯୋଜନା କରିପାରନ୍ତି। ବିଦ୍ୟାର୍ଥୀମାନେ ଖେଳକୁଦରେ ସମୟ ବିତାଇବେ।

**ମୀନ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଧାର କରଜରୁ ଦୂରେଇ ରହିବେ। ପାରିବାରିକ ସମସ୍ୟାର ସମାଧାନ ହେବ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ।

## ଆଜିର ଇତିହାସ

- ୧୯୧୫- ବ୍ରିଟିଶ ସରକାର ରବୀନ୍ଦ୍ରନାଥ ଟାଗୋରଙ୍କୁ ନାଇଟ୍‌ହୁଡ୍ ଉପାଧି ପ୍ରଦାନ କଲେ ।
- ୧୯୪୭-ଭାରତର ଶେଷ ଭାଇସ୍‌ରାୟ ଲର୍ଡ ମାଉଣ୍ଟବେଟେନ୍ ଭାରତ ବିଭାଜନ ପାଇଁ ଘୋଷଣା କଲେ।
- ୧୯୫୯-ସିଙ୍ଗାପୁରକୁ ସେଲଫ୍ ଗଭର୍ଣ୍ଣିଂ ଷ୍ଟେଟ୍ ଭାବେ ଘୋଷଣା କରାଗଲା।
- ୨୦୦୫- ସୁରକ୍ଷା ପରିଷଦରେ ଭାରତର ଦାବିଦାରୀ ପାଇଁ ଫ୍ରାନ୍ସ ସମର୍ଥନ କଲା।


## ବିଶ୍ୱ ସାଇକଲ ଦିବସ



ନିୟମିତ ସାଇକଲ ଚାଳନା ଶରୀରକୁ ସୁସ୍ଥ ଏବଂ ଫିଟ୍ ରଖେ। ସାଇକଲ କେବଳ ବ୍ୟକ୍ତିର ପରିବହନର ମାଧ୍ୟମ ନୁହେଁ, ବରଂ ଉତ୍ତମ ସ୍ୱାସ୍ଥ୍ୟର ସାଥୀ ପାଲଟି ଯାଇଛି। ସାଇକଲର ବ୍ୟବହାରକୁ ବହୁଳ ଭାବେ ବଢ଼ାଇବା ପାଇଁ ଜୁନ୍ ୩ ତାରିଖକୁ 'ବିଶ୍ୱ ସାଇକଲ ଦିବସ' ଭାବରେ ଘୋଷଣା କରିଛି 'ମିଳିତ ଜାତିସଂଘ' । କୁନି କୁନି ପିଲା ତଥା ଯୁବଗୋଷ୍ଠୀଙ୍କୁ ସାଇକଲ ଚାଳନା ପାଇଁ ପ୍ରୋତ୍ସାହିତ କରିବା ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ମିଳିତ ଜାତିସଂଘର ସାଧାରଣ ସଭା ଜନ ସଚେତନତା ସୃଷ୍ଟି କରିବା ପାଇଁ ୨୦୧୮ରେ 'ବିଶ୍ୱ ସାଇକଲ ଦିବସ' ପାଳନ କରିବା ଆରମ୍ଭ କରିଥିଲା। ଏବେ ସାଇକେଲ ଅଛି ସତ । କିନ୍ତୁ ଗଡ଼ିବା ଅବସ୍ଥାରେ ନାହିଁ । ସହରର ରାସ୍ତାଗୁଡ଼ିକରେ ବହୁତ କମ୍ ସଂଖ୍ୟାରେ ସାଇକଲ ଦେଖିବାକୁ ମିଳୁଛି। ଦୁଇଚକିଆ, ଚାରିଚକିଆ ଗାଡ଼ିର ହର୍ଣ୍ଣ ମଧ୍ୟରେ ହଜିଗଲାଣି ସାଇକଲ କ୍ରିଂ କ୍ରିଂ ଶବ୍ଦ। ଅତି ଗରିବ ଶ୍ରେଣୀର ଲୋକେ ମଧ ସାଇକଲ ଛାଡ଼ି ମୋଟର ସାଇକଲ ଚଢ଼ିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଶରୀରକୁ ସୁସ୍ଥ ରଖିବା ସହ ପରିବେଶକୁ ପ୍ରଦୂଷଣ ମୁକ୍ତ କରିବା ଉଦ୍ଦେଶ୍ୟରେ 'ବିଶ୍ୱ ସାଇକଲ ଦିବସ' ପାଳନ କରାଯାଉଛି। ସାରା ବିଶ୍ୱରେ ନେଦରଲ୍ୟାଣ୍ଡ ଏକମାତ୍ର ଦେଶ, ଯେଉଁଠି ଆଜି ବି ସାଇକଲ ଅଧିକ ଭାବେ ବ୍ୟବହାର କରାଯାଇଥାଏ। ଏହି ଦେଶର ସରକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଅକ୍ଷୁଣ୍ଣ ରଖିବା ପାଇଁ ସାଇକଲ ଚଳାଇବା ଉପରେ ସେଠାକାର ନାଗରିକଙ୍କୁ ପରାମର୍ଶ ଦେଇଥାନ୍ତି। ନେଦରଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ ସାଇକଲ ଚଳାଇ ତାଙ୍କ କାର୍ଯ୍ୟାଳୟକୁ ଆସନ୍ତି। ସାଇକଲ ଚଳାଇବା ଦ୍ୱାରା ଏହା ଉଭୟ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପାଇଁ ଭଲ ହୋଇଥାଏ। ଏହା ହୃଦ୍‌ଯନ୍ତ୍ର ଓ ଫୁସ୍‌ଫୁସ୍‌କୁ ଭଲ ରଖିବାରେ ସାହାଯ୍ୟ କରେ। ନିୟମିତ ଅଧଘଣ୍ଟା ସାଇକଲ ଚଳାଇବା ଦ୍ୱାରା ପେଟର ଚର୍ବି ହ୍ରାସ ପାଇଥାଏ। କେବଳ ସେତିକି ନୁହେଁ, ନିୟମିତ ସାଇକଲ ଚଳାଇବା ଦ୍ୱାରା ଶରୀରର ଇମ୍ୟୁନୋ ସିଷ୍ଟମ୍ ଠିକ୍ ଭାବେ କାମ କରିଥାଏ। ୧୯୬୦ରୁ ୧୯୯୦ ମସିହା ପର୍ଯ୍ୟନ୍ତ ସାଇକଲର ସମୟ ଥିଲା। ଏବେ କିନ୍ତୁ ସାଇକଲ କେବଳ ବ୍ୟାୟାମ କରିବା ଉଦ୍ଦେଶ୍ୟରେ ତଥା ଆଥ୍‌ଲେଟିକ୍ସମାନଙ୍କ ଦ୍ୱାରା ବ୍ୟବହାର କରାଯାଉଛି। ସମୟ ସହ ତାଳ ଦେଇ ସାଇକଲରେ ଅନେକ ପରିବର୍ତ୍ତନ ଆସିଛି। ଦିନ ଥିଲା 'ରାଲେ', 'ଆଟ୍‌ଲାସ୍', 'ହରକ୍ୟୁଲେସ୍'ଏବଂ 'ହିରୋ' ପରି କିଛି କମ୍ପାନୀ ନିଜ ସାଇକେଲ ବ୍ରାଣ୍ଡ ଭାବେ ଲୋକମାନଙ୍କ ମଧ୍ୟରେ ଛାପ ସୃଷ୍ଟି କରିଥିଲେ । କିନ୍ତୁ ଜଗତୀକରଣ ପରେ ବିଶ୍ୱର ନାମୀଦାମୀ କମ୍ପାନୀର ସାଇକଲ ଏବେ ହାତ ପାହାନ୍ତାରେ ମିଳି ପାରୁଛି। ଅଳ୍ପ ଦୂରରେ ଥିବା ସ୍ଥାନଗୁଡ଼ିକୁ ଯିବା ଆସିବା ପାଇଁ ବାଇକ୍ କିମ୍ବା ଚାରିଚକିଆ ଯାନ ପରିବର୍ତ୍ତେ ସାଇକଲ୍ ବ୍ୟବହାର କରିବା ଦ୍ୱାରା ଦିନକୁ ହଜାର ହଜାର ଲିଟରର ପେଟ୍ରୋଲ୍ ଓ ଡିଜେଲ୍ ନଷ୍ଟ ହେବାରୁ ରକ୍ଷା ମିଳିବା ସହ ପ୍ରଦୂଷଣ ସ୍ତର ମଧ ହ୍ରାସ ପାଇବ। ସାଇକଲକୁ ଓଡ଼ିଆରେ ଆଗରୁ 'ଶୁନଗାଡ଼ି' କୁହାଯାଉଥିଲା । ଏବେ ଏହି ଶବ୍ଦ ପ୍ରାୟତଃ ମୃତ। ତେବେ ପ୍ରତିବର୍ଷ ଆଜିର ଦିନରେ ବିଶ୍ୱ ସାଇକଲ ଦିବସ ପାଳନ କରି ଏହାର ବ୍ୟବହାରକୁ ବଢ଼ାଇବା ପାଇଁ ପ୍ରୋତ୍ସାହିତ କରନ୍ତି ସାଇକଲ ପ୍ରେମୀ। ସେହିଭଳି ଏହି ଦିନ ସାଇକଲ ର୍‍ୟାଲି, ପୋଷ୍ଟର ପ୍ରତିଯୋଗିତା, ବିତର୍କ, ନିବନ୍ଧ ଲିଖନ ଓ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଏ।

## 'ରାମାୟଣ' ସୁଟିଂ ସେଟ୍‌ରୁ ଆସିଲା ୟଶ୍‌ଙ୍କ ଫଟୋ

ନୀତେଶ ତିୱାରୀଙ୍କ ଫିଲ୍ମ 'ରାମାୟଣ'ରେ ରଣବୀର କପୁର ଭଗବାନ ରାମ, ସାଇ ପଲ୍ଲବୀ ସୀତା ଓ ୟଶ୍ ରାବଣ ଭୂମିକାରେ ନଜର ଆସିବେ। ଫିଲ୍ମର ବଜେଟ୍ ରହିଛି ୮୩୫ କୋଟି। ଏହାର ପ୍ରଥମ ପାର୍ଟ ୨୦୨୬ ଦୀପାବଳି ଅବସରରେ ରିଲିଜ୍ ହେବାକୁ ଥିବାବେଳେ ଏହାର ଦ୍ୱିତୀୟ ପାର୍ଟ ଦୀପାବଳି ୨୦୨୭ରେ ଆସିବ। ପୂର୍ବରୁ ରଣବୀର ଓ ସାଇ ପଲ୍ଲବୀଙ୍କ ସୁଟିଂ ସେଟ୍‌ର ଫଟୋ ଭାଇରାଲ ହୋଇଥିବାବେଳେ ଏବେ ୟଶ୍‌ଙ୍କ ଫଟୋ ସାମ୍ନାକୁ ଆସିଛି। ରାବଣ ଭୂମିକାରେ ନଜର ଆସିବା ପାଇଁ ୟଶ୍ ଅପେକ୍ଷାକୃତ ଲମ୍ବା ଦାଢ଼ି ରଖିଥିବାର ଦେଖାଯାଇଛନ୍ତି। ଫଟୋରୁ ସେ କୌଣସି ଏକ ସିନ୍ ସୁଟ୍ ପାଇଁ ପ୍ରସ୍ତୁତି ଚଳାଇଥିବା ଲାଗୁଛି। ୟଶ୍‌ଙ୍କ ସହ ହଲିଉଡ୍‌ର ଷ୍ଟଣ୍ଟ ଡାଇରେକ୍ଟର ଗାଏ ନରିସ୍ ମଧ୍ୟ ଦେଖାଯାଇଛନ୍ତି। ନରିସ୍ ଏବେ ଭାରତ ଆସିଛନ୍ତି। ସେ 'ରାମାୟଣ'ର ହାଇ ଆକ୍ସନ୍ ସିନ୍‌ଗୁଡ଼ିକର କୋରିଓଗ୍ରାଫି ଦାୟିତ୍ୱରେ ଅଛନ୍ତି। ତେବେ ୟଶ୍‌ଙ୍କୁ 'ରାମାୟଣ'ର ପ୍ରଥମ ପାର୍ଟ ପାଇଁ ୬୦ରୁ ୭୦ ଦିନ ସୁଟ୍ କରିବାକୁ ପଡ଼ିବ। 'କେଜିଏଫ୍-୨' ପରେ ୟଶ୍‌ଙ୍କ ପ୍ରଶଂସକମାନେ ତାଙ୍କ ଆଗାମୀ ଫିଲ୍ମ ଅପେକ୍ଷାରେ ଅଛନ୍ତି। 'ଟକ୍ସିକ୍' ଫିଲ୍ମ ମାଧ୍ୟମରେ ସେ ପରଦାକୁ ଫେରିବେ ବୋଲି କୁହାଯାଉଛି। ଗୀତୁ ମୋହନଦାସ ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି।



## ରଖେ ହରି, ମାରେ କିଏ



କଥାରେ ଅଛି, 'ରଖେ ହରି, ତ ମାରେ କିଏ !', ଯାହାର ଅର୍ଥ ଯଦି ଭଗବାନ ଜଣକୁ ରକ୍ଷା କରିବାକୁ ଚାହିଁବେ, ସଂସାରର କୌଣସି ଶକ୍ତି ସେହି ପ୍ରାଣୀର ଜୀବନ ନେଇପାରିବ ନାହିଁ। ନିକଟରେ ଚୀନ୍‌ର ଜଣେ ମହିଳାଙ୍କ କ୍ଷେତ୍ରରେ ଏଭଳି କିଛି ଘଟଣା ଘଟିଛି। ଜିୟାଂସିରେ ରହୁଥିବା ୪୪ ବର୍ଷୀୟା ପେଙ୍ଗ ହୁଇଫାଙ୍ଗ ସିଧାସଳଖ ମୃତ୍ୟୁମୁଖରୁ ବଞ୍ଚି ଯାଇଛନ୍ତି। ପେଙ୍ଗ ୧୨ ମହଲାରୁ ତଳକୁ ଖସି ପଡ଼ି ବି ଜୀବିତ ରହିବା ଘଟଣା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ୧୨ ମହଲା ଉପରୁ ତଳକୁ ଖସିବା ପରେ ପେଙ୍ଗ ତାଙ୍କ ସ୍ୱାମୀଙ୍କୁ ଜୋର୍‌ରେ ପାଟି କରି କହିଥିଲେ, 'ମୁଁ ଏବେ ଜୀବିତ ଅଛି। ୧୨୦ ନମ୍ବରରେ କଲ୍ କର।' ଘଟଣାଟି କିଛି ଏହିପରି- ପେଙ୍ଗଙ୍କ ସ୍ୱାମୀ ବିଲ୍ଡିଂଗୁଡ଼ିକରେ ଝରକା ଲଗାଇବା କାମ କରନ୍ତି। ଗତ ମେ' ୧୩ ତାରିଖରେ ପେଙ୍ଗକୁ ତାଙ୍କ ସ୍ୱାମୀ ଜଣେ ଗ୍ରାହକଙ୍କ ବାଲକୋନିରେ ସିଲିଂ କରିବାକୁ ସାହାଯ୍ୟ ମାଗିଥିଲେ। ପେଙ୍ଗ ସୁରକ୍ଷିତ କୋଠରୀ ଅଛି ଭାବି ସେଫ୍ଟି ବେଲ୍ଟ ପିନ୍ଧି ନ ଥିଲେ। ପେଙ୍ଗଙ୍କ ସ୍ୱାମୀ କ୍ରେନ୍ ଦ୍ୱାରା ୧୨ ମହଲା ଉପରକୁ ଏକ ଝରକାକୁ ଉଠାଉଥିଲେ। ଝରକାଟି ଅଧିକ ଓଜନ ଥିଲା। ଝରକାଟି ଉପରକୁ ଉଠିବାବେଳେ ଏକ ଗଛ ଦେହରେ ଲାଖିଯାଇ ତଳକୁ ଖସି ପଡ଼ିଥିଲା। ଅନ୍ୟପକ୍ଷରେ ଝରକାକୁ ଉପରୁ ଟାଣୁଥିବା ପେଙ୍ଗ ମଧ ତଳକୁ ଖସି ପଡ଼ିଥିଲେ। ତଳକୁ ଖସିବା ସମୟରେ ପେଙ୍ଗଙ୍କୁ ସେ ଆଉ ବଞ୍ଚିବେନି ବୋଲି ଲାଗିଥିଲା। ହେଲେ ସୌଭାଗ୍ୟବଶତଃ ଯେଉଁଠି ସେ ପଡ଼ିଥିଲେ, ସେଠାରେ ଏକ କମ୍ପାନୀର ଟେଣ୍ଟର ଛତା ଭାଙ୍ଗିଯାଇ ପଡ଼ିଥିଲା। ପେଙ୍ଗ ତାହା ଉପରେ ପଡ଼ିଥିଲେ। ତାଙ୍କୁ ତୁରନ୍ତ ହସ୍‌ପିଟାଲ ନିଆଯାଇଥିଲା। ତାଙ୍କର ଡାହାଣ ଗୋଡ଼, ବାମ ଗୋଡ଼ ଏବଂ ପିଠିର ତଳଭାଗର ହାଡ଼ ଭାଙ୍ଗି ଯାଇଥିବା କଥା ଡାକ୍ତର କହିଥିଲେ। ଏଯାବତ୍ ପେଙ୍ଗଙ୍କ ପରିବାର ଲୋକେ ତାଙ୍କ ଚିକିତ୍ସାରେ ୧୦ହଜାର ଆମେରିକୀୟ ଡଲାର ଖର୍ଚ୍ଚ କରିସାରିଲେଣି। ତାଙ୍କ ପରିବାର ଲୋକେ ଅଧିକ ଚିକିତ୍ସା ପାଇଁ ଏବେ ସାହାଯ୍ୟ ମାଗୁଛନ୍ତି। ଆଉ ଛଅ ମାସ ପରେ ସେ ଚାଲିବା ଆରମ୍ଭ କରିଦେବେ ବୋଲି ପେଙ୍ଗକୁ ଚିକିତ୍ସା କରୁଥିବା ଡାକ୍ତରମାନେ କହୁଛନ୍ତି। ତେବେ ଏଥିରେ ତାଙ୍କର ଓ ତାଙ୍କ ସ୍ୱାମୀଙ୍କର ଭୁଲ ଥିବାରୁ ସେ ଗ୍ରାହକଙ୍କୁ କୌଣସି କ୍ଷତିପୂରଣ ମାଗିବେ ନାହିଁ ବୋଲି ପେଙ୍ଗ କହିଛନ୍ତି।




## କୃଷି ପାଠଶାଳା

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ତ୍ତମାନ ଅନେକ ସ୍ଥାନରେ, ବର୍ଷା ହୋଇଯାଇଥିବାରୁ ଜମିର ଅବସ୍ଥା ଦେଖି ଖରାଦିନିଆ ହଳ କରନ୍ତୁ।
- ଧାନ ଚାଷ ପାଇଁ ସର୍ବଦା ପ୍ରାମାଣିକ ବିହନ ବ୍ୟବହାର କରନ୍ତୁ। ଘରେ ସାଇତି ରଖିଥିବା ବିହନ ବ୍ୟବହାର କରିଥିଲେ ଗଜା ପରୀକ୍ଷା କରାଇ ଦିଅନ୍ତୁ।
- ଆଖୁ ଫସଲରେ ଘାସୁଆ ରୁଗୁଡ଼ିଆ ରୋଗର ନିୟନ୍ତ୍ରଣ ପାଇଁ ଆକ୍ରାନ୍ତ ଗଛକୁ ଓପାଡ଼ି ଦୂରରେ ପୋଡ଼ି ନଷ୍ଟ କରିଦିଅନ୍ତୁ। ରୋଗର ବାହକ ଜଉପୋକ ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ୍ ଥିୟାମିଥୋକ୍ସାମ କିମ୍ବା ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଆମ୍ବଗଛରେ ଫଳ ମାଛିର ନିୟନ୍ତ୍ରଣ ପାଇଁ ଫଳ ମାଛି ଟ୍ରାପର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି।

## ଜଳବାୟୁ ପରିବର୍ତ୍ତନ ଓ ସାମୂହିକ ବିହନ ବ୍ୟାଙ୍କ

**ଦେଶର ବିକାଶରେ କୃଷିକାର୍ଯ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ହେଲେ ଏବେ ଜଳବାୟୁ ପରିବର୍ତ୍ତନ ଖାଦ୍ୟ ଶୃଙ୍ଖଳାକୁ ବିଗାଡ଼ି ସମାଜ ପାଇଁ ସଙ୍କଟ ସୃଷ୍ଟି କରିବା ସହ ବୀଜ ଉତ୍ପାଦନ ଏବଂ ସଂରକ୍ଷଣ ପାଇଁ ଗୁରୁତର ବିପଦ ସୃଷ୍ଟି କରିଛି। ଏପରି ପରିସ୍ଥିତିରେ ସାମୂହିକ ବିହନ ବ୍ୟାଙ୍କଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। 'ସାମୂହିକ ବିହନ ବ୍ୟାଙ୍କ' ଜିନ୍ ବ୍ୟାଙ୍କର ଏକ ରୂପ। ଏହି ବ୍ୟାଙ୍କଗୁଡ଼ିକରେ ବିହନ ସଂଗ୍ରହ, ସଂରକ୍ଷଣ ଏବଂ ବଣ୍ଟନର ଏକ ସୁବିକଶିତ ବ୍ୟବସ୍ଥା ଅଛି।**

ସାମୂହିକ ବିହନ ବ୍ୟାଙ୍କଗୁଡ଼ିକ ସ୍ୱୟଂସହାୟକ ଗୋଷ୍ଠି, ଏନ୍‌ଜିଓ ଓ ସ୍ଥାନୀୟ କୃଷକମାନଙ୍କ ଦ୍ୱାରା ପରିଚାଳିତ ସୁବ୍ୟବସ୍ଥିତ ସଂସ୍ଥାନ। ଏହି ସଂସ୍ଥାନଗୁଡିକ ଦେଶୀ ତଥା ଜଳବାୟୁ ପରିବର୍ତ୍ତନ ସହଣୀ କିସମ ଏବଂ ଏହା ସମ୍ବନ୍ଧୀୟ ଜ୍ଞାନର ସଂରକ୍ଷଣ କରିଥାନ୍ତି। ଆଜି ପର୍ଯ୍ୟନ୍ତ ସମୁଦାୟ ୭୧ ପ୍ରକାର ଫସଲର ୮୮୭ ଜଳବାୟୁ ପରିବର୍ତ୍ତନ ସହଣୀ କିସମ ସଂରକ୍ଷଣ କରିଛନ୍ତି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗୋଷ୍ଠୀ ତଥା ସାମୂହିକ ବିହନ ବ୍ୟାଙ୍କ ଓ ବିହନ ସଂରକ୍ଷଣ କେନ୍ଦ୍ରମାନେ ପାଣ୍ଠିଯୋଗାଣ, ଆବଶ୍ୟକୀୟ ଭିତ୍ତିଭୂମି ଏବଂ ନୀତି ସହାୟତା ସମ୍ବନ୍ଧୀୟ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ଏହା ବ୍ୟତୀତ ସେମାନଙ୍କୁ ପରିବର୍ତ୍ତିତ ମନୋବୃତ୍ତି, ପାରମ୍ପରିକ ମଞ୍ଜି ପ୍ରତି ଆଗ୍ରହ ହ୍ରାସ ପାଇ ହାଇବ୍ରିଡ୍ ଓ ଜେନେଟିକାଲି ମୋଡିଫାଏଡ୍ ମଞ୍ଜି ଆଗ୍ରହ ବୃଦ୍ଧି ଯୋଗୁଁ କିପରି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ସେ ନେଇ ଆନ୍ତର୍ଜାତୀୟ ଜୈବ ବିବିଧତା ଦିବସ ପାଳନ ଅବସରରେ ସେଣ୍ଟର ଫର୍ ସାଇନ୍ସ ଆଣ୍ଡ ଏନ୍‌ଭର୍ଣ୍ଣମେଣ୍ଟ (ସିଏସ୍‌ଇ) ଏକ ରିପୋର୍ଟ ପ୍ରକାଶ କରିଛନ୍ତି। ଏଥିରେ ଯୁବଚାଷୀମାନଙ୍କର ଦେଶୀ କିସମ ପ୍ରତି ଅନାଦାର ଏବଂ ଅଧିକ ଲାଭର ପ୍ରତିଶ୍ରୁତି ଦେଉଥିବା ବାଣିଜ୍ୟିକ ମଞ୍ଜି ପସନ୍ଦ କରିବା କଥା ଉଲ୍ଲେଖ ରହିଛି। ତେଣୁ ସିଏସ୍‌ଇ ଚାଷୀଙ୍କୁ ବିହନ ସଂରକ୍ଷଣ, ଦେଶୀ କିସମ ବିହନ, ଜ୍ଞାନକୌଶଳକୁ ଉପଯୋଗ କରିବାକୁ ଆହ୍ୱାନ ମଧ ଦେଇଛନ୍ତି। ସେହିପରି ପାରମ୍ପରିକ କିସମର ବିହନ ସଂରକ୍ଷଣ କରୁଥିବା କୃଷକ ଏବଂ ସମ୍ପ୍ରଦାୟକୁ ଆନୁଷ୍ଠାନିକ ଭାବେ 'ଜୈବ ବିବିଧତାର ରକ୍ଷକ' ଭାବେ ସ୍ୱୀକୃତି ଦିଆଯିବା ଉଚିତ। ବିହନ ସଂରକ୍ଷଣକାରୀଙ୍କ ଉତ୍ସାହ ବଜାୟ ରଖିବା ପାଇଁ ଉପଯୁକ୍ତ ନୀତି ଏବଂ ଦେଶୀ ବିହନକୁ ଉପଯୁକ୍ତ ପରିଚୟ ମିଳିବା ଅତ୍ୟନ୍ତ ଜରୁରି। ଏହା ଏକ ସରକାରୀ ପ୍ରମାଣପତ୍ର ଭାବେ କାମ କରିବ। ସାମୂହିକ ବିହନ ସଂରକ୍ଷଣ କେନ୍ଦ୍ରଗୁଡ଼ିର ଦେଶୀ ବିହନ କିସମ ଏବଂ ଏହାର ଜ୍ଞାନ କୌଶଳକୁ ଉପଯୋଗ କରି ବିବିଧ କୃଷି ପ୍ରଣାଳୀ ଦ୍ୱାରା ଖାଦ୍ୟ ସୁରକ୍ଷାକୁ ନିଶ୍ଚିତ କରାଯାଇପାରିବ।



## ଲଙ୍କା ଗଛ ବଢୁ ନଥିଲେ



**ଅଧିକାଂଶ ଘର ବାଡ଼ି ବଗିଚାରେ ବିଭିନ୍ନ ପ୍ରକାର ପନିପରିବା ଚାଷ କରିଥାନ୍ତି। ପରିବା ଚାଷ ମଧ୍ୟରେ ମୁଖ୍ୟତଃ ଲଙ୍କା ଗଛ ରହିବା ସାଧାରଣ କଥା। ତେବେ ଲଙ୍କା ଗଛ ଯଦି ବଢୁନଥାଏ ଏହି ଉପାୟ ଆପଣାଇ ପାରିବେ।**

ଅନେକ ସମୟରେ ଲଙ୍କା ଗଛ ନ ବଢ଼ିବା, ପତ୍ରାକାର ଛୋଟ, ଫୁଲ ଓ ଫଳ ଆସିବାରେ ବିଳମ୍ବ ଆଦି ଲକ୍ଷଣ ଦେଖାଯାଏ। ଏହି ଲକ୍ଷଣ ଦେଖାଦେଲେ ବିଳମ୍ବ ନ କରି ଉଚିତ ଯତ୍ନ ନେବା ଜରୁରି। ତେଣୁ ଗଛଟି ଅଧିକ ଉଚ୍ଚଆକାରରେ ବଢ଼ି ପାର୍ଶ୍ୱ ଶାଖା ଆସୁନଥିଲେ ଗଛଉପର କୋମଳ ଶାଖାକୁ କାଟିଲେ ନୂଆ ଶାଖା ଆସି ଗଛ ଘନ ହୋଇଯାଇଥାଏ। ଫୁଲ ଓ ଫଳ ମଧ୍ୟ ଅଧିକ ଆସିଥାଏ। ମୁଖ୍ୟତଃ ୧୫ରୁ ୨୦ ଦିନ ଅନ୍ତରରେ ଏହିପରି ଭାବେ କାଟି ପାରିବେ।

**ସନ୍ତୁଳିତ ପୋଷାଣ:** ପୋଷଣତତ୍ତ୍ୱର ଅଭାବ ହେଲେ ଗଛ ବିକାଶରେ ବୃଦ୍ଧି ଘଟେ। ତେଣୁ ଆରମ୍ଭରୁ ନାଇଟ୍ରୋଜେନ୍‌ର ଆବଶ୍ୟକତା ଥାଏ। ଏହାପରେ ପତ୍ର ବଢ଼ିବା ତଥା ଫୁଲ ଓ ଫଳ ହେବାକୁ ଫସ୍‌ଫରସ୍ ଏବଂ ପଟାସିୟମ ଜରୁରି। ଏଥିପାଇଁ ପ୍ରତି ୧୫ ଦିନରେ ଗୋବର ଖତ କିମ୍ବା ଜିଆ ଖତ ପ୍ରୟୋଗ କରିପାରିବେ। ଫୁଲ ଆସିବା ସମୟରେ ଜୈବିକ ଖତ, ଏନ୍‌ପିକେ ସାର କିମ୍ବା ଘୋଳ କରି ସିଞ୍ଚିପାରିବେ। ଗଛକୁ ସୂର୍ଯ୍ୟାଲୋକ ୫ରୁ ୬ ଘଣ୍ଟା ପଡୁଛି କି ନାହିଁ ତାହାକୁ ଧ୍ୟାନ ଦେବା ଆବଶ୍ୟକ । ଯଦି ପତ୍ର ତଳେ ଧଳା ପୋକ, ଲାଲ୍ ମାଛି ଲାଗିଥିବାର ଦେଖନ୍ତି, ତେବେ ନିମ ତେଲ ସିଞ୍ଚନ କରିପାରିବେ । ଏଥିପାଇଁ ୫ ମିଲି ନିମତେଲ, ଏକ ଲିଟର ପାଣିରେ ମିଶାଇ ସପ୍ତାହକୁ ଥରେ ସିଞ୍ଚନ କରିପାରିବେ। ଗଛ ଚାରିପାଖେ ସଫା ଓ ଶୁଖିଲା ରଖିବା ଜରୁରି।


## ମାଟି ତଳେ ଆଳୁ, ଉପରେ ଟମାଟୋ



କୃଷିକ୍ଷେତ୍ରରେ ନୂତନ ଜ୍ଞାନକୌଶଳ ପ୍ରୟୋଗ କରି ଚାଷୀମାନେ ବିଭିନ୍ନ ପ୍ରକାର ଚାଷକାର୍ଯ୍ୟ କରୁଛନ୍ତି। ଏହି କ୍ରମରେ ଝାଡ଼ଖଣ୍ଡ, ରାଞ୍ଚିର ଅନଗଡ଼ା ସ୍ଥିତ ମୋବାଇଲ ଏଗ୍ରିକଲଚର ସ୍କୁଲ ଆଣ୍ଡ ସର୍ଭିସେସ (ମାସ)ର ଫାର୍ମରେ ଆଳୁ ଫସଲରେ ଟମାଟୋ ଫଳୁଥିବା ଚର୍ଚ୍ଚାର ବିଷୟ ପାଲଟିଛି। ମାଟି ତଳେ ଆଳୁ ଗଛର ଉପ ଅଂଶରେ ଟମାଟୋ ଫଳିବା ପାଇଁ ପ୍ରଥମେ ଆଳୁ ବିହନରୁ ଗଛ ପ୍ରସ୍ତୁତ କରାଯାଇଥିଲା। ୨୦ ଦିନ ଯାଏଁ ମାଟି ତଳେ ଆଳୁକୁ ପୋତି ଦେବା ପରେ ଗଛ ପ୍ରସ୍ତୁତ ହୋଇଥିଲା। ସେହିପରି ପୃଥକଭାବେ ଟମାଟୋ ଗଛ ପ୍ରସ୍ତୁତ କରାଯାଇଥିଲା। ଆଳୁଗଛକୁ ମୂଳଠାରୁ ପ୍ରାୟ ଦୁଇ ଇଞ୍ଚ ଉପରକୁ କଟାଯାଇ ସେହି ସ୍ଥାନରେ ଟମାଟୋ ଗଛକୁ କଲମୀକରଣ କରାଯାଇଥିଲା। ଗଛକୁ ୭ଦିନ ଯାଏଁ ଅନ୍ଧାରରେ ରଖାଯାଇ ପରେ ଏହାକୁ ବିଭିନ୍ନ ସ୍ଥାନରେ ଲଗାଯାଇଥିଲା। ଆବଶ୍ୟକତା ଅନୁଯାୟୀ ଗଛମୂଳରେ ଖତ ଏବଂ କୀଟନାଶକ ପ୍ରୟୋଗ କରାଯାଇଥିଲା। ଜମିରେ ୨୫୦ ଗଛ କଲମୀକରଣରେ ଲଗାଯାଇଥିବା ବେଳେ ସମସ୍ତ ଗଛ ଜୀବିତ ରହିଥିଲା। ସଠିକ ଯତ୍ନ ଦ୍ୱାରା ଟମାଟୋ ଫଳିବାକୁ ଲାଗିଥିଲା। ଗୋଟେ ଗଛରୁ ପାଖାପାଖି ୨୫୦ରୁ ୩୦୦ ଗ୍ରାମ୍ ଆଳୁ ଅମଳ ହୋଇଥିଲାବେଳେ ୧୦ କିଲୋ ଟମାଟୋ ମିଳିଥିଲା।

# ଅନ୍ତର୍ଜାତୀୟ କ୍ରିକେଟରୁ କ୍ଲାସେନ, ଦିନିକିଆରୁ ମ୍ୟାକ୍ସୱେଲଙ୍କ ଅବସର





ନୂଆଦିଲ୍ଲୀ,୨।୬ (ଏଜେନ୍ସି): ବିଶ୍ୱରେ ଖ୍ୟାତି ଲାଭ କରିଥିବା ଦୁଇଜଣ କ୍ରିକେଟ ଖେଳାଳି ଦକ୍ଷିଣ ଆଫ୍ରିକାର ହେନ୍‌ରିକ୍ କ୍ଲାସେନ ସମସ୍ତ ପ୍ରକାର ଅନ୍ତର୍ଜାତୀୟ କ୍ରିକେଟ ଓ ଅଷ୍ଟ୍ରେଲିଆର ଅଲରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଆଜି ମୋ ଲାଗି ଏକ ଦୁଃଖର ଦିନ। ଦୀର୍ଘଦିନ ଧରି ଏ ସମ୍ପର୍କରେ ଚିନ୍ତା କରିବା, ପରିବାର ଓ ବନ୍ଧୁମାନଙ୍କ ସହ ପରାମର୍ଶ କରିବା ପରେ ଏହି ନିଷ୍ପତ୍ତି ନେଇଛି ବୋଲି କ୍ଲାସେନ ସୋସିଆଲ ମିଡିଆରେ ଏକ ପୋଷ୍ଟ କରି କହିଛନ୍ତି। ଦକ୍ଷିଣ ଆଫ୍ରିକା ପକ୍ଷରୁ ୬୦ଟି ଦିନିକିଆ, ୫୮ଟି ଟି-୨୦ ଓ ୪ଟି ଟେଷ୍ଟ ମ୍ୟାଚ୍ ଖେଳିବା ପରେ କ୍ଲାସେନ ଏହି ନିଷ୍ପତ୍ତି ନେଇଛନ୍ତି। ଏହା ପରେ ସେ ପରିବାର ସହ ଅଧିକ ସମୟ କାଟିପାରିବେ ବୋଲି ଆଶା ପ୍ରକାଶ କରିଛନ୍ତି। ଗ୍ଲେନ୍ ମ୍ୟାକ୍ସୱେଲ ୨୦୧୨ରେ ଡେବ୍ୟୁ କରି ଅଷ୍ଟ୍ରେଲିଆ ପକ୍ଷରୁ ୧୪୯ଟି ଦିନିକିଆ ମ୍ୟାଚ ଖେଳି ୩,୯୯୦ ରନ୍ କରିଛନ୍ତି ଓ ୭୭ଟି ୱିକେଟ ନେଇଛନ୍ତି। କିନ୍ତୁ ୨୦୨୭ ବିଶ୍ୱକପ୍ ଖେଳିବାର ସମ୍ଭାବନା ନ ଥିବାରୁ ସେ ଦିନିକିଆ ଫର୍ମାଟରୁ ଅବସର ନେଇଛନ୍ତି। ୨୦୧୫ ଓ ୨୦୨୩ରେ ଅଷ୍ଟ୍ରେଲିଆକୁ ଚାମ୍ପିଅନ କରାଇବାରେ ତାଙ୍କର ବଡ ଭୂମିକା ରହିଥିଲା। ବିଶେଷକରି ୨୦୨୩ ବିଶ୍ୱକପ୍‌ର ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍‌ରେ ସଂଗ୍ରହ କରିଥିବା ଅପରାଜିତ ୨୦୧ ରନ୍ ସବୁଦିନେ ସ୍ମରଣୀୟ ହୋଇ ରହିବ।

# ସେପ୍ଟେମ୍ବର ୩୦ରୁ ନଭେମ୍ବର ୨ ଯାଏ ଭାରତରେ ମହିଳା ଦିନିକିଆ ବିଶ୍ୱକପ୍

ଦୁବାଇ,୨।୬ (ଏଜେନ୍ସି): ଚଳିତବର୍ଷ ଭାରତରେ ଖେଳାଯିବାକୁ ଥିବା ମହିଳା ଦିନିକିଆ ବିଶ୍ୱକପ୍ ସେପ୍ଟେମ୍ବର ୩୦ରୁ ଆରମ୍ଭ ହୋଇ ନଭେମ୍ବର ୨ରେ ଶେଷ ହେବ। ଏହି



ବିଶ୍ୱକପ୍‌ର ସମସ୍ତ ମ୍ୟାଚ୍ ୫ଟି ଭେନ୍ୟୁରେ ଯଥା ବେଙ୍ଗାଲୁରୁ, ଗୁଆହାଟୀ, ଇନ୍ଦୋର, ବିଶାଖାପାଟଣା ଓ ଶ୍ରୀଲଙ୍କାର କଲମ୍ବୋସ୍ଥିତ ଆର୍ ପ୍ରେମଦାସା ଷ୍ଟାଡିୟମ୍‌ରେ ଖେଳାଯିବ। ଆଇସିସି ସହ ହୋଇଥିବା ବୁଝାମଣା ଅନୁଯାୟୀ ପାକିସ୍ତାନ ଗୋଟିଏ ହେଲେ ମ୍ୟାଚ୍ ଭାରତରେ ଖେଳିବ ନାହିଁ। ଏବେ ସୁଦ୍ଧା ଖେଳସୂଚୀ ପ୍ରକାଶ ପାଇ ନ ଥିଲେ ମଧ୍ୟ ପାକିସ୍ତାନ ତାହାର ସମସ୍ତ ମ୍ୟାଚ୍ କଲମ୍ବୋରେ ଖେଳିବ। ପାକିସ୍ତାନ ଯଦି ସେମିଫାଇନାଲ ଓ ଫାଇନାଲରେ ପ୍ରବେଶ କରେ ତେବେ କଲମ୍ବୋରେ ଏହି ଦଳ ପ୍ରଥମ ସେମିଫାଇନାଲ ଅକ୍ଟୋବର ୨୯ରେ ଓ ଫାଇନାଲ ନଭେମ୍ବର ୨ରେ ଖେଳାଯିବ। ପାକିସ୍ତାନ ଲିଗ୍ ପର୍ଯ୍ୟାୟରେ ଅଟକିଲେ ଉପରୋକ୍ତ ମ୍ୟାଚ୍ ଦୁଇଟି ଯଥାକ୍ରମେ ଗୁଆହାଟୀ ଓ ବେଙ୍ଗାଲୁରୁରେ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ବିଶ୍ୱର ଶ୍ରେଷ୍ଠ ୮ଟି ଦଳ ଅଂଶଗ୍ରହଣ କରିବେ। ଏଗୁଡିକ ହେଲେ ଭାରତ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ବାଂଲାଦେଶ ଓ ପାକିସ୍ତାନ। ୭ଥର ଟାଇଟଲ ଜିତିଥିବା ଅଷ୍ଟ୍ରେଲିଆ ଏବେ ଡିଫେଣ୍ଡିଂ ଚାମ୍ପିଅନ ରହିଛି।

# ଭାରତ-ଏ ବନାମ ଇଂଲଣ୍ଡ ଲାୟନ୍ସ ମ୍ୟାଚ୍ ଡ୍ର

କାଣ୍ଟରବରୀ,୨।୬ (ଏଜେନ୍ସି): ଭ୍ରମଣକାରୀ ଭାରତ-ଏ’ ଏବଂ ଆୟୋଜକ ଇଂଲଣ୍ଡ ଲାୟନ୍ସ ମଧ୍ୟରେ ଏଠାରେ ଅନୁଷ୍ଠିତ ୪ ଦିନିଆ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଡ୍ର ରହିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ-ଏ’ କରୁନ ନାୟାରଙ୍କ ୨୦୪ ରନ୍ ସହାୟତାରେ ୫୫୭ ରନ୍ କରିଥିଲା। ଜବାବରେ ଇଂଲଣ୍ଡ ଲାୟନ୍ସ ୫୮୭ ରନ୍ କରି ପ୍ରଥମ ଇନିଂସରେ ୩୦ ରନ୍‌ରେ ଆଗୁଆ ରହିଥିଲା। ଲାୟନ୍ସ ପକ୍ଷରୁ ଓପନର ଟମ୍ ହେନ୍ସ ୧୭୧, ମ୍ୟାକ୍ସ ହୋଲ୍ଡନ ୧୦୧ ଓ ଡାନ ମୁସ୍‌ଲୀ ୧୧୩ ରନ୍ କରିଥିଲେ। ଭାରତ ପକ୍ଷରୁ ମୁକେଶ କୁମାର ୩ଟି ଓ ଶାର୍ଦ୍ଦୁଳ ଠାକୁର ୨ଟି ୱିକେଟ ପାଇଥିଲେ। ଆଜି ସୋମବାର ମ୍ୟାଚ୍‌ର ଚତୁର୍ଥ ତଥା ଶେଷ ଦିନରେ ଭାରତ-ଏ’ ଦ୍ୱିତୀୟ ଇନିଂସରେ ୨ ୱିକେଟରେ ୨୪୧ ରନ୍ କରିବା ପରେ ମ୍ୟାଚ ଡ୍ର ରହିଥିଲା। ଦଳ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ ୬୪, ଅଭିମନ୍ୟୁ ଈଶ୍ୱରନ ୬୮ ରନ୍ କରିଥିଲେ। ଅନ୍ୟ ଦୁଇ ଖେଳାଳି ଧ୍ରୁବ ଜୁରେଲ ୫୩ ଓ ନୀତୀଶ କୁମାର ରେଡ୍ଡି ୫୨ ରନ୍‌ରେ ଅପରାଜିତ ରହିଥିଲେ। ଜୁନ୍ ୬ରୁ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଖେଳାଯିବ।

# କଟକ-ଏ ୭ ୱିକେଟ୍‌ରେ ବିଜୟୀ



ଭୁବନେଶ୍ୱର, ୨।୬ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ୍‌ରେ ସୋମବାର ଗୋଟିଏ ମ୍ୟାଚ୍ ଖେଳାଯାଇଥିଲା। ରେଭେନଶା ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ଏହି ମ୍ୟାଚରେ କଟକ-ଏ ୭ ୱିକେଟ୍‌ରେ ବାଲେଶ୍ୱରକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ବାଲେଶ୍ୱର ୧୮.୧ ଓଭରରେ ମାତ୍ର ୬୨ ରନରେ ଅଲ୍‌ଆଉଟ୍ ହୋଇଥିଲା। କଟକ-ଏ’ର ପିୟୂଷ ମନ୍ତ୍ରୀ ୩ ଓ ଅର୍ଣ୍ଣବ ପଟ୍ଟନାୟକ ୨ଟି ୱିକେଟ୍ ନେଇଥିଲେ। ଜବାବରେ କଟକ-ଏ ଚୌଧୁରୀ ମହାନ୍ତିଙ୍କ ୩୪ ରନ ବଳରେ ୧୪.୨ ଓଭରରେ ୩ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ପିୟୂଷ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

## ଆଇପିଏଲ୍-୧୮ ର ଉଦ୍‌ଯାପନ ଆଜି

# ବେଙ୍ଗାଲୁରୁ-ପଞ୍ଜାବ ଗ୍ରାଣ୍ଡ ଫାଇନାଲ

ଅହମ୍ମଦାବାଦ୍,୨।୬ (ଏଜେନ୍ସି)



ରୟାଲଚ୍ୟାଲେଞ୍ଜର୍ସବେଙ୍ଗାଲୁରୁଓପଞ୍ଜାବକିଙ୍ଗସ ମଧ୍ୟରେ ଆଇପିଏଲ୍-୧୮ର ଗ୍ରାଣ୍ଡ ଫାଇନାଲ ସ୍ଥାନୀୟ ମୋଟେରା ଷ୍ଟାଡିୟମ୍‌ରେ ଆସନ୍ତାକାଲି ମଙ୍ଗଳବାର ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ଦଳ ଆରମ୍ଭରୁ ଖେଳି ଆସୁଥିଲେ ମଧ୍ୟ କେହି ଟାଇଟଲ ଜିତିବାରେ ସମର୍ଥ ହୋଇ ନାହାନ୍ତି। ଏଣୁ ଏଠାରେ ଆସନ୍ତାକାଲି ଯେଉଁ ଦଳ ବିଜୟୀ ହେବ ଆଇପିଏଲ୍‌ରେ ସେହି ଦଳ ନୂଆ ଚାମ୍ପିଅନ ହେବ। ଆଇପିଏଲ୍ ଇତିହାସରେ ବେଙ୍ଗାଲୁରୁ ସର୍ବଦା ତାରକା ଖେଳାଳିଙ୍କୁ ସାମିଲ କରିଆସିଛି। ଦଳ ଏହା ପୂର୍ବରୁ ୩ଥର ମଧ୍ୟ ଫାଇନାଲ ଖେଳିସାରିଛି। କିନ୍ତୁ ଥରେ ହେଲେ ଟାଇଟଲ ଜିତିବାକୁ ସମର୍ଥ ହୋଇନାହିଁ। ଏହି ଟିମ୍‌ର ଶ୍ରେଷ୍ଠ ତାରକା ବିରାଟ କୋହଲି ଆରମ୍ଭରୁ ଖେଳିଆସିଛନ୍ତି। ଖାସ୍ ତାଙ୍କ ଲାଗି ବେଙ୍ଗାଲୁରୁ ଏଠାରେ ଟାଇଟଲ ଜିତିବାକୁ କୌଣସି ପ୍ରଚେଷ୍ଟା ଛାଡିବ ନାହିଁ ବୋଲି ଅଧିନାୟକ ରଜତ ପାଟିଦାର କହିଛନ୍ତି। ଏହାର ଅର୍ଥ ଖେଳାଳିମାନେ ଯେପରି ହେଉ ବେଙ୍ଗାଲୁରୁକୁ ଚାମ୍ପିଅନ କରିବାକୁ ଜୋରଦାର ଉଦ୍ୟମ କରିବେ। ଅନ୍ୟ ପକ୍ଷରେ ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଯୁବ ଖେଳାଳିଙ୍କୁ ନେଇ ପଞ୍ଜାବ କିଙ୍ଗସ ଏହି ଟୁର୍ଣ୍ଣାମେଣ୍ଟରେ ଦମ୍‌ଦାର ଖେଳିଛି। ଟାଇଟଲ ଜିତିବାକୁ ଏହି ଦଳର ସମସ୍ତ ପ୍ରକାର ଯୋଗ୍ୟତା ରହିଛି। ଏଣୁ ଆସନ୍ତାକାଲିର ଫାଇନାଲ ବେଙ୍ଗାଲୁରୁର ଭାବପ୍ରବଣତା ଓ ପଞ୍ଜାବର ଯୁବ ଉଦ୍ଦାମତା। ଏଣୁ ମ୍ୟାଚ୍‌ଟି ବେଶ ରୋମାଞ୍ଚକର ହେବ ବୋଲି ନିଃସନ୍ଦେହରେ କୁହାଯାଇପାରେ।

### ■ ବେଙ୍ଗାଲୁରୁ ବିପକ୍ଷରେ ପଞ୍ଜାବ ଟପ୍ ଅର୍ଡର ବ୍ୟାଟିଂ ଫେଲ୍

ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ଦଳ ୧୪ଟି ଲେଖାଏଁ ମ୍ୟାଚ୍ ଖେଳି ୯ ବିଜୟ ଓ ଗୋଟିଏ ବାତିଲ ମ୍ୟାଚ୍‌ରୁ ସମାନ ୧୯ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ଉନ୍ନତ ରନ୍ ହାରରେ ପଞ୍ଜାବ ପଏଣ୍ଟ ଟେବଲରେ ପ୍ରଥମ ଓ ବେଙ୍ଗାଲୁରୁ ଦ୍ୱିତୀୟ ସ୍ଥାନରେ ରହିଥିଲା। ଏମାନଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରଥମ କ୍ୱାଲିଫାୟରକୁ ସହଜରେ ଜିତି ବେଙ୍ଗାଲୁରୁ ଫାଇନାଲରେ ପ୍ରବେଶ କରିଥିଲା। ଅନ୍ୟ ପକ୍ଷରେ ରୋମାଞ୍ଚକ ଦ୍ୱିତୀୟ କ୍ୱାଲିଫାୟରରେ ପଞ୍ଜାବ ଅଧିନାୟକ ଶ୍ରେୟସ ଆୟରଙ୍କ ବିସ୍ଫୋରକ ୮୭ ରନ୍ ବଳରେ ମୁମ୍ବାଇ ଇଣ୍ଡିଆନ୍ସକୁ ୫ ୱିକେଟରେ ହରାଇ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଏହା ପରେ ଚଳିତ ଟୁର୍ଣ୍ଣାମେଣ୍ଟର ଫାଇନାଲ ଉଭୟଙ୍କ ମଧ୍ୟରେ ଚତୁର୍ଥ ମୁକାବିଲା ହେବ। ଏଣୁ ଉଭୟ ଦଳ ପରସ୍ପରର ଦକ୍ଷତା ଓ ଦୁର୍ବଳତା ସମ୍ପର୍କରେ ବେଶ ଅବଗତ। ଉଲ୍ଲେଖନୀୟ କଥା ହେଲା, ପଞ୍ଜାବ ଏହି ଟୁର୍ଣ୍ଣାମେଣ୍ଟରେ ୪ଟି ମ୍ୟାଚ୍‌ରେ ହାରିଥିଲାବେଳେ ଏହା ମଧ୍ୟରୁ ୨ଥର କେବଳ ବେଙ୍ଗାଲୁରୁଠାରୁ ହାରିଛି। ପଞ୍ଜାବର ଟପ୍ ଅର୍ଡରରେ ୩ଜଣ ବ୍ୟାଟର ଓ ଶେଷଭାଗରେ ପ୍ରବେଶ କରିଥିବା ଜୋଶ ଇଂଲିଶ ୧୦୦ରୁ ଅଧିକ ଷ୍ଟ୍ରାଇକ୍ ରେଟ୍‌ରେ ରନ ସଂଗ୍ରହ କରିଥିଲେ ମଧ୍ୟ ବେଙ୍ଗାଲୁରୁ ବିପକ୍ଷରେ ଏମାନେ ସମସ୍ତ ୩ଟି ଯାକ ମ୍ୟାଚ୍‌ରେ ଫେଲ୍ ମାରିଛନ୍ତି। ବେଙ୍ଗାଲୁରୁ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ପଞ୍ଜାବ ୫୩ ରନ୍‌ରେ ୪ଟି, ଦ୍ୱିତୀୟ ମ୍ୟାଚ୍‌ରେ ୭୬ ରନ୍‌ରେ ୪ଟି ଓ କ୍ୱାଲିଫାୟରରେ ୩୮ ରନ୍‌ରେ ୪ଟି ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏଣୁ ଜୋଶ ହାଜ୍‌ଲେଉଡ୍, ଭୁବନେଶ୍ୱର କୁମାର, ଯଶ ଦୟାଲଙ୍କ ପେସ୍ ବିପକ୍ଷରେ ପଞ୍ଜାବ ଟପ୍ ଅର୍ଡର ଫେଲ ମାରିଛି। ଏମାନେ ଆସନ୍ତାକାଲି ମ୍ୟାଚ୍‌ରେ ସମାନ ପ୍ରଦର୍ଶନ କଲେ ବେଙ୍ଗାଲୁରୁ ଟାଇଟଲ ଜିତିବା ନିଶ୍ଚିତ।

## ଫାଇନାଲ ବାତିଲ ହେଲେ ପଞ୍ଜାବ ଜିତିବ ଟାଇଟଲ

ପଞ୍ଜାବ କିଙ୍ଗସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଅହମ୍ମଦାବାଦ୍‌ର ମୋଟେରା ଷ୍ଟାଡିୟମ୍‌ରେ ଆସନ୍ତାକାଲି ଖେଳାଯିବାକୁ ଥିବା ଫାଇନାଲ ମୁକାବିଲାରେ ବର୍ଷା ହେବାର ଯଥେଷ୍ଟ ସମ୍ଭାବନା ରହିଛି। କିନ୍ତୁ ଏହା ଅଳ୍ପ ସମୟ ଲାଗି ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। କିନ୍ତୁ ବର୍ଷା ଯୋଗୁଁ ଖେଳ ବାଧାପ୍ରାପ୍ତ ହେଲେ ୨ ଘଣ୍ଟା ଯାଏ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ। ଏହା ପରେ ଖେଳ ଆରମ୍ଭ ହେଲେ ଓଭର ସଂଖ୍ୟା କମିବ ନାହିଁ। କିନ୍ତୁ ବର୍ଷା ନ ଛାଡିଲେ ଫାଇନାଲ ଖେଳ ରିଜର୍ଭ ଦିବସରେ ଖେଳାଯିବ। ରିଜର୍ଭ ଦିବସରେ ଯଦି ବର୍ଷା ଯୋଗୁ ଖେଳ ସ୍ଥଗିତ ରୁହେ, ତେବେ ପଏଣ୍ଟ ଟେବଲରେ ଆଗୁଆ ଥିବା ବା ପ୍ରଥମ ସ୍ଥାନରେ ଥିବା ପଞ୍ଜାବ ଚାମ୍ପିଅନ ହେବ।

### ଶ୍ରେଷ୍ଠ ବ୍ୟାଟିଂ ପ୍ରଦର୍ଶନ

| ବ୍ୟାଟର୍ | ମ୍ୟାଚ୍ | ରନ | ହାରାହାରି |
|---|---|---|---|
| **ପଞ୍ଜାବ** | | | |
| ଶ୍ରେୟସ ଆୟର | ୧୬ | ୬୦୩ | ୫୪.୮୧ |
| ପ୍ରଭସିମରନ ସିଂହ | ୧୬ | ୫୨୩ | ୩୨.୬୮ |
| ପ୍ରିୟାଂଶ ଆର୍ଯ୍ୟ | ୧୬ | ୪୫୧ | ୨୮.୧୮ |
| ନେହାଲ ୱାଧେରା | ୧୫ | ୩୫୪ | ୩୨.୧୮ |
| **ବେଙ୍ଗାଲୁରୁ** | | | |
| ବିରାଟ କୋହଲି | ୧୪ | ୬୧୪ | ୫୫.୮୧ |
| ଫିଲ୍ ସଲ୍ଟ | ୧୨ | ୩୮୭ | ୩୫.୧୮ |
| ରଜତ ପାଟିଦାର | ୧୪ | ୨୮୬ | ୨୩.୮୩ |
| ଦେବଦତ୍ତ ପାଡ଼ିକଲ | ୧୦ | ୨୪୭ | ୨୭.୪୪ |

### ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ

| ବୋଲର୍ | ମ୍ୟାଚ୍ | ୱିକେଟ୍ | ହାରାହାରି |
|---|---|---|---|
| **ପଞ୍ଜାବ** | | | |
| ଅର୍ଶଦୀପ୍ ସିଂହ | ୧୬ | ୧୮ | ୨୬.୫୫ |
| ମାର୍କୋ ଜାନସେନ | ୧୪ | ୧୬ | ୨୭.୧୨ |
| ଯୁଜବେନ୍ଦ୍ର ଚହଲ | ୧୩ | ୧୫ | ୨୬.୨୦ |
| ହରପ୍ରୀତ୍ ବ୍ରାର | ୮ | ୧୦ | ୧୯.୦୦ |
| **ବେଙ୍ଗାଲୁରୁ** | | | |
| ଜୋଶ୍ ହାଜଲେଉଡ୍ | ୧୧ | ୨୧ | ୧୫.୮୦ |
| କ୍ରୁନାଲ ପାଣ୍ଡ୍ୟା | ୧୪ | ୧୫ | ୨୪.୧୩ |
| ଭୁବନେଶ୍ୱର କୁମାର | ୧୩ | ୧୫ | ୨୯.୬୬ |
| ଯଶ ଦୟାଲ | ୧୪ | ୧୨ | ୩୭.୬୬ |

### ଚଳିତ ଆଇପିଏଲ୍‌ରେ ଫଳାଫଳ

| ତାରିଖ | ଫଳାଫଳ | ଭେନ୍ୟୁ |
|---|---|---|
| ୧୮।୪ | ପଞ୍ଜାବ ୫ ୱିକେଟରେ ବିଜୟୀ | ବେଙ୍ଗାଲୁରୁ |
| ୨୦।୪ | ବେଙ୍ଗାଲୁରୁ ୭ ୱିକେଟରେ ବିଜୟୀ | ମୁଲାନପୁର |
| ୨୯।୪ | ବେଙ୍ଗାଲୁରୁ ୮ ୱିକେଟରେ ବିଜୟୀ | ମୁଲାନପୁର |




### ଆଇପିଏଲ୍ ଫାଇନାଲ

ଭେନ୍ୟୁ : ଅହମ୍ମଦାବାଦ୍
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

### ସମ୍ଭାବ୍ୟ ଦଳ

**ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ** : ଫିଲ୍ ସଲ୍ଟ, ବିରାଟ କୋହଲି, ମୟଙ୍କ ଅଗରୱାଲ୍, ରଜତ ପାଟିଦାର (ଅଧିନାୟକ), ଲିଆମ ଲିଭିଂଷ୍ଟୋନ, ଜିତେଶ ଶର୍ମା (ୱିକେଟ୍‌ରକ୍ଷକ), ରୋମାରିଓ ସେଫର୍ଡ, କ୍ରୁନାଲ ପାଣ୍ଡ୍ୟା, ଜୋଶ ହାଜଲେଉଡ୍, ଭୁବନେଶ୍ୱର କୁମାର, ଯଶ ଦୟାଲ, ସୂୟାଶ ଶର୍ମା।

**ପଞ୍ଜାବ କିଙ୍ଗସ** : ପ୍ରିୟାଂଶ ଆର୍ଯ୍ୟ, ପ୍ରଭସିମରନ ସିଂହ, ଜୋଶ୍ ଇଂଲିଶ (ୱିକେଟରକ୍ଷକ), ଶ୍ରେୟସ ଆୟର (ଅଧିନାୟକ), ନେହାଲ ୱାଧେରା, ଶଶାଙ୍କ ସିଂହ, ମାର୍କସ ଷ୍ଟୋଇନିସ, ଆଜମାତୁଲ୍ଲା ଓମାରଜାଇ, କାଏଲ୍ ଜାମିସନ, ବିଜୟବୈଶ୍ୟକ, ଅର୍ଶଦୀପ୍ ସିଂହ, ଯୁଜବେନ୍ଦ୍ର ଚହଲ/ହରପ୍ରୀତ୍ ବ୍ରାର।

## ଫ୍ରେଞ୍ଚ ଓପନ୍

# ପେଗୁଲାଙ୍କ ବିପର୍ଯ୍ୟୟ


କୋକୋ ଗଫ୍

ପ୍ୟାରିସ, ୨।୬ (ଏଜେନ୍ସି): ଆମେରିକାର କୋକୋ ଗଫ୍ କ୍ରମାଗତ ୫ମଥର ଲାଗି ଫ୍ରେଞ୍ଚ ଓପନ୍ ଟେନିସ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାରେ ସଫଳ ହୋଇଛନ୍ତି। ସୋମବାର ଅନୁଷ୍ଠିତ ମହିଳା ଏକକ ୪ର୍ଥ ରାଉଣ୍ଡ ମ୍ୟାଚରେ ବିଶ୍ୱ ମାନ୍ୟତାର ୨ୟ ସ୍ଥାନରେ ଥିବା ଗଫ୍ ୬-୦, ୭-୫ ସିଧାସଳଖ ସେଟ୍‌ରେ ରୁଷିଆର ଏକତେରିନା ଆଲେକ୍ସଜାଣ୍ଡ୍ରୋଭାଙ୍କୁ ପରାସ୍ତ କରିଥିଲେ। ୨୧ ବର୍ଷୀୟା ଗଫ୍ କ୍ୱାର୍ଟରରେ ଅଷ୍ଟ୍ରେଲିଆନ୍ ଓପନ୍ ଚାମ୍ପିଅନ ମାଡିସନ କିଜ୍‌ଙ୍କୁ ଭେଟିବେ। ରୁଷିଆର ଯୁବା ଖେଳାଳି ମିରା ଆନ୍ଦ୍ରିଭା ମଧ୍ୟ କ୍ୱାର୍ଟରରେ ସ୍ଥାନ ପକ୍କା କରିଛନ୍ତି। ପ୍ରି-କ୍ୱାର୍ଟରର ଏକ ମ୍ୟାଚରେ ଆନ୍ଦ୍ରିଭା ୬-୩, ୭-୫ ସେଟ୍‌ରେ ଏକ ଘଣ୍ଟା ୩୪ ମିନିଟ୍‌ରେ ଅଷ୍ଟ୍ରେଲିଆର ଡାରିଆ କାସାତକିନାଙ୍କୁ ହରାଇଛନ୍ତି। ତେବେ ବିଶ୍ୱ ମାନ୍ୟତାର ୩ୟ ସ୍ଥାନରେ ଥିବା ଆମେରିକାର ଜେସିକା ପେଗୁଲା ପ୍ରି-କ୍ୱାର୍ଟରରେ ହାରି ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ବିଶ୍ୱ ମାନ୍ୟତାର ୩୬୧ତମ ସ୍ଥାନରେ ରହିଥିବା ଫ୍ରାନ୍ସର ଲୋଇସ ବୋଇସନ ୩-୬, ୬-୪, ୬-୪ରେ ପେଗୁଲାଙ୍କୁ ହରାଇ ଅଗ୍ରଗତି କରିଛନ୍ତି।

ଅପରପକ୍ଷରେ ପୁରୁଷ ଏକକରେ ଜର୍ମାନୀର ୩ୟ ସିଡ୍ ଆଲେକ୍ସଜାଣ୍ଡର ଜ୍ୱେରେଭ ମଧ୍ୟ କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ସୋମବାରା ଅନୁଷ୍ଠିତ ପ୍ରି-କ୍ୱାର୍ଟର ମୁକାବିଲାରେ ଜ୍ୱେରେଭ ୬-୪, ୩-୦ରେ ଆଗୁଆ ରହିଥିବାବେଳେ ତାଙ୍କ ପ୍ରତିପକ୍ଷ ନେଦରଲାଣ୍ଡସର ତାଲୋନ ଗ୍ରିଏକସ୍ପୋର ଆହତ ହୋଇ ଓହରିଯାଇଥିଲେ। ଅନ୍ୟ ଏକ ରାଉଣ୍ଡ-୧୬ ମ୍ୟାଚରେ ସର୍ବିୟାର ନୋଭାକ ଜୋକୋଭିଚ୍ ୬-୨, ୬-୩, ୬-୨ ସେଟ୍‌ରେ ବ୍ରିଟେନର କାମେରନ ନୋରିଙ୍କ ବିପକ୍ଷରେ ବିଜୟୀ ହୋଇଛନ୍ତି ଜୋକୋଭିଚ୍ କ୍ୱାର୍ଟରରେ ଜ୍ୱେରେଭଙ୍କ ସହ ଖେଳିବ।

## ଦୃଷ୍ଟିହୀନ ଟି-୨୦ କ୍ରିକେଟ୍

# ଦିଲ୍ଲୀ ବିପକ୍ଷ ସିରିଜ୍ ଲାଗି ଲିଙ୍ଗରାଜଙ୍କୁ ନେତୃତ୍ୱ

ଭୁବନେଶ୍ୱର, ୨।୬ (ସମିସ)




ଓଡ଼ିଶା ଓ ଦିଲ୍ଲୀ ଦୃଷ୍ଟିହୀନ କ୍ରିକେଟ୍ ଦଳ ମଧ୍ୟରେ ଏକ ୩ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଖେଳାଯିବ। ହରିୟାଣାର ଗୁରୁଗ୍ରାମଠାରେ ଜୁନ ୪ରୁ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ସିରିଜ ଲାଗି ଓଡ଼ିଶା ଦଳ ଘୋଷଣା କରାଯାଇଛି। ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ୍ ସଂଘ (କାଭି) ପକ୍ଷରୁ ଘୋଷିତ ୧୬ ଜଣିଆ ଦଳର ନେତୃତ୍ୱ ଭାର ଲିଙ୍ଗରାଜ ରାଉତରାୟଙ୍କୁ ପ୍ରଦାନ କରାଯାଇଛି। ଗତ ମେ ୨୩ରୁ ଜୁନ ୧ ତାରିଖ ପର୍ଯ୍ୟନ୍ତ ବରୁଣେଇସ୍ଥିତ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ୍ ଦଳର ଚୟନ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଚନ୍ଦ୍ରଶେଖର ପଟ୍ଟନାୟକ ଓଡ଼ିଶା ଦଳର ପ୍ରଶିକ୍ଷକ ରହିଛନ୍ତି।

ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ୍ ଦଳ: ଲିଙ୍ଗରାଜ ରାଉତରାୟ (ଅଧିନାୟକ), କାଳିଆ ପ୍ରଧାନ (ଉପ-ଅଧିନାୟକ), ଚିରଞ୍ଜୀବ ମଲ୍ଲିକ, ପ୍ରତାପ ସାମନ୍ତ, ମହମ୍ମଦ ଜାଫର ଇକବାଲ, ଦେବରାଜ ବେହେରା, ଅଞ୍ଜନ ସିଂ, ଅଭିଜିତ୍ ଦାସ, କିଶାନ ମଲ୍ଲିକ, ପଙ୍କଜ ଭୁଏ, ଲାଲପ୍ରସାଦ ସୋରେନ, ଆକାଶ ରାଉତ, ସୁଖରାମ ମାଝୀ, ଧନପତି ଗୌଡ଼ (ୱିକେଟ୍‌କିପର) ଓ ରଘୁରାମ ନାଏକ।

# ରାଜୀବ ହେବେ ବିସିସିଆଇ ସଭାପତି

ମୁମ୍ବଇ,୨।୬ (ଏଜେନ୍ସି): ବିସିସିଆଇ ସଭାପତି ରୋଜର ବିନ୍ନିଙ୍କୁ ଜୁଲାଇ ୧୯ରେ ୭୦ ବର୍ଷ ପୂରିଯିବ। ଜାତୀୟ କ୍ରୀଡ଼ା ନୀତି ଅନୁଯାୟୀ ୭୦ ବର୍ଷ ହେବା ପରେ ଜଣେ ପ୍ରଶାସକ କୌଣସି ଜାତୀୟ କ୍ରୀଡ଼ା ସଂଗଠନରେ କର୍ମକର୍ତ୍ତା ଭାବେ ରହିପାରିବେ ନାହିଁ। ଏଣୁ ବିନ୍ନିଙ୍କ ସ୍ଥାନରେ ବରିଷ୍ଠ ଉପସଭାପତି ରାଜୀବ ଶୁକ୍ଳା କାମଚଳା ସଭାପତି ଦାୟିତ୍ୱରେ ରହିବାର ଯଥେଷ୍ଟ ସମ୍ଭାବନା ରହିଛି। ସେ ଏହି ପଦରେ ମାତ୍ର ୩ ମାସ ରହିବା ପରେ ନିର୍ବାଚନ ଅନୁଷ୍ଠିତ ହେବ।

# ଜାତୀୟ ଶିଶୁ ଚେସ୍: ଓଡ଼ିଶାର ଅନନ୍ୟା ଅଗ୍ରଣୀ

ଖୋର୍ଦ୍ଧା,୨।୬ (ସମିସ): ଏଠାରେ ଚାଲିଥିବା ୩୮ତମ ଜାତୀୟ ରାଜ୍ୟ ୭ ବର୍ଷରୁ କମ୍ ବା ଶିଶୁ ଚେସ ପ୍ରତିଯୋଗିତାର ୪ର୍ଥ ରାଉଣ୍ଡ ଶେଷ ସୁଦ୍ଧା ବାଳିକା ବିଭାଗରେ ଓଡ଼ିଶାର ଅନନ୍ୟା ଅନ୍ୱେଷା ମିଶ୍ର ୪ ପଏଣ୍ଟ ପାଇ ମିଳିତଭାବେ ଅଗ୍ରଣୀ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗୋଆର ଆରାଧ୍ୟା ଦେଶାଇ, ପଶ୍ଚିମବଙ୍ଗର ସାଇଆସ୍ଥା ସିଂ ଓ ଅଦ୍ରିତି ମଜୁମଦାର, ରାଜସ୍ଥାନର ଶ୍ରେୟାଂଶୀ ଜୈନ, ମହାରାଷ୍ଟ୍ରର ଦୁଇ ଖେଳାଳି ସାମାଇକା ଓମ୍‌କାର ଥୋରାଟ ଓ ପ୍ରିତିକା ନନ୍ଦି ମଧ୍ୟ ୪ ରାଉଣ୍ଡରୁ ୪ ପଏଣ୍ଟ ପାଇ ମିଳିତଭାବେ ପ୍ରଥମ ସ୍ଥାନରେ ରହିଛନ୍ତି। ବାଳକ ବିଭାଗରେ ୮ଜଣ ଖେଳାଳି ୪ ରାଉଣ୍ଡରୁ ୪ ପଏଣ୍ଟ ସଂଗ୍ରହ କରି ମିଳିତଭାବେ ପ୍ରଥମ ସ୍ଥାନରେ ରହିଛନ୍ତି। ସେମାନେ ହେଲେ ମହାରାଷ୍ଟ୍ରର କାଭିସ ଭଟ୍ଟଦ, ଆନ୍ଧ୍ରର ଆଶିଷ ଏସ୍, ପଶ୍ଚିମବଙ୍ଗର କାଜି ଆଦ୍ୟାନ ଅହମ୍ମଦ୍, ରାଜସ୍ଥାନର ପାର୍ଥ ସୋନି, ବିହାରର ବିଷ୍ଣୁ ବୈଭବ, ପୁଡୁଚେରୀର ଦୁବେଶ ମିଲନ, ଉତ୍ତରପ୍ରଦେଶର ଚିତ୍ରାଂଶ ମାଲହୋତ୍ରା ଓ ହରିୟାଣାର ଆରିସ୍ ଗାନ୍ଧି। ଓଡ଼ିଶାର କୌଣସି ଖେଳାଳି ପ୍ରଥମ ୧୫ଜଣଙ୍କ ମଧ୍ୟରେ ସ୍ଥାନ ପାଇନାହାନ୍ତି। ରାଜ୍ୟ ଚାମ୍ପିଅନ ରିୟାଂଶ ଅଗରୱାଲ ୩ ଓ କାବ୍ୟାଂଶ ଚକ୍ରବର୍ତ୍ତୀ ୨.୫ ପଏଣ୍ଟ ସଂଗ୍ରହ କରିଛନ୍ତି। ସ୍ଥାନୀୟ କେଟି ଗ୍ଲୋବାଲ ସ୍କୁଲ ପରିସରରେ ୯ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତା ଜୁନ୍ ୫ ତାରିଖରେ ଶେଷ ହେବ।




PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS